ସୁବର୍ଣ୍ଣ ଜୟନ୍ତୀ ପୁସ୍ତକମାଳା

ନାଟ୍ୟକାର
ବାଳକୃଷ୍ଣ ମହାନ୍ତି

ଡକ୍ଟର ସୁରେନ୍ଦ୍ର କୁମାର ମହାରଣା

Digitized by srujanika@gmail.com

ନାଟ୍ୟକାର ବାଲକୃଷ୍ଣ ମହାନ୍ତି

ରଚନା

ଡକ୍ଟର ସୁରେନ୍ଦ୍ର କୁମାର ମହାରଣା

ଓଡ଼ିଶା ସାହିତ୍ୟ ଏକାଡେମୀ

ସଂସ୍କୃତି ଭବନ, ଭୁବନେଶ୍ୱର

Digitized by srujanika@gmail.com

ନାଟ୍ୟକାର ବାଳକୃଷ୍ଣ ମହାନ୍ତି

ରଚନା :
ଡକ୍ଟର ସୁରେନ୍ଦ୍ର କୁମାର ମହାରଣା

ପ୍ରକାଶକ :
ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪

ପ୍ରଥମ ପ୍ରକାଶ : ୨୦୦୮
ମୁଦ୍ରଣ :
ଡୁଡୁଲି ପ୍ରୋସେସ ଆଣ୍ଡ ଅଫସେଟ୍
୨୩୧, ବାପୁଜୀ ନଗର, ଭୁବନେଶ୍ୱର

ମୂଲ୍ୟ : ଟ. ୭୦.୦୦ (ସତୁରୀ ଟଙ୍କା ମାତ୍ର)

Natyakar Balakrushna Mohanty

Written by :
Dr. Surendra Kumar Moharana

Published by

Orissa Sahitya Akademi
Sanskruti Bhawan, Bhubaneswar-751014

First Publication : 2008

Printed at :
Duduly Process & Offset
231, Bapuji Nagar, Bhubaneswar

Price Rs. **70.00** (Rupees Seventy Only)

ISBN:81-7586-161-4

Digitized by srujanika@gmail.com

ଅଗ୍ରଲେଖ

ନାଟ୍ୟକାର ବାଳକୃଷ୍ଣ ମହାନ୍ତି (୧୯୦୦-୧୯୫୮) ଓଡ଼ିଆ ଯାତ୍ରା ଜଗତର ଜଣେ ପ୍ରଥିତଯଶା ସାଧକ । ରାଶି ରାଶି ଗୀତିନାଟ୍ୟ, ଫାର୍ଶ, ନାଟକ ରଚନା କରି ସେ ଓଡ଼ିଆ ଯାତ୍ରା କଳାକୁ ଯେଉଁଭଳି ଭାବରେ ସମୃଦ୍ଧ କରିଥିଲେ, ତାହାର ପଟାନ୍ତର ନାହିଁ । ପୌରାଣିକ,କିମ୍ବଦନ୍ତୀମୂଳକ, ଐତିହାସିକ ଓ ସାମାଜିକ ଇତ୍ୟାଦି ବିଷୟବସ୍ତୁକୁ ଆଧାର କରି ସେ ଅନେକ ନାଟକମାନ ରଚନା କରିଯାଇଛନ୍ତି । ତାଙ୍କଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ନାଟକ ଓ ଯାତ୍ରା ଇତ୍ୟାଦି ସେତେବେଳେ ଦର୍ଶକମାନଙ୍କୁ ବହୁଳଭାବରେ ଆକୃଷ୍ଟ କରିଥିଲା । ତତ୍‌କାଳୀନ ସମାଜର ବାସ୍ତବ ଚିତ୍ରକୁ ଯାତ୍ରା ପ୍ରଦର୍ଶନ ଜରିଆରେ ସେ ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରି ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସର ମୂଳତ୍ପାଟନ କରିବାରେ ବ୍ରତୀ ରହିଥିଲେ । କୁସଂସ୍କାରପୂର୍ଣ୍ଣ ସମାଜରୁ ଲୋକମାନଙ୍କର ରକ୍ଷଣଶୀଳ ମନୋଭାବର ପରିବର୍ତ୍ତନ କରି ଏକ ସୁସ୍ଥ ସମାଜ ଗଠନ ତଥା ମାନବ ଜାତିର ହିତ ସାଧନ ନିମନ୍ତେ ସେ ଦୃଶ୍ୟକଳା ମାଧ୍ୟମରେ ଯେଉଁ ପ୍ରଚେଷ୍ଟା କରିଯାଇଛନ୍ତି, ସେଥିପାଇଁ ସେ ଆମମାନଙ୍କର ଚିର ନମସ୍ୟ ହୋଇରହିବେ । ଓଡ଼ିଆ ନାଟ୍ୟ ଜଗତର ପୂର୍ବସୂରୀ ଲୋକକବି ଜଗନ୍ନାଥ ପାଣି ଓ ଗଣକବି ବୈଷ୍ଣବ ପାଣିଙ୍କ ପଦାନୁସରଣ କରି ବାଳକୃଷ୍ଣ ଓଡ଼ିଆ ଲୋକକଳାକୁ ଶିଖରରେ ପହଞ୍ଚାଇବାପାଇଁ ଅଦ୍ୟମ ଚେଷ୍ଟା ସ୍ୱରୂପ ତାଙ୍କ ଲେଖନୀ ଶେଷ ପର୍ଯ୍ୟନ୍ତ ଚଳନା କରିଥିଲେ । ନାଟ୍ୟ ଜଗତର ଜଣେ ସାର୍ଥକ ସ୍ରଷ୍ଟା ଭାବରେ ଓଡ଼ିଶାର ପୁରପଲ୍ଲୀରେ ପରିଚିତ ନାଟ୍ୟକାର ବାଳକୃଷ୍ଣ ଓଡ଼ିଆ ସାହିତ୍ୟର ସଂକଟ କାଳରେ ଆମ ଭାଷା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଯାତ୍ରା ଜଗତର ଏହି ପ୍ରବାଦ ପୁରୁଷଙ୍କ ସୃଷ୍ଟି ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟକୁ ପୁଷ୍କଳ କରିଛି । ବାଳକୃଷ୍ଣଙ୍କ ଜୀବନୀ, ସାଧନା ଓ ସୃଷ୍ଟିକୁ ସଂକ୍ଷେପରେ ଆକଳନ କରି ଓଡ଼ିଆ ପାଠକ ପାଠିକାମାନଙ୍କ ନିକଟରେ ଉପଲବ୍ଧ କରାଇବା ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀ ଗତ କିଛି କାଳରୁ ଉଦ୍ୟମ କରି ଆସୁଥିଲା । ଓଡ଼ିଆ ସାହିତ୍ୟର ଜଣେ ବରିଷ୍ଠ ପ୍ରାବନ୍ଧିକ ଓ

Digitized by srujanika@gmail.com

ଆଲୋଚକ ଡକ୍ଟର ସୁରେନ୍ଦ୍ର କୁମାର ମହାରଣାଙ୍କୁ ନାଟ୍ୟକାର ବାଳକୃଷ୍ଣଙ୍କୁ ସଂକ୍ଷେପରେ ଆକଳନ କରିବାକୁ ଏକାଡେମୀ ପକ୍ଷରୁ ଅନୁରୋଧ କରାଯାଇଥିଲା । ଏକାଡେମୀର ଆଗ୍ରହ ଅନୁରୋଧକୁ ସମ୍ମାନ ଜଣାଇ ଡକ୍ଟର ମହାରଣା ଖୁବ୍ ସ୍ୱଳ୍ପ ସମୟ ମଧ୍ୟରେ ଏହି ପାଣ୍ଡୁଲିପିକୁ ପ୍ରସ୍ତୁତ କରି ଏକାଡେମୀକୁ ପ୍ରଦାନ କରିଥିଲେ । ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟର ଜଣେ ବିଶିଷ୍ଟ ଲେଖିକା ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର ପାଣ୍ଡୁଲିପିଟିକୁ ସମୀକ୍ଷା କରି ଏହାର ପ୍ରକାଶନ ନିମନ୍ତେ ସୁପାରିଶ କରିଥିଲେ । ତେଣୁ ଏହି ଅବସରରେ ମୁଁ ଲେଖକ ଓ ସମୀକ୍ଷକଙ୍କ ପ୍ରତି ଏକାଡେମୀ ପକ୍ଷରୁ ଗଭୀର ଶ୍ରଦ୍ଧା ପ୍ରକଟ କରୁଛି ।

ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠାର ପଚାଶବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଏହି ପୁସ୍ତକ ପ୍ରକାଶ ପାଉଥିବା ଅତି ଆନନ୍ଦର ବିଷୟ । ଉକ୍ତ ପୁସ୍ତକଟି ନାଟ୍ୟକାର ବାଳକୃଷ୍ଣ ମହାନ୍ତିଙ୍କ ସୃଷ୍ଟି ଓ କୃତି ସଂପର୍କରେ ଆଗାମୀ ପିଢ଼ିର ସାହତ୍ୟିକମାନଙ୍କୁ ଅବଗତ କରାଇବା ସଙ୍ଗେ ସଙ୍ଗେ ତାଙ୍କ ଉପରେ ଆଲୋଚନା ନିମନ୍ତେ କେତେକ ପ୍ରାମାଣିତ ତଥ୍ୟ ଯୋଗାଇବ ଏଥିରେ ସନ୍ଦେହ ନାହିଁ । ଓଡ଼ିଆ ସାହିତ୍ୟରେ ରୁଚି ରଖିଥିବା ପାଠକ ପାଠିକାମାନଙ୍କ ଦ୍ୱାରା ଏହି ଗ୍ରନ୍ଥଟି ଆଦର ଲାଭ କଲେ ଏକାଡେମୀର ଶ୍ରମ ଲାଘବ ହେବ ବୋଲି ଆଶା କରୁଛି ।

ଡକ୍ଟର ହରପ୍ରସାଦ ପରିଚ୍ଛା ପଟନାୟକ
ସଚିବ

ଭୁବନେଶ୍ୱର
ଦଶହରା ୨୦୦୮

Digitized by srujanika@gmail.com

ମୁଖ ବନ୍ଧ

ଓଡ଼ିଆ ଗୀତାଭିନୟ ଓ ଗୀତିନାଟ୍ୟକୁ ବହୁ ନୂତନତାରେ ଭରିଦେଇ ଏବଂ ଏ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଧାରାର ପ୍ରବର୍ତ୍ତନ କରି ବାଳକୃଷ୍ଣ ମହାନ୍ତି ଓଡ଼ିଆ ଗୀତିନାଟ୍ୟଜଗତରେ ଚିରସ୍ମରଣୀୟ ହୋଇ ରହିଛନ୍ତି । ପିଲାଦିନୁ ତାଙ୍କପ୍ରତି ମୋର ଶ୍ରଦ୍ଧା ଓ ସମ୍ମାନ ରହିଛି । ତାଙ୍କଦ୍ୱାରା ରଚିତ ଓ ନିର୍ଦ୍ଦେଶିତ କେତୋଟି ନାଟକ ମୁଁ ପିଲାଦିନେ ଦେଖିଛି, ପରବର୍ତ୍ତୀ କାଳରେ ତାଙ୍କର କିଛି ନାଟକ ପଢ଼ିଛି ଓ 'ଅମର ବିଳାସ' ଓ 'ସୁଶୀଳ ମାଳତୀ' ଗୀତିନାଟ୍ୟଦ୍ୱୟ ରେଡ଼ିଓରୁ ଶୁଣିଛି ।

ବାଳକୃଷ୍ଣଙ୍କ ପୂର୍ଣ୍ଣାଙ୍ଗ ଜୀବନୀ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ । ୧୯୭୧ ଖ୍ରୀଷ୍ଟାବ୍ଦରେ ସଂକଳିତ 'ବାଳକୃଷ୍ଣ ଗ୍ରନ୍ଥାବଳୀ'ରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ବାଳକୃଷ୍ଣଙ୍କ ଜୀବନୀର ଏକ ସଂକ୍ଷିପ୍ତ ଆଲୋଚନା କରିଛନ୍ତି । ପତ୍ରପତ୍ରିକାରେ ପ୍ରକାଶିତ ବିଭିନ୍ନ ଆଲୋଚନାରୁ ତାଙ୍କ ଜୀବନର କେତେକ ବିଶେଷ ଦିଗ ସମ୍ବନ୍ଧରେ ସୂଚନା ମିଳେ । ସେସବୁକୁ ଯତ୍ନର ସହିତ ପ୍ରସ୍ତୁତ ମନୋଗ୍ରାଫ୍‌ରେ ଉପଯୋଗ କରିବାକୁ ପ୍ରୟାସ କରିଛି ।

୧୯୯୦ ଖ୍ରୀଷ୍ଟାବ୍ଦରେ ତାଙ୍କ ବିଷୟରେ ମୁଁ ଜାଣି ନଥିବା କେତେକ ତଥ୍ୟ ପାଇଥିଲି ଓଡ଼ିଶାର ସ୍ୱନାମଧନ୍ୟ କବି ସ୍ୱର୍ଗତ ବିନୋଦଚନ୍ଦ୍ର ନାୟକଙ୍କଠାରୁ । ସେ ଓ ମୁଁ ପାଖାପାଖି ରହୁଥିଲୁ । ସାହିତ୍ୟ-ସୂତ୍ରରୁ ଆମର ସୁସମ୍ପର୍କ ଥିଲା । ସେତେବେଳେ ସେ ଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଓ ଏକାଡେମୀର ମାସିକ ମୁଖପତ୍ର 'କୋଣାର୍କ'ର ସମ୍ପାଦକ । 'କୋଣାର୍କ'ର ଅଶୀତିତମ ସଂଖ୍ୟା (ଗଣକବି ବୈଷ୍ଣବ ପାଣି ବିଶେଷାଙ୍କ)ର ସମ୍ପାଦନା କାଳରେ ବାଳକୃଷ୍ଣଙ୍କ ନାଟ୍ୟରଚନା, ନିର୍ଦ୍ଦେଶନା ଓ ପରିଗ୍ରନ୍ଥନାଗତ ନୂତନତା, କଲିକତା ଓ ପଶ୍ଚିମ ଓଡ଼ିଶାରେ ଯାତ୍ରା ପରିବେଷଣ, ନାରୀ ଭୂମିକାରେ ମଞ୍ଚକୁ ଆସୁଥିବା କେତେଜଣ କଳାକାରଙ୍କ ନାମ ଓ ସେମାନଙ୍କ ନୃତ୍ୟ ନିପୁଣତା, ବିଭିନ୍ନ ସ୍ଥାନରେ ଯାତ୍ରା ପରିବେଷଣ, ବାଳକୃଷ୍ଣଙ୍କ କଳାହାଣ୍ଡି ରାଜନିଗ୍ରହର ଶିକାର, 'ନାଟ୍ୟାଗ୍ରର୍ଯ୍ୟ' ଉପାଧିପ୍ରାପ୍ତି ଇତ୍ୟାଦି ବିଷୟକ କେତେକ କଥା ତାଙ୍କ ମୁଖରୁ ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି । ସେ ଛାତ୍ରାବସ୍ଥାରେ ବାଳକୃଷ୍ଣଙ୍କ ଯାତ୍ରା ଦେଖିବା ପରଠାରୁ ତାଙ୍କର ମୁଗ୍ଧ ଉପାସକ ପାଲଟି ଯାଇଥିଲେ, ତାଙ୍କ ପ୍ରଶଂସା ଗାନରେ ଶତମୁଖ ହୋଇଉଠୁଥିଲେ । ପୂର୍ବୋକ୍ତ 'କୋଣାର୍କ'ର ସମ୍ପାଦକୀୟରେ ମଧ୍ୟ ସେ ବୈଷ୍ଣବ ପାଣିଙ୍କ ସମ୍ବନ୍ଧୀରେ ଆଲୋଚନା କଲାବେଳେ ବାଳକୃଷ୍ଣଙ୍କୁ ଅନୁଚ୍ଛେଦଟିଏ ଦେବାକୁ ଭୁଲି ନ ଥିଲେ ।

Digitized by srujanika@gmail.com

ବାଳକୃଷ୍ଣ ମହାନ୍ତିଙ୍କ ଜୀବନର ବହୁ ଘଟଣା ଓ ଦୁର୍ଘଟଣା ବିଷୟରେ ମୁଁ ଶୁଣିଛି ଆମ ଗାଁର ଗନ୍ଧ ଜେଜେ (ସ୍ୱ ଗନ୍ଧର୍ବ ବିଶ୍ୱାଳ)ଙ୍କଠାରୁ । ମୋ ପିଲାଦିନେ ତାଙ୍କର ଏକ ଯାତ୍ରାଦଳ ଥିଲା । ସେହି ଯାତ୍ରାଦଳରେ ବାଳକୃଷ୍ଣ ମହାନ୍ତି ଜୀବନର ଶେଷଭାଗରେ କିଛିକାଳ ନିର୍ଦ୍ଦେଶକ ଥିଲେ । କୁଶଳୀ କଳାକାର ଓ ଦକ୍ଷ ନିର୍ଦ୍ଦେଶକ ପାଇ ଯାତ୍ରାଦଳଟି ଖୁବ୍ ସୁନାମ ଅର୍ଜନ କରିଥିଲା । ଗନ୍ଧ ଜେଜେ ଶେଷଜୀବନ କଟାଇଥିଲେ ଭୁବନେଶ୍ୱରରେ, ତାଙ୍କ କନ୍ୟା ନିକଟରେ । ପାଖାପାଖି ରହୁଥିବାରୁ ଅନେକ ସମୟରେ ଦେଖାହୁଏ ତାଙ୍କ ସହିତ । ଭଲଲାଗେ ତାଙ୍କ ସ୍ମୃତିରୁ ପୁରୁଣାକଥାସବୁ ଶୁଣିବାକୁ । ସେହି ଅବସରରେ ବାଳକୃଷ୍ଣ ମହାନ୍ତି ଆସିଯାଉଥିଲେ । ସେ ଜାଣିଥିବା ବାଳକୃଷ୍ଣଙ୍କ ଯାତ୍ରାଜୀବନର ଅନେକ କଥା ମୋତେ କହୁଥିଲେ । ସେ ସବୁକୁ ଲିଖିତ ରୂପ ଦେଇ ସାଇତି ରଖିଥିଲେ ପ୍ରସ୍ତୁତ ରଚନାରେ ବହୁତ ସାହାଯ୍ୟ କରିଥା'ନ୍ତା । ଯେତିକି ଯାହା ମନେ ପଡ଼ିଛି, ସେତିକି ଏଥିରେ ପ୍ରସଙ୍ଗକ୍ରମେ ବିନିଯୋଗ କରିବାକୁ ଭୁଲି ନାହିଁ ।

ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି' ଶୀର୍ଷକ ମନୋଗ୍ରାଫ୍‌ଟିଏ ପ୍ରସ୍ତୁତ କରିବାକୁ ଓଡ଼ିଶା ସାହିତ୍ୟ ଏକାଡେମୀର ଅନୁରୋଧକୁ ଜଣେ ବାଳକୃଷ୍ଣପ୍ରେମୀ ସାହିତ୍ୟସ୍ରଷ୍ଟା ଭାବରେ ମୁଁ ଗ୍ରହଣ କରିନେଲି । ଏ କାର୍ଯ୍ୟରେ ମୋତେ ସହଯୋଗର ହାତ ବଢ଼ାଇ ଅନୁଗୃହୀତ କଲେ ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର । ତାଙ୍କଠାରୁ ପାଇଲି ଦୁଷ୍ପ୍ରାପ୍ୟ 'ବାଳକୃଷ୍ଣ ଗ୍ରନ୍ଥାବଳୀ' । ଗ୍ରନ୍ଥାବଳୀରେ ସ୍ଥାନିତ ହୋଇନଥିବା ଏବଂ ପ୍ରକାଶିତ ହୋଇଥିବା ଆଉ କେତୋଟି ନାଟକ ମୋତେ ଯୋଗାଇଦେଲେ ନାଟ୍ୟସମାଲୋଚକ ଓ ବୈଷ୍ଣବ ପାଣି-ସାହିତ୍ୟର ଗବେଷକ ବନ୍ଧୁ ଡକ୍ଟର ଲଳିତରଞ୍ଜନ ଦାସ ଏବଂ ଅଗ୍ରଜପ୍ରତିମ ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ଓ ମଞ୍ଚଶିଳ୍ପୀ ଶ୍ରୀଯୁକ୍ତ କୃଷ୍ଣଚରଣ ପଟ୍ଟନାୟକ । ବିଶିଷ୍ଟ ନାଟ୍ୟ ଗବେଷକ ଓ ସମାଲୋଚକ ଡକ୍ଟର ରତ୍ନାକର ଚଇନି, ଡକ୍ଟର ହେମନ୍ତ କୁମାର ଦାସ, ଡକ୍ଟର ବୈଷ୍ଣବଚରଣ ସାମଲ ଓ ଶ୍ରୀ ବୃନ୍ଦାବନଚନ୍ଦ୍ର ରଥ ଏ ବିଷୟକ ପତ୍ରପତ୍ରିକା ଓ ତଥ୍ୟ ପ୍ରାପ୍ତିରେ ମୋତେ ସାହାଯ୍ୟ କରିଛନ୍ତି । ସେମାନଙ୍କ ନିକଟରେ ମୁଁ କୃତଜ୍ଞ ।

ଏମାନଙ୍କ ବ୍ୟତୀତ କଟକ ଓ ଭୁବନେଶ୍ୱରର କେତେଜଣ ନାଟ୍ୟସାହିତ୍ୟପ୍ରେମୀ ବ୍ୟକ୍ତିବିଶେଷଙ୍କଠାରୁ ଓ କେତୋଟି ପାଠାଗାରରୁ ମଧ୍ୟ ମୁଁ ବାଳକୃଷ୍ଣଙ୍କ ଜୀବନୀ ଓ ସାହିତ୍ୟକୃତି ସମ୍ବନ୍ଧୀୟ ଦୁଷ୍ପ୍ରାପ୍ୟ ସ୍ମରଣିକା, ପୁସ୍ତକ ଓ ପତ୍ରପତ୍ରିକା ସଂଗ୍ରହ କରିପାରିଲି । ସେସବୁକୁ ପୁଞ୍ଜିକରି ଏହି ମନୋଗ୍ରାଫ୍‌ଟିର ପରିକଳ୍ପନା ଓ ପ୍ରସ୍ତୁତି ସମ୍ଭବ ହେଲା ।

ମନୋଗ୍ରାଫ୍‌ର ପ୍ରସ୍ତୁତିକାଳରେ ଏହାକୁ ନିର୍ଦ୍ଦିଷ୍ଟ କଳେବର ବିଶିଷ୍ଟ କରିବାର ସୂଚନା ପ୍ରତି ମୁଁ ସର୍ବଦା ସଜାଗ ରହି ବାଳକୃଷ୍ଣଙ୍କ ଜୀବନୀ, କୃତି ଓ କୃତିତ୍ୱ ସମ୍ବନ୍ଧୀୟ ଆଲୋଚନାକୁ ପରିସୀମିତ କରିଛି ।

Digitized by srujanika@gmail.com

ନାଟ୍ୟକାର ବାଳକୃଷ୍ଣ ମହାନ୍ତି

ଏହାର ପ୍ରକାଶନ ଅବସରରେ ମୁଁ ଓଡ଼ିଶା ସାହିତ୍ୟ ଏକାଡେମୀ ସମେତ ମୋତେ ଏ କାର୍ଯ୍ୟରେ ସାହାଯ୍ୟ କରିଥିବା ସଂପୃକ୍ତ ଗ୍ରନ୍ଥାଗାର, ଗ୍ରନ୍ଥାଗାରିକ ଏବଂ ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜଣାଉଛି ।

ଏଥିରେ ପରିଲକ୍ଷିତ କିଛି ଦୋଷତ୍ରୁଟି ଯଦି କେହି ସହୃଦୟ ପାଠକ ମୋ ଦୃଷ୍ଟିକୁ ଆଣନ୍ତି ତେବେ ତାଙ୍କ ନିକଟରେ କୃତଜ୍ଞ ରହି ମୁଁ ପରବର୍ତ୍ତୀକାଳରେ ସେହି ତ୍ରୁଟିର ସଂଶୋଧନ ପାଇଁ ଚେଷ୍ଟିତ ହେବି ।

ଏଇଟି ଆଦୃତି ଲାଭକଲେ ଶ୍ରମ ସାର୍ଥକ ହେଲା ବୋଲି ମନେକରିବି ।

। ଜୟ ଜଗନ୍ନାଥ ।

Digitized by srujanika@gmail.com

ସୂଚୀପତ୍ର

	ବିଷୟ	ପୃଷ୍ଠା
୧ ।	ବାଳକୃଷ୍ଣଙ୍କ ଜୀବନ ଓ ଜୀବନାଲେଖ୍ୟ	୧-୨୨
୨ ।	ବାଳକୃଷ୍ଣଙ୍କ କୃତି ଓ କୃତିତ୍ୱ	୨୩-୭୮
୩ ।	ବାଳକୃଷ୍ଣଙ୍କ ଦୃଷ୍ଟି ଓ ଦର୍ଶନ	୭୯-୧୧୦
୪ ।	ଓଡ଼ିଆ ଲୋକନାଟ୍ୟଧାରାରେ ଯାତ୍ରା ଓ ବାଳକୃଷ୍ଣ ମହାନ୍ତି	୧୧୧-୧୨୮

◆◆◆

Digitized by srujanika@gmail.com

ବାଳକୃଷ୍ଣଙ୍କ ଜୀବନ ଓ ଜୀବନାଲେଖ୍ୟ

ବାଳକୃଷ୍ଣ ମହାନ୍ତି ଅବିଭକ୍ତ କଟକ ଜିଲ୍ଲା ଓ ସଂପ୍ରତି ଜଗତସିଂହପୁର ଜିଲ୍ଲାର ପଳାଶୋଳ ଗ୍ରାମରେ ୧୯୦୦ ଖ୍ରୀଷ୍ଟାବ୍ଦ ଫେବୃୟାରୀ ୪ ତାରିଖ ବା ମାଘ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ପିତା ଦିବାକର ମହାନ୍ତି ଓ ମାତା ଲାବଣ୍ୟବତୀଙ୍କ କୋଳମଣ୍ଡନ କରି ସେମାନଙ୍କର ପ୍ରଥମ ପୁତ୍ର ସନ୍ତାନ ଭାବରେ ଭୂମିଷ୍ଠ ହୋଇଥିଲେ । ପ୍ରଥମ ସନ୍ତାନଟି ପୁତ୍ର ହୋଇଥିବାରୁ ପରିବାରର ଲୋକେ ଓ ସାହି ପଡ଼ିଶା ସଭିଏଁ ଖୁସି ହେଲେ । କିନ୍ତୁ ଏହି ନବଜାତ ଶିଶୁଟି ଥିଲା ସାତମାସିଆ । ସାତମାସର ହେଲେ ମଧ୍ୟ ଶିଶୁଟି କିହାତି ଦୁର୍ବଳ ନ ଥିଲା । ତଥାପି ପିତାମାତାଙ୍କୁ ଅତି ଯତ୍ନରେ ତାହାର ଲାଳନପାଳନ କରିବାକୁ ପଡ଼ିଲା । ବିଧିମୁତାବକ ଜ୍ୟୋତିଷ ଜାତକ ତିଆରି କଲେ; ରାଶି, ନକ୍ଷତ୍ର ଆଦି ବିଭିନ୍ନ ଦୃଷ୍ଟିରୁ ଗଣନା କରି ତା'ର ନାମ ରଖିଲେ ଦୋଳଗୋବିନ୍ଦ । ବାପା ମା' ଗେଲବସର ନାଆଁ ଦେଲେ ବାଳକୃଷ୍ଣ ।

ବାଳକୃଷ୍ଣଙ୍କ ପରିବାର ଧନଶାଳୀ ନ ଥିଲେ ବି ଅଭାବଗ୍ରସ୍ତ ନ ଥିଲା । ଦିବାକର ମହାନ୍ତି ବୃତ୍ତିରେ ଥିଲେ ଅମିନ ଓ ତାଙ୍କ ବଡ଼ଭାଇ ମହେଶ୍ୱର ମହାନ୍ତି ଥିଲେ ଗାଁ ଚାଟଶାଳୀରେ ଅବଧାନ । ଦୁହିଁଙ୍କ ରୋଜଗାରରେ ପରିବାରଟି ସୁରୁଖୁରୁରେ ଚଳିଯାଉଥିଲା । ବାଳକୃଷ୍ଣଙ୍କର ଜନ୍ମବେଳକୁ ଦିବାକର ଅମିନ ରୂପେ ଅବସ୍ଥାପିତ ଥିଲେ ବାଲେଶ୍ୱର ଜିଲ୍ଲାର ବାସୁଦେବପୁର ଇଲାକାରେ । ସେହି ଇଲାକାଟି ଥିଲା ହୁଗୁଳି ଜିଲ୍ଲା ନିବାସୀ ଜମିଦାର ରମେଶଚନ୍ଦ୍ର ମଣ୍ଡଳଙ୍କର ଜମିଦାରୀ ।

ଦିନ ପରେ ଦିନ ଗଡ଼ି ଚାଲିଲା; ବାଳକୃଷ୍ଣଙ୍କୁ ପାଞ୍ଚ ବର୍ଷ ହେବାରୁ ତାଙ୍କର ଖଡ଼ିଛୁଆଁ ହେଲା; ଖଡ଼ି ଛୁଆଁଇଲେ ଗାଆଁ ଅବଧାନ ବାଞ୍ଛାନିଧି ନାୟକ । ଚାଟଶାଳୀ ପଢ଼ା ପରେ ଜଗତସିଂହପୁର ମାଇନର ସ୍କୁଲରେ ତାଙ୍କର ନାଁ ଲେଖାହେଲା । ଏହାର କିଛିଦିନ ପରେ ଦିବାକର ମହାନ୍ତିଙ୍କର ଚାକିରି କ୍ଷେତ୍ରରେ ଉନ୍ନତି ଘଟିଲା । ତାଙ୍କ କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟନିଷ୍ଠାରେ ପ୍ରୀତ ହୋଇ ଜମିଦାର ରମେଶଚନ୍ଦ୍ର ମଣ୍ଡଳ ତାଙ୍କୁ ବାସୁଦେବପୁର ଇଲାକାରେ ତହସିଲଦାରରୂପେ ମୁକରିର କଲେ । ତହସିଲଦାର ଦିବାକର ବାଳକୃଷ୍ଣଙ୍କୁ ପାଖକୁ ନେଇଆସିଲେ । ତାଙ୍କର ନାମ ଲେଖାହେଲା ବାସୁଦେବପୁର ମାଇନର ସ୍କୁଲରେ ।

ଏହି ସମୟରେ ନିକଟବର୍ତ୍ତୀ ଇଲାକାର ଜମିଦାର ପାଢ଼ୀଙ୍କ ଉଆସରେ ମଝିରେ ମଝିରେ ଯାତ୍ରା ହେଉଥିଲା । ଜମିଦାର ପାଢ଼ୀ ଥିଲେ ନାଟ୍ୟରସିକ ଓ ସେ

Digitized by srujanika@gmail.com

ବଙ୍ଗଳାରୁ ଯାତ୍ରାଦଳ ଅଣାଇ ନିଜ ଉଆସରେ ଯାତ୍ରା କରାଉଥିଲେ । ମାଇନର ସ୍କୁଲର ଛାତ୍ର ଥିଲାବେଳଠୁଁ ବାଳକୃଷ୍ଣଙ୍କର ଯାତ୍ରା ପ୍ରତି ଶ୍ରଦ୍ଧା ଜାତ ହୋଇଥିଲା । ସେ ଅନିଦ୍ରା ହୋଇ ରାତି ରାତି ଯାତ୍ରା ଦେଖୁଥିଲେ । ଏହି ଯାତ୍ରା ଦେଖିଲାବେଳେ ସେ ଏତେ ମଜି ଯାଉଥିଲେ ଯେ ଯାତ୍ରା ନ ସରିବା ପର୍ଯ୍ୟନ୍ତ ଉଠୁନଥିଲେ । ରାତ୍ରି ଅନିଦ୍ରା ହୋଇ ଯାତ୍ରା ଦେଖିବା ଫଳରେ ସେ ଶ୍ରେଣୀରେ ଢୁଳାଉ ଥିଲେ । ଶିକ୍ଷକ ବାଞ୍ଛାନିଧି ମହାନ୍ତି ତାଙ୍କୁ ଏଥିପ୍ରତି ସତର୍କ କରାଇ ଦେଇଥିଲେ; କିନ୍ତୁ ସେ ପାଠପଢ଼ାରେ ହେଳା କରୁନଥିଲେ ବୋଲି ସଫେଇ ଦେଉଥିଲେ । ଯାତ୍ରା, ନାଟକ, ସୁଆଙ୍ଗ ପ୍ରତି ତାଙ୍କର ଆଗ୍ରହ ଦିନକୁ ଦିନ ବଢ଼ିଲା । କିନ୍ତୁ ପାଠପଢ଼ାରେ ସେ ସେପର୍ଯ୍ୟନ୍ତ ଅବହେଳା କରିନଥିଲେ । ବାସୁଦେବପୁର ସ୍କୁଲରୁ ସେ ମାଇନର ପାଶ୍ କଲେ ।

ଦୁର୍ଗାପୂଜା ସମୟରେ ପିତାଙ୍କ ସହିତ ବାଳକୃଷ୍ଣ ଗାଁକୁ ଆସିଲେ । ପୂଜାବେଳେ ପ୍ରତି ଗାଁରେ ନାଚ୍, ତାମସା ହେଉଥିଲା । ଲୋକେ ମଉଜ ମଜଲିସ୍‌ରେ ମାତି ଯାଉଥିଲେ । ବାଳକୃଷ୍ଣଙ୍କ ଗାଁରେ ମଧ୍ୟ ଲୀଳା, ସୁଆଙ୍ଗ ହେଉଥିଲା । କିନ୍ତୁ ସେସବୁ ଥିଲା ଅତି ନିକୃଷ୍ଟ ଧରଣର । ବାଳକୃଷ୍ଣ ସୁଆଙ୍ଗ ଦେଖୁଥିଲେ, କିନ୍ତୁ ତାହା ତାଙ୍କ ମନକୁ ପାଉନଥିଲା । କାରଣ ବଙ୍ଗଳା ଦଳଦ୍ୱାରା ପରିବେଷିତ ଯାତ୍ରା ତାଙ୍କ ମନରେ ଛାପ ପକାଇଥାଏ । ସେ ସମୟର ଯାତ୍ରା ପରିବେଷଣର ନିକୃଷ୍ଟତା ବିଷୟରେ କବିଚନ୍ଦ୍ର କାଳିଚରଣ କହନ୍ତି—"ଏ ଲୀଳା ସୁଆଙ୍ଗର ରୀତି ସେତେବେଳେ ନିକୃଷ୍ଟ ଧରଣର ଥିଲା । ନା ଭାଷା, ନା ସ୍ୱର, ନା ବେଶପୋଷାକ, ନା ଅଭିନୟ—କେଉଁ ଦିଗରୁ ହେଲେ ସେସବୁର ନିକୃଷ୍ଟତା କହି ଯୋଗାଏ ନାହିଁ । ଗାଆଁରେ ଦିନେ କଂସବଧ ସୁଆଙ୍ଗ ହେଉଥିଲାବେଳେ ଦୂତ ଆସି କଂସାସୁରକୁ ନାରଦଙ୍କ ଆସିବା ସମ୍ବାଦ ଦେଇ ଗାଇଲା—

ଏହି ତ ଜଟିଆ ବୁଢ଼ା, ଗ୍ରେରି କରେ ଖଡ଼ା
କାଲି ସଞ୍ଜବେଳେ ବସି ହିଡ଼ ମୂଳେ
ଡାତୁଣ ଥିଲା କଙ୍କଡ଼ା.... ଇତ୍ୟାଦି ।

—ଏଇ ହେଲା ଗୋଟିଏ ନମୁନା (ବାଳକୃଷ୍ଣ ଗ୍ରନ୍ଥାବଳୀ, ବାଳକୃଷ୍ଣ ରଚନା, ପୃ:୧)

ଏ ଗୀତ, ଏ ଅଭିନୟ, ଏ ସଙ୍ଗୀତ ଦେଖି ବାଳକୃଷ୍ଣ ଦୁଃଖରେ ଭାଙ୍ଗିପଡ଼ିଲେ । ସେ ଦେଖିଥିବା ବଙ୍ଗଳା ଯାତ୍ରା ସହିତ ଏହାକୁ ତୁଳନା କରି ମର୍ମାହତ ହେଲେ । ଓଡ଼ିଆ ଲୀଳା, ସୁଆଙ୍ଗ, ଯାତ୍ରା କ'ଣ ସେପରି ହୋଇପାରିବ ନାହିଁ ?—ଏଇକଥା ସେ ମନେ ମନେ ଗୁଣି ହେଲେ ।

ପୂଜାଛୁଟି ସରିଲା । ବାଳକୃଷ୍ଣ ଫେରିଲେ । ଉଚ୍ଚଶିକ୍ଷା ପାଇଁ କଟକ ଏକାଡେମୀ ସ୍କୁଲରେ ସେ ନାମ ଲେଖାଇଲେ । ନବମ ଶ୍ରେଣୀରୁ ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ

Digitized by srujanika@gmail.com

ହେଲେ । ସେତେବେଳେ ପ୍ରଚଳିତ ବିଧି ଅନୁସାରେ ତାଙ୍କର ବିବାହ ହେଲା ନିଶାମଣି ଦେବୀଙ୍କ ସହିତ । ବାଳକୃଷ୍ଣଙ୍କ ବୟସ ସେତେବେଳେ ସତରବର୍ଷ ଓ ପତ୍ନୀ ନିଶାମଣିଙ୍କ ବୟସ ମାତ୍ର ବାରବର୍ଷ । ଏହା ୧୯୧୭ ଖ୍ରୀଷ୍ଟାବ୍ଦ କଥା ।

ବାଳକୃଷ୍ଣଙ୍କୁ କଟକ ପଠାଗଲା ପାଠ ପଢ଼ିବା ପାଇଁ । ମାଆ ଲାବଣ୍ୟ ମହାନ୍ତି ପୁଅକୁ କିଛି ଟଙ୍କା ଦେଲେ ଓ ତା'ର ଚଳିବା ପାଇଁ ଦରକାର ସମସ୍ତ ଜିନିଷପତ୍ର ଭାରୁଆ ହାତରେ କଟକ ପଠାଇଲେ । ଭାରୁଆ କଟକ ଗଲା; କିନ୍ତୁ ବାଳକୃଷ୍ଣଙ୍କୁ କଟକରେ ନ ପାଇ ଜିନିଷପତ୍ର ସହ ଫେରିଆସିଲା । ବାଳକୃଷ୍ଣ ପ୍ରକୃତରେ କଟକ ଯାଇନଥିଲେ । ସେ କଟକ ଯିବା ନାଁରେ ସିଧା ଗଲେ ଜଗତସିଂହପୁରର ତରତଙ୍ଗ ଗାଁକୁ ସଙ୍ଗୀତରେ ମାତିବାକୁ । ସେ ସୁଜଙ୍ଗ ଗ୍ରାମର ସର୍ବଶ୍ରୀ ବାସୁଦେବ ମହାପାତ୍ର, ଦୁର୍ଗାଚରଣ ସାହୁ, ନୃସିଂହଚରଣ ଦାସ ପ୍ରଭୃତିଙ୍କ ସହିତ ମିଶି ସେଠାରେ କୃଷ୍ଣଲୀଳା ଶିଖିଲେ, ଥିଏଟରରେ ଅଂଶଗ୍ରହଣ କଲେ । ପଢ଼ାରେ ତାଙ୍କର ସେହିଦିନରୁ ଡୋର ବନ୍ଧାହେଲା ।

କିଛିଦିନ ପରେ ବାଳକୃଷ୍ଣ ଘରକୁ ଫେରିଲେ । ବାପାଙ୍କ ସହିତ ତାଙ୍କର ଦେଖାହେଲା । ନାଟ, ଆଖଡ଼ାରେ ମାତି ପାଠପଢ଼ା ଛାଡ଼ିଥିବାରୁ ତାଙ୍କ ପିତା ତାଙ୍କ ଉପରେ ଖୁବ୍ ଅସନ୍ତୁଷ୍ଟ ଥିଲେ । ତାଙ୍କ ପିତା ହିସାବରେ ପୁତ୍ରର ଭବିଷ୍ୟତ ଦୃଷ୍ଟିରୁ ସେ ତାଙ୍କୁ ବ୍ୟବସାୟ କରିବାକୁ ପରାମର୍ଶ ଦେଲେ । ବାପ ପୁଅଙ୍କ ମଧ୍ୟରେ ଆଲୋଚନା ପରେ ବାପାଙ୍କଠାରୁ ସେ ପାଞ୍ଚଶହ ଟଙ୍କା ପାଇଲେ ବ୍ୟବସାୟ କରିବାକୁ । ଟଙ୍କାଧରି ବାଳକୃଷ୍ଣ ଚାଲିଗଲେ ହଜାରିବାଗ । ସେଠାରେ ସେ ବାସୁଦେବ ମହାନ୍ତିଙ୍କ ସହିତ ମିଶି ଗୋଟିଏ ତେଜରାତି ବା ଭୁଷା ଦୋକାନ କଲେ । କିନ୍ତୁ ବ୍ୟବସାୟରେ ଯଥେଷ୍ଟ ଜ୍ଞାନ ଓ ଅଭିଜ୍ଞତା ନଥିବାରୁ ବ୍ୟବସାୟରେ କ୍ଷତି ହେଲା । ବାଳକୃଷ୍ଣ ଗ୍ରାମକୁ ଫେରିଆସିଲେ ।

ସେତେବେଳକୁ ସେ ବାଦ୍ୟ, ସଙ୍ଗୀତ ଆଦିରେ କିଛି ଜ୍ଞାନ ହାସଲ କରିସାରିଥିଲେ । ତାଙ୍କ ଗ୍ରାମରେ ଥିବା କୀର୍ତ୍ତନ ଆଖଡ଼ା ସହିତ ସେ ସଂପୃକ୍ତ ହେଲେ । କୀର୍ତ୍ତନ ଆଖଡ଼ାରେ ସେ ବାୟକ (ବାଦକ) ଭୂମିକା ତୁଲାଇଲେ । ପଳାଶୋଳ ମଠରେ ସେବେଳର ଅଧିକାରୀ ଥିଲେ କୃତ୍ତିବାସ ଦାସ । ତାଙ୍କ ସହିତ ବାଳକୃଷ୍ଣଙ୍କର ମତାନ୍ତର ଘଟିଲା । ତେଣୁ ବାଳକୃଷ୍ଣ ତାଙ୍କ ପାଖରୁ ଦୂରେଇ ଗଲେ । ତହୁଁ ନିଜେ ଏକ କୀର୍ତ୍ତନ ଦଳ ଗଢ଼ିବା ଲକ୍ଷ୍ୟରେ ସେ ପୁରୀ ଯାତ୍ରାକଲେ । ପୁରୀର ରାଧାକାନ୍ତ ମଠ ମହନ୍ତଙ୍କଠାରୁ କୀର୍ତ୍ତନ ଖଣତା ଓ ପତାକା ଆଣିଲେ । ଏକଦା କୀର୍ତ୍ତନ କରୁଥିବା ସମୟରେ ମୃଦଙ୍ଗଟି ଭାଙ୍ଗିଯିବାରୁ ସେ ଗ୍ରାମକୁ ଫେରିଆସିଲେ ।

ପ୍ରତିବର୍ଷ ଦୁର୍ଗାପୂଜାକୁ ପଳାଶୋଳ ଗ୍ରାମରେ ଯାତ୍ରା ହୁଏ । ଏଥିପାଇଁ ବାହାରୁ ଲୀଳାସୁଆଙ୍ଗ ଦଳ ଆଣିବାକୁ ହୁଏ । ବାହାରୁ ଯାତ୍ରାଦଳ ଆଣି ଯାତ୍ରା କରିବା

Digitized by srujanika@gmail.com

ସବୁବେଳେ ସୁବିଧାଜନକ ନଥିଲା । ବେଳେବେଳେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଏହାର ସମାଧାନ ପାଇଁ ବାଳକୃଷ୍ଣ ନିଜ ଗ୍ରାମରେ ଏକ ଯାତ୍ରାଦଳ ଗଢ଼ିବାକୁ ମନସ୍ଥ କଲେ । ପୂର୍ବରୁ ସେ ଏକ ଯାତ୍ରାଦଳ ଗଢ଼ି ବିଭିନ୍ନ ସ୍ଥାନରେ କଳାପ୍ରଦର୍ଶନ କରିବାକୁ ଚିନ୍ତା କରିଥିଲେହେଁ, ସୁବିଧା ଓ ସୁଯୋଗ ଅଭାବରୁ ତାହା ସାକାର ହୋଇପାରି ନଥିଲା । ବର୍ତ୍ତମାନ ଏକ ସୁଯୋଗ ତାଙ୍କୁ ମିଳିଗଲା । ନିଜ ଗ୍ରାମରେ ଦଶହରାକୁ ଯାତ୍ରା କରିବା ଲକ୍ଷ୍ୟ ନେଇ ସେ ଯାତ୍ରା ଦଳଟିଏ ଗଢ଼ିବସିଲେ । ୧୯୨୦ ଖ୍ରୀଷ୍ଟାବ୍ଦର ପବିତ୍ର କୁମାରପୂର୍ଣ୍ଣିମା ଦିନ ଉପବାସ ରହି ଶୁଦ୍ଧପୂତ ଚିତ୍ତରେ ସେ ପରିକଳ୍ପିତ ଯାତ୍ରା ଦଳଟିର ଶୁଭାରମ୍ଭ କଲେ । ୧୯୨୧ ଖ୍ରୀଷ୍ଟାବ୍ଦରେ ପଳସୁଧା ମୌଜାରେ ଆନୁଷ୍ଠାନିକ ଭାବେ ଯାତ୍ରାଦଳଟି ସମ୍ପୂର୍ଣ୍ଣ ରୂପରେଖ ନେଲା । ଏହାର ନାମ ରଖାଗଲା 'ଜୟଦୁର୍ଗା ନାଟ୍ୟମଣ୍ଡଳୀ' । ଯାତ୍ରା ଦଳରେ ପ୍ରଥମେ ଶିକ୍ଷାର୍ଥୀ ରୂପେ ଯୋଗଦେଲେ ସର୍ବଶ୍ରୀ ପ୍ରାଣକୃଷ୍ଣ ସ୍ୱାଇଁ, ବେଣୁଧର ସ୍ୱାଇଁ, ମୋହନ ପ୍ରଧାନ, ବାସୁଦେବ ମହାପାତ୍ର, ଧ୍ରୁବଚରଣ ଜେନା, କାହ୍ନୁ ସାହୁ ପ୍ରଭୃତି କେତେଜଣ ଉତ୍ସାହୀ କିଶୋର । ପଳାଶୋଳ ମଠରୁ ଘନ-ଗର୍ଜନ ନାମକ ବାଦ୍ୟଯନ୍ତ୍ର ଓ ବ୍ରଜସୁନ୍ଦର ମହାନ୍ତିଙ୍କଠାରୁ ଖଣ୍ଡିଏ ବେହେଲା ନାଟ୍ୟମଣ୍ଡଳୀ ପାଇଁ ବାଳକୃଷ୍ଣ ସଂଗ୍ରହ କଲେ । ଏହିପରି ଗ୍ରାମର କୀର୍ତ୍ତନଦଳରୁ ଏକ ନାଟ୍ୟମଣ୍ଡଳୀ ଗଠନ ସମ୍ଭବ ହୋଇପାରିଲା ।

ନାଟ୍ୟଦଳଟିଏ ଗଠିତ ହେଲା ସତ, କିନ୍ତୁ ପ୍ରଦର୍ଶନ କରିବାକୁ ନାଟକ ବହିଟିଏ ନିହାତି ଦରକାର । ବାଳକୃଷ୍ଣ ହାଇସ୍କୁଲ ଛାତ୍ର ଥିଲାବେଳେ 'ବିଜୟ ବସନ୍ତ' ନାମକ ଏକ ନାଟକ ଲେଖିବାକୁ ଆରମ୍ଭ କରିଥିଲେ । କିନ୍ତୁ ଜଞ୍ଜାଳବହୁଳ ଜୀବନ ବହିଟିକୁ ସମ୍ପୂର୍ଣ୍ଣ କରିବାକୁ ସୁଯୋଗ ଦେଇନଥିଲା । ଯାତ୍ରାଦଳ ଗଠିତ ହେଲାପରେ ଏଇଟିକୁ ସମ୍ପୂର୍ଣ୍ଣ କରିବାରେ ଲାଗିପଡ଼ିଲେ । ଏଇଟି ତାଙ୍କ ନାଟ୍ୟଦଳର ପ୍ରଥମ ନାଟକ ହିସାବରେ ଅଭିନୀତ ହେଲା । ତା'ପରେ 'ଅମର ବିଳାସ', 'ସୁଶୀଳ ମାଳତୀ', 'ବାଣା ପରାଜୟ' ଇତ୍ୟାଦି ନାଟକ ଲେଖି ସେ ଜଣେ ଉଚ୍ଚକୋଟୀର ନାଟ୍ୟକାର ଭାବେ ପ୍ରସିଦ୍ଧି ଲାଭକଲେ ।

ବାଳକୃଷ୍ଣ ଥିଲେ ଜାତିରେ କରଣ । ସେହି ସମୟରେ ନାଟ୍ୟଦଳ ଗଠନ ଅଭିନୟ ପ୍ରଦର୍ଶନ ଇତ୍ୟାଦି କରଣ କୁଳର ବ୍ୟକ୍ତି ପକ୍ଷରେ ଶୋଭନୀୟ ନଥିଲା । ତେଣୁ ବାଳକୃଷ୍ଣଙ୍କୁ ସେତେବେଳେ ଲୋକେ ଭଲ ଦୃଷ୍ଟିରେ ଦେଖିପାରିଲେ ନାହିଁ । କେହି କେହି ତାଙ୍କପ୍ରତି ଘୃଣା ମନୋଭାବ ପୋଷଣ କଲେ । ସେଥିପ୍ରତି ଭ୍ରୂକ୍ଷେପ ନକରି ବାଳକୃଷ୍ଣ ନିଜ ଲକ୍ଷ୍ୟପଥରେ ଆଗେଇ ଚାଲିଲେ । ପ୍ରଥମେ ତାଙ୍କ ଗୀତାଭିନୟକୁ ଲୋକେ ପସନ୍ଦ କଲେ ନାହିଁ । କିନ୍ତୁ ପରେ ତାଙ୍କ ଖ୍ୟାତି ଚାରିଆଡ଼େ ବ୍ୟାପିଗଲା । ଏ କ୍ଷେତ୍ରରେ ଅବଶ୍ୟ ତାଙ୍କୁ ବହୁ ଅଧ୍ୟବସାୟ କରିବାକୁ ପଡ଼ିଲା । ଯାତ୍ରାଦଳର

Digitized by srujanika@gmail.com

ଅଭିନେତା ଓ ଅଭିନେତ୍ରୀଙ୍କ ପାଇଁ ପୋଷାକ ଓ ପ୍ରସାଧନ ସାମଗ୍ରୀ କ୍ରୟ କରିବା ଅବସ୍ଥାରେ ସେ ନଥିଲେ । ଏହି ଆବଶ୍ୟକତା ମେଣ୍ଟାଇବା ପାଇଁ ସେ କଟକ ନୀଳମଣି ମହାନ୍ତିଙ୍କ ବସାରେ ରହି ସାଧାରଣ କନା ଓ ଜରି କିଣି ହାତେ ହାତେ କିଛି ପୋଷାକ କଲେ । ଗଇଁଠା ପାଉଁଶକୁ ପାଉଡ଼ର ରୂପେ ବ୍ୟବହାର କଲେ । ବିଭିନ୍ନ ଆଡୁ ଯାତ୍ରା ପ୍ରଦର୍ଶନ କରିବାକୁ ତାଙ୍କୁ ନିମନ୍ତ୍ରଣ ମିଳିଲା । ଯାତ୍ରାଜଗତରେ ତାଙ୍କର ପ୍ରସିଦ୍ଧି କ୍ରମଶଃ ବୃଦ୍ଧି ପାଇବାରୁ ଲୋକଙ୍କର ତାଙ୍କ ପ୍ରତି ଥିବା ଘୃଣା ମନୋଭାବ ଊଣା ହେବାକୁ ଲାଗିଲା । ସମୟ ଆସିଲା, ତାଙ୍କ ରଚିତ ଓ ନିର୍ଦ୍ଦେଶିତ 'ଅମର ବିଳାସ', 'ସୁଶୀଳ ମାଳତୀ', 'ବାଣା ପରାଜୟ' ଗୀତିନାଟ୍ୟମାନ ଲୋକମାନଙ୍କ ମନରେ ଅପୂର୍ବ ଆଲୋଡ଼ନ ସୃଷ୍ଟି କଲା । ରାତି ରାତି ଅନିଦ୍ରା ହୋଇ ଲୋକେ ଏହାକୁ ଖୋଲାମଞ୍ଚରେ ଉପଭୋଗ କଲେ ।

୧୯୨୩ ଖ୍ରୀଷ୍ଟାବ୍ଦର କଥା । ବାଳକୃଷ୍ଣ 'ଅମର ବିଳାସ' ନାଟକଟି ରଚନା କରୁଥିବା ସମୟରେ ଏକ ଦାରୁଣ ଦୁଃଖର ସମ୍ମୁଖୀନ ହେଲେ । ତାଙ୍କ ଆଦରର ପୁତ୍ର ଅମର ତାଙ୍କୁ ଶୋକସାଗରରେ ଭସାଇ ଇହଲୀଳା ସମ୍ବରଣ କଲା । ଏହା ବାଳକୃଷ୍ଣଙ୍କ ପାଇଁ ଥିଲା ଏକ ଦାରୁଣ ଧକ୍କା । ସେ ଦୁଃଖରେ ଭାଙ୍ଗିପଡ଼ିଲେ; ନାଟକଟି ସଂପୂର୍ଣ୍ଣ କରିପାରିଲେ ନାହିଁ । ସମୟକ୍ରମେ ଏହି ଦୁଃଖ ଦେହସହା ହୋଇଗଲା । କବି ଅଧାଲେଖା ନାଟକଟିକୁ ସଂପୂର୍ଣ୍ଣ କଲେ । ଏହି ନାଟକଟି ଅଭିନୀତ ହେଲାପରେ ବହୁ ଆଦର ଲାଭକଲା, ବାଳକୃଷ୍ଣ ସୁଖ୍ୟାତିମଣ୍ଡିତ ହେଲେ । କବିଚନ୍ଦ୍ରଙ୍କ ଭାଷାରେ—"ଏଇ 'ଅମର ବିଳାସ' ଗୀତିନାଟକଟି ତାଙ୍କ ଜୀବନର ଆଲୋକକୁ ତେଜିଦେଲା ।" ଏହି ସମୟରେ ସେ ନାଟ୍ୟଦଳ ପାଇଁ କେତେଖଣ୍ଡି ବାଦ୍ୟଯନ୍ତ୍ର ଅଣାଇପାରିଲେ ।

୧୯୨୩ ଖ୍ରୀଷ୍ଟାବ୍ଦରେ ବାଳକୃଷ୍ଣଙ୍କ ନାଟ୍ୟଦଳରେ ସାମିଲ ହେଲେ ବାଉରୀବନ୍ଧୁ ମହାନ୍ତି ଓ ତାଙ୍କ ଧର୍ମପୁଅ କୃଷ୍ଣଚନ୍ଦ୍ର ଦାସ । ବାଉରୀବନ୍ଧୁ ଥିଲେ ଅତି କର୍ମଠ ଓ ନିଷ୍ଠାପର କର୍ମୀ । ସେ ସମୟକ୍ରମେ ଯାତ୍ରାଦଳରେ ମ୍ୟାନେଜର ଭାବେ ନିଯୁକ୍ତ ହେଲେ । ତାଙ୍କ ଧର୍ମପୁତ୍ର କୃଷ୍ଣଚନ୍ଦ୍ର ଦାସ ଥିଲେ ସୁଦକ୍ଷ କଳାକାର । ତାଙ୍କ ଅଭିନୟ ଥିଲା ଅତି ଜୀବନ୍ତ । ସେ ଯେକୌଣସି ଭୂମିକାରେ ଅଭିନୟ କଲେ ବି ପ୍ରଶଂସା ପାଉଥିଲେ । ଯେତେବେଳେ ସେ କୃଷ୍ଣ ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ, ଦର୍ଶକମଣ୍ଡଳୀଙ୍କ କରତାଳିରେ ନାଟ୍ୟ ପରିବେଷଣସ୍ଥଳୀ ଉଚ୍ଛୁଳି ପଡୁଥିଲା ।

ବାଳକୃଷ୍ଣଙ୍କ ନାଟ୍ୟପରିବେଷଣ ଶୈଳୀ ଏବଂ ଚରିତ୍ରମାନଙ୍କର ନିଖୁଣ ଅଭିନୟ ସାଙ୍ଗକୁ ସଂଳାପ ଉଚ୍ଚାରଣ ଏତେ ଜୀବନ୍ତ ଥିଲା ଯେ ଏଥିପାଇଁ ବିଭିନ୍ନ ସ୍ଥାନରେ ଦର୍ଶକମାନେ ମଞ୍ଚସ୍ଥ ହେଉଥିବା ନାଟକର ଚରିତ୍ରକୁ ବାସ୍ତବ ବୋଲି ଭାବି ପ୍ରତିକ୍ରିୟା ପ୍ରକାଶ କରୁଥିଲେ ।

Digitized by srujanika@gmail.com

୧୯୨୩ ଖ୍ରୀଷ୍ଟାବ୍ଦରେ ପୁରୀ ଜିଲାର ଚଣାହାଟରେ ଦୋଳପୂଜା ଉପଲକ୍ଷେ ବାଳକୃଷ୍ଣଙ୍କ ଜୟଦୁର୍ଗା ନାଟ୍ୟମଣ୍ଡଳୀ ପରିବେଷଣ କରୁଥିଲେ 'ଅମର ବିଳାସ' ଗୀତିନାଟ୍ୟ । ପ୍ରାରମ୍ଭିକ ସଙ୍ଗୀତ ପରେ ନାଟକ ଆରମ୍ଭ ହେଲା । ଦର୍ଶକମଣ୍ଡଳୀ ପୂର୍ଣ୍ଣପ୍ରାଣରେ ନାଟକ ଉପଭୋଗ କରୁଥା'ନ୍ତି । ଅମରକୁ ତା' ଦୁଇ ବଡ଼ଭାଇ ବାହାନ ଓ ତୋଫାନ ହତ୍ୟା କରିବାର ଦୃଶ୍ୟ ଆସିଲା । ସେ ଦୁହେଁ ଅମରକୁ ଅଭିନୟରେ ହତ୍ୟା କରିବାକୁ ଗଲାବେଳେ ଦର୍ଶକମଣ୍ଡଳୀରେ ହୋ ହଲ୍ଲା ଶୁଭିଲା । ଯୋଗେନ୍ଦ୍ର ନାଥ ଚୌଧୁରୀ ନାମକ ଜଣେ ବୟସ୍କ ବ୍ୟକ୍ତି ଦର୍ଶକମଣ୍ଡଳୀରୁ ପାଟି କଲେ—"ତାକୁ ମାରନା ମାରନା । ସେ ନିର୍ଦ୍ଦୋଷ ।" ନାଟକ ରଚନା ଓ ନିର୍ଦ୍ଦେଶନା ଅନୁସାରେ କଳାକାରଦ୍ୱୟ ହତ୍ୟା କରିବାର ନିପୁଣ ଅଭିନୟ କଲେ । ଚୌଧୁରୀବାବୁ ହତ୍ୟା ଦୃଶ୍ୟ ଦେଖି ଏହା ଏକ ସତ୍ୟ ହତ୍ୟା ଭାବି ଏତେ ଦୁଃଖିତ ହୋଇପଡ଼ିଲେ ଯେ ତାଙ୍କ ହୃତ୍‌କ୍ରିୟା ବନ୍ଦ ହୋଇଗଲା । ସେ ତଳେ ଲୋଟିପଡ଼ିଲେ । ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ଯୋଗୀ ଚୌଧୁରୀ ଯାତ୍ରା ଦେଖି ମରିଗଲେ ବୋଲି ଚାରିଆଡ଼େ ଚହଳ ପଡ଼ିଗଲା ।

ଯାତ୍ରା ପ୍ରଦର୍ଶନ ବନ୍ଦ ରଖାଗଲା । ବାଳକୃଷ୍ଣଙ୍କ ସମେତ ଅନ୍ୟ କଳାକାରମାନେ ଭୟଭୀତ ହୋଇପଡ଼ିଲେ । ଯାତ୍ରା ଯୋଗୁଁ ଯୋଗୀ ଚୌଧୁରୀ ମୃତ୍ୟୁବରଣ କରିଥିବାରୁ ସେମାନଙ୍କୁ ଆକ୍ରମଣ କରିବାର ଆଶଙ୍କା ସେମାନଙ୍କ ମନରେ ଜାତ ହେଲା; ତେଣୁ ଭୟରେ ସେମାନେ କବାଟ କିଳି ରହିଲେ । ଯୋଗୀ ଚୌଧୁରୀଙ୍କ ପୁଅମାନେ ରାତିରେ ପିତାଙ୍କ ଶବଦାହ କଲେ; ସକାଳୁ ସକାଳୁ ଆସି ଯାତ୍ରାବାଲାଙ୍କ ପାଖରେ ପହଞ୍ଚିଲେ । ଭିତରୁ କବାଟ କିଳା ହୋଇଥିବାରୁ କବାଟ ବାଡ଼େଇଲେ । କବାଟ ବାଡ଼େଇବା ଜାଣି ଯାତ୍ରାଦଳ ମଧ୍ୟରେ ଆତଙ୍କ ଖେଳିଗଲା । ନିଶ୍ଚିତ ଭାବେ ସେମାନଙ୍କ ଉପରେ ମାଡ଼ ବାଜିବ ବୋଲି ସେମାନେ ଅନୁମାନ କଲେ । କବାଟ ଖୋଲିବାକୁ ସେମାନେ ଭୟ କଲେ । ଅଧିକ କବାଟ ବାଡ଼ିଆ ହେବାରୁ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ନିଜେ କବାଟ ଖୋଲି ଅତି ସନ୍ତର୍ପଣରେ ବାହାରକୁ ଆସିଲେ ଓ ହାତଯୋଡ଼ି କହିଲେ—"ଆମର କିଛି ଦୋଷ ନାହିଁ ।" ଯୋଗୀବାବୁଙ୍କ ପିଲାମାନେ ଅତି ଭଦ୍ର ଥିଲେ । ସେମାନେ କହିଲେ—"ବାପା ତ ଆମର ବୁଢ଼ା ହୋଇଯାଇଥିଲେ । ଯେଉଁଦିନ ହେଲେ ତ ମରିଥାନ୍ତେ । କିନ୍ତୁ ଏତେ ଦର୍ଶକଙ୍କ ମେଳରେ ଯେଉଁଭଳି ସୁଖ ମରଣ ଲଭିଲେ, ସେଥିପାଇଁ ଆମେ ନିଜକୁ ଅତି ଭାଗ୍ୟବାନ ମନେ କରୁଛୁ । ଯାହା ହେଉ, ବିପଦ ଟଳିଗଲା, ବାଳକୃଷ୍ଣ ଆଶ୍ୱସ୍ତ ହେଲେ ।

କିନ୍ତୁ ବିପଦ ପ୍ରକୃତରେ ଟଳିନଥିଲା । ପୁରୀ ଜିଲା ଏସ୍.ପି. କିଛି ସମୟ ପରେ ଆସି ପହଞ୍ଚିଲେ । ସେ ବାଳକୃଷ୍ଣଙ୍କୁ ଯାତ୍ରାଦଳ ସହ ଶୀଘ୍ର ଚଣାହାଟ ଛାଡ଼ି

Digitized by srujanika@gmail.com

ଗୁଳିଯିବାକୁ ନିର୍ଦ୍ଦେଶ ଦେଲେ । ବାଳକୃଷ୍ଣ ବିନମ୍ର ସ୍ୱରରେ କହିଲେ ଯେ ଯାତ୍ରାଦଳ କେବଳ ଯାତ୍ରା ପ୍ରଦର୍ଶନ କରୁଛି । ଯାତ୍ରା ଦେଖି ଯଦି କେହି ମୃତ୍ୟୁବରଣ କରେ, ଯାତ୍ରାଦଳ କିପରି ଦାୟୀ ହେବେ ? ଯଦି ଏସ୍.ପି. ସାହେବ ନିଜେ ଥରେ ଯାତ୍ରା ଦେଖନ୍ତେ ତେବେ ଅବସ୍ଥା ହୃଦୟଙ୍ଗମ କରିପାରନ୍ତେ । କଥାଟି ଏସ୍.ପି.ଙ୍କ ମନକୁ ଘେନିଲା । ସେ ସେହି ରାତିରେ ଦର୍ଶକଭାବେ ଯୋଗଦେଲେ । ଯାତ୍ରା 'ଅମର ବିଳାସ' ଅଭିନୀତ ହେଲା; ଆସିଲା ପୂର୍ବଦୃଶ୍ୟ—ବାହାନ ଓ ତୋଫାନ ଦୁହେଁ ଅମରକୁ ହତ୍ୟା କରିବାର ଦୃଶ୍ୟ । ଏହା ଏସ୍.ପି.ଙ୍କ ହୃଦୟକୁ ଏପରି ଛୁଇଁଲା ଯେ ସେ ପାଟି କଲେ—"ଫାୟାର ଦେମ୍, ଫାୟାର ଦେମ୍" । ତାଙ୍କ ପାଖରେ ଉପସ୍ଥିତ ବାଳକୃଷ୍ଣ କହିଲେ—"ସାର୍, ଏହା କେବଳ ଅଭିନୟ, ସତ୍ୟ ହତ୍ୟା ନୁହେଁ ।" ଏସ୍.ପି. ପ୍ରକୃତିସ୍ଥ ହୋଇ କହିଲେ, "ଆଇ ଆମ୍ ସରି ।" (ଚିନ୍ମୟୀ ମହାନ୍ତି, ନାଟ୍ୟ ଶତଦଳ, ପୃ : ୩୭)

ମଞ୍ଚରେ ଅଭିନୟ ଦ୍ୱାରା ଯେକୌଣସି ଘଟଣାକୁ ଜୀବନ୍ତ ରୂପ ଦେବା ଓ ଅଭିନୟକୁ ବାସ୍ତବ ବୋଲି ପ୍ରତୀତି ଜାତ କରାଇବାର ଦକ୍ଷତା ଏସ୍.ପି. ସାହେବଙ୍କୁ ଅଭିଭୂତ କରିଥିଲା । ଏହାହିଁ ବାଳକୃଷ୍ଣଙ୍କ ରଚନା, ନିର୍ଦ୍ଦେଶନା ଓ କଳାକାରମାନଙ୍କ ଅଭିନୟ କୁଶଳତାର ଚରମ ଉତ୍କର୍ଷ ।

୧୯୨୩ ଖ୍ରୀଷ୍ଟାବ୍ଦରେ ଜୟଦୁର୍ଗା ନାଟ୍ୟମଣ୍ଡଳୀ କଟକ ଜିଲା ଓ ପୁରୀ ଜିଲାର ଜଗତ୍‌ପୁର, ଚଣାହାଟ, ନରସିଂହପୁର, ନୂଆହାଟ ଆଦି ସ୍ଥାନରେ ବୁଲି ବୁଲି ଯାତ୍ରା କଲା । ୧୯୨୫ରେ କଟକ ଜିଲା ବାଲିଆଠାରେ ତିନିଦିନ ଯାତ୍ରା ପରିବେଷିତ ହେଲା । ୧୯୨୬ରେ ନରସିଂହପୁର ରାଜାଙ୍କଠାରୁ ନିମନ୍ତ୍ରଣ ପାଇ ବାଳକୃଷ୍ଣ ନାଟ୍ୟଦଳ ସହ ସେଠାରେ ପହଞ୍ଚିଲେ । ରାଜାଙ୍କ କନ୍ୟା ବିଦାୟ ଉପଲକ୍ଷେ ସେଠାରେ ଯାତ୍ରା ହେଲା । ଯାତ୍ରା ଦେଖି ରାଣୀ ଅତି ଖୁସିରେ ବାଳକୃଷ୍ଣଙ୍କୁ ମୂଲ୍ୟବାନ ଉପହାରମାନ ଦେଲେ । ତା'ପରେ ଯାତ୍ରାଦଳ ନିମନ୍ତ୍ରଣ ପାଇଲେ ଆଳି ରାଜାଙ୍କଠାରୁ । ରାଜବାଟୀରେ ପହଞ୍ଚି ଏକ ବିଚିତ୍ର ନିୟମ ଶୁଣିଲେ ବାଳକୃଷ୍ଣ । ସେହି ନିୟମଟି ଥିଲା କଳାକାରମାନେ ମଞ୍ଚକୁ ଯିବାପୂର୍ବରୁ ରାଜାଙ୍କୁ ମୁଣ୍ଡିଆ ମାରିବେ, ତାଙ୍କ ପାଦଧୂଳି ନେବେ । ବାଳକୃଷ୍ଣଙ୍କ ପୂର୍ବରୁ ଯେଉଁ ନାଟ୍ୟଦଳ ଆସିଥିଲେ ସେମାନେ ସମସ୍ତେ ଏ ନିୟମ ପାଳନ କରିଥିଲେ । ବଡ଼ ଅସୁବିଧାରେ ପଡ଼ିଲେ ବାଳକୃଷ୍ଣ । ରାମ, କୃଷ୍ଣଙ୍କ ଭଳି ପୌରାଣିକ ଓ ଦେବଚରିତ୍ରଗୁଡ଼ିକ ରାଜାଙ୍କୁ ମୁଣ୍ଡିଆ ମାରିବା କାର୍ଯ୍ୟକୁ ସେ ଗ୍ରହଣ କରିପାରିଲେ ନାହିଁ । ଶେଷରେ ସ୍ଥିର ହେଲା ଯେ ସେ ପୌରାଣିକ ନାଟକ ନକରି କେବଳ କାଳ୍ପନିକ ନାଟକ ଦୁଇଦିନ ପ୍ରଦର୍ଶନ କରିବେ । ତା'ପରେ ଯାତ୍ରାଦଳର କଲିକତା ଯାତ୍ରା ୧୯୨୭ ଖ୍ରୀଷ୍ଟାବ୍ଦରେ । ସେଠାରେ କେତେଜଣ ବଙ୍ଗାଳୀଙ୍କ ଅସହଯୋଗ ସତ୍ତ୍ୱେ ସେ ନୂତନ ଜ୍ଞାନକୌଶଳ ବିନିଯୋଗରେ ଡେଲାଇଟ୍ ଦ୍ୱାରା ତ୍ରିମୁଖୀ ମଞ୍ଚରେ

Digitized by srujanika@gmail.com

ରାତି ଓ ଦିନ ସୃଷ୍ଟିକରି ଦର୍ଶକଙ୍କୁ ମୁଗ୍‌ଧ କରିପାରିଲେ । ତାଙ୍କର ଏହି ମଞ୍ଚ-ଚମତ୍କାରିତା ନିନ୍ଦୁକ ବଙ୍ଗାଳୀମାନଙ୍କ ମୁହଁ ବନ୍ଦ କରିଦେଲା ।

୧୯୨୮ ଖ୍ରୀଷ୍ଟାବ୍ଦରେ ରଜଉତ୍ସବ ଉପଲକ୍ଷେ ବାଳକୃଷ୍ଣଙ୍କୁ ନିମନ୍ତ୍ରଣ ମିଳିଲା ଜଗତସିଂହପୁରର ବାଗସାହିରେ କଳାପ୍ରଦର୍ଶନ କରିବାକୁ । ସଦଳବଳ ସେ ସେଠାରେ ପହଞ୍ଚିଲେ । ପ୍ରତିବର୍ଷ ରଜପର୍ବରେ ସେଠାରେ ଯାତ୍ରା ହୁଏ ତିନିଦିନ ଧରି । ସେବର୍ଷ ମଞ୍ଚ ବନ୍ଧା ହୋଇଥାଏ ସେହି ଗ୍ରାମର ବାଞ୍ଛାନିଧି ବାବୁଙ୍କ ଘର ସାମନା ମେଲାଘରରେ । କିନ୍ତୁ ଦୁର୍ଯୋଗ, ସେହି ବର୍ଷ ରଜପର୍ବକୁ ମାନ୍ଦା କରିଦେଲା ବର୍ଷା । ପ୍ରଥମ ଦୁଇଦିନ ବର୍ଷା ହେବାରୁ ରଜମଉଜ ବାଧାଗ୍ରସ୍ତ ହେଲା । ତୃତୀୟ ଦିନ ବର୍ଷା ଟିକିଏ ଛାଡ଼ିଗଲା । ପାଗ ଫର୍ଚ୍ଚା ହୋଇଗଲା । ସେଦିନ ବାଳକୃଷ୍ଣ ମଞ୍ଚସ୍ଥ କଲେ 'ସୁଶୀଳ ମାଳତୀ' ନାଟକ । ସେତେବେଳେ ସେହି ନାଟକ ଚହଳ ସୃଷ୍ଟି କରିଥିଲା । ମଞ୍ଚସ୍ଥଳ ଦର୍ଶକରେ ପୂର୍ଣ୍ଣ । ନାଟକ ଗ୍ଭଲିଥାଏ । ମଝିରେ ହଠାତ୍ ଝିପିଝିପି ବର୍ଷା ଆରମ୍ଭ ହୋଇଗଲା । ଏହା ଦେଖି କବି ବାଳକୃଷ୍ଣ ସେହିଠାରେ ବସି ଦୁଇପଦିଆ ଗୀତଟିଏ ଲେଖିଦେଲେ । ପରବର୍ତ୍ତୀ ଅଙ୍କରେ ଦୂତ ମଞ୍ଚରେ ପହଞ୍ଚି ସେହି ଗୀତଟିକୁ ଗାଇଲା—

"ରଜ ସଜବାଜ ମଉଜକୁ
ଝିପିଝିପି ବର୍ଷା ସାରିଦେଲାରେ
ଶାରଦ ବିଆଳି ହରଡ଼ ନଳିତା
ଗ୍ରୀଷ୍ମ ସନ୍ତାପରୁ ତାରି ଦେଲାରେ । ପଦ ।

ଝଡ଼ବର୍ଷା ଆରମ୍ଭ ଦେଖି   ଉଇଙ୍କର ଲାଗିଲା ପକ୍ଷୀ
ଶୂନ୍ୟମାର୍ଗେ ଦେଖି   ଉଠିଗଲେ ଶିଖୀ
କାକ ତାକୁ ଦେଖି ମାରିନେଲାରେ । ୧ ।

ବେଙ୍ଗଙ୍କର ଭାଙ୍ଗିଲା ନିଦ   ବଜାଇଲେ ବିବିଧ ବାଦ୍ୟ
ଦୀନ ବାଳକୃଷ୍ଣ   ରଚେ ଏହି ପଦ
ବସି ବାଞ୍ଛାନିଧି ବାବୁ ମେଲାରେ । ୨ ।"

(ଗ୍ରନ୍ଥାବଳୀ, ପୃ : ୧୫୪)

ବର୍ଷା ଛାଡ଼ିଗଲା । ଯାତ୍ରା ସୁରୁଖୁରୁରେ ପ୍ରଦର୍ଶିତ ହେଲା । ଦର୍ଶକମାନେ ମନଭରି ନାଟକଟି ଉପଭୋଗ କଲେ । ଯାତ୍ରା ଶେଷରେ ଦର୍ଶକମଣ୍ଡଳୀ ଯେ ଯାହା ଘରକୁ ଫେରିଗଲେ; କିନ୍ତୁ ଏହି ଗୀତଟି ସେମାନଙ୍କ ହୃଦୟକୁ ଏତେ ବେଶି ଛୁଇଁଥିଲା ଯେ, ସେମାନେ ଏହାକୁ ଭୁଲିପାରିଲେ ନାହିଁ । ରାତାରାତି ଗୀତଟି ଲୋକପ୍ରିୟ

Digitized by srujanika@gmail.com

ହୋଇଗଲା । ଏହାର ଲୋକପ୍ରିୟତା ସମ୍ବନ୍ଧରେ ସ୍ୱର୍ଗତ ଉଦୟନାଥ ଷଡ଼ଙ୍ଗୀ ନିଜ ଅଭିଜ୍ଞତାରୁ କହନ୍ତି–"ସେହିଦିନ ସେହିଠାରେ ଅଳ୍ପ ସମୟ ମଧ୍ୟରେ ରଚିତ ଏହି ଗୀତ ଲୋକଙ୍କ ମନକୁ ଏତେ ପାଇଲା ଯେ, ଆମେ ସ୍କୁଲକୁ ଗଲାବେଳେ ମନ ମଉଜରେ ଏହା ବୋଲୁଥିଲୁ । ରାତି ଅଧରେ ଶଗଡ଼ିଆ ରାସ୍ତାରେ ଶଗଡ଼ ନେଉଥିବାବେଳେ ମନରୁ ଡରଭୟ ଛଡ଼ାଇବା ପାଇଁ ଉଚ୍ଚକଣ୍ଠରେ ଏହା ବୋଲୁଥିବାର ଘରେ ଶୋଇଥିବା ଅବସ୍ଥାରେ ମୁଁ ଶୁଣିଛି । ଗାଇଜଗୁଆଳ ପିଲାଙ୍କ କଥା ତ ଛାଡ଼ । ରଜପର୍ବର ପୂର୍ବଦିନ ସଜବାଜ ଦିବସ ପିଲାମାନଙ୍କ ପାଇଁ ବେଶି ଉତ୍ସାହପ୍ରଦ ଓ ଆନନ୍ଦ କୋଳାହଳର ଦିନ । ସେହିଦିନକୁ ପ୍ରତିବର୍ଷ ରଜ ସମୟକୁ କୋହଲା ପାଗ ହେଲେ ଏକା ମୋ ମନରେ କାହିଁକି ସେ ସମୟର ଲୋକଙ୍କ ମନରେ ବିଶେଷତଃ ଝିଅମାନଙ୍କ ମନରେ ଆଗ ଏଇ ଗୀତପଦକ ଖେଳିଯାଏ ।" (ବାଳକୃଷ୍ଣ ସ୍ମରଣିକା, ୧୯୭୮, ପୃ : ୨୬) "ବହୁଜନ କଣ୍ଠରୁ ଏ ଗୀତଟି ଏବେ ସୁଦ୍ଧା ଶୁଣାଯାଏ ।" (କାଳିଚରଣ ପଟ୍ଟନାୟକ, ବାଳକୃଷ୍ଣ ଗ୍ରନ୍ଥାବଳୀ, ବାଳକୃଷ୍ଣ ରଚନା, ପୃ : ୪)

ଜୟଦୁର୍ଗା ନାଟ୍ୟମଣ୍ଡଳୀର ଖ୍ୟାତି କ୍ରମଶଃ ବଢ଼ିବାକୁ ଲାଗିଲା । କବି କଟକରେ ନାଟ୍ୟ ପ୍ରଦର୍ଶନ କରିବାକୁ ମନସ୍ଥ କଲେ । କାଠଗଡ଼ା ସାହିରେ ଅଭିନୟ ପ୍ରଦର୍ଶିତ ହେଲା । ସାରା କଟକ ସହରରେ ତାଙ୍କ ଖ୍ୟାତି ବ୍ୟାପିଗଲା । ଚନ୍ଦନଯାତ୍ରା ସମୟରେ କଟକ ମ୍ୟୁନିସିପାଲଟି ଅଫିସ୍ ନିକଟସ୍ଥ ଚନ୍ଦନଯାତ୍ରା ପଡ଼ିଆରେ ଯାତ୍ରା କରିବା ପାଇଁ ନିମନ୍ତ୍ରଣ ପାଇଲେ ବାଳକୃଷ୍ଣଙ୍କ ଯାତ୍ରାଦଳ ୧୯୨୯ ଖ୍ରୀଷ୍ଟାବ୍ଦରେ । ସେଠାରେ ଦର୍ଶକଙ୍କର ପ୍ରବଳ ଭିଡ଼ ଭିତରେ ଯାତ୍ରା ହେଲା । ଅଭିନୟ ଏତେ ଚିତ୍ତାକର୍ଷକ ହେଲା ଯେ ଲୋକେ ବାଳକୃଷ୍ଣଙ୍କ ପ୍ରଶଂସାରେ ଶତମୁଖ ହୋଇଉଠିଲେ । ତାଙ୍କ ନାଟ୍ୟପରିବେଷଣର ସବୁଠାରୁ ଆକର୍ଷକ ଦିଗ ଥିଲା ନାରୀ ଭୂମିକାରେ ଅଭିନୟ କରୁଥିବା ପୁରୁଷ କଳାକାରମାନଙ୍କର ବେଶଭୂଷା, ଚାଲିଚଳନ ଓ କଥାବାର୍ତ୍ତା । ସେମାନଙ୍କ ଅଭିନୟ ଏତେ ଜୀବନ୍ତ ଥିଲା ଯେ ଦର୍ଶକ ସେମାନଙ୍କୁ ପ୍ରକୃତ ନାରୀ ବୋଲି ଭାବୁଥିଲେ । ଏ ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀ ନାଟ୍ୟକାର ଗୋଲୋକଚନ୍ଦ୍ର ମହାନ୍ତିଙ୍କ ବକ୍ତବ୍ୟ ଏହିପରି–"ଦର୍ଶକଙ୍କର ପ୍ରବଳ ଭିଡ଼, ସହରରେ ସୃଷ୍ଟି କରୁଥିଲା ଚାଞ୍ଚଲ୍ୟ, ଯାତ୍ରାପାର୍ଟିର ବେଶଭୂଷା ପରିପାଟୀ ସଜାଇବାରେ ସେ ଗୋଟାଏ ନୂତନ ଦିଗନ୍ତ ସୃଷ୍ଟି କରିଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ପୁରୁଷ ପିଲା ଯେ ନାରୀ ବେଶରେ ଅଭିନୟ ମଞ୍ଚକୁ ଆସିଛି, ଏକଥା ଆଗରୁ ନ ଜାଣିଥିଲେ ଦେଖିକରି କେହି ବିଶ୍ୱାସ କରିପାରିବ ନାହିଁ ।" (ବାଳକୃଷ୍ଣ ସ୍ମରଣିକା, ୧୯୭୮, ପୃ : ୩୨)

ସେହି ସମୟରେ ଦରଘାବଜାରର ସ୍ୱର୍ଗୀୟ ମହେନ୍ଦ୍ର ଲାଲ ମିଶ୍ର ବାଳକୃଷ୍ଣଙ୍କୁ ଭେଟି ତାଙ୍କ ଲେଖାଗୁଡ଼ିକ ବ୍ରଜେନ୍ଦ୍ର ପ୍ରେସରେ ଛପାଇବା ପ୍ରସ୍ତାବ ଦେଲେ । ସର୍ତ୍ତ

Digitized by srujanika@gmail.com

ରହିଲା, ଛାପାଖର୍ଚ୍ଚ ବାଦ୍‌ଦେଇ ଆଉ ଯାହା ଅର୍ଥ ମିଳିବ, ତାହା ପ୍ରକାଶକ ଓ ଲେଖକ ମଧ୍ୟରେ ଅଧା ଅଧା ବଣ୍ଟାଯିବ । ବାଳକୃଷ୍ଣ ଏଥିରେ ସମ୍ମତ ହେଲେ ।

ଏହାପରେ ପରେ ଚନ୍ଦନଯାତ୍ରା ପଡ଼ିଆରେ ଯାତ୍ରାଭିନୟ ଗ୍ଭଲିଥିବାବେଳେ ଦିନେ କବି ବୈଷ୍ଣବ ପାଣି ନିଜର ପରିଚୟ ନ ଦେଇ ବାଳକୃଷ୍ଣଙ୍କୁ ଭେଟିଲେ ଓ ତାଙ୍କ ବହିଗୁଡ଼ିକ ଅରୁଣୋଦୟ ପ୍ରେସ୍‌ରେ ଛପାଇବାକୁ ପ୍ରସ୍ତାବ ଦେଲେ । ମହେନ୍ଦ୍ରଲାଲ ମିଶ୍ରଙ୍କ ସହିତ ପୂର୍ବରୁ ଏ ବିଷୟରେ କଥାବାର୍ତ୍ତା ସରିଯାଇଛି ବୋଲି ବାଳକୃଷ୍ଣ ତାଙ୍କୁ କହିଲେ । କବି ପାଣି କିଛି ନ କହି ଫେରିଗଲେ । ବାଳକୃଷ୍ଣ ତାଙ୍କ କଥା ନ ରଖିଥିବାରୁ ସେ ତାଙ୍କ ଉପରେ ବିରକ୍ତ ହୋଇଥିଲେ । ବାଳକୃଷ୍ଣଙ୍କ କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତା ମଧ୍ୟ ତାଙ୍କୁ ବିଚ଼ଳିତ କରିଥିଲା । ଅସୂୟା ପରବଶ ହୋଇ ପାଣି କବି ବାଳକୃଷ୍ଣଙ୍କ ଚରିତ୍ର ସଂହାର କରି ଏବଂ ମିଥ୍ୟା ଦୁର୍ନାମ ରଟାଇ 'ନାଟୁଆ ମହାନ୍ତି' ଫାର୍ସ ଲେଖିଲେ ଏବଂ ସେଇଟିକୁ ମଧ୍ୟ ପ୍ରକାଶ କଲେ । ବାଳକୃଷ୍ଣ ସେତେବେଳେ ନିଜ ଗ୍ରାମ ପଳାଶୋଳରେ ଥିଲେ । ମହେନ୍ଦ୍ରଲାଲ ମିଶ୍ର 'ନାଟୁଆ ମହାନ୍ତି' ଫାର୍ସରୁ ଖଣ୍ଡିଏ ନେଇ ପଳାଶୋଳରେ ବାଳକୃଷ୍ଣଙ୍କୁ ଦେଖାଇଲେ । ବାଳକୃଷ୍ଣ ଏହା ଦେଖି ବିସ୍ମିତ ହେଲେ । ବିନାକାରଣରେ ତାଙ୍କ ପ୍ରତିଭା ପ୍ରତି ଈର୍ଷାନ୍ୱିତ ପାଣିକବିଙ୍କ ଏପରି ନିରର୍ଥକ ଆକ୍ରମଣ ତାଙ୍କୁ ଭାରି ବାଧିଲା । ସେ ମଧ୍ୟ କମ୍ ପ୍ରତିଭାଧର ନ ଥିଲେ । ସେ ପାଣିଙ୍କୁ ଆକ୍ଷେପ କରି ଲେଖିଲେ 'ପାଣି-ଧୋବଣୀ' ଫାର୍ସ । ସେତେବେଳେ ବୈଷ୍ଣବ ପାଣି ନିଜ ପତ୍ନୀ ଓ ଗୃହ ତ୍ୟାଗକରି ହାରା ନାମ୍ନୀ ରଜକୀ ସହିତ ସଂସାର ବାନ୍ଧିଥିଲେ । ଏହା ସେତେବେଳେ ଏକ ଚର୍ଚ୍ଚାର ବିଷୟ ହୋଇଥିଲା । ଜଣେ ବ୍ରାହ୍ମଣ ଧୋବଣୀକୁ ପତ୍ନୀରୂପେ ଗ୍ରହଣ କରିବା ସେକାଳର ସମାଜରେ ଥିଲା ଏକ ଅଭାବନୀୟ ଘଟଣା । ଏ ଦୃଷ୍ଟିରୁ ସମାଜରେ ଏହା ଏକ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା । ପାଣିକବିଙ୍କ ଚ଼ାରିତ୍ରିକ ଦୋଷ ସହିତ ତାଙ୍କ ସାରସ୍ୱତ ଚୌର୍ଯ୍ୟବୃତ୍ତି ଓ ଅନ୍ୟାନ୍ୟ କେତେକ ତ୍ରୁଟି ଦର୍ଶାଇ ବାଳକୃଷ୍ଣ ଏହି ଫାର୍ସଟି ଲେଖିଥିଲେ ଏବଂ ନିଜ ନାଟ୍ୟଦଳରେ ଅଭିନୀତ କରାଇଥିଲେ । ଏହା ପାଣିଙ୍କ 'ନାଟୁଆ ମହାନ୍ତି' ଫାର୍ସର ଉପଯୁକ୍ତ ଜବାବ ଥିଲା । ଏଥିରୁ ଅଳ୍ପ କେତୋଟି ଉଦାହରଣ ଦିଆଯାଇ ବାଳକୃଷ୍ଣଙ୍କ ପ୍ରତିଆକ୍ରମଣର ସ୍ୱରର ତୀବ୍ରତା ଅନୁଭବ କରାଯାଇପାରେ । ବାଳକୃଷ୍ଣଙ୍କ 'ଅମର ବିଳାସ', 'ସୁଶୀଳ ମାଳତୀ' ଆଦି କେତେକ ନାଟକର ଅବିକଳ ନକଲ କରିଥିବା ବୈଷ୍ଣବ ପାଣିଙ୍କ ଉଦ୍ଦେଶ୍ୟରେ ଫାର୍ସର ଆରମ୍ଭରେ ପ୍ରଦତ୍ତ ସୂଚୀଛାନ୍ଦରେ ବାଳକୃଷ୍ଣ ଲେଖିଲେ—

"ଦେଖ ହେ ଭାଇ ଏ ଅମଜା ମଜା
ତା' ସଙ୍ଗେ ଅଛଇ ଅବୁଝା ବୁଝା ।

Digitized by srujanika@gmail.com

ସଙ୍ଗୀତ ଉଦ୍ୟାନେ ସେ ଥିଲେ ମାଳି
କାଳସ୍ରୋତେ ସର୍ବେ ଗଲେଣି ଚଳି ।
ଉଦ୍ୟାନ ଦ୍ୱାରଟି ହୋଇଲା ମେଲା
ଉଜାଡ଼ନ୍ତି ତାକୁ ଗାୟକ ପିଲା ।
ଚମ୍ପାଫୁଲ ସିନା ରାଧାଙ୍କ ହାର
କେ ଦେଲା ତାହାକୁ ବେଣ୍ୟା ଗଳାର ।

x x

ବଗିଗ୍ଭ ଗ୍ରେରଙ୍କ ଦେଖ ଫୁଟାଣି
କହିଲେଣି ଆମ୍ଭେ ଦେଉଛୁ ପାଣି ।
ଆମ୍ବଗଛ ବୋଲି କଲେଣି ଗର୍ବ
(କିନ୍ତୁ) କରି ନ ପାରିବେ ବୃକ୍ଷକୁ ଠାବ ।
ପାଣି ପରି ବୋହି ଗଲେଣି କେତେ
ତାଙ୍କ ବାପ ଅଜା ଆବର କେତେ ।"

(ଗ୍ରନ୍ଥାବଳୀ, ପୃ : ୪୬୩)

ଶମ୍ଭୁ ନାମକ ଚରିତ୍ର ମୁଖରେ ପାଣିକବିଙ୍କ ପ୍ରତି ବାଳକୃଷ୍ଣଙ୍କ ଆକ୍ଷେପୋକ୍ତିରୁ ଆଉ କେତୋଟି ଧାଡ଼ି—

"... ସେ ଭୁରୁଡ଼େଇବ କ'ଣ । ମୁଁ ତା' ବାପକୁ ଦେଖିଲି, ତା' ଅଜାକୁ ଦେଖିଲି, ତାକୁ ଦେଖିଲି । ଯେତେହେଲେ ତ ମଢ଼ିଆ ବ୍ରାହ୍ମଣ । ତା' ବାପଅଜା ମୃତ୍ୟୁଶଯ୍ୟା ଦାନ ପାଇଁ ଦଶକୋଶ ବାଟ ଯାଉଥିଲେ, ଆଉ କରଣ ମହାଲାଏକଙ୍କ ଘରେ ବିଭାଘରେ ଘିଅ ଠେକି ଘେନି ଯାଉଥିଲେ । ଏ ପରା ଜଇପୁର ଦଇତାରି ମହାନ୍ତିଙ୍କ ଆଖଡ଼ାରେ ରହି ସଙ୍ଗୀତ, ବନ୍ଧ ଶିଖି ନାକଫୋଡ଼େଇ ଗୋଟିପୁଅ ବେଶ ହୋଇ ତା' ବିଭାବେଳେ ପାଲିଙ୍କି ପାଖରେ ନାଚୁଥିଲା । ସେକଥା କ'ଣ ଏଡ଼େ ବେଗି ପାସୋର ଗଲାଣି, ଏବେ ଗ୍ଭରିଅକ୍ଷର ପଢ଼ି ଆଡୁସାଡୁ ଲେଖୁଛି ବୋଲି ନବାବ, ମଣିଷ ଚିହ୍ନୁ ନାହିଁ ?" (ଗ୍ରନ୍ଥାବଳୀ, ପୃ : ୪୭୬)

ଆଉ ଏକ ସ୍ଥାନରେ ବସ୍ତାରେ ବନ୍ଧାହୋଇଥିବା ଜଇ ପାଣିଙ୍କ ଉଦ୍ଦେଶ୍ୟରେ ନଟବାବୁ ନାମକ ଜନୈକ ଭଦ୍ରବ୍ୟକ୍ତିଙ୍କ ମୁଖରେ ବାଳକୃଷ୍ଣ ଶୁଣାଇଛନ୍ତି—"ଆରେ ହୋ; ସେ ପାଣି ! ସେଇଟା ତ ଭାରି ନୁଙ୍ଗୁରାଟାଏ । ବାର ଜାଗାରୁ ମାଡ଼ ଖାଉଛି । ହଁ ଲୋ ପାର ! କବି ନା କୋବି (ଗୋଡ଼ରେ ବସ୍ତା ଗଡ଼ାଉ ଗଡ଼ାଉ) ଆଗରୁ ବସ୍ତାରେ ପଶୁଥିଲା ଫୁଲକୋବି, ବନ୍ଧାକୋବି, ଓଲକୋବି । ଆଜି ତ ବସ୍ତାରେ ଏ

Digitized by srujanika@gmail.com

ଗୋଟାଏ ପାଣି କୋବି ପଶିଚ଼ି । ବସ୍ତା ଖୋଲ ଟିକିଏ ଦେଖିଥିବା । ଏ କୋବି ଆଗରୁ କେବେ କଟକରେ ଦେଖାହୋଇ ନ ଥିଲା ।” (ଗ୍ରନ୍ଥାବଳୀ, ପୃ : ୪୭୨)

ଅନ୍ୟର ସାହିତ୍ୟରୁ ଚ୍ଚୋରି, ବେଶ୍ୟାଳୟ ଗମନ, ପରଦାରା ପ୍ରତି ଆସକ୍ତି, ମଦ୍ୟପାନ ଆଦି ମନ୍ଦକାର୍ଯ୍ୟ ଫଳରେ ଏହି ଫାର୍ଶର ମୁଖ୍ୟ ଚରିତ୍ର ଜଇ ପାଣି ସାଙ୍ଘାତିକ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ବହୁ ଚିକିତ୍ସାପରେ ସେ ଆରୋଗ୍ୟ ଲାଭ ନ କରିବାରୁ ପଣ୍ଡିତମାନେ ତାଙ୍କ ପାପର ପ୍ରାୟଶ୍ଚିତ୍ତ କରିବାକୁ ବିଧିବିଧାନ ସହିତ ତାଙ୍କ ଦେହରେ ଝୋଟ ଗୁଡ଼ାଇ ସାମାନ୍ୟ ଅଗ୍ନି ସଂଯୋଗ କରିଛନ୍ତି । ଜଇ ପାଣି ଶେଷରେ ନିଜେ କରିଥିବା ଏସବୁ ପାପ ସ୍ୱୀକାର କରି ସେସବୁରୁ ନିବୃତ୍ତ ହେବାକୁ ପ୍ରତିଜ୍ଞା କରି କହିଛନ୍ତି—“ଏଇଥର ଶିଖିଲି, ଏଇଥର ଜାଣିଲି, ଏଇଥର ବୁଝିଲି । ମଦ ଖାଇବି ନାହିଁ, ବେଶ୍ୟାରତ ହେବି ନାହିଁ, ଅଭକ୍ଷ ଭକ୍ଷିବି ନାହିଁ, ପରଶ୍ରୀକାତର ହେବି ନାହିଁ କି ଅର୍ଥ ଲୋଭରେ ପଡ଼ି ଆତୁସାତୁ ଯା ଇଚ୍ଛା ତା ଲେଖି ସଂସାରକୁ କୁଶିକ୍ଷା ଦେଇ ସାହିତ୍ୟର ଅଙ୍ଗହାନି କରିବି ନାହିଁ ।” ବାଳକୃଷ୍ଣ ଗ୍ରନ୍ଥାବଳୀ, ପୃ : ୪୭୭)

ଏହି ଫାର୍ଶଟି ଏତେ ଲୋକପ୍ରିୟ ହେଲା ଯେ ଚ୍ଚରିଆଡ଼େ ଏହା ଏକ ଆଲୋଚ଼ନାର ବିଷୟ ହୋଇପଡ଼ିଲା । ଫଳରେ ବୈଷ୍ଣବ ପାଣିଙ୍କର ସମ୍ମାନ କ୍ଷୁଣ୍ଣ ହେଲା । ବାଳକୃଷ୍ଣଙ୍କ ବିରୋଧରେ ଆଉ କିଛି ଲେଖାଲେଖି କରିବାକୁ ପାଣି ସାହସ କଲେ ନାହିଁ । ସେତେବେଳେ ଏ ଦୁଇ ତୁଙ୍ଗ ଗୀତିନାଟ୍ୟକାରଙ୍କର ଏହା ଥିଲା ପ୍ରଥମ ବିବାଦ । ଏହାପରେ ସେ ଦୁହେଁ ମିଶିଯାଇଥିଲେ ବୋଲି କବିଚ଼ନ୍ଦ୍ର ପ୍ରକାଶ କରନ୍ତି । (ଗ୍ରନ୍ଥାବଳୀ, ବାଳକୃଷ୍ଣ ରଚ଼ନା, ପୃ : ୩)

ବାଳକୃଷ୍ଣଙ୍କ ଜୀବନଚରିତ ଅନୁଶୀଳନ କଲେ ଜଣାଯାଏ ଯେ ବୈଷ୍ଣବ ପାଣି ଥିଲେ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ । ଯେଉଁ ସମୟରେ ବୈଷ୍ଣବ ପାଣିଙ୍କ ପ୍ରତିଭା ପୂର୍ଣ୍ଣ ବିକଶିତ, ସେହି ସମୟରେ ବାଳକୃଷ୍ଣଙ୍କର ନାଟ୍ୟଜଗତରେ ପ୍ରବେଶ । ବାଳକୃଷ୍ଣଙ୍କର ଇଚ୍ଛା ଥିଲା ନାଟ୍ୟଜଗତରେ ପ୍ରତିଷ୍ଠା ଲାଭ କରିଥିବା ବୈଷ୍ଣବ ପାଣିଙ୍କୁ ନାଟ୍ୟ ପ୍ରତିଯୋଗିତାରେ ପରାଜିତ କରିବା । ଏହିପ୍ରକାର ଏକ ପ୍ରତିଦ୍ୱନ୍ଦ୍ୱୀର ମନୋଭାବ ନେଇ ବାଳକୃଷ୍ଣ ଯାତ୍ରା ଜଗତରେ ପାଦ ଥାପିଥିଲେ ବୋଲି ତାଙ୍କର ବାଲ୍ୟବନ୍ଧୁ ନାଟ୍ୟକାର ଅନାଦି ଚ଼ରଣ ମହାନ୍ତି ମତ ଦିଅନ୍ତି । ତାଙ୍କ ଭାଷାରେ— “ନାଟ୍ୟକାର ବାଳକୃଷ୍ଣ ମହାନ୍ତି ମୋର ଜଣେ ବାଲ୍ୟବନ୍ଧୁ, ଏକ ସମୟରେ ଆମେ ଦୁହେଁ ନାଟକ ଲେଖା ଆରମ୍ଭ କରିଥିଲୁ । ତାଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଇ ମୁଁ ମଧ୍ୟ ସାତଖଣ୍ଡି ନାଟକ ରଚ଼ନା କରିଥିଲି । ପାଣ୍ଡବଙ୍କ ହିମାଳୟ ଯାତ୍ରା ଭଳି ମୁଁ ଅଧବାଟରେ ଅଟକି ଗଲି । ହେଲେ ସେ ଆଗେଇ ଗଲେ, ତତ୍‌କାଳୀନ ନାଟ୍ୟକାର

Digitized by srujanika@gmail.com

ବୈଷ୍ଣବ ପାଣିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ।" (ମୋ ଦୃଷ୍ଟିରେ ବାଳକୃଷ୍ଣ, ବାଳକୃଷ୍ଣ ସ୍ମରଣିକା, ୧୯୬୮, ପୃ : ୨୯)

ବୈଷ୍ଣବ ପାଣିଙ୍କ ସହିତ ବାଳକୃଷ୍ଣଙ୍କର ପ୍ରଥମ ପ୍ରତିଦ୍ୱନ୍ଦ୍ୱିତା ଗୁଆଳିପୁର ଯାତ୍ରାଦଳ ମାଧ୍ୟମରେ । ଗୁଆଳିପୁର ଯାତ୍ରାଦଳ ଜୟଦୁର୍ଗା ନାଟ୍ୟମଣ୍ଡଳୀଠାରୁ ବାଦୀଯାତ୍ରାରେ ପ୍ରଥମେ ପରାଜିତ ହୋଇଥିଲା । ପରାଜୟର ପ୍ରତିଶୋଧ ନେବାପାଇଁ ଗୁଆଳିପୁର ଯାତ୍ରାଦଳର କର୍ମକର୍ତ୍ତାମାନେ ସେଠାରେ ବିମଳାଙ୍କ ଧଣ୍ଡା ଛୁଇଁ ଶପଥ ଗ୍ରହଣ କଲେ ଯେ ବୈଷ୍ଣବ ପାଣିଙ୍କୁ ଓସ୍ତାଦ୍ ରୂପେ ପାଇଲେ ନିୟମିତ ଆଖଡ଼ା କରାଯାଇ ନାଚ୍ କରାଯିବ, ନଚେତ ମହାନଦୀରେ ପୋଷାକପତ୍ର ଫିଙ୍ଗି ଦିଆଯିବ । ବୈଷ୍ଣବ ପାଣିଙ୍କୁ ସେମାନେ ଓସ୍ତାଦ୍ କରି ଆଣିଲେ ଓ ତାଙ୍କ ନିର୍ଦ୍ଦେଶନାରେ ତାଙ୍କ ରଚିତ ନାଟକମାନ ଅଭ୍ୟାସ କଲେ । କିଛିଦିନପରେ ସେମାନଙ୍କୁ ସୁଯୋଗ ମିଳିଲା । ନଗସପୁର ହରେକୃଷ୍ଣ ଭୂୟାଁଙ୍କ ଅଗଣାରେ ବାଦୀଯାତ୍ରା ପାଇଁ ଗୁଆଳିପୁର ଯାତ୍ରାଦଳ ଓ ଜୟଦୁର୍ଗା ନାଟ୍ୟମଣ୍ଡଳୀ ଅଗ୍ରିମ ଗ୍ରହଣ କଲେ । ତିନିରାତି ଯାତ୍ରା ହେଲା । ବାଦୀଯାତ୍ରାରେ ବାଳକୃଷ୍ଣଙ୍କ ଜୟଦୁର୍ଗା ନାଟ୍ୟମଣ୍ଡଳୀ ହାରିଲା । (ଗଣକବି ବୈଷ୍ଣବ ପାଣିଙ୍କ ଆତ୍ମକାହାଣୀ, ସଂପାଦନା-ସେକ୍ ମତଲୁବ୍ ଅଲି, ୨୦୦୦, ପୃ : ୪୫-୪୬) ପ୍ରଥମ ଥର ପରାଜୟର ସ୍ୱାଦ ଚାଖିଲେ ବାଳକୃଷ୍ଣ ।

ଜୀବନକାଳ ମଧ୍ୟରେ ବାଳକୃଷ୍ଣଙ୍କର ବୈଷ୍ଣବ ପାଣିଙ୍କ ସହିତ ଯାତ୍ରାଯୁଦ୍ଧ କେତେଥର ସଂଘଟିତ ହୋଇଛି । ଦୁଇଜଣଯାକ ଥିଲେ ଯାତ୍ରାରଥୀ । କେହି କାହାକୁ କମ୍ ନଥିଲେ । କେତେବେଳେ ପାଣି ହାରିଛନ୍ତି ତ କେତେବେଳେ ମହାନ୍ତି । ୧୯୩୦ ଖ୍ରୀଷ୍ଟାବ୍ଦରେ କଟକ ଜିଲାର ବାଲିଚନ୍ଦ୍ରପୁରଠାରେ ପାଣି-ମହାନ୍ତିଙ୍କର ଶେଷଥର ଭେଟ ହୋଇଛି ଯାତ୍ରା ମଇଦାନରେ । ଏ ବିଷୟରେ ନିଜ ଅନୁଭୂତିରୁ ଶ୍ରୀ ରାଜେନ୍ଦ୍ର ବର୍ମା ପ୍ରକାଶ କରନ୍ତି—"ଆମ ଗ୍ରାମର ମହାଜନ ବଂଶୀୟ ହୃଦାନନ୍ଦ ସାହୁଙ୍କ କାର୍ତ୍ତିକ ପୂଜାକୁ ପ୍ରତିବର୍ଷ ବାଳକୃଷ୍ଣ ବାବୁଙ୍କ ଯାତ୍ରାଦଳ ଆସୁଥାନ୍ତି । ଗୋଟିଏ ରାତି ମୁଁ ତାଙ୍କ ଯାତ୍ରାଦଳର ଅଭିନୟ ଦେଖିବାର ସୁଯୋଗ ପାଇଥିଲି । ସେଠାରେ ଚାରିରାତି ଯାତ୍ରା ହୁଏ । ସେବର୍ଷ ବୈଷ୍ଣବ ପାଣିଙ୍କ ହଂସଡିଆ ନାଟ୍ୟଦଳ ମଧ୍ୟ ଆସିଥାନ୍ତି । ଲଢ଼େଇ ଯାତ୍ରା ହେଉଥାଏ । ପ୍ରତିଦିନ ବାଳକୃଷ୍ଣ ବାବୁଙ୍କ ଯାତ୍ରାଦଳ ସନ୍ଧ୍ୟାରୁ ରାତି ବାରଟା ପର୍ଯ୍ୟନ୍ତ ଯାତ୍ରା କରନ୍ତି । ତା'ପରେ ପାଣିଙ୍କ ଦଳ ଶେଷରେ ଯାତ୍ରା କଲାବେଳେ ଲୋକ ଭାଙ୍ଗିଯାଆନ୍ତି ।" (ବାଳକୃଷ୍ଣ ସ୍ମରଣିକା, ୧୯୬୮, ପୃ : ୧୫) ବୈଷ୍ଣବ ପାଣି ଏଥିରେ ବିଚଳିତ ହୋଇ ଦର୍ଶକଙ୍କ ମନ ମୋହିବା ପାଇଁ ଯତପରୋନାସ୍ତି ଚେଷ୍ଟା କରିଛନ୍ତି ।

Digitized by srujanika@gmail.com

ଶୁଣିବାକୁ ମିଳେ, ସେଇ ସମୟର ଅନ୍ୟତମ ସଫଳ ଯାତ୍ରାକାର ଗୋପାଳ ଦାଶଙ୍କ ସହିତ ମଧ୍ୟ ବାଳକୃଷ୍ଣଙ୍କର କେତେଥର ବାଦୀଯାତ୍ରାରେ ଭେଟ ହୋଇଛି । କିନ୍ତୁ ସେ ଦୁହିଁଙ୍କ ମଧ୍ୟରେ ଏତେ ବେଶି ତିକ୍ତତା ଥିବା ଜଣାଯାଏ ନାହିଁ ।

ଶ୍ରୀକ୍ଷେତ୍ର ପୁରୀର ମୋହନସୁନ୍ଦର ଦେବଗୋସ୍ୱାମୀ ରାସଦଳ ଗଠନ କରି ବହୁ ସୁଖ୍ୟାତି ଅର୍ଜନ କରିଥିଲେ । ସେ ମୋହନ ଗୋସେଇଁ ନାମରେ ପରିଚିତ ଥିଲେ । ତାଙ୍କ 'ମାନଭଞ୍ଜନ' ଯେ ଥରେ ଦେଖିଛି, ତା'ର ଜୀବନ ଧନ୍ୟ ହୋଇଯାଇଛି । ନିଜ ରଚନାକୁ ନିଜ ନିର୍ଦ୍ଦେଶନାରେ ଓ ନିଜ ରାସଦଳଦ୍ୱାରା ସେ ପ୍ରଦର୍ଶନ କରୁଥିଲେ । କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ ପୁରୀରେ ଶ୍ରୀମନ୍ଦିର ପରିଚାଳନା ସହିତ ସଂପୃକ୍ତ ଥିବା ସମୟରେ ତାଙ୍କର ମୋହନ ଗୋସେଇଁଙ୍କ ସହିତ ସଦ୍‌ଭାବ ସ୍ଥାପିତ ହୋଇଥିଲା । ମୋହନ ଗୋସେଇଁ ୧୯୩୦ ଖ୍ରୀଷ୍ଟାବ୍ଦରେ ବାଳକୃଷ୍ଣଙ୍କ ଯାତ୍ରାଦଳ ଜୟଦୁର୍ଗା ନାଟ୍ୟମଣ୍ଡଳୀକୁ ନିମନ୍ତ୍ରଣ କଲେ ପୁରୀଠାରେ ଯାତ୍ରା ପ୍ରଦର୍ଶନ କରିବାକୁ । ବାଳକୃଷ୍ଣ ସଦଳବଳ ପହଞ୍ଚିଲେ ପୁରୀରେ । ସେଠାରେ 'ବାଣା ପରାଜୟ' ନାଟକ ପ୍ରଦର୍ଶିତ ହେଲା ଜୟଦୁର୍ଗା ନାଟ୍ୟମଣ୍ଡଳୀଦ୍ୱାରା । ବାଳକୃଷ୍ଣ ଏଥିରେ ପୌରାଣିକ ଚରିତ୍ରଙ୍କ ବେଶଭୂଷା ଓ ଅଭିନବ ମଞ୍ଚପରିଚାଳନାରେ ଦର୍ଶକଙ୍କୁ ମୁଗ୍‌ଧ କଲେ । ପ୍ରଶଂସା ଅଜାଡ଼ି ହୋଇପଡ଼ିଲା ତାଙ୍କ ଉପରେ ଓ ତାଙ୍କ ନାଟ୍ୟମଣ୍ଡଳୀ ଉପରେ । ସେଠାରେ ବାଳକୃଷ୍ଣଙ୍କର ସାକ୍ଷାତ ହେଲା କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ସହିତ । କବିଚନ୍ଦ୍ରଙ୍କ ଦୁଆରେ ମଧ୍ୟ ଯାତ୍ରା ହେଲା । କାଳିଚରଣ ଖୁବ୍ ଖୁସି ହେଲେ, ବାଳକୃଷ୍ଣଙ୍କ ନାଟ୍ୟପ୍ରତିଭାକୁ ପ୍ରଶଂସା କଲେ । କବିଚନ୍ଦ୍ର ନିଜ ପୁରୀ ରହଣିକାଳୀନ ଅନୁଭବ ଓ ଅନୁଭୂତି ସବୁ ବର୍ଣ୍ଣନା କରିଛନ୍ତି ଆତ୍ମଜୀବନୀ 'କୁମ୍ଭାରଚକ'ରେ ।

୧୯୩୦ରେ ବାଳକୃଷ୍ଣ ରଚନା କଲେ 'କେଦାରଗୌରୀ' ଗୀତିନାଟ୍ୟ । ଏହି ନାଟକ ଲେଖିବା ପୂର୍ବରୁ ବାଳକୃଷ୍ଣ ଭୁବନେଶ୍ୱର ଯାଇ କେଦାରଗୌରୀ କୁଣ୍ଡ ନିକଟରେ ତିନିଦିନ ତିନିରାତି ଅଖିଆ ଅପିଆ ରହି ବହିଟି ସମାପ୍ତ କଲେ ।

୧୯୩୧ରେ ନାଟ୍ୟଦଳ ଧରି ବାଳକୃଷ୍ଣ ଚାଲିଲେ ଷଢ଼େଇକଳା । ସେଠାରେ ତାଙ୍କୁ କେତେକ ପ୍ରତିବନ୍ଧକର ସାମନା କରିବାକୁ ପଡ଼ିଲା । ତଥାପି ସେ ଯାତ୍ରା ପ୍ରଦର୍ଶନରୁ ଓହରିଲେ ନାହିଁ । ଯାତ୍ରା ପ୍ରଦର୍ଶିତ ହେଲା । ନୂତନ ମଞ୍ଚସଜା ଦେଖି ଦର୍ଶକଗଣ ଆଶ୍ଚର୍ଯ୍ୟ ହେଲେ । ତା'ପରେ ବାଲେଶ୍ୱର, ଖଡ଼ଗପୁର, ରାଇରଙ୍ଗପୁର ଓ ଟାଟା ଆଦି ସ୍ଥାନମାନଙ୍କରେ ସେ ଯାତ୍ରା ପ୍ରଦର୍ଶନ କଲେ, ସୁନାମ ଅର୍ଜିଲେ । ତା'ପରେ ଚାଲିଲେ ବଙ୍ଗପ୍ରଦେଶକୁ ୧୯୩୨ ଖ୍ରୀଷ୍ଟାବ୍ଦ ବେଳକୁ । କଲିକତାରେ ବାଳକୃଷ୍ଣ 'ନୀଳାଚଳ', 'କେଦାରଗୌରୀ', 'ଗୁପ୍ତମନ୍ତ୍ର' ଓ 'ଦାନବୀର ରାଜା ହରିଶ୍ଚନ୍ଦ୍ର' ଇତ୍ୟାଦି

Digitized by srujanika@gmail.com

ନାଟକମାନ ପ୍ରଦର୍ଶନ କଲେ । ଏସବୁ ଏତେ ଲୋକପ୍ରିୟତା ଲାଭକଲା ଯେ, ସ୍ଥାନୀୟ ଲୋକେ ନାଟ୍ୟକାରଙ୍କ ଦର୍ଶନ ପାଇଁ ଭିଡ଼ କଲେ ।

କଲିକତାରେ ଯାତ୍ରା ମଞ୍ଚସ୍ଥ କରୁଥିବାବେଳେ ସେ ମଝିରେ ମଝିରେ ଯାତ୍ରାର କଳାକାରମାନଙ୍କ ସହିତ ବଙ୍ଗଳା ନାଟକମାନ ଦେଖିବାକୁ ଯାଉଥିଲେ ଏବଂ ସେଥିରେ ଅଭିନୟର ବିଶେଷତ୍ୱ ପ୍ରତି କଳାକାରମାନଙ୍କ ଦୃଷ୍ଟି ଆକର୍ଷଣ କରାଉଥିଲେ, କିପରି ସେହିଭଳି ବା ତା'ଠାରୁ ଭଲ ଅଭିନୟ ପ୍ରଦର୍ଶନ କରିବାକୁ ହେବ, ତାହା ଶିକ୍ଷା ଦେଉଥିଲେ । ସେହି ଶିକ୍ଷାବଳରେ ବଙ୍ଗମାଟିରେ ବାଳକୃଷ୍ଣଙ୍କ ଶ୍ରୀ ଜୟଦୁର୍ଗା ନାଟ୍ୟମଣ୍ଡଳୀର କଳାକାରମାନେ ଖୁବ୍ ନିଖୁଣ ଓ ପ୍ରଶଂସାଯୋଗ୍ୟ ଅଭିନୟ କରିଥିଲେ । ବଙ୍ଗଦେଶରେ ଏହି ନାଟ୍ୟଦଳ ଚହଳ ସୃଷ୍ଟିକଲା । ବାଳକୃଷ୍ଣଙ୍କ ନାଟ୍ୟ ପ୍ରଦର୍ଶନ ଦେଖି ହୁଗୁଳି ଜିଲ୍ଲାସ୍ଥ ଚୁଞ୍ଚୁଡ଼ାର ତତ୍କାଳୀନ ଜମିଦାର ଶ୍ରୀ ରମେଶ ଚନ୍ଦ୍ର ମଣ୍ଡଳ ଏହି ଅଭିନୟ ଦେଖି ଉଚ୍ଛ୍ୱସିତ କଣ୍ଠରେ ଓଡ଼ିଆମାନଙ୍କର ପ୍ରଶଂସା କରିଥିଲେ । 'ଅମୃତ ବଜାର' ପ୍ରଭୃତି ଇଂରାଜୀ ପତ୍ରିକା ଓ ଅନ୍ୟାନ୍ୟ ବିଶିଷ୍ଟ ବଙ୍ଗଳା ପତ୍ରପତ୍ରିକାମାନଙ୍କରେ ବାଳକୃଷ୍ଣଙ୍କର, ତାଙ୍କ ନାଟ୍ୟଦଳର ଓ ତାଙ୍କ ଅଭିନୟକଳାର ଭୂୟସୀ ପ୍ରଶଂସାମୂଳକ ଲେଖାମାନ ପ୍ରକାଶ ପାଇଥିଲା । କଲିକତା ଅବସ୍ଥାନ କାଳରେ କବି 'ଲଳିତା-ବିଦ୍ୟାପତି', 'ଶକୁନ୍ତଳା', 'ଅରିଧ୍ୱଂସ' ପ୍ରଭୃତି ଆଉ କେତୋଟି ଯାତ୍ରା-ନାଟକ ରଚନା କରିଥିଲେ । (ବାଳକୃଷ୍ଣ ଗ୍ରନ୍ଥାବଳୀ, ବାଳକୃଷ୍ଣ ରଚନା, ପୃ : ୪)

୧୯୩୩ ଖ୍ରୀଷ୍ଟାବ୍ଦ ଆରମ୍ଭରେ ଜୟଦୁର୍ଗା ନାଟ୍ୟମଣ୍ଡଳୀ ସଂହଭୂମି ଜିଲାର ଗୁଇଁବସାଠାରେ ନାଟ୍ୟାଭିନୟ ପ୍ରଦର୍ଶନ କରିଥିଲେ । ଅଜସ୍ର ପ୍ରଶଂସା ଏବଂ ସାଧୁବାଦ ମିଳିଥିଲା ନାଟ୍ୟମଣ୍ଡଳୀକୁ ଓ ବାଳକୃଷ୍ଣଙ୍କୁ । ଗୁଇଁବସାର ଜଣେ ଯାତ୍ରାପ୍ରେମୀ ଶ୍ରୀ ରାମଚନ୍ଦ୍ର ଆଗୁର୍ଯ୍ୟ ବାଳକୃଷ୍ଣଙ୍କ ଯାତ୍ରା ଦେଖି ଏତେ ଅଭିଭୂତ ହୋଇପଡ଼ିଲେ ଯେ ସେ କବିତାଟିଏ ଲେଖି ଉପହାର ଦେଲେ ବାଳକୃଷ୍ଣଙ୍କୁ । କବି ବାଳକୃଷ୍ଣ (ବାଳକ କୃଷ୍ଣ ବା ଶିଶୁ କୃଷ୍ଣ) ନୁହନ୍ତି ଯୁବକୃଷ୍ଣ (ଯୁବକ କୃଷ୍ଣ ବା ଭେଣ୍ଡିଆ କୃଷ୍ଣ) ବୋଲି ସେ ପ୍ରତିପାଦନ କରିବାକୁ ଚେଷ୍ଟା କରିଥିଲେ ସେହି କବିତାରେ । କବିତାଟି ଏଠାରେ ଉଦ୍ଧାର କରାଯାଇପାରେ—

"ବାଳକୃଷ୍ଣ ବିରଚିତ ଅଭିନୟମାନ
ଦେଖିଣ ଦର୍ଶକ ମନ ଯାହା ପ୍ରଫୁଲ୍ଲିତ
ଲେଖିଲେ ହୋଇବ ଅତି ଦୀର୍ଘାକାର ବୋଲି
ସଂକ୍ଷେପେ କହୁଛି ମୁହିଁ କ୍ଷମ ଦୋଷ ମୋର ।
ନାମଟି ହୋଇଛି ସିନା ବାଳକୃଷ୍ଣ ବୋଲି
ନୁହେଁ କିନ୍ତୁ କାର୍ଯ୍ୟାବଳୀ ବାଳକ ସଦୃଶ

Digitized by srujanika@gmail.com

ଯୁବକ କୃଷ୍ଣର ମୋହିନୀ ଶକତି
ସର୍ବଦା ରହିଛି ହୃଦେ ଯା'ର ଅଚଞ୍ଚଳ;
ଯାହାଙ୍କର ଗୀତାବଳୀ ଶୁଣିଣ ଶ୍ରବଣେ
ନରନାରୀ ବିମୋହିତ ହୋଇଣ ରହନ୍ତି,
ପୁତ୍ତଳିକା ପରାଏଟି ହୋଇ ଅଚଞ୍ଚଳ ।
ବିଜ୍ଞାପନ ବିତରଣ ଅମୂଳକ ମାତ୍ର
ଲୁଚିକି ରହଇ କେବେ ନାଗେଶ୍ୱର ଗନ୍ଧ ?
କେତେ କଷ୍ଟ କେତେ ଶ୍ରମ ତୁଟି ସହ୍ୟକରି
ସିଂହଭୂମେ ଆସି ବିକଶିଲ ନିଜ ଗୁଣ
ଧନ୍ୟ ଧନ୍ୟ ଭାଇ ତୁମେ ଉତ୍କଳ ସନ୍ତାନ ।"

(ବାଳକୃଷ୍ଣ ସ୍ମରଣିକା, ୧୯୬୮, ପୃ : ୧୪)

ବାଳକୃଷ୍ଣ ପରବର୍ତ୍ତୀ ଯାତ୍ରା ପ୍ରଦର୍ଶନ କଲେ ଖରସୁଆଁରେ । ତାଙ୍କ ଯାତ୍ରାର ରଚନା, ପରିଚାଳନା, ମଞ୍ଚସଜ୍ଜା, ଅଭିନୟ, ସଙ୍ଗୀତ ଆଦି ସେସମୟର ଅନ୍ୟାନ୍ୟ ନାଟ୍ୟକାରମାନଙ୍କଠାରୁ ଉତ୍କୃଷ୍ଟ ଥିଲା । ଯାତ୍ରା ପରିବେଷଣ ସବୁ ଦୃଷ୍ଟିରୁ ଏତେ ଚିତ୍ତାକର୍ଷକ ଓ ଆମୋଦଦାୟକ ଥିଲା ଯେ ଉଦୟନାଥ ମିଶ୍ର ଦେବଶର୍ମା ନାମକ ଜଣେ ଧନୀ ବୃଦ୍ଧ ବ୍ୟକ୍ତି ମଞ୍ଚ ଉପରକୁ ଉଠିଆସିଲେ ଓ ନିଜ ବେକରୁ ସୁନାଚେନ୍‌ଟି କାଢ଼ି ବାଳକୃଷ୍ଣଙ୍କ ଗଳାରେ ପିନ୍ଧାଇ ଦେଲେ । ଏଥିସହିତ ସେ ସ୍ୱରଚିତ କବିତାଟିଏ ମଧ୍ୟ ଉପହାର ଦେଇଥିଲେ । କବିତାଟି ଏହିପରି—

"ସୁଜଳା ସୁଫଳା ଶସ୍ୟଶ୍ୟାମଳା ଉତ୍କଳ କମଳା କୁମର
ଆହେ ଗୁଣମଣି ପଦ୍ୟରତ୍ନ ଖଣି କି ବର୍ଣ୍ଣିବି ଗୁଣ ତୁମର ।
ଏବେ ସରସ୍ୱତୀ ପୋଷ୍ୟପୁତ୍ର ହୋଇ
ସୁକୀର୍ତ୍ତି ସୁମନ ସୌରଭରେ ମହୀ
କରୁ ଆମୋଦିତ କାମନା ଅତୀତ ଫଳ ଲାଭ ହେଲା ଆମ୍ଭର ।
ବାଳକୃଷ୍ଣ କି ଲାବଣ୍ୟ ଛବି
ଖରାଂଶୁ ଶିଶିର ଗଗନର ରବି
ହେଉଁ ସମୁଦିତ ହେଲା ବିଦୂରିତ ଜଡ଼ତ୍ୱ ତିମିର ଜନର ।
ଏ ପରେ ବସନ୍ତେ ମଳୟ ପବନ
ବହି ମୋହି ନେବ ସବୁ କରି ମନ
ପୂରିବ କାମନା ତୁଟିବ ଭାବନା ଉତ୍କଳ ସୀମାନ୍ତେ ଏଥର ।

Digitized by srujanika@gmail.com

କବି ଛବି ଗବି ହବିର ସମାନ
ଅଧୀରେ ସୁଧୀରେ ବିଧିର ବିଧାନ
ଦେଖି ଶୁଣି ତୁମ୍ଭ ବାଦ୍ୟ ନୃତ୍ୟଗାନ, ଲାଭ ହେଲା ତଥା ତାଙ୍କର ।
ବିଘସାଶୀ, କାଶିବାସୀ, ଅମୃତାଶୀ
ଉପବାସୀ, ହବିଷ୍ୟାଶୀ, ଅମାଂସାଶୀ
ପୁଣ୍ୟରାଶି ଆସି ଆଶିର୍ଭାଷା ଭାଷି କାମନା ପୂରାନ୍ତୁ ସତ୍ୱର ।
ଆହେ ସୁଧିବର ବିବେକ-ଆଧାର
ତୁମ୍ଭ ଉପଯୁକ୍ତ ନାହିଁ ଉପହାର
ସୁବର୍ଣ୍ଣ-ନିର୍ମିତ ଏ ସୁବର୍ଣ୍ଣହାର ଅର୍ପିଲି ଶ୍ରୀକଣ୍ଠେ ତୁମ୍ଭର ।
ଆପଣା ସ୍ୱଗୁଣେ କରି ସଂଗ୍ରହଣ
ମୋହର ମାନସ କରିବେ ପୂରଣ
ତୁମ୍ଭ ଗୁଣ ସିନ୍ଧୁ ମଧ୍ୟୁ ଏକ ବିନ୍ଦୁ ବର୍ଣ୍ଣନ ହୋଇଛି ମାତର ।"
(ବାଳକୃଷ୍ଣ ସ୍ମରଣିକା, ୧୯୬୮, ପୃ : ୧୭)

ଏହି କବିତାଟିରୁ ଜଣାଯାଏ ଯେ ଏହାର ରଚୟିତା ଉଦୟନାଥ ମିଶ୍ର ଦେବଶର୍ମା ଜଣେ ଉଚ୍ଚକୋଟୀର କବି ଥିଲେ । ତାଙ୍କ ଭାବ, ଭାଷା, ଆଳଙ୍କାରିକ ପ୍ରୟୋଗ ଓ ଶବ୍ଦବସାଣ ରୀତି ବାସ୍ତବିକ୍ ଅନୁଧ୍ୟାନଯୋଗ୍ୟ ।

ଏକବର୍ଷର ପ୍ରସ୍ତୁତି ପରେ ୧୯୩୩ରେ ବାଳକୃଷ୍ଣ ନିଜ ଯାତ୍ରାଦଳସହ ଗ୍ଲଲିଲେ କଲିକତା । ସେଠାରେ ପହଞ୍ଚି ସେ ସର୍ବଶୁଭରେ ଓ ସୁନାମ ସହକାରେ ମଞ୍ଚାଭିନୟ କାମନା କରି ଗୋଟିଏ ଅଷ୍ଟପ୍ରହରୀର ଆୟୋଜନ କଲେ । ଏ ଉପଲକ୍ଷେ କଲିକତାରେ ବାସ କରୁଥିବା ବହୁ ଓଡ଼ିଆ ଏବଂ ସ୍ଥାନୀୟ କେତେଜଣ ବଙ୍ଗାଳୀଙ୍କୁ ନିମନ୍ତ୍ରଣ କରିଥିଲେ । ସେଠାରେ ସେ ଲୀଳା ପ୍ରଦର୍ଶନ ପରିବର୍ତ୍ତେ ଏକମୁଖୀ ମଞ୍ଚରେ ଥିଏଟର ଅଭିନୟ କଲେ । ଏଥିପାଇଁ ଆବଶ୍ୟକ ଗୁଡ଼ିଏ ସିନ୍‌ସିନେରୀ ସେ ପ୍ରସ୍ତୁତ କରାଇସାରିଥିଲେ । ସ୍ୱଲିଖିତ କେତୋଟି ନାଟକ ସେଠାରେ ସେ ଅଭିନୀତ କରାଇଲେ । ଏହିଠାରେ ବିଶିଷ୍ଟ ସାଧକ ଦେବଦାସ ବ୍ରହ୍ମଗ୍ଡରୀଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ସେହି ସାଧକପ୍ରବର ପ୍ରଥମେ ଶିକ୍ଷକତା କରୁଥିଲେ; ପରେ ବୈରାଗ୍ୟ ଜାତ ହେବାରୁ ସେ ସାଧନାରତ ରହି ସିଦ୍ଧିଲାଭ କଲେ । କବି ସେହି ସାଧକ ମହୋଦୟଙ୍କ ସାଧନା ଓ ସିଦ୍ଧିର ପରିଚୟ ପାଇ ତାଙ୍କୁ ଗୁରୁର ମାନ୍ୟତା ଦେଲେ ଓ ତାଙ୍କଠାରୁ ନାମ ଗ୍ରହଣ କଲେ । ତା'ପରେ କବିଙ୍କ ସହଧର୍ମିଣୀ ନିଶାମଣି ଦେବୀ ଓ ତାଙ୍କ ପ୍ରିୟ ଶିଷ୍ୟ ପ୍ରାଣକୃଷ୍ଣ ସ୍ୱାଇଁ ଦେବଦାସ ବ୍ରହ୍ମଗ୍ଡରୀଙ୍କୁ ଗୁରୁରୂପେ ବରଣ କରି ତାଙ୍କଠାରୁ ନାମ ଗ୍ରହଣ କଲେ । କବିଙ୍କ ଜୀବନରେ କଲିକତା ରହଣି କାଳ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ।

Digitized by srujanika@gmail.com

ବଙ୍ଗଦେଶର ବିଭିନ୍ନ ସ୍ଥାନରେ ମଞ୍ଚାଭିନୟ କରି ବାଳକୃଷ୍ଣ ବହୁ ଜନପ୍ରିୟତାର ଅଧିକାରୀ ହେଲେ । ହୁଗୁଳି ଜିଲାର ଚୁଡୁଚୁଡ଼ାଠାରେ ନାଟ୍ୟ ପ୍ରଦର୍ଶନରେ ମୁଗ୍ଧ ହୋଇ ରମେଶ ଚନ୍ଦ୍ର ମଣ୍ଡଳ ନାମକ ସେଠାକାର ଜଣେ ବିଶିଷ୍ଟ ବ୍ୟକ୍ତି ପ୍ରକାଶ କରିଥିଲେ–"ଉଡିୟାର କେବଲ୍ ମାତ୍ର ମାଲି ପାଚ଼କ ନୟେ । ବାଳକୃଷ୍ଣେର ହରିଶ୍ଚନ୍ଦ୍ର ଗୀତାଭିନୟ ଦେଖେ ଆମାର ସେ ସମସ୍ତ କାଥା ଭୁଲେଗେଛେ ।" (ସ୍ମରଣିକା, ୧୯୬୮, ପୃ : ୭) ପୂର୍ବରୁ ବଙ୍ଗାଳୀଙ୍କର ଓଡ଼ିଆଙ୍କ ପ୍ରତି ଯେଉଁ ତାଚ୍ଛଲ୍ୟ ଭାବ ଥିଲା, ଓଡ଼ିଆମାନେ କୁଲି ଓ ରୋଷେୟା କାମ ଛଡ଼ା ଆଉ କିଛି ଜାଣନ୍ତି ନାହିଁ ବୋଲି ଧାରଣା ଥିଲା, ତାହାକୁ ବାଳକୃଷ୍ଣଙ୍କ ଯାତ୍ରା-ପ୍ରଦର୍ଶନ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଲା । ବଙ୍ଗଳାରେ ଯାତ୍ରାରୁ ସେ ବହୁ ଅର୍ଥ ଅର୍ଜନ କରିଥିଲେ ।

ବାଳକୃଷ୍ଣଙ୍କ ପିତା ଦିବାକର ମହାନ୍ତିଙ୍କର ଦେହାନ୍ତ ହେଲା ୧୯୩୫ରେ । ବାଳକୃଷ୍ଣ ସେତେବେଳେ ବାହାରେ ଥିଲେ । ସମ୍ବାଦ ପାଇବାମାତ୍ରେ ସେ ଘରେ ପହଞ୍ଚିଲେ । ଘରେ କିଛିଦିନ ଅବସ୍ଥାନ ପରେ ନାଟ୍ୟଦଳ ଧରି ସେ ପରିଭ୍ରମଣରେ ବାହାରିଲେ । ଓଡ଼ିଶାର ବିଭିନ୍ନ ସ୍ଥାନରେ ବୁଲି ଯାତ୍ରା କଲେ । ଲୋକେ ତାଙ୍କ ଯାତ୍ରା ଦେଖିବାକୁ ପାଗଳପ୍ରାୟ ହେଉଥିଲେ । ବାଳକୃଷ୍ଣ ମହାନ୍ତିଙ୍କ ଯାତ୍ରା ହେଉଛି ଶୁଣି ଲୋକେ ବହୁ ଦୂରରୁ ଆସୁଥିଲେ । "ତାଙ୍କ ନାଟକ ଦେଖିବାକୁ ସେତେବେଳେ ଦୂର ଦୂରାନ୍ତରୁ ଶହ ଶହ ସ୍ତ୍ରୀ ପୁରୁଷ ଆସୁଥିଲେ" ବୋଲି ଆଲୋଚକ ରାଜେନ୍ଦ୍ର ବର୍ମା କହନ୍ତି । (ବାଳକୃଷ୍ଣ ସ୍ମରଣିକା, ୧୯୬୮, ପୃ : ୧୫)

ଏହି ସମୟରେ ତାଙ୍କର ଶୁଭଚିନ୍ତକ ଓ ପରମବନ୍ଧୁ ବାଉରୀବନ୍ଧୁ ମହାନ୍ତିଙ୍କ ସହିତ ତାଙ୍କର ମନୋମାଳିନ୍ୟ ଘଟିଲା । ନିଜ ଧର୍ମପୁତ୍ର କୃଷ୍ଣଚରଣ ଦାସଙ୍କ ସହିତ ବାଉରୀବନ୍ଧୁ ବାଳକୃଷ୍ଣଙ୍କ ଜୟଦୁର୍ଗା ନାଟ୍ୟମଣ୍ଡଳୀ ତ୍ୟାଗ କଲେ । ସେ ଅନ୍ନପୂର୍ଣ୍ଣା ଥିଏଟର 'ଏ'ରେ ଜଣେ ସାମାନ୍ୟ କର୍ମଚାରୀ ରୂପେ ଯୋଗଦେଲେ; ପରେ ନିଜର କାର୍ଯ୍ୟକୁଶଳତା ବଳରେ ସେଠାରେ ମ୍ୟାନେଜର ମଧ୍ୟ ହେଲେ । ବାଉରୀବନ୍ଧୁଙ୍କ ପ୍ରସ୍ଥାନ ପରେ ଯାତ୍ରାଦଳକୁ ପ୍ରଥମେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା; କିନ୍ତୁ ପରେ ବାଳକୃଷ୍ଣଙ୍କ ଦଳର ଅଭିଜ୍ଞ କଳାକାରଗଣ ଏହି ଅସୁବିଧାକୁ ସୁଧାରି ପାରିଥିଲେ ।

୧୯୪୦ରେ ଜୟଦୁର୍ଗା ନାଟ୍ୟମଣ୍ଡଳୀ ଉତ୍ତର ଓଡ଼ିଶାରେ ଯାତ୍ରା ପ୍ରଦର୍ଶନ ସାରି ଦକ୍ଷିଣ ଓଡ଼ିଶା ଯାତ୍ରା କଲା; ଟିଟିଲାଗଡ଼ରେ ଯାତ୍ରା ପ୍ରଦର୍ଶନ କରି ପ୍ରଶଂସା ଓ ଆଦର ଲାଭକଲା । ତା'ପରେ ଗ୍ଲଲିଲା କଳାହାଣ୍ଡି । କଳାହାଣ୍ଡି ଯାତ୍ରା ନାଟ୍ୟମଣ୍ଡଳୀ ପାଇଁ ବିପଦ ଡାକି ଆଣିଲା । ଭବାନୀପାଟଣାରେ ରାଜାଙ୍କ ସିଂହଦ୍ୱାରରେ ଯାତ୍ରା ପ୍ରଦର୍ଶିତ ହେଲା । ଯାତା ପ୍ରଦର୍ଶନ ପୂର୍ବରୁ ସେଠାକାର ରାଜା ଓ ବାଳକୃଷ୍ଣଙ୍କ

Digitized by srujanika@gmail.com

ମଧ୍ୟରେ ମୌଖିକ ଚୁକ୍ତି ହେଲା ଯେ ରାଜା ଟିକେଟ ବିକ୍ରି ଅର୍ଥ ନେବେ ଓ ତା'ର ହିସାବ ବୁଝିବେ । ସେଠାରୁ ଯାତ୍ରା ପ୍ରଦର୍ଶନ ସାରି ଯିବାପୂର୍ବରୁ ରାଜା ନାଟ୍ୟଦଳକୁ ସମସ୍ତ ଅର୍ଥ ଫେରସ୍ତ ଦେବେ । ସେହି ସର୍ତ୍ତ ଅନୁସାରେ ଯାତ୍ରା ଦୁଇ ସପ୍ତାହରୁ ଅଧିକ ଦିନ ପ୍ରଦର୍ଶିତ ହେଲା । ରାଜା ଯାତ୍ରା ଦେଖି ଅତି ଆନନ୍ଦିତ ହେଲେ । ଯାତ୍ରାଦଳକୁ ବିଦାୟ ଦେବା ପୂର୍ବରୁ ରାଜା କହିଲେ ଯେ ଯାତ୍ରାର ଦୁଇଜଣ ନର୍ତ୍ତକୀ ତାଙ୍କ ରଙ୍ଗମହଲରେ ନୃତ୍ୟ କରିବେ । ନର୍ତ୍ତକୀ ଭୂମିକା ତୁଲାଉଥିଲେହେଁ ସେମାନେ ପ୍ରକୃତରେ ନାରୀ ନୁହନ୍ତି, ପୁରୁଷ ବୋଲି ଯେତେ ବୁଝାଇଲେ ବି ରାଜା ବୁଝିଲେ ନାହିଁ । ଶେଷରେ ଦୁଇ ନର୍ତ୍ତକୀ ବାମନ ଆଗ୍ରୱାଲ ଓ ମୁରଲୀଧର ସ୍ୱାଇଁ ରାଜାଙ୍କ ରଙ୍ଗମହଲକୁ ଯାଇ ପ୍ରତିଦିନ ନୃତ୍ୟ କଲେ । ରାଜା ସେମାନଙ୍କୁ ଛାଡ଼ିବା ନାଁ ଧରିଲେ ନାହିଁ ।

ସେ ଦୁଇଜଣଙ୍କୁ ଛାଡ଼ିଦେବାକୁ ବାଳକୃଷ୍ଣ ରାଜାଙ୍କ ନିକଟରେ ଗୁହାରି ଜଣାଇଲେ । ନିଷ୍ଠୁର ରାଜା କିନ୍ତୁ କିଛି ବୁଝିଲେ ନାହିଁ । ଅତି ବେଶି କାକୁତି ମିନତିର ଫଳ ଓଲଟା ହେଲା । ରାଜାଦେଶ ହେଲା ରାତି ପାହିବା ପୂର୍ବରୁ ଯାତ୍ରାଦଳ ଭ ତାଙ୍କ ରାଜ୍ୟ ତ୍ୟାଗ କରୁ, ନଚେତ୍ ବିହିତ ଶାସ୍ତି ବିଧାନ କରାଯିବ ।

ନାଟ୍ୟଦଳ ରାଜ୍ୟ ଛାଡ଼ିବା ପାଇଁ ପ୍ରସ୍ତୁତ ହେବା ସମୟରେ ରାଜାଙ୍କ ଇଙ୍ଗିତରେ ରୋଷେଇ ସାମଗ୍ରୀ ଯୋଗାଉଥିବା ଦୋକାନୀମାନେ ଆସି ପଇସା ମାଗିଲେ । ସେମାନଙ୍କ ସହିତ କଥା ହୋଇଥିଲା ଯେ ସେମାନେ ବାକିରେ ସଉଦା ଦେବେ, ଦଳ ରାଜାଙ୍କଠାରୁ ପଇସା ଆଣି ସେମାନଙ୍କୁ ପରିଶୋଧ କରିବ । କିନ୍ତୁ କୁଚକ୍ରୀ ଓ ପରସ୍ୱାପହାରୀ ରାଜା ତ କିଛି ପଇସା ଦେଲେ ନାହିଁ, ସେମାନଙ୍କ ବାକି ଶୁଝା ହେବ କିପରି ? ଦୋକାନୀମାନେ ଶେଷରେ କହିଲେ ଯଦି ବାକି ପଇସା ନ ଦେବ, ତେବେ ତମର ସମସ୍ତ ଜିନିଷ ବନ୍ଧା ରଖ; ପରିଶୋଧ କଲାପରେ ନେଇଯିବ । ବାଧ୍ୟ ହୋଇ ଅଳ୍ପ କେତୋଟି ବାଦ୍ୟଯନ୍ତ୍ର ଧରି ବାଳକୃଷ୍ଣ ନାଟ୍ୟଦଳ ସହିତ ସେହି ରାତିରେ କଳାହାଣ୍ଡିର ସୀମା ତ୍ୟାଗ କଲେ । ଭାଗ୍ୟ ବାଳକୃଷ୍ଣ ଓ ସମସ୍ତ କଳାକାରଙ୍କ ସୁନେଲି ସ୍ୱପ୍ନକୁ ଧୂଳିସାତ୍ କରିଦେଲା । ଯାତ୍ରାଦଳ ଛିନ୍ନଭିନ୍ନ ହୋଇଗଲା ।

ଏହି ଦୁର୍ଘଟଣା ପରେ ବାଳକୃଷ୍ଣ ନିଃସ୍ୱ ହୋଇଗଲେ । ପୈତୃକ ସମ୍ପତ୍ତି ବିନିମୟରେ ସେ ଯୋଉଁ ନାଟ୍ୟମଣ୍ଡଳୀ ଗଢ଼ିଥିଲେ ତାହା ଭାଙ୍ଗିଯିବା ପରେ ସେ ଆର୍ଥିକ ଅନଟନର ସମ୍ମୁଖୀନ ହେଲେ । ତଥାପି ତାଙ୍କ ମନୋବଳ ଅତୁଟ ଥିଲା । ଏହାର ଦୁଇବର୍ଷ ପରେ ଅର୍ଥାତ୍ ୧୯୪୨ ଖ୍ରୀଷ୍ଟାବ୍ଦରେ ସେ 'କିଶୋର ସଂଘ ନାଟ୍ୟମଣ୍ଡଳୀ' ନାମରେ ନୂତନ ଦଳଟିଏ ଗଢ଼ିଲେ । କିଛି ନୂଆ କଳାକାର ମଧ୍ୟ ତାଙ୍କୁ ମିଳିଗଲେ । ଯାତ୍ରା ପରିବେଷଣ ପାଇଁ ଆୟୋଜନ ଚାଲିଲା । ଏହି ଦଳପାଇଁ ସେ

Digitized by srujanika@gmail.com

'ବିଜୟ ବୈଜୟନ୍ତୀ', 'ସଇତାନ୍ ଝକ୍ମାରି', 'ପରଶୁରାମ' ଓ 'ହିଟଲରାସୁର ବଧ' ଇତ୍ୟାଦି ନାଟକ ରଚ଼ନା କଲେ । ଶୁଣାଯାଏ, କଟକ ସହରରେ ରାଣୀ ଭିକ୍ଟୋରିଆଙ୍କ ରଜତ ଜୟନ୍ତୀ ଉପଲକ୍ଷେ ପାଳିତ ଉତ୍ସବରେ ବାଳକୃଷ୍ଣ 'ହିଟଲରାସୁର ବଧ' ନାଟକଟି ମଞ୍ଚସ୍ଥ କରିଥିଲେ । ଏହା ଏତେ ଚିତ୍ତାକର୍ଷକ ହେଲା ଯେ ସଭାସ୍ଥଳ କରତାଳିରେ କମ୍ପିଉଠିଲା । ନାଟକଟି ସମୟୋପଯୋଗୀ ହୋଇଥିବାରୁ ଏବଂ ରଚ଼ନା, ମଞ୍ଚାୟନ ଆଦି ଦୃଷ୍ଟିରୁ ଅତି ଚମତ୍କାର ହୋଇଥିବାରୁ କଟକରେ ଅବସ୍ଥାପିତ ତତ୍କାଳୀନ ଉଚ୍ଚପଦସ୍ଥ ଇଂରେଜ ଅଧିକାରୀ ବାଳକୃଷ୍ଣଙ୍କୁ 'ନାଟ୍ୟାଗ୍ରର୍ଯ୍ୟ' ଉପାଧିରେ ଭୂଷିତ କରିଥିଲେ । ଏହା ବୋଧହୁଏ ୧୯୪୩ ଖ୍ରୀଷ୍ଟାବ୍ଦର ଘଟଣା ।

ଦ୍ୱିତୀୟ ନାଟ୍ୟଦଳ ଅର୍ଥାତ୍ 'କିଶୋର ସଂଘ ନାଟ୍ୟମଣ୍ଡଳୀ'ଟି ମାତ୍ର ପାଞ୍ଚବର୍ଷ ପରେ ଭାଙ୍ଗିଗଲା । ତୃତୀୟ ଦଳ ଗଠିତ ହେଲା ୧୯୪୭ ଖ୍ରୀଷ୍ଟାବ୍ଦରେ ନାରାୟଣୀ ଠାକୁରାଣୀଙ୍କ ମନ୍ଦିରରେ । ଏହାର ନାମ ରଖାଗଲା 'ନାରାୟଣୀ ଅପେରା' । ଏହାର ପରିଗ୍ଳନା ପାଇଁ ବାଳକୃଷ୍ଣ ପୁଣି ପିତୃଅର୍ଜିତ ସଂପତ୍ତିରୁ କିଛି ବିକିଲେ । ଏଥିରେ ଅଧିକାରୀ କୃତ୍ତିବାସ ଦାସ, ଧ୍ରୁବଚ଼ରଣ ପାତ୍ର, ନୃସିଂହ ମହାନ୍ତି ପ୍ରମୁଖ କବିଙ୍କୁ ନାନାମତେ ସାହାଯ୍ୟ କଲେ । ମାତ୍ର ଅଳ୍ପ କେତେକ ବର୍ଷ ପରେ ଏ ଦଳଟି ମଧ୍ୟ ବହୁ ସମସ୍ୟାର ସମ୍ମୁଖୀନ ହେଲା । ଶେଷରେ ୧୯୫୦ ଖ୍ରୀଷ୍ଟାବ୍ଦରେ ବହୁକଷ୍ଟରେ ଗଠିତ, ପରିଗ୍ଳିତ ଓ ବହୁ ଦର୍ଶକଙ୍କଦ୍ୱାରା ପ୍ରଶଂସିତ ତାଙ୍କର ଏହି ଦଳଟି ମଧ୍ୟ ଭାଙ୍ଗିଗଲା । (ବାଳକୃଷ୍ଣ ଗ୍ରନ୍ଥାବଳୀ, ବାଳକୃଷ୍ଣ ରଚ଼ନା, ପୃ : ୫)

ବାଳକୃଷ୍ଣ ସର୍ବସ୍ୱାନ୍ତ ହୋଇଗଲେ । କବିଚ଼ନ୍ଦ୍ର କାଳିଚ଼ରଣଙ୍କ ଭାଷାରେ– "ଏହା ପରେ ପରେ ଓଡ଼ିଶାରେ ବାଳକୃଷ୍ଣ କଳାକାରର ଦୁର୍ଦ୍ଦଶା ଭୋଗିଲେ । ତାଙ୍କର ଆଶା ଥିଲା ଏକ ଆଦର୍ଶ ନାଟକଦଳ ଗଢ଼ିବେ । ସ୍ଥାନ, କାଳ, ପାତ୍ର ପ୍ରତି ସବିଶେଷ ଦୃଷ୍ଟି ନ ରଖି ସେ ସ୍ୱପ୍ନବିଳାସରେ ମାତି ଉଠିଲେ । ଫଳରେ ତାଙ୍କୁ ନାନା ଅଭାବ ଭିତରେ ଗତି କରିବାକୁ ପଡ଼ିଲା । କିନ୍ତୁ ସବୁ ଅଭାବ, ଅନଟନ, ଦୁଃଖ, କଷ୍ଟ ସତ୍ତ୍ୱେ ସେ ଭାଙ୍ଗି ନ ପଡ଼ି କଳାସାଧନାରେ ଆଗେଇ ଗ୍ଲିଥିଲେ ।" (ବାଳକୃଷ୍ଣ ଗ୍ରନ୍ଥାବଳୀ, ବାଳକୃଷ୍ଣ ରଚ଼ନା, ପୃ : ୪) ପେଟ ପୋଷିବା ପାଇଁ ସେ ବିଭିନ୍ନ ନାଟ୍ୟସଂସ୍ଥାରେ ଓସ୍ତାଦି କଲେ ।

ଅଭାବ ତାଙ୍କ ପିଛା ଛାଡ଼ିଲା ନାହିଁ । ଯତ୍ସାମାନ୍ୟ ଜମିବାଡ଼ିର ଆୟରେ ତାଙ୍କ ପରିବାରର ବର୍ଷକର ଚଳଣି ମଧ୍ୟ ସୁରୁଖୁରୁରେ ମେଣ୍ଟିଲା ନାହିଁ । ସେ ସରକାରଙ୍କୁ ଦୁଃସ୍ଥ କଳାକାର ଭତ୍ତା ପାଇଁ ଆବେଦନ କଲେ । ବହୁ ଚେଷ୍ଟାରେ କେନ୍ଦ୍ର ସରକାରଙ୍କଠାରୁ ୧୯୫୪ ଖ୍ରୀଷ୍ଟାବ୍ଦରୁ ମାସିକ ଦେଢ଼ଶହ ଟଙ୍କା ଦୁଃସ୍ଥ କଳାକାର ଭତ୍ତା ପାଇଲେ । ଏହି ସରକାରୀ ଭତ୍ତା ତାଙ୍କୁ ଦାନା ଯୋଗାଇଲା ମୃତ୍ୟୁ ପର୍ଯ୍ୟନ୍ତ ।

Digitized by srujanika@gmail.com

ସେ ମୃତ୍ୟୁବରଣ କଲେ ୧୯୫୮ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ତିରିଶ ତାରିଖ ରବିବାର ରାତ୍ର ଆଠ ଘଟିକା ସମୟରେ । ଫଳରେ ଅବସାନ ହେଲା ଏକ ଘଟଣାବହୁଳ କର୍ମଯୋଗୀ ଜୀବନ, ଯବନିକା ପଡ଼ିଲା ଓଡ଼ିଆ ନାଟ୍ୟସାହିତ୍ୟରେ ଏକ ଯୁଗସ୍ରଷ୍ଟା ନାଟ୍ୟରଥୀଙ୍କର ଜୀବନ-ଦୃଶ୍ୟପଟରେ । ଓଡ଼ିଶାର ବହୁ ନାଟ୍ୟପ୍ରେମୀ, ଜନନାୟକ, ସାହିତ୍ୟିକ ତାଙ୍କ ଗୁଣ କୀର୍ତ୍ତନ କରି ବାହୁନିଲେ, ଶ୍ରଦ୍ଧାଞ୍ଜଳି ବାଢ଼ିଲେ, ସ୍ମୃତି ସାଉଁଟିଲେ ।

ସ୍ମୃତିଚାରଣ କରି ତାଙ୍କ ଦରଦୀ ବନ୍ଧୁ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ କହିଲେ—"କ'ଣ ପାଇଁ ସବୁ ଉଜାଡ଼ବସ୍ତ କରି ଦେଇଛୁ ତୁ, ପାଇଛୁ କଅଣ ? ଓଡ଼ିଶାର କଳାକାର ତୁ ? ଛାଡ଼, ଆଜି ମୋତେ ଏତକ କଥାରେ ଖୁସି ଲାଗୁଛି ଯେ, ସାତତାଳ ପଙ୍କରେ ବୁଡ଼ି ମଧ୍ୟ ତୁ ଜିଇଛୁ । ଲୁହଗାଧୁଆ ହୋଇ ତୋ ମୁହଁ ଦିଶିଯାଉଛି ମୋତେ । x x x ମୁଁ ପ୍ରଭୁଙ୍କ ଶ୍ରୀଚରଣ ତଳେ ମଥା ଲଗାଇ ମାଗୁଛି—ଯେଉଁଠି ଥାଆନ୍ତୁ, ଶାନ୍ତି ପାଉ ତୋ ଅଶରୀରୀ ଆତ୍ମା ।" (ଖଣ୍ଡିଏ ଚିଠି, ବାଳକୃଷ୍ଣ ସ୍ମରଣିକା, ୧୯୬୮, ପୃ : ୧୦)

ଜାତୀୟକବି ବୀରକିଶୋର ଦାସଙ୍କ ଦରଦୀ କଣ୍ଠରୁ ଝରିଲା—

"କିଏ କହେ ତୁମେ ଯାଇଛ ସରି
ମୁଁ କହେ ତୁମେ ଆସିଛ ଫେରି
ମନୁଷ୍ୟର ଆତ୍ମା ମରେ ନାହିଁ କେବେ
ଥିବାଯାଏ ତା'ର ମନରେ ଆଶା ।
କବିର ଜୀବନ ସରେ ନାହିଁ କେବେ
ଥିବାଯାଏ ଜାତି ମୁହଁରେ ଭାଷା ।"

(ବାଳକୃଷ୍ଣ ଗ୍ରନ୍ଥାବଳୀ, ପୃ : ୧୧)

ତାଙ୍କ ପ୍ରଶସ୍ତି ପାଇଁ ଓଡ଼ିଆ ନାଟ୍ୟଜଗତକୁ ତାଙ୍କ ଅବଦାନର ମୂଲ୍ୟାଙ୍କନ କରି ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରକାଶ କଲେ—"ଲୋକଙ୍କୁ ଆଧୁନିକ ରୁଚିସମ୍ପନ୍ନ ଆମୋଦ ଦେବାପାଇଁ ଯେଉଁ କେତେଜଣ ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟରଥୀ ଓଡ଼ିଆରେ ଗୀତାଭିନୟ ଓ ଗୀତିନାଟ୍ୟର ପ୍ରଚଳନ କରିଥିଲେ ସେମାନଙ୍କ ମଧ୍ୟରେ ସ୍ୱର୍ଗୀୟ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି ଅନ୍ୟତମ । ଚାଳିଶ ବା ତଦୂର୍ଦ୍ଧ୍ୱ ବୟସର ଏପରି କୌଣସି ଗ୍ରାମବାସୀ ଓଡ଼ିଶାରେ ନାହାନ୍ତି, ଯେ କି କବି ବାଳକୃଷ୍ଣଙ୍କର ନାଟକ ବିଭିନ୍ନ ଅପେରା ପାର୍ଟିଙ୍କ ଦ୍ୱାରା ସଫଳତାର ସହିତ ଅଭିନୀତ ହେବା ଦେଖିନାହାନ୍ତି ବା ସେଥିରେ ମୁଗ୍ଧ ହୋଇନାହାନ୍ତି । ଓଡ଼ିଶାରେ ଗଣନାଟ୍ୟକ ରାସଲୀଳା ଓ ଭାରତଲୀଳା

Digitized by srujanika@gmail.com

ସ୍ତରରୁ ଉଠାଇ ତାକୁ ଅଧିକ ଉପଭୋଗ୍ୟ କରାଇବାରେ ଏହି କୁଶଳୀ ଶିଳ୍ପୀଙ୍କର ଅନବଦ୍ୟ ଦାନ ଚିରସ୍ମରଣୀୟ ।" (ବାଳକୃଷ୍ଣ ସ୍ମରଣିକା, ୧୯୬୮, ପୃ : ୪)

ବାଳକୃଷ୍ଣଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଭକ୍ତିଜ୍ଞାପକ ଉପର୍ଯ୍ୟୁକ୍ତ ଉକ୍ତିମାନ ଆମକୁ ଅତିବଡ଼ୀ ଜଗନ୍ନାଥ ଦାସକୃତ 'ଶ୍ରୀମଦ୍ ଭାଗବତ'ର ବାଣୀ—"ପ୍ରାଣୀର ଭଲମନ୍ଦ ବାଣୀ / ମରଣ କାଳେ ତାହା ଜାଣି" ମନେପକାଇ ଦିଏ । ଜୀବନକାଳ ଭିତରେ ସେ ଦେଶକୁ, ଜାତିକୁ ସଂସ୍କୃତିକୁ ଦେଇଛନ୍ତି ବହୁତ, ପାଇନାହାନ୍ତି କିଛି । ସାହିତ୍ୟିକକୁ, କଳାକାରକୁ କାଳେ କାଳେ ଜାତି ସମ୍ମାନ ଦେଇ ଶିଖିନି । ଅସାଧାରଣ ପ୍ରତିଭାସମ୍ପନ୍ନ ଆଶୁକବି, ରୀତିଯୁଗର ଅନ୍ୟତମ ବିନ୍ଧାଣୀ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର ଦିନେ ନିଃସ୍ୱ ହୋଇ ୧୮୬୬ ଖ୍ରୀଷ୍ଟାବ୍ଦର ନଅଙ୍କ ଦୁର୍ଭିକ୍ଷ ବେଳେ ଅନ୍ନ ବିନା ମୃତ୍ୟୁବରଣ କଲେ । ସେହିପରି ଓଡ଼ିଆ ନାଟ୍ୟସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା, ନାଟ୍ୟଜଗତରେ ନୂତନତାର ବାର୍ତ୍ତାବହ ନାଟ୍ୟାଗ୍ରୀର୍ଯ୍ୟ ବାଳକୃଷ୍ଣ ମହାନ୍ତି କିଛିକାଳ ସ୍ୱଳ୍ପ ସରକାରୀ ଭତ୍ତାରେ ଅର୍ଦ୍ଧନିରନ୍ନ ଜୀବନ କଟାଇ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଯାହାହେଲେ ବି ନିଜର କୀର୍ତ୍ତି-କୋଣାର୍କ ପାଇଁ ସେ ମରି ସୁଦ୍ଧା ଅମର । ତାଙ୍କ ନିଷ୍ଠା, ତାଙ୍କ ଆଦର୍ଶ, ତାଙ୍କ ତ୍ୟାଗ ଆମର ଧ୍ୟେୟ ହେଉ ।

ପାଣିକବିଙ୍କ ଭଳି ବାଳକୃଷ୍ଣ ଆତ୍ମକାହାଣୀ ଲେଖିନାହାନ୍ତି । ତାଙ୍କ ଜୀବନକାହାଣୀ ମଧ୍ୟ ଏଯାବତ୍ କେହି ଲେଖି ପ୍ରକାଶ କରିନାହାନ୍ତି । ଏଠାରେ ପରିବେଷିତ ତାଙ୍କ ଜୀବନାଲେଖ୍ୟ ବିଭିନ୍ନ ସୂତ୍ରରୁ ସଂଗୃହୀତ । ଆବଶ୍ୟକତା ଦୃଷ୍ଟିରୁ ଓ ପୁସ୍ତକର କଳେବର ନିର୍ଦ୍ଦିଷ୍ଟ କରାଯାଇଥିବା ଦୃଷ୍ଟିରୁ ପ୍ରସ୍ତୁତ ପରିଚ୍ଛେଦରେ ବାଳକୃଷ୍ଣଙ୍କ ଜୀବନାଲେଖ୍ୟର କେତେକ ବିଶେଷ ଦିଗ କେବଳ ଆଲୋକିତ । ଏଣୁ ତାଙ୍କ ଜୀବନୀ ବିଷୟକ ସବିଶେଷ ତଥ୍ୟ ଏଥିରୁ ଆଶା କରାଯାଇନପାରେ । ତାଙ୍କ ଘଟଣାବହୁଳ ଜୀବନ ଓ ସଂଘର୍ଷପୂର୍ଣ୍ଣ ଜୀବିକାର ସମ୍ପୂର୍ଣ୍ଣ ଚିତ୍ରସମ୍ବଳିତ ଏକ ଆଲେଖ୍ୟ ଲୋକଲୋଚନକୁ ଆସିପାରିଲେ ଯଥୋଚିତ ପୂଜ୍ୟପୂଜା ସମ୍ଭବ ହୋଇପାରିବ ଓ ଏକ ମହତ୍ତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟ ସମାହିତ ହୋଇପାରିବ ।

◆◆◆

Digitized by srujanika@gmail.com

ବାଳକୃଷ୍ଣଙ୍କ କୃତି ଓ କୃତିତ୍ୱ

ବାଳକୃଷ୍ଣ ମହାନ୍ତି ଥିଲେ ସମକାଳୀନ ଓଡ଼ିଆ ଯାତ୍ରା ଜଗତରେ ମୁକୁଟହୀନ ସମ୍ରାଟ । ପୌରାଣିକ ହେଉ ବା ସାମାଜିକ, ଐତିହାସିକ ହେଉ ବା କିଂବଦନ୍ତିକ, ଯେଉଁ ପ୍ରକାର ବିଷୟବସ୍ତୁ ତାଙ୍କ କଳ୍ପନା ରାଜ୍ୟକୁ ଛୁଇଁଲା ତାହାକୁ ସେ ରୂପ ଦେଲେ ଗଦ୍ୟ ଓ ପଦ୍ୟ ସଂଳାପରେ ମଣ୍ଡିତ କରି । ଏହିପରି ସୃଷ୍ଟି ହେଲା ରାଶି ରାଶି ଗୀତିନାଟ୍ୟ । ତାଙ୍କ ସମୟରେ ଗୋପାଳ ଦାଶ ଓ ବୈଷ୍ଣବ ପାଣି ଯାତ୍ରା ଜଗତରେ ଚହଳ ପକାଇଥିଲେ । ସେମାନେ ଏକାଧାରରେ ଥିଲେ ଅଭିନେତା, ନିର୍ଦ୍ଦେଶକ, ପାତ୍ରାକାର ଓ ସଙ୍ଗୀତକାର । ସେମାନଙ୍କ ସହ ସମତାଳରେ ନାଟକ ରଚନା କରି ସେମାନଙ୍କ ସମକକ୍ଷ ହେବା ଓ ସ୍ଥଳବିଶେଷରେ ସେମାନଙ୍କୁ ଅତିକ୍ରମ କରିଯିବାର ମନୋଭାବ ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥିଲା ।

୧୯୨୧ ଖ୍ରୀଷ୍ଟାବ୍ଦରୁ ୧୯୫୦ ଖ୍ରୀଷ୍ଟାବ୍ଦ ତାଙ୍କ ସାଧନାର ବ୍ୟାପ୍ତିକାଳ । ଏହି ତିରିଶ ବର୍ଷର ସମୟ-ସୀମା ମଧ୍ୟରେ ସେ ବହୁ ଉତ୍‌ଥାନ-ପତନ ଦେଇ ଗତି କରିଥିଲେହେଁ ତାଙ୍କ କଲମ ଥକି ଯାଇନଥିଲା । ବହୁ ରଚନାରେ ଓଡ଼ିଆ ଯାତ୍ରା ଜଗତକୁ ସେ ସମୃଦ୍ଧ କରିଥିଲେ । ପୌରାଣିକ, ଐତିହାସିକ, କିଂବଦନ୍ତୀମୂଳକ, ସାମାଜିକ ଇତ୍ୟାଦି ବିଷୟବସ୍ତୁ ଆଧାରରେ ତାଙ୍କର ଯାତ୍ରା ନାଟକମାନ ରଚିତ । ତାଙ୍କ ରଚନା ସଂଖ୍ୟାରେ କେତେ ତାହା ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବେ ଜଣାଯାଏ ନାହିଁ । ସେଥିମଧ୍ୟରୁ କେତେକ ଅଭିନୀତ ଓ ପରେ ପ୍ରକାଶିତ ଏବଂ ଅନ୍ୟଗୁଡ଼ିକ ଅଭିନୀତ, କିନ୍ତୁ ଅପ୍ରକାଶିତ । ଏହି ଅପ୍ରକାଶିତ ରଚନା ମଧ୍ୟରୁ କିଛି ପ୍ରାକୃତିକ ବିପର୍ଯ୍ୟୟରେ ନଷ୍ଟ ହୋଇଯାଇଛି ଏବଂ କିଛି ଅନ୍ୟାନ୍ୟ କାରଣରୁ କାଳକ୍ରମେ ଦୁଷ୍ପ୍ରାପ୍ୟ ମଧ୍ୟ ହୋଇଯାଇଛି । ତାଙ୍କର ୧୭ଟି ଗୀତିନାଟ୍ୟକୁ ନେଇ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ସମ୍ପାଦନାରେ 'ବାଳକୃଷ୍ଣ ମହାନ୍ତି ଗ୍ରନ୍ଥାବଳୀ'ର ୧ମ ଖଣ୍ଡ ପ୍ରକାଶିତ । ଏସବୁ ବ୍ୟତୀତ ତାଙ୍କର ଆଉ କେତୋଟି ରଚନା ବିଭିନ୍ନ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ; କିନ୍ତୁ ଗ୍ରନ୍ଥାବଳୀର ଅନ୍ତର୍ଭୁକ୍ତ ନୁହେଁ । ମନେହୁଏ, ସେତେବେଳେ ଉପଲବ୍ଧ ଅନ୍ୟସବୁ ରଚନାକୁ ୨ୟ ଖଣ୍ଡରେ ସ୍ଥାନ ଦେବା ନିମିତ୍ତ କବିଚନ୍ଦ୍ର ଇଚ୍ଛା କରିଥିଲେ; କିନ୍ତୁ ଗ୍ରନ୍ଥାବଳୀର ୨ୟ ଖଣ୍ଡ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ । ସେ ଯାହାହେଉ, ତାଙ୍କର ସମସ୍ତ ପ୍ରକାଶିତ ରଚନା ଏବଂ ଅପ୍ରକାଶିତ ରଚନାର ସମଷ୍ଟି ଷାଠିଏରୁ ଅଧିକ । ବିଭିନ୍ନ ସୂତ୍ରରୁ ସଂଗୃହୀତ ତାଙ୍କ ଯାତ୍ରା ନାଟକଗୁଡ଼ିକର ଏକ ତାଲିକା ନିମ୍ନରେ ପ୍ରଦତ୍ତ ।

Digitized by srujanika@gmail.com

ପୌରାଣିକ :

ଅଭିମନ୍ୟୁ ବିବାହ
କଂସବଧ
କାର୍ତ୍ତବୀର୍ଯ୍ୟାର୍ଜୁନ
କାଳୀୟ ମର୍ଦ୍ଦନ
ଖାଣ୍ଡବ ଦହନ (ନବଗୁଂଜର ବେଶ)
ଘଟୋତ୍କଚ
ଜୟଦ୍ରଥ ବଧ
ଦାନବୀର ରାଜା ହରିଶ୍ଚନ୍ଦ୍ର
(ଧର୍ମ ବିଶ୍ୱାମିତ୍ର କଳି)
ନାଗାର୍ଜ୍ଜୁନ
ପରଶୁରାମ
ପ୍ରହ୍ଲାଦ ଚରିତ
ବାଣା ପରାଜୟ (ଉଷା ପରିଣୟ)
ବୀରବାହୁ ଯୁଦ୍ଧ
ମଥୁରା ବିଜୟ
ମୁଚୁକୁନ୍ଦ ମୋକ୍ଷ
ମେରୁଶୂଳ ବଧ
ରାମଲୀଳା (ବାଳୀବଧ)
ରାମାୟଣ
ରୁକ୍ମିଣୀ ପରିଣୟ (ଶିଶୁପାଳ ଦର୍ପଚୂର୍ଣ୍ଣ)
ଲଙ୍କା ଅଭିଯାନ
ଶକୁନ୍ତଳା
ଶାରଦୀୟ ମହାରାସ
ଶ୍ରୀରାମ ବନଗମନ
ସାବିତ୍ରୀ ସତ୍ୟବାନ
ସୀତା ଅପହରଣ
ସୀତା ବନବାସ
ସୁଦାମା ଦାରିଦ୍ର୍ୟ ଭଞ୍ଜନ (ସଖାପ୍ରେମ)

ଐତିହାସିକ / କିଂବଦନ୍ତୀମୂଳକ :

ଇରାନର ରାଣୀ
କାଞ୍ଚିକାବେରୀ
କେଦାରଗୌରୀ
ଚଣ୍ଡୀଦାସ
ଚୈତନ୍ୟଲୀଳା
ଜୟଦେବ ଓ ପଦ୍ମା
ନବାବ
ନୀଳାଚଳ
ବସନ୍ତ ମଲ୍ଲିକା
ମଗଧ ଉଦ୍ଧାର
ଲଳିତା ବିଦ୍ୟାପତି
ଶ୍ରୀଜଗନ୍ନାଥ
ହିଟଲରାସୁର ବଧ ।

ସାମାଜିକ / କାଳ୍ପନିକ :

ଅମର ବିଳାସ
ଅରି ଧ୍ୱଂସ
ଋଣମୁକ୍ତ
କାଞ୍ଚନବାଳା
କୁମୁଦ କେଦାର
ଗୁପ୍ତମନ୍ତ୍ର
ଝକମାରି
ନିର୍ମଳ ପ୍ରଭା
ବିଜୟ ବସନ୍ତ
ବିଜୟ ବୈଜୟନ୍ତୀ
ମନ୍ତ୍ରମୁଗ୍ଧ
ମୋହନ ସୁନ୍ଦର
ରାଜା ସୈତାନ
ସଇତାନ
ସମସ୍ୟା
ସୁନ୍ଦରଲୋଭା
ସୁଶୀଳ ମାଳତୀ ।

ଫାର୍ଶ :

ଚତୁରୀ ଚମ୍ପାଫୁଲ
ପାଣି ଧୋବଣୀ ଫାର୍ଶ... ଇତ୍ୟାଦି ।

Digitized by srujanika@gmail.com

ଏହିସବୁ ଯାତ୍ରା-ନାଟକ ଓ ଫାର୍ସ ବ୍ୟତୀତ ସେ କେତେକ କବିତା, ଭଜନ, ଜଣାଣ, ଚଉତିଶାର ସ୍ରଷ୍ଟା ମଧ୍ୟ । କିନ୍ତୁ ସେସବୁ ଆଜି ଦୁଷ୍ପ୍ରାପ୍ୟ । ଉପଯୁକ୍ତ ଗବେଷଣା ହେଲେ ସେସବୁ ରଚ଼ନା ସମେତ ଅନ୍ୟାନ୍ୟ ରଚ଼ନାବଳୀର କିମ୍ବା ତତ୍‌ସଂପର୍କିତ ଅଧିକ ତଥ୍ୟର ସନ୍ଧାନ ମିଳିପାରିବ ।

ବର୍ତ୍ତମାନ ବାଳକୃଷ୍ଣଙ୍କର କେତୋଟି ରଚ଼ନାର ବସ୍ତୁଗତ ଆଲୋଚ଼ନା କରାଯାଇପାରେ ।

କାଳୀୟ ମର୍ଦ୍ଦନ :

'କାଳୀୟ ମର୍ଦ୍ଦନ' ଗୀତିନାଟ୍ୟଟିର ପ୍ରସ୍ତାବନା ବା ଆମୁଖରେ ନଟ ଓ ନଟୀ ମୁଖରେ ଫୁଟି ଉଠିଛି ଶ୍ରୀକୃଷ୍ଣଙ୍କ ବନ୍ଦନା । ନଟ-ନଟୀ ସମ୍ବାଦରେ ବସ୍ତୁନିର୍ଦ୍ଦେଶ କରାଯାଇଛି । ନଟୀର ପ୍ରସ୍ତାବ ଶୁଣି ନଟ କହିଛି—"କହିଲ ସତ୍ୟ, କିନ୍ତୁ ରାଧାକୃଷ୍ଣଙ୍କ ଲୀଳା ଅତି ପବିତ୍ର ଓ ଉଚ୍ଚ । ମୋର କି ଶକ୍ତି ଯେ ତାହା ଦେଖାଇ ଭକ୍ତମଣ୍ଡଳୀଙ୍କ ମନୋରଞ୍ଜନ କରିବି, ଯଦି ସେହି ଦୟାମୟଙ୍କର କରୁଣା ହେବ ତେବେ ସେ ନିଜ ଲୀଳା ବିକାଶ କରି ଉପସ୍ଥିତ ସଭ୍ୟବୃନ୍ଦଙ୍କ ନୟନ ପ୍ରାଣ ଧନ୍ୟ ଓ ଅଧୀନର ଶ୍ରମ ସାର୍ଥକ କରିବେ ।" (ପୃ : ୩) ବିଷୟ ଆରମ୍ଭ ହୋଇଛି କଂସ ରାଜସଭାରୁ । କଂସର ଅଷ୍ଟମଲ୍ଲ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ ହେବାପରେ ଶ୍ରୀକୃଷ୍ଣଙ୍କ ମୃତ୍ୟୁ ବିଧାନ ପାଇଁ ସେଠାରେ ମନ୍ତ୍ରଣା ଚ଼ାଲିଛି ଏବଂ ଶେଷରେ ସ୍ଥିର ହୋଇଛି ଯେ ନନ୍ଦରାଜାଙ୍କୁ ଖବର ଦିଆଯିବ, ପରଦିନ ସେ ଦେବକାର୍ଯ୍ୟ ନିମନ୍ତେ ଆବଶ୍ୟକ ଶତଭାର ରକ୍ତପଦ୍ମ କାଳିନ୍ଦୀ ହ୍ରଦରୁ କୃଷ୍ଣ-ବଳରାମଙ୍କ ଦ୍ୱାରା ତୋଳି ପଠାଇବେ । ଦୂତ ଭାବେ ଅକ୍ରୁର ଗୋପରେ ପହଞ୍ଚି ରାଜାଦେଶ ଜଣାଇଛନ୍ତି । କାଳିନ୍ଦୀ ହ୍ରଦରେ ବାସ କରୁଥିବା କାଳୀୟ ନାଗର ଉତ୍କଟ ବିଷରେ କାଳିନ୍ଦୀର ଜଳ ଦୂଷିତ; ଏଣୁ ସେଥିରେ ପାଦ ଥାପିବାକୁ ସମସ୍ତେ ଭୟ କରନ୍ତି । କିନ୍ତୁ ଶ୍ରୀକୃଷ୍ଣ ସେହି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇ ପରଦିନ କାଳିନ୍ଦୀ ହ୍ରଦରେ ପ୍ରବେଶ କରିଛନ୍ତି ଏବଂ ପଦ୍ମ ତୋଳିବାବେଳେ କାଳୀୟର ଦଂଶନରେ ଚେତନା ହରାଇଛନ୍ତି । ବଳରାମଙ୍କ ଆଜ୍ଞାରେ ଗରୁଡ଼ ଚନ୍ଦ୍ରଲୋକରୁ ନେତ୍ରକୋଣରେ ଅମୃତ ଆଣି ଶ୍ରୀକୃଷ୍ଣଙ୍କ ଚେତନା ଫେରାଇ ଆଣିଛନ୍ତି ।

ଶ୍ରୀକୃଷ୍ଣ କ୍ରୋଧରେ କାଳୀୟ ନାଗର ଫଣା ଉପରେ ଦଣ୍ଡାୟମାନ ହୋଇ ତା' ଦର୍ପ ଚୂର୍ଣ୍ଣ କରିଛନ୍ତି । କାଳୀୟକୁ ବିନାଶ ମୁଖରୁ ରକ୍ଷା କରିଛନ୍ତି ନାଗକନ୍ୟାଗଣ । ସେମାନଙ୍କ ଅନୁରୋଧ ଓ କାଳୀୟର ପ୍ରାର୍ଥନା ଶ୍ରୀକୃଷ୍ଣଙ୍କ ଚିତ୍ତରେ ଦୟା ଜାତ କରିଛି । ସେ ତାକୁ କ୍ଷମା କରି କହିଛନ୍ତି—"ନାଗରାଜ ! କ୍ଷମା ଦେଲି ତୋତେ । ଶୋଷି ସର୍ବ ବିଷ ସୁଧାମୟ କଲି କାଳିନ୍ଦୀର ନୀର, ବାସ କର ଯାଇଁ ଆଜିଠାରୁ

Digitized by srujanika@gmail.com

କ୍ଷୀରାବଧିରେ ତବ ନାଗବଳ ସହ । x x x ଭକ୍ତପଣେ ଗଣା ହେଲୁ ଆଜିଠାରୁ ମୋର ।" (ପୃ : ୫୩) ଏଥିରେ ପ୍ରସଙ୍ଗକ୍ରମେ ଶାଶୁ-ନଣନ୍ଦଙ୍କ ସମ୍ମୁଖରେ ରାଧାଙ୍କୁ ଅସତୀ କଳଙ୍କରୁ ମୁକ୍ତକରି ସତୀତ୍ୱରେ ମଣ୍ଡିଦେବାକୁ ଶ୍ରୀକୃଷ୍ଣ ରାଧାଙ୍କ ଦ୍ୱାରା ଛିଦ୍ର ଘଟରେ ଯମୁନାରୁ ଜଳ ଅଣାଇଛନ୍ତି ।

ଗ୍ରରିଅଙ୍କବିଶିଷ୍ଟ ଏହି ରଚନାଟି 'ଭାଗବତ'ର ଦଶମ ସ୍କନ୍ଧ (ଗୋପଲୀଳା) ଆଧାରରେ ରଚିତ । ସରଳ ଓ ପାତ୍ରୋପଯୋଗୀ ଗଦ୍ୟ ଓ ପଦ୍ୟ-ସଂଳାପରେ ସମୃଦ୍ଧ କରି, ସୁଶ୍ରାବ୍ୟ ସଂଗୀତ ସଂଯୋଜନା କରି ଏବଂ ବିଦୂଷକ ଓ ବ୍ରାହ୍ମଣୀ ଚରିତ୍ର ଭଳି ଚରିତ୍ରମାନ ଅବତାରଣା କରି ସେ ଗୀତିନାଟ୍ୟଟିକୁ ବେଶ୍ ରସାଳ କରିପାରିଛନ୍ତି । ବାଳକୃଷ୍ଣଙ୍କ ଗ୍ରନ୍ଥାବଳୀରେ ଏଇଟି ସ୍ଥାନ ପାଇନାହିଁ । ଏହାର ନୂତନ ସଂସ୍କରଣ ୧୯୭୯ରେ ଓଡ଼ିଶା କୋହେନୂର ପ୍ରେସ୍ ଦ୍ୱାରା ପ୍ରକାଶିତ ।

ଖାଣ୍ଡବ ଦହନ :

'ଖାଣ୍ଡବ ଦହନ' ବା ନବଗୁଞ୍ଜର ବେଶ ନାଟକଟିର ଆରମ୍ଭ ଦେବସଭାରୁ । ଶ୍ୱେତରାଜାଙ୍କ ଯଜ୍ଞରେ ଅଧିକ ପରିମାଣର ଘୃତ ସେବନ କରି ଅଗ୍ନି ଲୁଦୁବୁଦୁ ବ୍ୟାଧିରେ ପୀଡ଼ିତ ହୋଇଛନ୍ତି । ଏଥିରୁ ମୁକ୍ତି ପାଇବାର ଉପାୟ ବିଷୟରେ ଦେବଗଣଙ୍କ ସହିତ କଥୋପକଥନ କାଳରେ ଧନ୍ୱନ୍ତରୀ ପ୍ରକାଶ କରିଛନ୍ତି ଯେ ଖାଣ୍ଡବବନ ଦହନ କରିପାରିଲେ ଅଗ୍ନି ବ୍ୟାଧିମୁକ୍ତ ହେବେ । କୌଶଳକ୍ରମେ ଅର୍ଜୁନଙ୍କ ଦ୍ୱାରା ଖାଣ୍ଡବବନ ଦହନ କରାଯାଇଛି । ଘଟଣାକ୍ରମେ ଅର୍ଜୁନ ଶିବଙ୍କ ପାଳିତ ଗଣ୍ଡାକୁ ହତ୍ୟା କରିଛନ୍ତି । ଫଳରେ ଶିବଙ୍କ ସହିତ ଅର୍ଜୁନଙ୍କର ଯୁଦ୍ଧ ହୋଇଛି । ଯୁଦ୍ଧରେ ପରାଜିତ ଶିବ ଅର୍ଜୁନଙ୍କୁ 'ପାଶୁପତ ଅସ୍ତ୍ର' ପ୍ରଦାନ କରିଛନ୍ତି । ଅର୍ଜୁନ ପାର୍ବତୀଙ୍କଠାରୁ 'ଅକ୍ଷୟ ତୂଣୀର' ମଧ୍ୟ ପ୍ରାପ୍ତ ହୋଇଛନ୍ତି । ଅଗ୍ନି ବ୍ୟାଧିମୁକ୍ତ ହୋଇ ଅର୍ଜୁନଙ୍କୁ 'ଗାଣ୍ଡିବଧନୁ' ଉପହାର ଦେଇଛନ୍ତି । ଖାଣ୍ଡବ ଦହନ ହେବାରୁ ଇନ୍ଦ୍ର କ୍ରୁଦ୍ଧ ହୋଇ ଅର୍ଜୁନଙ୍କ ସହିତ ଯୁଦ୍ଧ କରିବାକୁ ଆଗେଇ ଆସିଛନ୍ତି । ଆକସ୍ମିକ ଭାବେ ଭଗବାନ ଶ୍ରୀକୃଷ୍ଣ ଆବିର୍ଭୂତ ହୋଇ ତାଙ୍କୁ ସେଥିରୁ ନିବୃତ୍ତ କରିଛନ୍ତି । ପିତା ଇନ୍ଦ୍ରଙ୍କଠାରୁ ଅର୍ଜୁନ 'କିରୀଟ ଭୂଷଣ' ଲାଭ କରିଛନ୍ତି । ଅର୍ଜୁନଙ୍କ ବନଗମନ କାଳରେ ଶ୍ରୀକୃଷ୍ଣ ନବଗୁଞ୍ଜର ବେଶରେ ତାଙ୍କୁ ପରୀକ୍ଷା କରିଛନ୍ତି । ଅର୍ଜୁନ କିନ୍ତୁ ତାଙ୍କୁ ଚିହ୍ନିପାରିଛନ୍ତି ଏବଂ ନିଜକୁ ପରମ ଭକ୍ତ ଭାବରେ ପ୍ରମାଣିତ କରିପାରିଛନ୍ତି ।

ତିନିଅଙ୍କବିଶିଷ୍ଟ ଏହି ଗୀତିନାଟ୍ୟଟି 'ସାରଳା ମହାଭାରତ'ର କଥାବସ୍ତୁ ଅବଲମ୍ବନରେ ରଚିତ । ନାଟ୍ୟକାର ଏଥିରେ ପରିବେଶ ଓ ପାତ୍ରାନୁସାରୀ ଭାଷା ଓ ସଙ୍ଗୀତ ସଂଯୋଜନ କରିଛନ୍ତି । ଏଥିରେ ଗୋଟିଏ ଅତି କ୍ଷୁଦ୍ର ଫାର୍ଶର ଅବତାରଣା କରି ଏଇଟିକୁ ମନୋରଞ୍ଜନଧର୍ମୀ ଓ ଉପଭୋଗ୍ୟ କରାଇପାରିଛନ୍ତି ।

Digitized by srujanika@gmail.com

ଦାନବୀର ରାଜା ହରିଶ୍ଚନ୍ଦ୍ର :

'ଦାନବୀର ରାଜା ହରିଶ୍ଚନ୍ଦ୍ର ନାଟକଟିର ଅନ୍ୟନାମ 'ଧର୍ମ ବିଶ୍ୱାମିତ୍ର କଳି ଗୀତାଭିନୟ' । ଏହାର ପ୍ରସ୍ତାବନା ବାଢ଼ିଛନ୍ତି ନଟ ଓ ନଟୀ । ନଟୀ ନଟକୁ ଅନୁରୋଧ କରିଛି—"ଆହେ ଏତେ ବଡ଼ ମହୋତ୍ସବରେ କୌଣସି ଦୃଶ୍ୟକାବ୍ୟର ଅଭିନୟ ସନ୍ଦର୍ଶନ ନିମିତ୍ତ ସମାଗତ ଭଦ୍ରମଣ୍ଡଳୀ ଉପବିଷ୍ଟ । x x x ଆପଣ ଗତରାତ୍ରରେ ଯେଉଁ ଦେବେନ୍ଦ୍ରଙ୍କ ଶାପଗ୍ରସ୍ତ ଅପ୍‌ସରାମାନଙ୍କର ମୁକ୍ତିଦାତା ଅଯୋଧ୍ୟାପତି ସତ୍ୟସନ୍ଧ ଦାନବୀର ରାଜା ହରିଶ୍ଚନ୍ଦ୍ର ଗୀତିନାଟ୍ୟଟି ଶୁଣାଇଥିଲେ ଆଜି ସେହି ଚରିତ ଅଭିନୟ କରି ସଭ୍ୟଗଣଙ୍କୁ ସନ୍ତୁଷ୍ଟ କରନ୍ତୁ ।" (ଗ୍ରନ୍ଥାବଳୀ, ପୃ : ୧୧୭) ଏଥିରେ ବସ୍ତୁନିର୍ଦ୍ଦେଶନା କରାଯାଇଛି ଏହିପରି । ତା'ପରେ ଇନ୍ଦ୍ର ଓ ନାରଦଙ୍କ କଥୋପକଥନରୁ ନାଟକର କଥାବସ୍ତୁ ଆରମ୍ଭ ହୋଇଛି ଓ କ୍ରମେ ଗତିଶୀଳ ହୋଇଛି ।

ଦେବଲୋକର ଅପ୍‌ସରାମାନଙ୍କୁ ସେମାନଙ୍କ ଚରିତ୍ରଗତ ତ୍ରୁଟିର ପ୍ରାୟଶ୍ଚିତ୍ତ ସ୍ୱରୂପ ମର୍ତ୍ତ୍ୟରେ ଜନ୍ମଦେବା ଲାଗି ଅଭିଶାପ ଦେଇଛନ୍ତି ଦେବରାଜ ଇନ୍ଦ୍ର । ସେମାନଙ୍କ ମୋକ୍ଷର ଉପାୟ ସେମାନେ ଇନ୍ଦ୍ରଙ୍କୁ ପଚ୍ଚାରିଛନ୍ତି । ମର୍ତ୍ତ୍ୟରେ ଅଯୋଧ୍ୟାପତି ହରିଶ୍ଚନ୍ଦ୍ରଙ୍କୁ ଦର୍ଶନ କଲାପରେ ମୁକ୍ତି ମିଳିବ ବୋଲି ସେମାନଙ୍କୁ ଜଣାଇ ଦିଆଯାଇଛି । ଇନ୍ଦ୍ରଙ୍କ ସହିତ ଆଲୋଚ଼ନା କାଳରେ ମହର୍ଷି ବିଶ୍ୱାମିତ୍ରଙ୍କ ଆତ୍ମବଡ଼ିମା ଖର୍ବ କରିବା ଉଦ୍ଦେଶ୍ୟରେ ଦେବର୍ଷି ନାରଦ ଏକ ଉପାୟ ପାଞ୍ଚିଛନ୍ତି । ତାଙ୍କୁ ରାଜା ହରିଶ୍ଚନ୍ଦ୍ରଙ୍କ ଦ୍ୱାରା ପରାସ୍ତ କରାଇପାରିଲେ ତାଙ୍କ ଆତ୍ମବଡ଼ିମା ହ୍ରାସ ପାଇବ ବୋଲି ନାରଦ ପ୍ରକାଶ କରିଛନ୍ତି । ଏଇ ଉଦ୍ଦେଶ୍ୟରେ ଅଗ୍ନିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେ ମାଧବ ଶର୍ମା ନାମକ ବ୍ରାହ୍ମଣ ଭାବରେ କାଶୀ ନଗରରେ ଜନ୍ମଗ୍ରହଣ କରିବେ ଏବଂ ହରିଶ୍ଚନ୍ଦ୍ରଙ୍କ ପୁତ୍ର ଓ ପତ୍ନୀଙ୍କୁ ଆଶ୍ରୟ ଦେବେ । ସେହିପରି ଧର୍ମଦେବ ଯାଇ କାଶୀନଗରରେ ଶ୍ମଶାନ ରକ୍ଷକ ଚଣ୍ଡାଳ ଭାବରେ ଜନ୍ମନେଇ ରାଜା ହରିଶ୍ଚନ୍ଦ୍ରଙ୍କ ଆଶ୍ରୟଦାତା ହୁଅନ୍ତୁ ବୋଲି ତାଙ୍କୁ କୁହାଯାଇଛି ।

ବନଚ଼ର ରାଜା ବାଣଭଦ୍ରଙ୍କ ଅନୁରୋଧକ୍ରମେ ବାରହା ନିଧନ ନିମିତ୍ତ ବନ ମଧ୍ୟକୁ ଯାଇଥିବା ହରିଶ୍ଚନ୍ଦ୍ର ତ୍ରିବିଦ୍ୟାଙ୍କୁ ରକ୍ଷା କରିବାକୁ ଯାଇ ମହର୍ଷି ବିଶ୍ୱାମିତ୍ରଙ୍କ ବିରାଗ ଭାଜନ ହୋଇଛନ୍ତି । ସେମାନଙ୍କ ମଧ୍ୟରେ କଥୋପକଥନ କାଳରେ ଗୁଣବାନ ବ୍ରାହ୍ମଣଙ୍କୁ ଦାନ ଦିଆଯାଏ, ଭୟାତୁରକୁ ରକ୍ଷା କରିବାକୁ ହୁଏ ଏବଂ ଶତ୍ରୁ ସଙ୍ଗରେ ଯୁଦ୍ଧ କରିବାକୁ ହୁଏ ବୋଲି ହରିଶ୍ଚନ୍ଦ୍ର ପ୍ରକାଶ କରିଛନ୍ତି । ବିଶ୍ୱାମିତ୍ର ଏଇ ସୁଯୋଗରେ ରାଜାଙ୍କୁ କହିଛନ୍ତି—"ଆଚ୍ଛା, ମୋର ବିଦ୍ୟା ଓ ତପସ୍ୟା ଅନୁରୂପ କିଛି ଦାନ କର ।" ଦାନବୀର ରାଜା ଏହାକୁ ଏକ ସୌଭାଗ୍ୟ ମନେକରି ପତ୍ନୀ ଓ ପୁତ୍ର ବ୍ୟତୀତ ସମଗ୍ର ରାଜ୍ୟ ଓ ଧନସଂପଦ ଦାନ କରିଛନ୍ତି । ଦକ୍ଷିଣା ବିନା ଦାନ ନିଷ୍ଫଳ । ତେଣୁ

Digitized by srujanika@gmail.com

ବିଶ୍ୱାମିତ୍ର ଦାନର ଦକ୍ଷିଣା ମାଗିଛନ୍ତି । ଦକ୍ଷିଣାସ୍ୱରୂପ ରାଜା ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ଦେବାପାଇଁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି । ନିଜର ସମସ୍ତ ଧନସଂପଦ ଦାନ କରିବା ପରେ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା କେଉଁଠାରୁ ଆଣିବେ ବୋଲି ପ୍ରଶ୍ନର ଉତ୍ତରରେ ରାଜା ଚିନ୍ତିତ ହୋଇପଡ଼ିଛନ୍ତି । ଏଥିପାଇଁ ଏକମାସ ସମୟ ନେଇଛନ୍ତି ।

ପତ୍ନୀ ଶୈବ୍ୟା ଓ ପୁତ୍ର ରୋହିତକୁ ନେଇ ସେ ରାଜ୍ୟ ତ୍ୟାଗ କରିଛନ୍ତି । କାଶୀନଗରରେ ପତ୍ନୀ ଓ ପୁତ୍ରଙ୍କୁ ମାଧବ ଶର୍ମା ନାମକ ବ୍ରାହ୍ମଣଙ୍କୁ ପାଞ୍ଚଶହ ସ୍ୱର୍ଣ୍ଣମୁଦ୍ରାରେ ବିକ୍ରୟ କରିଛନ୍ତି । ସେହିପରି ପାଞ୍ଚଶହ ସ୍ୱର୍ଣ୍ଣମୁଦ୍ରା ବିନିମୟରେ ଶ୍ମଶାନ ରକ୍ଷକ ଚଣ୍ଡାଳ ପାଖରେ ନିଜକୁ ବିକ୍ରୟ କରିଛନ୍ତି । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଶ୍ୱାମିତ୍ର ଦକ୍ଷିଣା ସ୍ୱରୂପ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ଆଦାୟ କରିନେଇଛନ୍ତି ।

ହରିଶ୍ଚନ୍ଦ୍ରଙ୍କ ପାଇଁ ଦୁଃଖପରେ ଦୁଃଖ ମାଡ଼ିଆସିଛି । ଏଣେ ରୋହିତ ଫୁଲ ତୋଳିବାବେଳେ ସର୍ପଦଂଶନରେ ମୃତ୍ୟୁବରଣ କରିଛି । ନିରାଶ୍ରୟା ଶୈବ୍ୟା ପୁତ୍ରର ଶବ ସତ୍କାର ପାଇଁ ପହଞ୍ଚିଛନ୍ତି ଶ୍ମଶାନରେ । ଅନ୍ଧାର ରାତି । ମୁହଁକୁ ମୁହଁ ଦିଶୁ ନାହିଁ । ଶୋକ ଅଧୀରା ଶୈବ୍ୟା ଶ୍ମଶାନ ରକ୍ଷକଙ୍କୁ ଶବଦାହ ପାଇଁ ଅନୁରୋଧ କରିଛନ୍ତି । ଶ୍ମଶାନ ରକ୍ଷକ ଯେ ତାଙ୍କ ସ୍ୱାମୀ ହରିଶ୍ଚନ୍ଦ୍ର, ତାହା ସେ ପ୍ରଥମେ ଜାଣିପାରି ନାହାନ୍ତି । ସେହିଠାରେ ପରସ୍ପରକୁ ଚିହ୍ନିଛନ୍ତି । ବ୍ରାହ୍ମଣ ବେଶରେ ଧର୍ମ ସେଠାରେ ପହଞ୍ଚି ରୋହିତକୁ ଜୀବନ ଦାନ କରିଛନ୍ତି । ଶ୍ମଶାନ ଅଧିକାରୀ ଚଣ୍ଡାଳ ସେଠାରେ ଧର୍ମରୂପ ଓ ମାଧବ ଶର୍ମା ବ୍ରାହ୍ମଣ ଅଗ୍ନିରୂପ ଗ୍ରହଣ କରିଛନ୍ତି । ବିଶ୍ୱାମିତ୍ର ମଧ୍ୟ ସେଠାରେ ଉପସ୍ଥିତ ହୋଇଛନ୍ତି । ବିଶ୍ୱାମିତ୍ର ପ୍ରକାଶ କରିଛନ୍ତି–"ନିଶ୍ଚୟ ଦାତା ହରିଶ୍ଚନ୍ଦ୍ର ଆଜି ଧର୍ମବଳେ ମୋତେ ପରାଜିତ କରିଛି ।" (ଗ୍ରନ୍ଥାବଳୀ, ପୃ : ୧୪୧) ସମସ୍ତେ ଏକସ୍ୱରରେ ଦାନବୀର ରାଜା ହରିଶ୍ଚନ୍ଦ୍ରଙ୍କର ଜୟଗାନ କରିଛନ୍ତି ।

'ମହାଭାରତ' ଅବଲମ୍ବନରେ ରଚିତ ଏହି ଗୀତିନାଟ୍ୟଟି ଛଅଅଙ୍କ ବିଶିଷ୍ଟ । କିନ୍ତୁ ଅଙ୍କ ବିଭାଜନରେ ବ୍ୟତିକ୍ରମ ଘଟିଛି ଏଥିରେ । ପ୍ରଥମଟି ଅଙ୍କ ନାମରେ ନାମିତ ହେଲାବେଳେ ପରବର୍ତ୍ତୀ ପାଞ୍ଚୋଟି ଅଙ୍କ 'ଅଭିନୟ' ନାମରେ ନାମିତ । ଏଇଟି ବାଳକୃଷ୍ଣଙ୍କର ଏକ ଅତି ଲୋକପ୍ରିୟ ନାଟକ । ଆରମ୍ଭରେ ନାଟକଟି ବୁଝିବାରେ ସାମାନ୍ୟ ବାଧା ଉପୁଜିଲେ ମଧ୍ୟ ପରବର୍ତ୍ତୀ ଦୃଶ୍ୟମାନଙ୍କରେ ଏହା ସହଜବୋଧ୍ୟ ହୁଏ । ଚରିତ୍ର ମୁଖରେ ଉପଯୁକ୍ତ ଭାଷା ଖଞ୍ଜିଦେବାରେ ବାଳକୃଷ୍ଣଙ୍କ ଦକ୍ଷତା ସ୍ୱତଃ ବାରି ହୋଇଯାଏ ।

ବାଣା ପରାଜୟ :

'ବାଣା ପରାଜୟ' ନାଟକର ଅନ୍ୟନାମ 'ହରିହର ଭେଟ' । ଏହାର ବିଷୟବସ୍ତୁ ଆରମ୍ଭ ହୋଇଛି ଦେବରାଜ ଇନ୍ଦ୍ରଙ୍କ ସହିତ ଶିବଙ୍କ ବରରେ ବଳୀୟାନ ବଳିପୁତ୍ର

Digitized by srujanika@gmail.com

ବାଣାସୁରର କଳହରୁ । ଦୁଇଜଣଙ୍କ ମଧ୍ୟରେ ଯୁଦ୍ଧ ହୋଇଛି । ଇନ୍ଦ୍ର ଦୁଇଥର ହାରିଛନ୍ତି । ଶେଷରେ ବାଣା ଶିବଙ୍କଠାରୁ ପ୍ରାପ୍ତ ତ୍ରିଶୂଳରେ ଓ ଇନ୍ଦ୍ର ବଜ୍ର ସାହାଯ୍ୟରେ ଯୁଦ୍ଧ କରିବାକୁ ଆଗେଇ ଆସିଛନ୍ତି । ଏହି ସମୟରେ ଦେବର୍ଷି ନାରଦ ସେଠାରେ ଉପସ୍ଥିତ ହୋଇ ସେମାନଙ୍କୁ ଯୁଦ୍ଧରୁ ନିବୃତ୍ତ କରାଇଛନ୍ତି । ନାରଦ ବାଣାକୁ କହିଛନ୍ତି ଯେ ଇନ୍ଦ୍ର ତା'ର ସମକକ୍ଷ ବୀର ନୁହନ୍ତି; ତା'ର ସମକକ୍ଷ ବୀର ହେଉଛନ୍ତି ଦ୍ୱାରିକାଧିପତି ଶ୍ରୀକୃଷ୍ଣ । ତାଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କରିପାରିଲେ ସେ ମହାବୀରରୂପେ ପରିଚିତ ହେବ ।

ତା'ପରେ ବାଣା ପହଞ୍ଚିଛି ଶିବଙ୍କ ପାଖରେ ଏବଂ କେଉଁ ସମକକ୍ଷ ବୀର ସହିତ ଯୁଦ୍ଧ କରିବ ବୋଲି ତାଙ୍କୁ ପଚାରିଛି; ନଚେତ୍ ତା' ସହିତ ସେ ନିଜେ ଯୁଦ୍ଧ କରନ୍ତୁ ବୋଲି ଆହ୍ୱାନ ଜଣାଇଛି । ଶିବ ତା' ଉପରେ ବିରକ୍ତ ହୋଇ କହିଛନ୍ତି – "ଅଚିରେ ତୋର ଇଚ୍ଛା ପୂର୍ଣ୍ଣ ହେବ ଓ ତୁ ଗୋଲୋକ ବିହାରୀ ଶ୍ରୀକୃଷ୍ଣଙ୍କ ସହିତ ଯୁଦ୍ଧ କରିବାର ସୁଯୋଗ ଲାଭ କରିବୁ ।" ବାଣାସୁର ସେଠାରୁ ଚାଲିଯିବା ପରେ ତା'ର ଦର୍ପ ଚୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ଶିବ ପାର୍ବତୀଙ୍କ ମଧ୍ୟରେ ମନ୍ତ୍ରଣା ଚାଲିଛି ଓ ଶେଷରେ ଶ୍ରୀକୃଷ୍ଣଙ୍କ ପୌତ୍ର ଅନିରୁଦ୍ଧର ବାଣାସୁରର କନ୍ୟା ଉଷା ସହିତ ଗୁପ୍ତ ମିଳନ କରାଇବାର ନିଷ୍ପତ୍ତି ନିଆଯାଇଛି । ମାୟାକାମିନୀମାନଙ୍କୁ ସେପରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ମାୟାକାମିନୀମାନେ ଅନିରୁଦ୍ଧକୁ ନେଇ ନିଶାର୍ଦ୍ଧରେ ବାଣାନନ୍ଦିନୀ ଉଷାର ପଲଙ୍କରେ ଶୁଆଇ ଦେଇଛନ୍ତି । ଅନିରୁଦ୍ଧର ଓ ଉଷାର ନିଦ ଭାଙ୍ଗିବା ପରେ ସେମାନେ ପରସ୍ପରକୁ ଦେଖିଛନ୍ତି, ଭଲ ପାଇଛନ୍ତି । ଉଷା ଅନିରୁଦ୍ଧକୁ ପତିରୂପେ ବରଣ କରିଛି । ଅନିରୁଦ୍ଧ ଉଷାକୁ ନିଜର ସୁନାମୁଦିଟି ପିନ୍ଧାଇ ଦେଇଛି । ସେମାନେ ନିଦ୍ରାଗଲାପରେ ମାୟାକାମିନୀମାନେ ଅନିରୁଦ୍ଧକୁ ଦ୍ୱାରିକା ଫେରାଇ ଆଣିଛନ୍ତି । ନିଦ ଭାଙ୍ଗିବା ପରେ ଅନିରୁଦ୍ଧକୁ ନ ଦେଖି ଉଷା ବିଳାପ କରିଛି, ତାକୁ ଝୁରିହୋଇଛି । ଏଣେ ଅନିରୁଦ୍ଧ ମଧ୍ୟ ଏହା ସ୍ୱପ୍ନ କି ସତ୍ୟ ଚିନ୍ତା କରିପାରି ନାହିଁ । ସେ ମଧ୍ୟ ଉଷାକୁ ମନେପକାଇ ବ୍ୟଥିତ ହୋଇଛି ।

ଉଷା ଅନିରୁଦ୍ଧକୁ ପାଇବାକୁ ପାଗଳିନୀ ପ୍ରାୟ ହୋଇଯାଇଛି । ସଖୀ ଚିତ୍ରରେଖା ତା'ଠାରୁ ଅନିରୁଦ୍ଧର ରୂପବର୍ଣ୍ଣନା ଶୁଣି କେତୋଟି ଚିତ୍ରପଟ ଅଙ୍କନ କରିଛି । ପୂର୍ବରାତ୍ରିର ଯୁବକ ଭଳି ଦିଶୁଥିବା ଏକ ଚିତ୍ରପଟକୁ ଉଷା ଚିହ୍ନଟ କରିଛି । ଚିତ୍ରରେଖା ସେହି ଚିତ୍ରପଟି ଧରି ଅନିରୁଦ୍ଧର ସନ୍ଧାନରେ ବାହାରିଛି । ଶେଷରେ ସେ ଅନିରୁଦ୍ଧକୁ ପାଇଛି । ଅନିରୁଦ୍ଧ ଉଷା ବିଷୟରେ ଶୁଣି ବ୍ୟାକୁଳ ହୋଇଛି ତା' ସହିତ ପୁନଃମିଳିତ ହେବାପାଇଁ । ଚିତ୍ରରେଖା ସହାୟତାରେ ଉଷା ସହିତ ତା'ର ମିଳନ ହୋଇଛି । ଏହି ଗୁପ୍ତମିଳନର

Digitized by srujanika@gmail.com

ଖବର ବାଣାସୁର ଜାଣିପାରିଛି । ସେ ଅନିରୁଦ୍ଧକୁ ବନ୍ଦୀ କରିଛି । ଅନିରୁଦ୍ଧର ପରିଚୟ ପାଇବା ପରେ ସେ ଭୀଷଣ ଉତ୍ୟକ୍ତ ହୋଇଉଠିଛି ଏବଂ ଅନିରୁଦ୍ଧକୁ ମା' ଦୁର୍ଗାଙ୍କ ନିକଟରେ ବଳିଦେବାକୁ ଆଦେଶ ଦେଇଛି । କିନ୍ତୁ ଦୁର୍ଗା ନିଜେ ଆତ୍ମପ୍ରକାଶ କରି ଏ କାର୍ଯ ଏକ ସପ୍ତାହ ପରେ କରିବାକୁ ତାକୁ ଉପଦେଶ ଦେଇଛନ୍ତି ।

ଏଣେ ଅନିରୁଦ୍ଧକୁ ନ ଦେଖି ଶ୍ରୀକୃଷ୍ଣ ଓ ଦ୍ୱାରିକାବାସୀ ଚିନ୍ତିତ ହୋଇପଡ଼ଛନ୍ତି । ଶେଷରେ ସେମାନେ ଦେବର୍ଷି ନାରଦଙ୍କଠାରୁ ଅନିରୁଦ୍ଧ ବିଷୟରେ ଜାଣିବାକୁ ପାଇଛନ୍ତି । କୃଷ୍ଣ ଓ ବଳରାମ ଯାଦବ ସୈନ୍ୟବଳ ସହିତ ବାଣାସୁର ବିରୋଧରେ ଯୁଦ୍ଧ ଅଭିଯାନ କରିଛନ୍ତି । ଘମାଘୋଟ ଯୁଦ୍ଧ ହୋଇଛି । ଶ୍ରୀକୃଷ୍ଣଙ୍କ ନିକଟରେ ଶରଣ ପଶିବାକୁ ଦୂତର ପରାମର୍ଶକୁ ବାଣା ଉପେକ୍ଷା କରିଛି । ଧୀରେ ଧୀରେ ଅସୁରସେନାର ବିନାଶ ଘଟିଛି । ଶିବଙ୍କ ଆଜ୍ଞାରେ ଶିବଜ୍ୱର ଯୁଦ୍ଧ ଆରମ୍ଭ କରିଛି । ଯାଦବସେନାର ବଡ଼ ବଡ଼ ରଥୀଙ୍କୁ ସେ ପରାସ୍ତ କରିଛି । ଶ୍ରୀକୃଷ୍ଣ ଏହା ଜାଣିପାରି ବିଷ୍ଣୁଜ୍ୱରକୁ ପ୍ରେରଣ କରିଛନ୍ତି । ବିଷ୍ଣୁଜ୍ୱର ଯୁଦ୍ଧ କରି ଶିବଜ୍ୱରକୁ କାବୁ କରିନେଇଛି । ବାଣାସୁର ହତୋତ୍ସାହ ହୋଇପଡ଼ିଛି । ଶ୍ରୀକୃଷ୍ଣ ନିଜେ ବାଣାସୁର ସହିତ ଯୁଦ୍ଧକରି ତାକୁ ଭୂପତିତ କରିଛନ୍ତି । ତା'ର ସହସ୍ରବାହୁ ଛେଦନ କରିବାକୁ ଉଦ୍ୟତ ହେଲାବେଳେ ଦୁର୍ଗା ସେଠାରେ ପ୍ରକଟିତ ହୋଇ ତାଙ୍କ ବରପୁତ୍ରକୁ ରକ୍ଷା କରିବାକୁ ପ୍ରାର୍ଥନା କରିଛନ୍ତି । ଦୁର୍ଗାଙ୍କ ଅନୁରୋଧ ରକ୍ଷାକରି ଶ୍ରୀକୃଷ୍ଣ ବାଣାର ଚାରୋଟି ଭୁଜରଖି ଅନ୍ୟ ସମସ୍ତ ଭୁଜ ଛେଦନ କରିଛନ୍ତି । ବାଣାସୁର ନିଜର ଭୁଲ ବୁଝିପାରି ଶ୍ରୀକୃଷ୍ଣଙ୍କୁ କ୍ଷମା ପ୍ରାର୍ଥନା କରିଛି । ସେଠାରେ ଶିବ ପାର୍ବତୀ ପହଞ୍ଚିଛନ୍ତି । ରୁକ୍ମିଣୀ ମଧ୍ୟ ଉପସ୍ଥିତ ହୋଇଛନ୍ତି । ଏହିପରି ହରିହର ଭେଟ ସମ୍ଭବ ହୋଇଛି । ଶିବ ଓ ଶ୍ରୀକୃଷ୍ଣ ଏବଂ ରୁକ୍ମିଣୀ ଓ ପାର୍ବତୀ ପରସ୍ପରକୁ ଆଲିଙ୍ଗନ କରିଛନ୍ତି । ହରିହରଙ୍କ ଉପସ୍ଥିତିରେ ବାଣା ଉଷାକୁ ଅନିରୁଦ୍ଧ ହସ୍ତରେ ସମର୍ପି ଦେଇଛି ।

ପାଞ୍ଚଅଙ୍କବିଶିଷ୍ଟ ଏହି ଗୀତିନାଟ୍ୟଟି ବାଳକୃଷ୍ଣଙ୍କୁ ସଫଳତା ଦେବାରେ ଏକାନ୍ତ ସହାୟକ । ଏହି ପ୍ରସଙ୍ଗଟି ମହାଭାରତଠାରୁ ଆରମ୍ଭ କରି ବିଭିନ୍ନ ପୁରାଣରେ ବର୍ଣ୍ଣିତ । ମଧ୍ୟଯୁଗୀୟ କବି ଶିଶୁଶଙ୍କର ଦାସଙ୍କ 'ଉଷାଭିଳାଷ' କାବ୍ୟ ମଧ୍ୟ ଏହି ବିଷୟବସ୍ତୁକୁ ନେଇ ରଚିତ । ଏହି ନାଟକଟି ଚରିତ୍ରବହୁଳ । ପ୍ରାୟ ୩୫ଟି ଚରିତ୍ର ଏଥିରେ ଆତଯାତ । ଏଥିରେ ପାତ୍ରୋପମ ଭାଷାର ପ୍ରୟୋଗ ଓ ଫାର୍ଶର ଅବତାରଣା କରି ବାଳକୃଷ୍ଣ ପାଠକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇ ଦେଇଛନ୍ତି ।

ରୁକ୍ମିଣୀ ପରିଣୟ :

'ରୁକ୍ମିଣୀ ପରିଣୟ' ନାଟକର ଅନ୍ୟ ନାମ 'ଶିଶୁପାଳ ଦର୍ପଚୂର୍ଣ୍ଣ ଗୀତାଭିନୟ' । ବିଦର୍ଭରାଜ ଭୀଷ୍ମକ ଓ ତାଙ୍କ ରାଣୀଙ୍କ କଥୋପକଥନରୁ ଏହାର ଆରମ୍ଭ । ରାଜା

Digitized by srujanika@gmail.com

ନିଜ ବିବାହଯୋଗ୍ୟା କନ୍ୟା ରୁକ୍ମିଣୀର ବିବାହ ସ୍ୱୟଂବର ମାଧ୍ୟମରେ କରିବାକୁ ଇଚ୍ଛା କରିଥିଲେ; କିନ୍ତୁ ରାଣୀଙ୍କ ଇଚ୍ଛାନୁସାରେ ସ୍ୱୟଂବର ପରିବର୍ତ୍ତେ ଶ୍ରୀକୃଷ୍ଣଙ୍କୁ ଜାମାତା ରୂପେ ବରଣ କରି ତାଙ୍କ ସହିତ ରୁକ୍ମିଣୀଙ୍କୁ ବିବାହ ଦେବାକୁ ନିଷ୍ପତ୍ତି ନେଲେ; ହେଲେ ତାଙ୍କ ପୁତ୍ର ରୁକ୍ମଣ ଏ ପ୍ରସ୍ତାବରେ ରାଜି ହୋଇପାରିଲେ ନାହିଁ । ସେ ବିଦର୍ଭର ରାଜା ଦମଘୋଷଙ୍କ ଜ୍ୟେଷ୍ଠପୁତ୍ର ଶିଶୁପାଳ ସହିତ ରୁକ୍ମିଣୀଙ୍କୁ ବିବାହ ଦେବାକୁ ପ୍ରସ୍ତାବ ଦେଲେ । ରାଜା ଓ ରାଣୀ ପୁତ୍ରର ପ୍ରସ୍ତାବକୁ ଅନିଚ୍ଛାସତ୍ତ୍ୱେ ମାନିନେଲେ ।

ରୁକ୍ମିଣୀ କିନ୍ତୁ ଶ୍ରୀକୃଷ୍ଣଙ୍କୁ ଅନ୍ତରର ସହିତ ଭଲପାଉଥିଲେ ଏବଂ ତାଙ୍କୁ ପତି ରୂପେ ବରଣ କରିବାକୁ ମନସ୍ଥ କରିଥିଲେ । ଶିଶୁପାଳଙ୍କ ସହିତ ତାଙ୍କର ବିବାହ ହେବାକୁ ଯାଉଥିବା ଜାଣି ସେ ଜନୈକ ବ୍ରାହ୍ମଣ ହସ୍ତରେ ଶ୍ରୀକୃଷ୍ଣଙ୍କ ନିକଟକୁ ପତ୍ର ପ୍ରେରଣ କରି ନିଜର ଇଚ୍ଛା ଜଣାଇଲେ. ଉପସ୍ଥିତ ବିପଦରୁ ତାଙ୍କୁ ରକ୍ଷା କରିବାକୁ ଅନୁରୋଧ କଲେ ।

ଶିଶୁପାଳ ବନ୍ଧୁ ରୁକ୍ମଣଙ୍କ ପ୍ରସ୍ତାବରେ ସମ୍ମତ ହେଲେ । ବିବାହ ଦିବସ ଧାର୍ଯ୍ୟ ହେଲା । ଠିକ୍ ସମୟରେ ଶିଶୁପାଳ ବରବେଶ ସାଜି ପହଞ୍ଚିଲେ । ରୁକ୍ମିଣୀଙ୍କୁ ମଧ୍ୟ ବିଧି ମୁତାବକ ପ୍ରସ୍ତୁତ କରାଗଲା । ବିବାହର ଆୟୋଜନ ଆଗେଇ ଚାଲିଲା । ରୁକ୍ମିଣୀ ସଖୀମାନଙ୍କ ସହିତ ମନ୍ଦିର ଗଲେ । ପୂର୍ବ ଯୋଜନା ଅନୁସାରେ ସେଠାରେ ଉପସ୍ଥିତ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ରଥରେ ବସାଇ ଆକାଶ ମାର୍ଗରେ ଦ୍ୱାରକା ଅଭିମୁଖେ ଯାତ୍ରା କଲେ । କନ୍ୟା ଚୋରି ହୋଇଗଲା ବୋଲି ହୁରି ପଡ଼ିଗଲା । ରୁକ୍ମଣ ଆକାଶପଥରେ ରଥ ଦେଖି ଯୁଦ୍ଧ ପାଇଁ ଆହ୍ୱାନ କଲେ । ପୂର୍ବରୁ ପ୍ରସ୍ତୁତ ଯାଦବ ସେନାଙ୍କ ସହିତ ଘମାଘୋଟ ସମର ଆରମ୍ଭ ହୋଇଗଲା । ରୁକ୍ମଣ ପରାସ୍ତ ହେଲେ । ରୁକ୍ମିଣୀଙ୍କ ଅନୁରୋଧରେ ଶ୍ରୀକୃଷ୍ଣ ରୁକ୍ମଣଙ୍କୁ କ୍ଷମା ଦେଲେ । ଶ୍ରୀକୃଷ୍ଣଙ୍କ ସହିତ ରୁକ୍ମିଣୀଙ୍କ ବିବାହ ଅନୁଷ୍ଠିତ ହେଲା । ଶିଶୁପାଳ ନିରାଶ ହୋଇ ଫେରିଲେ ।

ପାଞ୍ଚଅଙ୍କବିଶିଷ୍ଟ ଏହି ପୌରାଣିକ ନାଟକଟି 'ସାରଳା ମହାଭାରତ'ର କାହାଣୀ ଉପଜୀବ୍ୟରେ ରଚିତ । କ୍ଷୁଦ୍ର କ୍ଷୁଦ୍ର ଦୃଶ୍ୟ ସମ୍ବଳିତ ଏହି ନାଟକରେ କବିଙ୍କ ଅପୂର୍ବ କବିତ୍ୱ ଫୁଟିଉଠିଛି । ସଂଘର୍ଷ ଓ ଅପହରଣ କାରଣରୁ ଏଥିରେ ଦର୍ଶକ ହୃଦୟରେ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ମଧ୍ୟ ଜାତ ହୁଏ । ଏହା ବାଳକୃଷ୍ଣଙ୍କର ଏକ ସଫଳ ସୃଷ୍ଟି ।

ଶ୍ରୀରାମ ବନଗମନ :

ଅଯୋଧ୍ୟାର ରାଜସଭା । ରାଜା ଦଶରଥ, ବଶିଷ୍ଠ, ସୁମନ୍ତ ଓ ସଭାସଦ୍‌ବୃନ୍ଦ ଉପସ୍ଥିତ । ପରଦିନ ରାମଚନ୍ଦ୍ର ରାଜା ହେବେ । ରାଜ୍ୟରେ ଆନନ୍ଦ-ଉତ୍ସବ ପାଳିତ

Digitized by srujanika@gmail.com

ହେଉଛି । ସେସବ ଦେଖି ରାଜା ଦଶରଥ ଆନନ୍ଦରେ ଗୀତ ଗାଉଛନ୍ତି, "କି ଆନନ୍ଦେ ମାତିଅଛି ଏ ପୁଣ୍ୟ ଅଯୋଧ୍ୟା ଧାମରେ... ।" ଏହିଠାରୁ ଗୀତିନାଟ୍ୟଟିର ଆରମ୍ଭ । ଏଣେ ଦେବସଭାରେ ଏ ବିଷୟକୁ ନେଇ ଆଲୋଚନା ଚାଲିଛି । ରାମଚନ୍ଦ୍ର ରାଜା ହେବାପରେ ଦେବତାମାନଙ୍କୁ ରାକ୍ଷସମାନଙ୍କ କବଳରୁ ରକ୍ଷା କରିବାକୁ ଆଉ ସମୟ ପାଇବେ ନାହିଁ । ଏଣୁ ଦେବଶତ୍ରୁ ରାବଣଙ୍କୁ ତାଙ୍କଦ୍ୱାରା ନିହତ କରିବା ଉଦ୍ଦେଶ୍ୟରେ ରାମଚନ୍ଦ୍ରଙ୍କ ଅଭିଷେକ କିଛିକାଳ ଘୁଞ୍ଚାଇ ଦେବାକୁ ସେଠାରେ ନିଷ୍ପତ୍ତି ନିଆଯାଇଛି । ଏହି କାର୍ଯ୍ୟରେ ଯୋଗମାୟାଙ୍କ ସହଯୋଗ ନିଆଯାଇଛି । ଯୋଗମାୟା ତାଙ୍କର କୌଶଳ ଦାସୀ ମନ୍ଥରାଠାରେ ପ୍ରୟୋଗ କରିଛନ୍ତି । ମଧ୍ୟମା ରାଣୀ କୈକେୟୀଙ୍କୁ ପ୍ରଭାବିତ କରିଛନ୍ତି ମନ୍ଥରା । ଦଶରଥଙ୍କୁ ସେହି ରାତିରେ ଦୁଇଟି ବର ମାଗି ନିଜର ଅଭୀଷ୍ଟ ପୂରଣ କରିଛନ୍ତି କୈକେୟୀ । ପ୍ରଥମ ବରଟି ଶ୍ରୀରାମଙ୍କର ଚଉଦବର୍ଷ ପାଇଁ ବନବାସ ଓ ଦ୍ୱିତୀୟ ବରଟି କୈକେୟୀ ପୁତ୍ର ଭରତଙ୍କ ସିଂହାସନାରୋହଣ । ସତ୍ୟସନ୍ଧ ଦଶରଥ ସତ୍ୟ ରକ୍ଷା କରି ଏହି ବର ଦୁଇଟି ପ୍ରଦାନ କରିବାକୁ ବାଧ୍ୟ ହୋଇଛନ୍ତି ।

ରାମଚନ୍ଦ୍ର ବନଗମନ କରିଛନ୍ତି । ସାଙ୍ଗରେ ଯାଇଛନ୍ତି ପତ୍ନୀ ସୀତା ଓ ଅନୁଜ ଲକ୍ଷ୍ମଣ । ଅଯୋଧ୍ୟାର ପ୍ରଜାଗଣ ତାଙ୍କର ଅତି ପ୍ରିୟ ରାମଚନ୍ଦ୍ରଙ୍କର ବନଗମନ ବାର୍ତ୍ତା ଶୁଣି ଶୋକାଭିଭୂତ ହୋଇପଡ଼ିଛନ୍ତି । ସୁମନ୍ତ ରଥ ବାହି ନେଇଛି । ପ୍ରଜାଗଣ ରଥ ପଛରେ ଧାଇଁ ଯାଇଛନ୍ତି । ରାମଚନ୍ଦ୍ର ଶେଷରେ ପ୍ରଜାଗଣଙ୍କଠାରୁ ବିଦାୟ ନେଇଛନ୍ତି ।

ଭରତ ମାମୁଘରୁ ଫେରି ଅଗ୍ରଜ ରାମଚନ୍ଦ୍ରଙ୍କୁ ନ ଦେଖି ବ୍ୟସ୍ତ ହୋଇପଡ଼ିଛନ୍ତି । ରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣଙ୍କ ସହିତ ବନଗମନ କରିଥିବା ସମ୍ବାଦ ଶୁଣି ସେ ଶୋକରେ ଅଧୀର ହୋଇପଡ଼ିଛନ୍ତି । ଜନନୀ କୈକେୟୀଙ୍କୁ ସେ ଧିକ୍କାର କରିଛନ୍ତି । ସେ ଭାଇ-ଭାଉଜଙ୍କୁ ଫେରାଇ ଆଣିବାକୁ ବନଗମନ କରିଛନ୍ତି, ସେମାନଙ୍କୁ ଚିତ୍ରକୂଟରେ ସାକ୍ଷାତ କରିଛନ୍ତି, ସେମାନଙ୍କୁ ଅଯୋଧ୍ୟାକୁ ଫେରାଇ ଆଣିବାକୁ ଚେଷ୍ଟା କରିଛନ୍ତି । ତାଙ୍କର ସମସ୍ତ ଅନୁରୋଧସତ୍ତ୍ୱେ ରାମଚନ୍ଦ୍ର ଅଯୋଧ୍ୟାକୁ ଫେରି ନାହାନ୍ତି । ପିତୃସତ୍ୟ ପାଳନ କରିବା ତାଙ୍କର ଧର୍ମ ବୋଲି ସେ ଭରତଙ୍କୁ ବୁଝାଇଛନ୍ତି । ଭରତ ରାମଚନ୍ଦ୍ରଙ୍କ ରତ୍ନ ପାଦୁକା ସହିତ ଫେରିଛନ୍ତି । ନନ୍ଦିଗ୍ରାମରେ ପାଦୁକା ସ୍ଥାପନ ପୂର୍ବକ ସେଠାରୁ ରାଜ୍ୟଶାସନ କରିଛନ୍ତି ରାମଚନ୍ଦ୍ର ଫେରିବା ପର୍ଯ୍ୟନ୍ତ ।

ବହୁଦୃଷ୍ଟିରୁ ଏହି ନାଟକଟି ଖୁବ୍ ମହତ୍ତ୍ୱପୂର୍ଣ୍ଣ । ଏଥିରେ ପିତୃଭକ୍ତି, ମାତୃଭକ୍ତି, ପତିଭକ୍ତି, ସନ୍ତାନ ସ୍ନେହ, ପତ୍ନୀପ୍ରେମ ଇତ୍ୟାଦି ଅତି ସଫଳତାର ସହିତ ଫୁଟି ଉଠିଛି । ସଂଭ୍ରାନ୍ତ ଚରିତ୍ରମାନଙ୍କ ମୁଖରେ ସଂଭ୍ରାନ୍ତ ଭାଷା ଓ ନିମ୍ନବର୍ଗର ଚରିତ୍ରମାନଙ୍କ

Digitized by srujanika@gmail.com

ମୁଖରେ ସେମାନଙ୍କ କଥିତ ଭାଷା ଦିଆଯାଇଛି । ଫାର୍ଶମାନ ସଂଯୋଜନ କରାଯାଇ ଏବଂ ଖଳନାୟିକା ମଛରାର ବାର୍ତ୍ତାଳାପରେ ଢଗଢମାଳିମାନ ପ୍ରୟୋଗ କରାଯାଇ ନାଟକଟିକୁ ଆକର୍ଷଣୀୟ କରାଯାଇଛି ।

ସୁଦାମା ଦାରିଦ୍ର୍ୟ ଭଞ୍ଜନ :

ଏହି ପୌରାଣିକ ନାଟକଟିର ଆରମ୍ଭ ହୋଇଛି ଶ୍ରୀକୃଷ୍ଣଙ୍କ ବାଲ୍ୟସଖା ସୁଦାମାଙ୍କ ମୁଖରେ କୃଷ୍ଣ ବନ୍ଦନା ଫୁଟାଇ । ତା'ପରେ ସୁଦାମା ଓ ତାଙ୍କ ପତ୍ନୀ ସୁମତିଙ୍କ କଥୋପକଥନ । ଦାରିଦ୍ର୍ୟମୁକ୍ତ ହେବାପାଇଁ ସୁମତି ସୁଦାମାଙ୍କୁ ପ୍ରବର୍ତ୍ତାଉଛନ୍ତି ତାଙ୍କର ବାଲ୍ୟବନ୍ଧୁ ଦ୍ୱାରିକାର ରାଜା ଶ୍ରୀକୃଷ୍ଣଙ୍କ ପାଖକୁ ଯାଇ କିଛି ଧନ ଆଣିବାପାଇଁ । ସୁଦାମା ଖାଲି ହାତରେ କିପରି ବନ୍ଧୁ ଘରକୁ ଯିବେ ବୋଲି କହିବାରୁ ସୁମତି କିଛି ଖୁଦଭଜା ତାଙ୍କ ହାତରେ ଦେଇଛନ୍ତି । ଶ୍ରୀକୃଷ୍ଣ ବାଲ୍ୟବନ୍ଧୁଙ୍କ ଆଗମନ ଜାଣିପାରିଛନ୍ତି, ବାଟରେ ସୁଦାମାଙ୍କୁ ବହୁ ବିପଦରୁ ରକ୍ଷା କରିଛନ୍ତି ।

ସୁଦାମା ଦ୍ୱାରିକାରେ ପହଞ୍ଚିଛନ୍ତି । ତାଙ୍କୁ ସାଦରେ ପାଛୋଟି ନେଇଛନ୍ତି ଶ୍ରୀକୃଷ୍ଣ । ତାଙ୍କ ପାଦ ଧୌତ କରିଛନ୍ତି ଜଗଜ୍ଜନନୀ ରୁକ୍ମିଣୀ । ସୁଦାମାଙ୍କ ହାତରୁ ଅତି ଆନନ୍ଦରେ ଖୁଦ ପୁଡ଼ିଆଟି ନେଇ ଅମୃତସମ ପାଟିରେ ପକାଇଛନ୍ତି ଶ୍ରୀକୃଷ୍ଣ ଓ ରୁକ୍ମିଣୀ । ସୁଦାମା ରାଜଅତିଥି ହୋଇରହିଛନ୍ତି । ବିଦାୟ ବେଳେ ଶ୍ରୀକୃଷ୍ଣ ତାଙ୍କୁ ନିଜର ଅତି ମୂଲ୍ୟବାନ କୌସ୍ତୁଭ ମାଳଟି ପ୍ରଦାନ କରିଛନ୍ତି ।

କୌସ୍ତୁଭ ମାଳଟି ସୁଦାମାଙ୍କଠାରୁ ଅପହରଣ କରିବାକୁ ଦେବରାଜ ଇନ୍ଦ୍ର ମାୟାକାମିନୀମାନଙ୍କୁ ପଠାଇଛନ୍ତି । ମାୟାକାମିନୀମାନେ ସୁଦାମାଙ୍କୁ ପ୍ରେମ ନିବେଦନ କରି ବିଫଳ ହୋଇଛନ୍ତି । ଦୟାଳୁ ସୁଦାମା ବାଟରେ ଅତି ଦରିଦ୍ର ଦମ୍ପତି ମଧୁ ଓ ମାଳତୀଙ୍କ ଦାରିଦ୍ର୍ୟ ଦୂର କରିବା ପାଇଁ କୌସ୍ତୁଭ ମାଳଟି ସେମାନଙ୍କୁ ପ୍ରଦାନ କରିଛନ୍ତି ।

ଏଣେ ଶ୍ରୀକୃଷ୍ଣ ଓ ରୁକ୍ମିଣୀ ଛଦ୍ମବେଶରେ ବହୁ ଧନରତ୍ନ ଧରି ସୁଦାମାଙ୍କ ଗୃହରେ ପହଞ୍ଚିଛନ୍ତି । ସେମାନଙ୍କ କୃପାରୁ ଏହି ଦରିଦ୍ର ଦମ୍ପତି ପ୍ରାସାଦ ଓ ବହୁ ଧନରତ୍ନ ଲାଭ କରିଛନ୍ତି । ସେମାନେ ସୁଦାମାଙ୍କ ଆଗମନର ଅପେକ୍ଷାରେ ରହିଛନ୍ତି । ସୁଦାମା ପହଞ୍ଚିବା ପରେ ବିଳାସପୂର୍ଣ୍ଣ ପ୍ରାସାଦ ଓ ଧନରତ୍ନ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଦୁଇ ସଖା-ଦମ୍ପତିଙ୍କର ମିଳନ ଘଟିଛି ।

ଏହି ଗୀତିନାଟ୍ୟଟିର ଅନ୍ୟନାମ 'ସଖାପ୍ରେମ ଗୀତାଭିନୟ' । ଏହା ସଖାପ୍ରେମ ଓ ଭକ୍ତବତ୍ସଳତାର ଏକ ସୁନ୍ଦର ଆଲେଖ୍ୟ । ଏହା ଚାରିଅଙ୍କରେ ସମାପ୍ତ । ସାଧୁ, ଭକ୍ତ, ଦୁର୍ବୃତ୍ତ ଆଦି ଅନେକ ଚରିତ୍ରର ସମାବେଶରେ ନାଟକଟି ବେଶ୍ ଉପଭୋଗ୍ୟ ।

Digitized by srujanika@gmail.com

ଅବଶ୍ୟ କେତେକ ଅଦରକାରୀ ଚରିତ୍ର ଓ ଦୃଶ୍ୟରେ ଏହା ଭାରାକ୍ରାନ୍ତ । ଶ୍ରୀକୃଷ୍ଣଙ୍କ ନାମ କୀର୍ତ୍ତନ ସହିତ ବହୁ ଗୀତ ଏଥିରେ ସଂଯୋଜିତ । ଏହାର ପାତ୍ର-ଉପଯୋଗୀ ଭାଷା ଓ ଶ୍ରୁତିମଧୁର ସଙ୍ଗୀତ ଦର୍ଶକମାନଙ୍କ ମନୋରଞ୍ଜନରେ ସହାୟକ ହୋଇଥାଏ ।

କେଦାରଗୌରୀ :

ଏହି ନାଟକଟିର ଉପଜୀବ୍ୟ ଏକ ଲୋକପ୍ରିୟ ଜନଶ୍ରୁତି । ସ୍ୱପ୍ନାଦେଶ ଅନୁସାରେ ରାଜା ଲଲାଟେନ୍ଦୁ କେଶରୀ ଏକ ମନ୍ଦିର ନିର୍ମାଣ କରିବାକୁ ଆଦେଶ ଦେଇଛନ୍ତି – ଏହିଠାରୁ ନାଟକଟି ଆରମ୍ଭ । ତାଙ୍କ ରାଜତ୍ୱ କାଳରେ ଏକାମ୍ରକ୍ଷେତ୍ର ଭୁବନେଶ୍ୱରରେ ବାସ କରୁଥିଲେ ସାମନ୍ତ ଶ୍ରୀଧର ସିଂହ ଓ ସାମନ୍ତ ବୀରବର ସିଂହ ନାମରେ ଦୁଇ ସଂଭ୍ରାନ୍ତବଂଶୀ ଖଣ୍ଡାୟତ । ସେମାନଙ୍କ ଭିତରେ ଭଲ ବନ୍ଧୁତା ଥିଲା । ଶ୍ରୀଧରଙ୍କ ପୁତ୍ର କେଦାର ଓ ବୀରବରଙ୍କ କନ୍ୟା ଗୌରୀ । ଏ ଦୁହେଁ ଗୋଟିଏ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି । ସେମାନେ ଲିଙ୍ଗରାଜ ମହାପ୍ରଭୁଙ୍କୁ ସାକ୍ଷୀ ରଖି ଗୌରୀ ସହିତ କେଦାରର ବିବାହ କରିବାକୁ ନିଷ୍ପତ୍ତି ନିଅନ୍ତି । ଏ ପ୍ରକାର ନିଷ୍ପତ୍ତି କେଦାର ଓ ଗୌରୀକୁ ପ୍ରଭାବିତ କରେ । ସେମାନେ ମଧ୍ୟ ପରସ୍ପରକୁ ଭଲପାଇ ବସନ୍ତି ଓ ବିବାହ ବନ୍ଧନରେ ବାନ୍ଧି ହେବାକୁ ସଂକଳ୍ପ କରନ୍ତି ।

ଦିନ ଗଡ଼ିଯାଏ । ଘଟଣାକ୍ରମେ ଶ୍ରୀଧର ଓ ବୀରବରଙ୍କ ମଧ୍ୟରେ ମନାନ୍ତର ସୃଷ୍ଟି ହୁଏ । ଏହା କେଦାର ଓ ଗୌରୀଙ୍କ ଭବିଷ୍ୟତ ଉପରେ ପ୍ରଭାବ ପକାଏ । ବୀରବର କେଦାରକୁ ଜ୍ୱାଇଁ କରିବାକୁ ଆଉ ରାଜି ହୁଅନ୍ତି ନାହିଁ । କିନ୍ତୁ ଶ୍ରୀଧର ସତ୍ୟଭ୍ରଷ୍ଟ ହେବାକୁ ଚାହାନ୍ତି ନାହିଁ । ବୀରବର ଗୌରୀର ପାଠପଢ଼ା ବନ୍ଦ କରି ଦିଅନ୍ତି । ଫଳରେ କେଦାର ଓ ଗୌରୀ ମଧ୍ୟରେ କଥାବାର୍ତ୍ତା ଓ ମିଳାମିଶା ହୋଇପାରେ ନାହିଁ । ସେମାନେ ଏତେ ଅନ୍ତରଙ୍ଗ ଯେ ପରସ୍ପରକୁ ନ ଦେଖିଲେ ପାଗଳପ୍ରାୟ ହୋଇଯାଆନ୍ତି । ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ହେବାରେ ମାଲୁଣୀ ସାହାଯ୍ୟ କରେ । ମାଲୁଣୀ ଘର କାଛର ଫାଙ୍କବାଟେ ଗୌରୀ ସହିତ କେଦାର ଭାବ ଆଦାନ ପ୍ରଦାନ କରେ ।

ଦିନେ ଗୌରୀ ନିଜ ଜନ୍ମଦିନରେ ମାତାଙ୍କ ପରାମର୍ଶକ୍ରମେ କେଦାରକୁ ଆମନ୍ତ୍ରଣ କରେ । କେଦାର ମଧ୍ୟ ପିତାଙ୍କ ଅନୁମତି ନେଇ ଗୌରୀ ଗୃହରେ ପହଞ୍ଚେ । ବୀରବର କେଦାରର ଉପସ୍ଥିତି ସହ୍ୟ କରିପାରନ୍ତି ନାହିଁ । ସେ କେଦାରକୁ ମାଡ଼ମାରି ଘରୁ ବାହାର କରିଦିଅନ୍ତି । ଏହା କେଦାର ଓ ଗୌରୀଙ୍କୁ ଭାରି ବାଧେ । ସେହିଦିନ ରାତ୍ରିରେ ଏକାମ୍ରକାନନରେ ଦୁହେଁ ମିଳିତ ହେବାପାଇଁ ଗୌରୀ ସୂଚନା ଦିଏ ।

ଗଭୀର ରାତିରେ ଗୌରୀ ଏକାମ୍ରକାନନରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚେ । କିନ୍ତୁ ଦୁର୍ଯ୍ୟୋଗ, ତାକ ଏକ ବାଘ ଆକ୍ରମଣ କରେ । ଆକ୍ରମଣରୁ ରକ୍ଷା ପାଇବା

Digitized by srujanika@gmail.com

ପାଇଁ ଗୌରୀ ଦୌଡ଼ି ପଳାଇବାବେଳେ ତା'ର ଉତ୍ତରୀୟଟି ବାଘ ଧରିପକାଏ ଏବଂ ଗୌରୀ ରକ୍ଷାପାଇଯାଏ । ବାଘ ଉତ୍ତରୀୟଟିକୁ ଦାନ୍ତରେ ଖଣ୍ଡ ଖଣ୍ଡ କରିପକାଏ । କିଛି ସମୟ ପରେ ସେଠାରେ କେଦାର ପହଞ୍ଚି ବଡ଼ପାଟିରେ ଗୌରୀକୁ ଡାକେ । କିନ୍ତୁ ଗୌରୀ ଦୂରରେ ଥିବାରୁ ତା' ଡାକ ଶୁଣିପାରେ ନାହିଁ । ଗୌରୀକୁ ଖୋଜୁ ଖୋଜୁ କେଦାର ଗୌରୀର ଉତ୍ତରୀୟର ଛିଣ୍ଡା ଅଂଶ ଦେଖିପାରେ । ସେ ଭାବେ ଯେ ତା' ପ୍ରାଣପ୍ରିୟା ଗୌରୀକୁ ବାଘ ଖାଇଦେଇଛି । ତା' ହୃଦୟ ଗଭୀର ଦୁଃଖରେ ଭରିଯାଏ । ଗୌରୀ ବିନା ତା' ପକ୍ଷରେ ବଞ୍ଚିବା ସମ୍ଭବ ନୁହେଁ । ଏଣୁ ସେ ତୀକ୍ଷ୍ଣ ଛୁରିକାରେ ଆତ୍ମହତ୍ୟା କରେ । ତା' ଶବ ସେଠାରେ ପଡ଼ିରହେ ।

ବାଘ ଭୟ ଦୂରହେଲାପରେ ଗୌରୀ ପୁନରାୟ ମିଳନସ୍ଥଳକୁ ଆସେ । କିନ୍ତୁ ହାୟ ! ତା' ପ୍ରାଣର କେଦାର ଆଉ ଜୀବନରେ ନ ଥାଏ । ତା'ର ମୃତ ଶରୀରଟି ତା' ଦୃଷ୍ଟିକୁ ଆସେ । କେଦାର ବିଚ୍ଛେଦ ତା'ର ଅସହ୍ୟ ହୁଏ । କେଦାର ବିନା ତା' ଜୀବନର ମୂଲ୍ୟ କିଛି ନାହିଁ ବୋଲି ଭାବି ସେ ମଧ୍ୟ କେଦାର ବକ୍ଷରୁ ଛୁରିକାଟି ଆଣି ନିଜ ବକ୍ଷରେ ବିଦ୍ଧ କରେ । ତା' ପ୍ରାଣବାୟୁ ଉଡ଼ିଯାଏ । ତା' ଶବ ପଡ଼ିରହେ କେଦାର ଶବ ଉପରେ ।

ଏ ଘଟଣା ସମସ୍ତଙ୍କୁ ଚକିତ କରିଦିଏ । କେଦାର ଓ ଗୌରୀର ପିତାମାତା ସେଠାରେ ପହଞ୍ଚି କରୁଣ କ୍ରନ୍ଦନ କରନ୍ତି । ଶୂନ୍ୟବାଣୀ ହୁଏ—"କେଦାର ଓ ଗୌରୀ ଦୁହେଁ ଦେବତା, କେବଳ ମାୟାରୂପରେ ଅବତାର ହୋଇଥିଲେ । ସମସ୍ତ ଭେଦଭାବ ଭୁଲି ନୂତନ ନିର୍ମିତ ମନ୍ଦିରରେ ଏହି ଯୁଗଳମୂର୍ତ୍ତିକୁ ସ୍ଥାପନ କର । ଆଜିଠାରୁ ଏହି କେଦାର ଗୌରୀ ଯୁଗଳରୂପେ ଏଠାରେ ପୂଜା ପାଇବେ ।"

ପାଞ୍ଚଅଙ୍କବିଶିଷ୍ଟ ଏହି ଗୀତିନାଟ୍ୟଟି ଏକ ଲୋକପ୍ରିୟ ଜନଶ୍ରୁତିକୁ ଆଧାର କରି ଲିଖିତ । ଏଥିରେ ପଦ୍ୟସଂଳାପ ଅପେକ୍ଷା ଗଦ୍ୟସଂଳାପ ଅଧିକ ରହିଛି । ଏହାକୁ କବି ବାଳକୃଷ୍ଣ ମହାନ୍ତି ଏପରି ଜୀବନ୍ତ ରୂପ ଦେଇଛନ୍ତି ଯେ, ଏହା ଯେକୌଣସି ଦର୍ଶକର ହୃଦୟକୁ ବ୍ୟଥିତ କରିବାକୁ ସମର୍ଥ । ଏଥିରେ ତତ୍‌କାଳୀନ ସମାଜର ଚିତ୍ର, ଐତିହ୍ୟ ଓ ପରମ୍ପରା ନିଖୁଣ ରୂପ ପାଇଛି । ଏହି କାହାଣୀକୁ ଭିତ୍ତିକରି କବିବର ରାଧାନାଥ କେଦାରଗୌରୀ କାବ୍ୟ ରଚନା କରିଛନ୍ତି ।

ଅମର ବିଳାସ :

'ଅମର ବିଳାସ' ଗୀତିନାଟ୍ୟଟି ବାଳକୃଷ୍ଣଙ୍କର ଅତ୍ୟନ୍ତ ଲୋକପ୍ରିୟ ରଚନା । ଏହି ଗୀତିନାଟ୍ୟର କଥାବସ୍ତୁ ଆରମ୍ଭ ହୋଇଛି ଝଙ୍କଡ଼ବାସିନୀ ମା' ସାରଳାଙ୍କ ବନ୍ଦନାରୁ । ତା'ପରେ ପ୍ରସ୍ତାବନାରେ ନଟ-ନଟୀ ମାଧ୍ୟମରେ ବସ୍ତୁନିର୍ଦ୍ଦେଶ ଉପସ୍ଥାପିତ । ରାଜା

Digitized by srujanika@gmail.com

ଦୁଷ୍ମନ୍ତ ସିଂହଙ୍କର ବୃଦ୍ଧାବସ୍ଥା ଉପନୀତ ହେବାରୁ ସେ ତାଙ୍କର ତିନିପୁତ୍ର ମଧ୍ୟରୁ ଜଣଙ୍କ ହସ୍ତରେ ରାଜ୍ୟଶାସନ ଅର୍ପଣ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି; ଏଥିପାଇଁ ତିନିଜଣଙ୍କ ମଧ୍ୟରେ କିଏ ରାଜା ହେବା ପାଇଁ ଅଧିକ ଯୋଗ୍ୟ, ସେ ବିଷୟରେ ମନ୍ତ୍ରୀଙ୍କ ସହ ପରାମର୍ଶ କରିଛନ୍ତି । ପରାମର୍ଶ ପରେ ସ୍ଥିର ହୋଇଛି ଯେ ବଡ଼ ଦୁଇଭାଇ ବାହାନ ଓ ତୋଫାନଠାରୁ ସାନଭାଇ ଅମର ଅଧିକ ଯୋଗ୍ୟ । ତେଣୁ ଅମରକୁ ରାଜା କରାଯିବ । ଏହା ଜାଣିପାରି ବଡ଼ ଦୁଇଭାଇ ଅମରକୁ ରାସ୍ତାରୁ ହଟେଇ ଦେବାପାଇଁ ଗୁପ୍ତ ମନ୍ତ୍ରଣା ଚଳାଇଛନ୍ତି । ଅର୍ଥଲୋଭରେ ଏ ଅନ୍ୟାୟ କାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରିଛନ୍ତି ସେମାନଙ୍କ ବିଦ୍ୟାଗୁରୁ । ନିଷ୍ପତ୍ତି ଅନୁସାରେ ଗୁରୁ ବାହାନ, ତୋଫାନ ଓ ଅମରକୁ ବଣକୁ ପଠାଇଛନ୍ତି ଫଳମୂଳ ସଂଗ୍ରହ ଲାଗି । ତିନିଭାଇ ଜଙ୍ଗଲରେ ପହଞ୍ଚିବା ପରେ ବାହାନ ଓ ତୋଫାନ ଅମରକୁ ହତ୍ୟା କରିଛନ୍ତି । ରାଜ୍ୟକୁ ଫେରି ଅମର ସିଂହମୁଖରେ ପଡ଼ି ପ୍ରାଣ ହରାଇଛି ବୋଲି ସେମାନେ ରାଜାଙ୍କୁ ଜଣାଇଛନ୍ତି । ବିଦ୍ୟାଗୁରୁ ମଧ୍ୟ ଏହି ସମ୍ବାଦ ସତ୍ୟ ବୋଲି କହିଛନ୍ତି । ରାଜା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ବାହାନ ଓ ତୋଫାନ ପୁତ୍ରଦ୍ୱୟ ସିଂହାସନ ପାଇଁ ସେପର୍ଯ୍ୟନ୍ତ ଉପଯୁକ୍ତ ହୋଇ ନଥିବାରୁ ସେମାନଙ୍କୁ ସେ ବାଣିଜ୍ୟ କରିବାକୁ ପଠାଇ ଦେଇଛନ୍ତି ।

ରାଜା ସୁରାଟ ସିଂହଙ୍କ କନ୍ୟା ବିଳାସ ସଖୀମାନଙ୍କ ଗହଣରେ ହର ପୂଜା ସାରି ଜଙ୍ଗଲରେ ବୁଲୁଥିବା ସମୟରେ ଦୂରରୁ ଜଣେ ଅତି ସୁନ୍ଦର ଯୁବକ ଗଛତଳେ ଶୋଇଥିବାର ଦେଖିଛନ୍ତି । ତାଙ୍କୁ ସେ ମନେ ମନେ ବିବାହ କରିବାକୁ ସ୍ଥିର କରିଛନ୍ତି; କିନ୍ତୁ ପାଖକୁ ଯାଇ ଦେଖନ୍ତି ଯେ, ସେ ସୁନ୍ଦର ଯୁବକଟିର ପିଣ୍ଡରେ ପ୍ରାଣ ନାହିଁ । କିନ୍ତୁ ଯୁବକକୁ ବିବାହ କରିବାର ନିଷ୍ପତ୍ତି ନେଇଥିବାରୁ ବିଳାସ ସଖୀମାନଙ୍କ ସାହାଯ୍ୟରେ ଶବଟିକୁ ରାଜପ୍ରାସାଦକୁ ଆଣିଛନ୍ତି । କନ୍ୟାର ଏପରି ଅଦ୍ଭୁତ ଖିଆଲ ଦେଖି ରାଜା ତାଙ୍କୁ ଏଥିରୁ ନିବୃତ୍ତ କରାଇଛନ୍ତି । କିନ୍ତୁ ରାଜକନ୍ୟା ମୃତଯୁବକକୁ ବିବାହ କରିବା ନିଷ୍ପତ୍ତିରୁ ଟଳି ନାହାନ୍ତି । ଶେଷରେ ରାଜା ବିରକ୍ତ ହୋଇ କନ୍ୟା ବିଳାସକୁ ରାଜ୍ୟରୁ ନିର୍ବାସନ କରିଛନ୍ତି ।

ଅମରର ମୃତ ଶରୀରକୁ ଧରି ବିଳାସ ରାଜ୍ୟ ଛାଡ଼ିଛି; ମୃତପିଣ୍ଡକୁ ଗଙ୍ଗା ବକ୍ଷରେ ନିକ୍ଷେପ କରି ନିଜେ ଆତ୍ମବିସର୍ଜନ କରିବାକୁ ନିଷ୍ପତ୍ତି ନେଇଛି । ଗଙ୍ଗାକୂଳକୁ ଯାଇ ବିଳାସ ଅମରର ମୃତ ଶରୀରକୁ ଗଙ୍ଗାରେ ନିକ୍ଷେପ କରିଛି; ନିଜେ ଗଙ୍ଗାରେ ଝାସ ଦେବାକୁ ଉପକ୍ରମ କରିବାମାତ୍ରେ ଗଙ୍ଗାଦେବୀ ଆବିର୍ଭୂତା ହୋଇ ତାକୁ ସେଥିରୁ ନିବୃତ୍ତ କରିଛନ୍ତି । ତା'ର ପାତିବ୍ରତ୍ୟରେ ମୁଗ୍ଧ ହୋଇ ଅମରକୁ ଜୀବନଦାନ କରିଛନ୍ତି ।

ଦୁଇଜଣଙ୍କ ମଧ୍ୟରେ ପରିଚୟର ଆଦାନ ପ୍ରଦାନ ହୋଇଛି । ବିଳାସର କ୍ଷୁଧା ନିବାରଣ ନିମନ୍ତେ ଅମର ଫଳମୂଳ ସଂଗ୍ରହ ନିମିତ୍ତ ଯାଇଛି । ନିର୍ଜନ

Digitized by srujanika@gmail.com

ଗଙ୍ଗାତୀରରେ ଏକାକିନୀ ବିଳାସ ଅପେକ୍ଷା କରି ରହିଛି ଅମରକୁ । ଏହି ସମୟରେ ବାଣିଜ୍ୟ ଅଭିମୁଖେ ଗଙ୍ଗାରେ ଯାଉଥିବା ବାହାନର ଦୃଷ୍ଟି ବିଳାସ ଉପରେ ପଡ଼ିଛି । ବିଳାସର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସେ ତାକୁ ମାଝି ସହାୟତାରେ ଅପହରଣ କରିନେଇଛି ।

ଅମର ଫଳମୂଳ ସହ ଫେରି ବିଳାସକୁ ଦେଖିବାକୁ ପାଇନାହିଁ । ସେ ସନ୍ନ୍ୟାସୀ ବେଶ ଧାରଣ କରି ବିଳାସର ସନ୍ଧାନ ନେବାକୁ ଏଣେତେଣେ ବୁଲିଛି. ଶିବଙ୍କୁ ବନ୍ଦନା କରି ତାଙ୍କ ଆଶୀର୍ବାଦ ଲାଭ କରିଛି । ଏଣେ ବିଳାସକୁ ନିଜ ରାଜ୍ୟକୁ ନେଇଯାଇଛି ବାହାନ । ସେଠାରେ ଶତଚ୍ରେଷ୍ଟା ସତ୍ତ୍ୱେ ସେ ବିଳାସକୁ ମନାଇ ପାରିନାହିଁ । ବିଳାସ ନିଜ ସତୀତ୍ୱ ରକ୍ଷା ପାଇଁ ପାଗଳୀର ଅଭିନୟ କରିଛି; ଅନ୍ୟମାନଙ୍କୁ କାମୁଡ଼ିବାକୁ ଗୋଡ଼ାଇଛି ।

ଅମର ବୁଲି ବୁଲି ଶେଷରେ ପହଞ୍ଚିଛି ବିଳାସର ପିତା ସୁରାଟ ସିଂହଙ୍କ ରାଜ୍ୟରେ । ସୁରାଟ ସିଂହଙ୍କ ସହିତ ତା'ର ସାକ୍ଷାତ ହୋଇଛି । ଅମରର ପିତା ଦୁଷ୍ମନ୍ତ ସିଂହ ବାହାନ ଆଣିଥିବା ବିଳାସକୁ ଭଲ କରିବା ପାଇଁ ଗୁଣିଆ ସନ୍ଧାନରେ ଦୂତ ପଠାଇଛନ୍ତି । ଦୂତ ସନ୍ନ୍ୟାସୀବେଶୀ ଅମରକୁ ତାଙ୍କ ପାଖରେ ପହଞ୍ଚାଇଛି । ଭୂତ ଛଡ଼ାଇବାକୁ ଯାଇ ଅମର ବିଳାସକୁ ଚିହ୍ନିଛି । ଦୁହେଁ ସେଠାରୁ ଖସିଯିବାକୁ ଉପାୟ ପାଞ୍ଚିଛନ୍ତି । ଅମରର ନିର୍ଦ୍ଦେଶ ମାନି ବିଳାସ ଅମରର ପଛେ ପଛେ ଗ୍ଲଲିଛି । ରାଜା ସେମାନଙ୍କୁ ଧରି ମୃତ୍ୟୁଦଣ୍ଡ ଆଦେଶ କରିଛନ୍ତି । ଏହି ଅବସରରେ ଛଦ୍ମବେଶୀ ଅମର ନିଜର ପରିଚୟ ଦେଇଛି । ପିତାପୁତ୍ର ପରସ୍ପରର ପରିଚୟ ପାଇଛନ୍ତି । ବିଦ୍ୟାଗୁରୁଙ୍କ ସମେତ ବାହାନ ଓ ତୋଫାନକୁ ରାଜା ଦଣ୍ଡାଦେଶ ଦେବାକୁ ଗଲାବେଳେ ଅମର ତାଙ୍କୁ ସେଥିରୁ ନିବୃତ୍ତ କରାଇଛି । ବିଳାସର ପିତା ସୁରାଟ ସିଂହ ମଧ୍ୟ ସେଠାରେ ପହଞ୍ଚିଛନ୍ତି । ସମସ୍ତଙ୍କର ମଧୁର ମିଳନ ଘଟିଛି ।

ଗ୍ଲରିଅଙ୍କବିଶିଷ୍ଟ ଏହି ଗୀତିନାଟ୍ୟଟି କାଳ୍ପନିକ କଥାବସ୍ତୁ ଆଧାରିତ ଏକ ଲୋକପ୍ରିୟ ନାଟକ । ଏଥିରେ ସଂଯୋଜିତ ସଂଗୀତଗୁଡ଼ିକ ଅତି ମନଛୁଆଁ । ସଂଳାପ ପାତ୍ରୋପଯୋଗୀ ହେତୁ ଏବଂ ନାଟକୀୟ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠାର ସମାବେଶ ହେତୁ ଏହାର ଯଥେଷ୍ଟ ସାହିତ୍ୟିକ ମୂଲ୍ୟ ରହିଛି । କିଛି ତ୍ରୁଟି-ବିଚ୍ୟୁତି ସତ୍ତ୍ୱେ ଏହା ନାଟ୍ୟକାର ବାଳକୃଷ୍ଣ ମହାନ୍ତିଙ୍କର ଏକ ଶ୍ରେଷ୍ଠ କୃତି ।

ଗୁପ୍ତମନ୍ତ୍ର :

'ଗୁପ୍ତମନ୍ତ୍ର' ବାଳକୃଷ୍ଣ ମହାନ୍ତିଙ୍କର ଏକ ବହୁ ସଫଳ ନାଟକ । ଏହା ପୌରାଣିକ ବା ଐତିହାସିକ ହୋଇ ନ ଥିବାରୁ ଏହାର ପ୍ରାରମ୍ଭରେ ନଟ-ନଟୀ ଉପସ୍ଥାପନା ବା

Digitized by srujanika@gmail.com

ଦେବଦେବୀ ବନ୍ଦନା ସ୍ଥାନ ପାଇନାହିଁ । ଏହା ଆରମ୍ଭ ହୋଇଛି ନାଟକର ଦୁଇ ବଳିଷ୍ଠ ଚରିତ୍ର ମୁକ୍ତିକାମ (ରାଜା) ଓ କମଳା (ରାଣୀ)ଙ୍କ କଥୋପକଥନରୁ ।

ନିଜ ଆରାଧ୍ୟ ଦେବତା ରାଧାରମଣଙ୍କଠାରେ ଅଖଣ୍ଡ ଭକ୍ତି ସ୍ଥାପନ କରିଥିବା ରାଜା ମୁକ୍ତିକାମ ଶକ୍ତିଧରଙ୍କୁ ସିଂହାସନ ଦାନ କରି ପତ୍ନୀ କମଳା ଓ ପୁତ୍ର ଶଙ୍ଖନାଦ ସହିତ ନିରାଡ଼ମ୍ବର ଜୀବନ ଅତିବାହିତ କରିଛନ୍ତି । ଶକ୍ତିଧର କେବଳ ରାଧାରମଣଙ୍କ ବିଗ୍ରହ ରାଜାଙ୍କୁ ଦେଇଛି; କିନ୍ତୁ ରାଧାଙ୍କ ବିଗ୍ରହ ତା' ପାଖରେ ରଖିଛି । ରାଜାଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସେ ରାଧା ବିଗ୍ରହ ପ୍ରଦାନ କରି ନାହିଁ । ଶେଷରେ ସେ ସର୍ତ୍ତ ରଖିଛି ଯେ, ରାଣୀ କମଳାଙ୍କୁ ପାଇଲେ ସେ ରାଧା ବିଗ୍ରହ ଫେରାଇ ଦେବ । ଏପରି ଏକ ଅଶାଳୀନ ଓ ବର୍ବରତାପୂର୍ଣ୍ଣ ସର୍ତ୍ତରେ ରାଜା ରାଜି ହୋଇପାରି ନାହାନ୍ତି ।

ଶକ୍ତିଧର ରାଜ୍ୟରେ ଅତ୍ୟାଚାର ଚଳାଇଛି । ନିର୍ଲ୍ଲଜ ଭାବରେ ସେ କୁତ୍ସିତା ବ୍ରାହ୍ମଣ କନ୍ୟା ନାଗିନୀକୁ ଜୀବନସଂଗିନୀ କରିବାକୁ ପ୍ରସ୍ତାବ ଦେଇଛି । ତା' ଅତ୍ୟାଚାର ଦିନକୁ ଦିନ ବଢ଼ିଛି ଏବଂ ପ୍ରଜାମାନଙ୍କ ପାଇଁ ଅତି ଅସହ୍ୟ ହୋଇପଡ଼ିଛି । ଶକ୍ତିଧରର ଏତାଦୃଶ ଅତ୍ୟାଚାର ଓ ଅଶାଳୀନ ଆଚରଣ ବିରୋଧରେ ରାଜାଙ୍କ ଶ୍ୱଶୁର ଉତ୍କେଶ୍ୱର ଓ ଶାଳକ ବଜ୍ରବାହୁ ତାଙ୍କୁ ଶକ୍ତିଧର ବିରୋଧରେ ଅସ୍ତ୍ର ଧାରଣ ପାଇଁ ପ୍ରସ୍ତାବ ଦେଇଛନ୍ତି । ରାଜା ମୁକ୍ତିକାମ ପ୍ରଥମେ ଏ ପ୍ରକାର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି; କିନ୍ତୁ ଶେଷରେ ଶକ୍ତିଧରର ଅତ୍ୟାଚାର ବୃଦ୍ଧି ପାଇବାରୁ ଏବଂ ରାଧା ବିଗ୍ରହ ପରିବର୍ତ୍ତେ ରାଣୀ କମଳାଙ୍କୁ ଚାହିଁବାରୁ ସେ ଶକ୍ତିଧରର ମୁକାବିଲା ପାଇଁ ନିଷ୍ପତ୍ତି ନେଇଛନ୍ତି ।

ଶକ୍ତିଧର ଜାଣିପାରିଛି ଯେ, ମୁକ୍ତିକାମଙ୍କ ଶାଳକ ବଜ୍ରବାହୁ ମୁକ୍ତିକାମଙ୍କ ସିଂହାସନ ପାଇଁ ପ୍ରବଳ ଆଗ୍ରହୀ । ସିଂହାସନ ପାଇବା ପାଇଁ ସେ ମୁକ୍ତିକାମ ଓ ତାଙ୍କର ଏକମାତ୍ର ପୁତ୍ର ଶଙ୍ଖନାଦକୁ ହତ୍ୟା କରିବାକୁ ପଛାଇବ ନାହିଁ । ଏଣୁ ସେ ବଜ୍ରବାହୁ ସହିତ ଛଳନାପୂର୍ଣ୍ଣ ମିତ୍ରତା ସ୍ଥାପନ କରିଛି ଏବଂ ଶଙ୍ଖନାଦକୁ ଅପହରଣ କରିଆଣି ତାକୁ ହତ୍ୟା କରିଥିବାର ଗୁଜବ୍ ପ୍ରଚାର କରିଦି । ଶେଷରେ ଘଟଣାକ୍ରମେ ରାଣୀ କମଳା ମଧ୍ୟ ରାଜଉଆସକୁ ଆସିଛନ୍ତି । ଶକ୍ତିଧର କମଳାଙ୍କୁ ମା' ସମ୍ବୋଧନ କରି ତାଙ୍କର ପାଦ ବନ୍ଦନା କରିଛି । ଶଙ୍ଖନାଦକୁ ଅତି ଯତ୍ନର ସହିତ ଗୁପ୍ତରେ ରଖିଛି ।

ଶଙ୍ଖନାଦକୁ ହତ୍ୟା କରିବା ଉଦ୍ଦେଶ୍ୟରେ ବଜ୍ରବାହୁ ରାଜନବରରେ ପଶିଛି; କିନ୍ତୁ ସଫଳକାମ ହୋଇପାରି ନାହିଁ । ଶକ୍ତିଧର ଏଥିରେ ଉତ୍କ୍ଷିପ୍ତ ହୋଇ ବଜ୍ରବାହୁକୁ ଖୋଜିଛି । ଶେଷରେ ମୁକ୍ତିକାମ ପତ୍ନୀ କମଳା ଓ ପୁତ୍ର ଶଙ୍ଖନାଦଠାରୁ ଶକ୍ତିଧରର ମହନୀୟତା ଓ ପ୍ରକୃତ ଉଦ୍ଦେଶ୍ୟ ବିଷୟରେ ଜାଣିବାକୁ ପାଇଛନ୍ତି । ମୁକ୍ତିକାମ ଶକ୍ତିଧରଙ୍କୁ

Digitized by srujanika@gmail.com

ପ୍ରଶଂସା କରିବା ସହିତ କୋଳାଗ୍ରତ କରିଛନ୍ତି । ରାଜ୍ୟଭାର ମୁକ୍ତିକାମଙ୍କୁ ଅର୍ପଣ କରି ଶକ୍ତିଧର ପ୍ରେୟସୀ ନାଗିନୀ ଓ କନ୍ୟା ସୁନନ୍ଦା ସହିତ ରାଜ୍ୟ ତ୍ୟାଗ କରିଛି ।

ପାଞ୍ଚଅଙ୍କର ଏହି ନାଟକଟି ବାଳକୃଷ୍ଣଙ୍କର ଏକ ଅନୁପମ ସୃଷ୍ଟି । ଏଥିରେ ଶକ୍ତିଧର ଚରିତ୍ରଟିର ରାଜଭକ୍ତି, ତ୍ୟାଗ ଓ ବୀରତ୍ୱର ପରାକାଷ୍ଠା ପ୍ରଦର୍ଶିତ । ଶକ୍ତିଧରର ପବିତ୍ର ଅନ୍ତର୍ନିହିତ ଉଦ୍ଦେଶ୍ୟ ଓ ବର୍ବରତାପୂର୍ଣ୍ଣ ବାହ୍ୟ ଆଚରଣ ଦର୍ଶକ ମନରେ ଉତ୍କଣ୍ଠା ଜାତ କରାଏ, ଯାହାର ପ୍ରଶମନ ଘଟେ ନାଟକର ଶେଷାଂଶରେ । ପରିବେଶ ଓ ଚରିତ୍ର ଭେଦରେ ସଂଯୋଜିତ ସଂଳାପ ଅତି ହୃଦୟସ୍ପର୍ଶୀ ଏବଂ ନାଟକଟିର ସଫଳତାରେ ଏକାନ୍ତ ସହାୟକ ।

ବିଜୟ ବସନ୍ତ :

'ବିଜୟ ବସନ୍ତ' ବାଳକୃଷ୍ଣଙ୍କ ପ୍ରଥମ ନାଟ୍ୟସୃଷ୍ଟି । ଏହା କାଳ୍ପନିକ କଥାବସ୍ତୁ ଆଧାରିତ ଏକ ସାମାଜିକ ନାଟକ । ନାଟକର ଆରମ୍ଭ ହୋଇଛି ପ୍ରସ୍ତାବନାରେ ନଟୀର ମଞ୍ଚ ପ୍ରବେଶରୁ । ତା'ପରେ ନଟର ପ୍ରବେଶ । ନଟର ମୁଖରେ ନାଟ୍ୟକାର ଏହା ଏକ ଔପନ୍ୟାସିକ ଚରିତ୍ରର ଗୀତିନାଟ୍ୟ ରୂପ ବୋଲି ପ୍ରକାଶ କରିଛନ୍ତି ।

ରାଜା ଜୟସେନଙ୍କର ପ୍ରଥମ ରାଣୀ ବିଜୟ ଓ ବସନ୍ତ ନାମକ ଦୁଇପୁତ୍ରଙ୍କୁ ଜନ୍ମ ଦେଲାପରେ ମୃତ୍ୟୁବରଣ କରିଛନ୍ତି; ରାଜା ଦ୍ୱିତୀୟ ଦାରା ଗ୍ରହଣ କରିଛନ୍ତି । ପୁତ୍ରଦ୍ୱୟ ଧାଇ ଶାନ୍ତା ଦ୍ୱାରା ରାଜନବର ବାହାରେ ଲାଳିତ ପାଳିତ ହୋଇଛନ୍ତି । ରାଜା ସେମାନଙ୍କୁ ରାଜନବର ଫେରାଇ ଆଣିବାର ନାଁ ଧରି ନାହାନ୍ତି । ରାଜା ବୃଦ୍ଧ ବୟସରେ ବିବାହ କରିଥିବାରୁ ରାଣୀଙ୍କୁ ସୁଖୀ କରିପାରି ନାହାନ୍ତି । ତେଣୁ ରାଣୀ ରାଜାଙ୍କ ଉପରେ ସର୍ବଦା ଅସନ୍ତୁଷ୍ଟ ରହିଛନ୍ତି ।

ଘଟଣାକ୍ରମେ ରାଣୀ ଦୁଇପୁତ୍ରଙ୍କୁ ରାଜନବରକୁ ଡକାଇଛନ୍ତି । ବଡ଼ପୁଅ ବିଜୟକୁ ଦେଖିବା ପରେ ତାଙ୍କ ମନରେ କାମଭାବ ଜାତ ହୋଇଛି । ସେ ତା' ସହିତ ଦୈହିକ ସମ୍ପର୍କ ରଖିବାକୁ ଚାହିଁଛନ୍ତି; କିନ୍ତୁ ବିଜୟ ଏଥିରେ ସମ୍ମତ ହୋଇ ନାହିଁ । ଏପରି ଅନୈତିକ କାର୍ଯ୍ୟରେ ଲିପ୍ତ ହେବାକୁ ସେ ମନା କରିଦେଇଛି । ଶତ ଅନୁରୋଧ ସତ୍ତ୍ୱେ ବିଫଳ ମନୋରଥା ଦୁଷ୍ଟା ରାଣୀ ବିଜୟ ପ୍ରତି ରାଜାଙ୍କ ଦ୍ୱାରା ଦଣ୍ଡବିଧାନ କରାଇବାର ଉପାୟ ପାଞ୍ଚିଛନ୍ତି । ବିଜୟ ତାଙ୍କ ପୁଅ ହୋଇ ବି ତାଙ୍କୁ ପ୍ରେମ ନିବେଦନ କରୁଥିଲା ବୋଲି ସେ ରାଜାଙ୍କ ପାଖରେ ମିଥ୍ୟା ଅଭିଯୋଗ କରିଛନ୍ତି । ଏହା ଶୁଣି ରାଜା ଅତ୍ୟନ୍ତ କ୍ରୁଦ୍ଧ ହୋଇ ବିଜୟ ଓ ବସନ୍ତ ଦୁଇଭାଇଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି; ସଭାସଦ୍‌ଗଣଙ୍କ ଅନୁରୋଧ ପ୍ରତି ସେ କର୍ଣ୍ଣପାତ କରିନାହାନ୍ତି । ଘାତକ ମଧ୍ୟ ଏହାର ପ୍ରତିବାଦ କରିଛି । ଦୁଇପୁତ୍ରଙ୍କର ବିଦ୍ୟାଗୁରୁଙ୍କୁ

Digitized by srujanika@gmail.com

ସେମାନଙ୍କୁ ନିହତ କରିବାର ଦାୟିତ୍ୱ ଦିଆଯାଇଛି । ବିଦ୍ୟାଗୁରୁ ବିଜୟ ଓ ବସନ୍ତଙ୍କୁ ଖୁବ୍ ଆଦର କରନ୍ତି । ସେ ସେହି ଦୁଇଜଣଙ୍କୁ ବଣରେ ଛାଡ଼ି ପକ୍ଷୀରକ୍ତ ଆଣି ରାଜାଙ୍କୁ ଦେଖାଇଛନ୍ତି ।

ଘନ ଅରଣ୍ୟରେ ବିଜୟ ତୃଷାର୍ତ୍ତ ବସନ୍ତ ପାଇଁ ଜଳ ସନ୍ଧାନରେ ବାହାରିଛି । ତା' ଭାଗ୍ୟକୁ ଏକ ରାଜାଶୂନ୍ୟ ରାଜ୍ୟର ହାତୀ ତା' ମୁଣ୍ଡରେ ସୁନାକଳସ ଢାଳିଛି । ରାଜକର୍ମଚାରୀମାନେ ବିଜୟକୁ ହାତୀ ପିଠିରେ ବସାଇ ନେଇ ରାଜା କରିଛନ୍ତି । ବସନ୍ତକୁ ଏକ ନିଃସନ୍ତାନ ଶବର ଦମ୍ପତି ପୁତ୍ରଭଳି ପାଳନ କରିଛନ୍ତି । ବିଜୟ ରାଜା ହେବାପରେ ବସନ୍ତର ସନ୍ଧାନ ପାଇଛି । ଦୁଇଭାଇଙ୍କର ମିଳନ ଘଟିଛି ।

ଏଣେ ବୃଦ୍ଧ ଜୟସେନ ନିଜର ତ୍ରୁଟି ବୁଝିପାରିଛନ୍ତି । ସେ ନିଜର ପୁତ୍ରମାନଙ୍କୁ ବିକଳ ହୋଇ ଖୋଜିଛନ୍ତି । ପୁତ୍ରଦ୍ୱୟଙ୍କୁ ମୃତ୍ୟୁଦଣ୍ଡ ଦେଇଥିବାରୁ ଅନୁତାପ କରିଛନ୍ତି । କିନ୍ତୁ ସେମାନେ ଜୀବିତ ବୋଲି ସେ ସେମାନଙ୍କ ଶିକ୍ଷାଗୁରୁଙ୍କଠାରୁ ଜାଣିବାକୁ ପାଇଛନ୍ତି । ଶେଷରେ ପିତାପୁତ୍ରଙ୍କର ମିଳନ ଘଟିଛି । ବସନ୍ତକୁ ଜୟସେନ ନିଜ ରାଜ୍ୟ ପ୍ରଦାନ କରିଛନ୍ତି । ଏହିପରି ଏକ ଆନନ୍ଦପୂର୍ଣ୍ଣ ପରିବେଶରେ ନାଟକର ପରିସମାପ୍ତି ଘଟିଛି ।

ବାଳକୃଷ୍ଣଙ୍କର ଏହି ପ୍ରଥମ ଗୀତିନାଟ୍ୟରେ ଅଙ୍କ ଓ ଦୃଶ୍ୟର ଉଲ୍ଲେଖ ନାହିଁ । ପ୍ରଥମ ଗୀତିନାଟ୍ୟ ହୋଇଥିଲେହେଁ ଏଇଟି ଗ୍ରନ୍ଥାବଳୀରେ ସ୍ଥାନ ପାଇ ନାହିଁ । ପରବର୍ତ୍ତୀ କାଳରେ ଏହା କଟକର କୋହେନୂର ପ୍ରେସ ଦ୍ୱାରା ପ୍ରକାଶିତ । ଏହା ସମ୍ବନ୍ଧରେ 'ବାଳକୃଷ୍ଣ ଗ୍ରନ୍ଥାବଳୀ'ର ମୁଖବନ୍ଧରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ କହନ୍ତି ଯେ ୧୯୨୧ ମସିହାରେ ପଳସୁଧା ମୌଜାରେ ନାଟଦଳଟିଏ 'ଜୟଦୁର୍ଗା ନାଟ୍ୟମଣ୍ଡଳୀ' ନାମରେ ଗଢ଼ାଯାଇଛି । ଏଥିରେ ପ୍ରଥମେ ଅଭିନୀତ ହୋଇଛି 'ବିଜୟ ବସନ୍ତ' ଗୀତିନାଟ୍ୟ । ନାଟକର ଆରମ୍ଭରେ କାଳେ କାଳେ 'ସତ୍ୟର ଜୟ' ବୋଲି କବି କହିଛନ୍ତି ଏବଂ ନାଟକର ଶେଷରେ ବୃଦ୍ଧକାଳେ ଦ୍ୱିତୀୟ ପତ୍ନୀ ଗ୍ରହଣ ନ କରିବାକୁ ଉପଦେଶ ଦେଇଛନ୍ତି । ଏଥିରେ ପାତ୍ରମୁଖୀ ଭାଷା ସଂଯୋଜିତ, ନାଟ୍ୟଦ୍ୱନ୍ଦ୍ ଓ ନାଟ୍ୟୋତ୍କଣ୍ଠା ରକ୍ଷିତ ଏବଂ ସ୍ଥଳବିଶେଷରେ ଅମିତ୍ରାକ୍ଷରୀ ଛନ୍ଦର ପ୍ରୟୋଗ ହେତୁ ନାଟକଟି ଉପଭୋଗ୍ୟ ।

ମୋହନ ସୁନ୍ଦର :

'ମୋହନ ସୁନ୍ଦର' ବାଳକୃଷ୍ଣ ମହାନ୍ତିଙ୍କର ଏକ କାଳ୍ପନିକ ନାଟକ, ଯାହା ଏକଦା ବେଶ୍ ଚହଳ ପକାଇ ଥିଲା । ଏହାର କଥାବସ୍ତୁ ଏହିପରି—ମୋହନ ଓ ସୁନ୍ଦର, ଦୁଇ ରାଜପୁତ୍ର, ଦୁଇଭାଇ । ମୋହନ ବଡ଼, ସୁନ୍ଦର ସାନ । ଏକଦା ରାଜା ମୋହନ ଶିକାର ପାଇଁ ବାହାରନ୍ତି, ରାଜ୍ୟଭାର ଛାଡ଼ି ଦିଅନ୍ତି ସୁନ୍ଦର ହାତରେ । ଏହି

Digitized by srujanika@gmail.com

ସୁଯୋଗରେ ରାଣୀ ଓ ମନ୍ତ୍ରୀଙ୍କ ମଧ୍ୟରେ ଥିବା ପୂର୍ବ ପ୍ରେମ ସମ୍ପର୍କ ପୁଣି ମୁଣ୍ଡ ଟେକେ । ସେମାନେ ଏକ ବନବିହାର ସ୍ଥଳୀରେ ଅଭିସାର ରଚନା କରନ୍ତି । ଏହା ଅପ୍ରତ୍ୟାଶିତ ଭାବରେ ସୁନ୍ଦର ଆବିଷ୍କାର କରେ । ସୁନ୍ଦରକୁ ରାଣୀ ନିଜ ଦେହ ଛୁଆଁଇ ଏକଥା ପ୍ରଘଟ ନ କରିବାକୁ ଶପଥ କରାଇ ନିଅନ୍ତି । କିନ୍ତୁ ରାଜାଙ୍କ ଅନୁପସ୍ଥିତିରେ ବସନ୍ତ ତାଙ୍କୁ ବଳାତ୍କାର କରିଥିବା ଭଳି ବହୁ ମିଥ୍ୟା ଅଭିଯୋଗ ବାଢ଼ନ୍ତି ରାଜାଙ୍କ ସମ୍ମୁଖରେ । ରାଜାଦେଶରେ ସୁନ୍ଦରର ହସ୍ତପଦ ବନ୍ଧନପୂର୍ବକ ତାକୁ ଫିଙ୍ଗି ଦିଆଯାଏ ନିର୍ଜନ ବନ ପ୍ରଦେଶରେ । ସୁନ୍ଦର ନୀରବରେ ଦଣ୍ଡକୁ ମୁଣ୍ଡପାତି ସହିନିଏ ।

ଦୈବକ୍ରମେ ଏକ ନରଭୋଜୀ ରାକ୍ଷସୀ ବସନ୍ତର ସନ୍ଧାନ ପାଏ । ସେ ତା'ର ହସ୍ତପଦ ଖୋଲି ନିଜ ଘରକୁ ନେଇଯାଏ । ସେଠାରେ ଥାଏ ରାକ୍ଷସୀର ପାଳିତା କନ୍ୟା ସେବତୀ । ସୁନ୍ଦର ଓ ସେବତୀ ମଧ୍ୟରେ ପ୍ରେମାଙ୍କୁର ଜାତହୁଏ । ସୁନ୍ଦର ସେବତୀକୁ ବିବାହ କରେ ଓ ଘଟଣାକ୍ରମେ ସେବତୀର ପିତୃରାଜ୍ୟ ବିଜୟନଗରରେ ରାଜା ମଧ୍ୟ ହୁଏ ।

ଏଣେ ରାଜା ମୋହନଙ୍କ ନଷ୍ଟଚରିତ୍ରା ରାଣୀଙ୍କର ମନ୍ତ୍ରୀଙ୍କ ସହିତ ପ୍ରେମସଂପର୍କ ଘନୀଭୂତ ହୁଏ । ସେମାନେ ଚକ୍ରାନ୍ତ କରି ରାଜା ମୋହନଙ୍କୁ ନୌକାବିହାର କାଳରେ ନିର୍ମମ ଭାବରେ ନଦୀକୁ ଠେଲି ଦିଅନ୍ତି । ଘଟଣାକ୍ରମେ ନଦୀର ଅପରପାର୍ଶ୍ୱ ରାଜ୍ୟର ରାଜା ସୁନ୍ଦର ମୋହନଙ୍କୁ ଉଦ୍ଧାର କରନ୍ତି ଏବଂ ରାଣୀ ଓ ମନ୍ତ୍ରୀଙ୍କ ପାଖରେ ପହଞ୍ଚିଯାଆନ୍ତି । ମନ୍ତ୍ରୀ ଓ ରାଣୀ ଦୁହେଁ ସ୍ୱାମୀ ଓ ସ୍ତ୍ରୀ ବୋଲି ପରିଚୟ ଦିଅନ୍ତି ଏବଂ ମୋହନ ରାଣୀଙ୍କୁ ବଳାତ୍କାର କରୁଥିଲା ବୋଲି ଅଭିଯୋଗ କରନ୍ତି । ମୋହନ ଏହି ଅଭିଯୋଗରେ ବନ୍ଦୀ ହୁଅନ୍ତି । କାରାଗାରରେ ସେ ସାନଭାଇ କଥା ମନେ ପକାଇ 'ସୁନ୍ଦର' 'ସୁନ୍ଦର' ବୋଲି ପ୍ରଳାପ କରନ୍ତି । ଦୁଇଭାଇ ଚିହ୍ନାଚିହ୍ନି ହୁଅନ୍ତି । ମୋହନ ନିଜ ରାଜ୍ୟକୁ ଫେରି ଆସନ୍ତି ଏବଂ ବିଟପୀ ରାଣୀ ଓ ଲମ୍ପଟ ମନ୍ତ୍ରୀ ପ୍ରତି ଦଣ୍ଡବିଧାନ କରନ୍ତି ।

ନାଟକଟି ପଳାଶୋଳ 'ଜୟଦୁର୍ଗା ନାଟ୍ୟମଣ୍ଡଳୀ' ଦ୍ୱାରା ଅଭିନୀତ ହୋଇ ଉଚ୍ଛ୍ୱସିତ ପ୍ରଶଂସା ଲାଭ କରିଥିଲା । ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଥିଲା ୧୯୩୫ ଖ୍ରୀଷ୍ଟାବ୍ଦରେ । ଏଇଟି 'ବାଳକୃଷ୍ଣ ଗ୍ରନ୍ଥାବଳୀ'ରେ ସ୍ଥାନିତ ହୋଇ ନାହିଁ । ବାଳକୃଷ୍ଣଙ୍କ ଅନ୍ୟ କେତୋଟି ନାଟକ ଭଳି 'ଧର୍ମର ଜୟ, ପାପର କ୍ଷୟ' ସନ୍ଦେଶ ଏହା ବହନ କରେ । ଏଥିରେ ଚରିତ୍ରଚିତ୍ରଣ ବେଶ୍ ରୁଚିକର, ଭାଷା ମାର୍ଜିତ ଓ ପାତ୍ରାନୁସାରୀ । ଏଥିରେ ଉଭୟ ଅନ୍ତର୍ଦ୍ୱନ୍ଦ୍ୱ ଓ ବହିର୍ଦ୍ୱନ୍ଦ୍ୱର ସମାବେଶ ପରିଦୃଷ୍ଟ ହୁଏ । ନାଟକୀୟ ଉତ୍କଣ୍ଠା ଦର୍ଶକଗଣଙ୍କୁ ନାଟକ ପ୍ରତି ଆକୃଷ୍ଟ କରେ । ଏହା

Digitized by srujanika@gmail.com

ବାଳକୃଷ୍ଣ ମହାନ୍ତିଙ୍କର ସଫଳ କୃତିରାଜି ମଧ୍ୟରୁ ଅନ୍ୟତମ । ଏହା ଗଣକବି ବୈଷ୍ଣବ ପାଣିଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ସେ ସମାନ ବିଷୟବସ୍ତୁ ଆଧାରରେ ଏବଂ ସମାନ ନାମକରଣ ସହିତ ଗୀତିନାଟ୍ୟଟିଏ ରଚନା କରିଥିଲେ ।

ସୁଶୀଳ ମାଳତୀ :

'ସୁଶୀଳ ମାଳତୀ' ଗୀତିନାଟ୍ୟଟି ଏକଦା ବହୁ ପ୍ରଶଂସା ଲାଭ କରିଥିଲା । କାଳ୍ପନିକ ତଥା ସାମାଜିକ ବିଷୟବସ୍ତୁ ଆଧାରିତ ଏହି ଗୀତିନାଟ୍ୟର ଆରମ୍ଭ ରାଜା-ମନ୍ତ୍ରୀଙ୍କ କଥୋପକଥନରୁ । ରାଜା ବୀରସେନଙ୍କର ଦୁଇ ରାଣୀ ଓ ଦୁଇପୁତ୍ର । ପ୍ରଥମ ରାଣୀଙ୍କ ପୁଅ ସୁଧୀର ଜ୍ୟେଷ୍ଠ ଓ ସାନରାଣୀଙ୍କ ପୁତ୍ର ସୁଶୀଳ କନିଷ୍ଠ । ରାଜାଙ୍କ ବୃଦ୍ଧାବସ୍ଥା ହେତୁ ନିଜର ପୁତ୍ରମାନଙ୍କ ମଧ୍ୟରୁ ଜଣକୁ ରାଜକାର୍ଯ୍ୟ ପ୍ରଦାନ ପାଇଁ ସେ ମନସ୍ଥ କରିଛନ୍ତି । କିନ୍ତୁ ସେ ଜଣକ କିଏ ତାହା ସ୍ଥିର କରିପାରି ନାହାନ୍ତି । ସୁଧୀର ଜ୍ୟେଷ୍ଠ ହେତୁ ସିଂହାସନ ତା'ର ପ୍ରାପ୍ୟ ବୋଲି ମନ୍ତ୍ରୀ ଯୁକ୍ତି କରିଛନ୍ତି । କିନ୍ତୁ ରାଜା ସାନରାଣୀଙ୍କୁ ଅଧିକ ସ୍ନେହ କରୁଥିବାରୁ ସୁଧୀର ରାଜା ହେଲେ ସାନରାଣୀଙ୍କ ମନରେ କଷ୍ଟ ହେବ ବୋଲି ରାଜା ପ୍ରକାଶ କରିଛନ୍ତି । ପଣ୍ଡିତ କିନ୍ତୁ ରାଜାଙ୍କ ମନୋଭାବ ଜାଣି ସାନଭାଇ ସୁଶୀଳକୁ ରାଜଗାଦି ପ୍ରଦାନ ପ୍ରସ୍ତାବକୁ ସମର୍ଥନ କରିଛନ୍ତି । ରାଜା କିଛି ସ୍ଥିର କରି ନପାରି ଦୁଇପୁତ୍ରଙ୍କୁ ଡକାଇ ଏ ବିଷୟରେ ପରାମର୍ଶ ଗୁହିଁଛନ୍ତି । ସୁଶୀଳ ରାଜା ହେଉ ବୋଲି ସୁଧୀର କହିଥିଲାବେଳେ ସୁଧୀର ରାଜା ହେଉ ବୋଲି ସୁଶୀଳ କହିଛି । ସୁଧୀର ଜ୍ୟେଷ୍ଠ ହେତୁ ସିଂହାସନ ତା'ର ପ୍ରାପ୍ୟ ବୋଲି ସୁଶୀଳ ଯୁକ୍ତି ବାଢ଼ିଛି ଏବଂ ସୁଧୀରକୁ ରାଜା ହେବାପାଇଁ ବାଧ୍ୟ କରିଛି । ରାଜା ସୁଶୀଳର ପ୍ରସ୍ତାବରେ ସମ୍ମତ ହୋଇଛନ୍ତି ।

ପଣ୍ଡିତଙ୍କ କୁପରାମର୍ଶରେ ସାନରାଣୀ ସ୍ୱପୁତ୍ର ସୁଶୀଳକୁ ସିଂହାସନରେ ବସାଇବାର ମସୁଧା ଚଳାଇଛନ୍ତି । ଏ ଦୁଇଜଣଙ୍କ ଚକ୍ରାନ୍ତର ଶିକାର ହୋଇଛି ସୁଧୀର । ରାଜାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରୁଥିବା ଦୋଷରେ ସୁଧୀରକୁ ରାଜାଙ୍କ ବିରାଗଭାଜନ କରାଯାଇଛି । ରାଜା ସୁଧୀରକୁ ମୃତ୍ୟୁଦଣ୍ଡ ଆଦେଶ ଦେଇଛନ୍ତି । ଘାତକ ସୁଧୀରକୁ ଘନ ବନପ୍ରଦେଶକୁ ନେଇଛି ହତ୍ୟା କରିବା ପାଇଁ । କିନ୍ତୁ ଘାତକ ହତ୍ୟା କରିବା ପୂର୍ବରୁ ରାଜାଶୂନ୍ୟ ବିଜୟଗଡ଼ର ହାତୀ ସୁଧୀର ମୁଣ୍ଡରେ ସୁନାକଳସ ଢାଳିଛି । ସୁଧୀର ବିଜୟଗଡ଼ର ରାଜା ଭାବରେ ଅଭିଷିକ୍ତ ହୋଇଛି ।

ଏସବୁ ଘଟିଯାଇଛି ସୁଶୀଳର ଅଜ୍ଞାତସାରରେ । ସୁଶୀଳ ଏହା ଜାଣିବା ପରେ ନିଜ ମାଆଙ୍କୁ ତିରସ୍କାର କରିଛି । ତା' ଭାଇ ଜୀବିତ ଥିବା ସେ ଜାଣିପାରିଛି ଘାତକଠାରୁ । ତେଣୁ ସେ ଭାଇ ସନ୍ଧାନରେ ବାହାରି ଯାଇଛି । ଘୋର ଅରଣ୍ୟ

Digitized by srujanika@gmail.com

ମଧ୍ୟରେ ବାଟବଣା ହୋଇ କ୍ରନ୍ଦନ କରିଛି । ସନ୍ତାନହୀନା ଏକ ଶବର ଦମ୍ପତି ତାକୁ ନେଇ ପୁତ୍ରବତ୍ ପାଳନ କରିଛନ୍ତି ।

ଏକଦା ଶବରପୁତ୍ର ଭାବରେ ମୃଗଭାର ଧରି ଫେରୁଥିବାବେଳେ ସୁଶୀଳ ପଥ ମଧ୍ୟରେ ରଖାଯାଇଥିବା ଏକ ଚିତ୍ରପଟକୁ ଉଠାଇ ନେଇଛି । ସେ ଚିତ୍ରପଟଟି କର୍ଣ୍ଣାଟ ରାଜକନ୍ୟା ମାଳତୀର । ମାଳତୀ ପ୍ରତିଜ୍ଞା କରିଥିଲା ଯେ, ସେହି ଚିତ୍ରପଟଟି ଯେ ଛୁଇଁବ, ସେ ତାକୁ ପତିରୂପେ ବରଣ କରିବ । ପ୍ରତିଜ୍ଞା ଅନୁସାରେ ସୁଶୀଳର ମାଳତୀ ସହିତ ବିବାହ ସମ୍ପନ୍ନ ହୋଇଛି ।

ବିବାହ ପରେ ସୁଶୀଳ ବଡ଼ଭାଇ ସୁଧୀରର ସନ୍ଧାନରେ ବାହାରିଛି । ମାଳତୀର ଅନୁରୋଧକ୍ରମେ ସେ ତାକୁ ସଙ୍ଗରେ ନେଇଛି । ବାଟରେ ନଦୀ ପାରିହେବା ସମୟରେ ଦୁଇ ନାଉରୀ ସୁଶୀଳକୁ ନଦୀଗର୍ଭକୁ ଠେଲିଦେଇଛନ୍ତି ଓ ମାଳତୀକୁ ନେଇ ରାଜା ସୁଧୀରକୁ ଭେଟି ଦେଇଛନ୍ତି ।

ସୁଶୀଳକୁ ଉଦ୍ଧାର କରିଛି ଏକ ମାଲ୍ୟାଣୀ । ଦିନେ ନୂଆ ରାଣୀ ମାଳତୀଙ୍କ ଉଆସ ଜଗିବାର ପାଳି ମାଲ୍ୟାଣୀ ଘର ଉପରେ ପଡ଼ିଛି । ମାଲ୍ୟାଣୀର ଆଉ କେହି ନଥିବାରୁ ସେ ନିଜ ପାଳିତ ପୁତ୍ର ସୁଶୀଳକୁ ଏ କାର୍ଯ୍ୟରେ ପଠାଇଛି । ନିଜର ବନ୍ଧୁ ରାମା ଗୁଡ଼ିଆ ସହିତ ମିଶି ସୁଶୀଳ ଉଆସ ଜଗିଛି । ରାତିରେ ଉଜାଗର ରହିବା ପାଇଁ ସୁଶୀଳ ନିଜ କାହାଣୀ ରାମାକୁ ଶୁଣାଇଛି । ମାଳତୀ ଏ କାହାଣୀ ଶୁଣି ସୁଶୀଳକୁ ଚିହ୍ନିପାରିଛି ।

ପରଦିନ ମାଳତୀ ପୂର୍ବକଥା ଭାବି କାନ୍ଦିବାକୁ ଲାଗିଛି । ରାଜା ଏକଥା ଜାଣି ସୁଶୀଳ କହିଥିବା କାହାଣୀ ମାଳତୀର କ୍ରନ୍ଦନର କାରଣ ବୋଲି ଭାବିଛନ୍ତି । ଏଣୁ ସୁଶୀଳକୁ ମୃତ୍ୟୁଦଣ୍ଡ ଆଦେଶ ହୋଇଛି । ସୁଶୀଳ ନିଜ ନିର୍ଦ୍ଦୋଷତାର ପ୍ରମାଣ ଦେବାକୁ ଯାଇ ନିଜ କାହାଣୀ ଶୁଣାଇଛି । ଦୁଇଭାଇ ଚିହ୍ନାଚିହ୍ନି ହୋଇଛନ୍ତି ।

ଦୁଇଭାଇ ଛଦ୍ମବେଶରେ ନିଜ ରାଜ୍ୟକୁ ଯାଇଛନ୍ତି । ସେଠାରେ ପଣ୍ଡିତ ଓ ରାଣୀଙ୍କ ଚକ୍ରାନ୍ତ ଜାଣିପାରି ରାଜା ସେମାନଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି । ଏମାନଙ୍କୁ ଏ ଦୁଇଭାଇ ରକ୍ଷା କରିଛନ୍ତି । ପିତା ଓ ପୁତ୍ର ପରସ୍ପରକୁ ଚିହ୍ନିପାରିଛନ୍ତି । ମଧୁର ମିଳନରେ ନାଟକର ପରିସମାପ୍ତି ଘଟିଛି ।

ଏହି ମିଳନାନ୍ତକ ଗୀତିନାଟ୍ୟଟି ଗ୍ରିଅଙ୍କବିଶିଷ୍ଟ । ଏହାକୁ ସରସ ସୁନ୍ଦର କରିବା ଉଦ୍ଦେଶ୍ୟରେ ଏଥିରେ କେତୋଟି କର୍ଣ୍ଣପ୍ରୀତିପ୍ରଦ ପଦ୍ୟ-ସଂଳାପ ଖଞ୍ଜି ଦେଇଛନ୍ତି ରସିକ କବି ବାଳକୃଷ୍ଣ । ବିଭିନ୍ନ ରସର ସମାବେଶରେ ଓ ପାତ୍ରମୁଖୀ ଭାଷାର ଯାଦୁକରୀ ସ୍ପର୍ଶରେ ତତ୍କାଳୀନ ଦର୍ଶକମଣ୍ଡଳୀ ବିମୋହିତ ହୋଇଯାଉଥିଲେ,

Digitized by srujanika@gmail.com

ଦୁଃଖରେ କାନ୍ଦି ପକାଉଥିଲେ, ଆନନ୍ଦରେ କୁରୁଳି ଉଠୁଥିଲେ । ଏହା ଲୋକଚିତ୍ତକୁ ଏତେ ସ୍ପର୍ଶ କରିପାରିଥିଲା ଯେ ଆକାଶବାଣୀରେ ଏହାର ପ୍ରସାରଣକୁ ଶ୍ରୋତୃବୃନ୍ଦ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହୁଥିଲେ ।

ପାଣି-ଧୋବଣୀ ଫାର୍ସ :

'ପାଣି-ଧୋବଣୀ ଫାର୍ସ' ଏକ ଲଘୁଧର୍ମୀ ନାଟ୍ୟସୃଷ୍ଟି । ପାଣି (ଗଣକବି ବୈଷ୍ଣବ ପାଣି) ଓ ଧୋବଣୀ (ପାଣିଙ୍କ ରକ୍ଷିତା ରଜକିନୀ ହାରା)ଙ୍କ ସମ୍ପର୍କକୁ ନେଇ ଏ ଫାର୍ସଟି ରଚିତ । ଏଥିରେ ପାଣିଙ୍କ ଚରିତ୍ର ଅତି କଟୁକ୍ତିପୂର୍ଣ୍ଣ ଭାଷାରେ ଓ ବିଦ୍ରୂପାତ୍ମକ ଶୈଳୀରେ ଚିତ୍ରିତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏକଦା ଗୋପାଳ ଦାଶ, ବୈଷ୍ଣବ ପାଣି ଓ ବାଳକୃଷ୍ଣ ମହାନ୍ତି ତିନି ନାଟ୍ୟସ୍ରଷ୍ଟା ଓଡ଼ିଆ ନାଟ୍ୟ-ଦିଗ୍‌ବଳୟକୁ ଉଦ୍‌ଭାସିତ କରି ଉଭା ହୋଇଥିଲେ ଅଗଣିତ ନାଟ୍ୟପ୍ରେମୀ ଓଡ଼ିଆ ଦର୍ଶକଙ୍କ ସମ୍ମୁଖରେ । ଏହି ସମଯୋଦ୍ଧାତ୍ରୟ କେତେଥର ବାଦୀଯାତ୍ରାରେ ପରସ୍ପରକୁ ଭେଟିଛନ୍ତି । ବିଶେଷତଃ ପାଣି ଓ ମହାନ୍ତିଙ୍କ ମଧ୍ୟରେ ଏହିପରି ଯାତ୍ରା-ଯୁଦ୍ଧ କେତେଥର ସଂଘଟିତ ହୋଇଛି । ଅସୂୟା ପରବଶ ହୋଇ ବୈଷ୍ଣବ ପାଣି ବାଳକୃଷ୍ଣଙ୍କୁ ଆକ୍ଷେପ କରି ପ୍ରଥମେ 'ନାଟୁଆ ମହାନ୍ତି ଫାର୍ସ' ରଚନା କରି ନିଃସଙ୍କୋଚରେ ମଞ୍ଚସ୍ଥ କଲେ । ବାଳକୃଷ୍ଣ ମଧ୍ୟ କମ୍ ପ୍ରତିଭାଧର ନଥିଲେ । ସେ ତା'ର ପ୍ରତ୍ୟୁତ୍ତରରେ ରଚନା କଲେ ଆଲୋଚ୍ୟ 'ପାଣି-ଧୋବଣୀ ଫାର୍ସ'ଟି ।

ଏଇଟିର ଆରମ୍ଭ ସୂଚୀଛାନ୍ଦରୁ, ଯେଉଁଥିରେ ବାଳକୃଷ୍ଣ ସାହିତ୍ୟ-ଗ୍ରେରମାନଙ୍କୁ (ପରୋକ୍ଷରେ ବୈଷ୍ଣବ ପାଣିଙ୍କୁ) ଆକ୍ଷେପ କରିଛନ୍ତି । ପାର୍ବତୀ ନାମ୍ନୀ ଏକ ଅବିବାହିତା ଧୋବଣୀ ପ୍ରତି ଢଇ ପାଣି ଆକୃଷ୍ଟ ହୋଇ ତା' ପଛରେ ଧାଇଁଛନ୍ତି; ପରୋକ୍ଷରେ ତା' ଅଙ୍ଗସଙ୍ଗ ଲାଭ କରିବାର ଇଚ୍ଛା ପ୍ରକାଶ କରିଛନ୍ତି । ଚତୁରୀ ଧୋବଣୀ ପାର୍ବତୀ ଢଇ ପାଣିଙ୍କ ଉଦ୍ଦେଶ୍ୟ ଜାଣିପାରି ତାଙ୍କୁ ପାନେ ଚଖାଇବା ପାଇଁ ନିଜ ଗୃହକୁ ନିମନ୍ତ୍ରଣ କରିଛି । ପରଦିନ ସନ୍ଧ୍ୟାପରେ ଢଇ ପାଣି ଯାଇ ହାଜର ହୋଇଛନ୍ତି ପାର୍ବତୀ ଘରେ । ପାର୍ବତୀ ଲୁଗାପଟା ଇସ୍ତ୍ରୀ କରିବାରେ ବ୍ୟସ୍ତ ରହି ପାଣିଙ୍କୁ ପାନ ଭାଙ୍ଗି ଖାଇବାକୁ ବଟୁଆ ବଢ଼ାଇ ଦେଇଛି । ପାଣି ପାନ ଭାଙ୍ଗୁଥିବା ସମୟରେ ବାହାରୁ ନଟ ମହାନ୍ତିଙ୍କର ପାଟି ଶୁଭିଛି । ସେ ପାର୍ବତୀଠାରୁ ଇସ୍ତ୍ରୀ କରାଯାଇଥିବା ଲୁଗାପଟା ନେବା ପାଇଁ ଆସି ପହଞ୍ଚିଯାଇଛନ୍ତି । ପାଣି ଧରାପଡ଼ିଯିବା ଭୟରେ ତାଙ୍କୁ ସୁବିଧା ଜାଗାରେ ଲୁଚାଇ ଦେବାକୁ ପାର୍ବତୀକୁ ଅନୁରୋଧ କରିଛନ୍ତି । କିଛି ବାଟ ନ ପାଇ ପାର୍ବତୀ ପାଣିଙ୍କୁ ଏକ ବସ୍ତାରେ ପୂରାଇ ମୁହଁ ବାନ୍ଧି ଦେଇଛି ଏବଂ ଦୁଆର ମୁହଁରେ ଡେରି ଦେଇଛି । ନଟ ମହାନ୍ତି ଘର ଭିତରକୁ ପଶିବା ପରେ ତାଙ୍କୁ

Digitized by srujanika@gmail.com

ସେହି ବସ୍ତା ଉପରେ ବସିବାକୁ ପାର୍ବତୀ କହିଛି । ମହାନ୍ତିଏ ବସ୍ତା ଉପରେ ବସିବା ପରେ ତା' ଭିତରେ କ'ଣ ଗୋଟାଏ ହଲଚଲ ହେଉଥିବାର ଜାଣି ପାଣିଙ୍କୁ ତା' ଭିତରୁ ବାହାର କରିଛନ୍ତି । ପାର୍ବତୀଠାରୁ ପାଣିଙ୍କ ମନ୍ଦ ଉଦ୍ଦେଶ୍ୟ ବିଷୟରେ ଜାଣିପାରି ନଟବାବୁ ତାଙ୍କୁ ଖୁବ୍ ଜୋର୍‌ରେ ପ୍ରହାର କରିଛନ୍ତି ଏବଂ ପାର୍ବତୀ ଛାଞ୍ଚୁଣୀ ଗୁଳନା କରିଛି । ଶେଷରେ ପାର୍ବତୀ ତା' ଗରମ ଇସ୍ତ୍ରୀରେ ତାଙ୍କ ପେଣ୍ଡାରେ ଦୁଇ-ଗୁରି ଚେଙ୍କ ଦେଇଛି । ନଟବାବୁ ପାଣିଙ୍କୁ ପାର୍ବତୀର ଗଧ ଉପରେ ବସାଇ ସାରା ସହର ବୁଲାଇଛନ୍ତି । ସମସ୍ତେ ପାଣିଙ୍କୁ ଟାହିଟାପରା କରିଛନ୍ତି ।

ଜଇ ପାଣିଙ୍କ ପୋଡ଼ା ଘା' ସାଙ୍ଘାତିକ ହୋଇଛି । ତାଙ୍କ ମାଆ ଓ ସ୍ତ୍ରୀ ତାଙ୍କୁ ଭଲ କରିବାକୁ ଆପ୍ରାଣ ଚେଷ୍ଟା କରିଛନ୍ତି । ଏହା ପାପର ଫଳ, ପ୍ରାୟଶ୍ଚିତ୍ତ ବିନା ଆରୋଗ୍ୟ ନୁହେଁ ବୋଲି ଜାଣିବା ଶୁଣିବା ଲୋକେ କହିଛନ୍ତି । ବ୍ରାହ୍ମଣମାନେ ଏହି ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ପାଣିଙ୍କ ଦେହରେ ଝୋଟ ଗୁଡ଼ାଇ ସାମାନ୍ୟ ଅଗ୍ନି ସଂଯୋଗ କରିଛନ୍ତି । ପାଣି ଏ କୃତକର୍ମ ପାଇଁ ପଶ୍ଚାତ୍ତାପ କରିଛନ୍ତି ଓ 'ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ' ନାମ ଜପିଛନ୍ତି ।

ତିନିଅଙ୍କବିଶିଷ୍ଟ ଏହି ଫାର୍ଶଟିର ଅନ୍ୟନାମ 'ଆଦର୍ଶ ଶିକ୍ଷା' । ଏଇଟି ବୈଷ୍ଣବ ପାଣିଙ୍କ 'ନାଟୁଆ ମହାନ୍ତି ଫାର୍ଶ'ର ଉପଯୁକ୍ତ ଜବାବ । ଏଥିରେ ବାଳକୃଷ୍ଣ ମହାନ୍ତିଙ୍କ ସମାଜ-ସଂସ୍କାର ମନୋଭାବଟି ପ୍ରଚ୍ଛନ୍ନ; ମୌଳିକ ବସ୍ତୁପରିକଳ୍ପନା, ଅପୂର୍ବ କବିତ୍ୱ, ଅନନ୍ୟ ନାଟ୍ୟଚାତୁରୀ ଓ ସ୍ୱକୀୟ ବର୍ଣ୍ଣନାବିଳାସ ବିଦ୍ୟମାନ ।

ବାଳକୃଷ୍ଣଙ୍କ ରଚନାବଳୀରେ ପୌରାଣିକ ଗୀତିନାଟ୍ୟ ସଂଖ୍ୟାରେ ଅଧିକ । ସେ ଏ ପ୍ରକାର ନାଟକ ରଚନା ପାଇଁ ଯେକୌଣସି ପୌରାଣିକ ବିଷୟବସ୍ତୁ ଗ୍ରହଣ ନ କରି କେବଳ ସୁନିର୍ବାଚିତ ଓ ଲୋକପ୍ରିୟ ପୌରାଣିକ କାହାଣୀମାନ ଗ୍ରହଣ କରୁଥିଲେ । ତାଙ୍କ ସମକାଳୀନ ଓ ପୂର୍ବଜ ନାଟ୍ୟକାରଗଣ ମଧ୍ୟ ପୌରାଣିକ ନାଟକମାନ ରଚନା କରି ଅଭିନୀତ କରିବାକୁ ସୁଖ ମଣୁଥିଲେ । କାରଣ ପୌରାଣିକ କାହାଣୀ ଦର୍ଶକମାନଙ୍କୁ ଅବିଦିତ ନ ଥିଲା ଏବଂ ସେମାନେ ସେସବୁକୁ ବିଭିନ୍ନ କଳାକାରଙ୍କ ମାଧ୍ୟମରେ ପରିବେଷିତ ହେବା ଦେଖି ବେଶ୍ ଆମୋଦିତ ହେଉଥିଲେ । ସେହିପରି ଐତିହାସିକ ଓ କିଂବଦନ୍ତୀମୂଳକ ନାଟକଗୁଡ଼ିକ ମଧ୍ୟ ଦର୍ଶକମାନଙ୍କୁ ସମପରିମାଣରେ ଆନନ୍ଦ ପ୍ରଦାନ କରୁଥିଲା । କିନ୍ତୁ ସମାନ ପୌରାଣିକ କାହାଣୀ ଆଧାରିତ ଓ ବିଭିନ୍ନ ନାଟ୍ୟକାରଙ୍କ ଦ୍ୱାରା ରଚିତ ନାଟକମାନ ଦେଖି ଦେଖି ସେମାନେ ଯେତେବେଳେ ଭିନ୍ନରୁଚିର ନାଟକ ଦେଖିବାକୁ ଇଚ୍ଛା କରୁଥିଲେ ସେତେବେଳେ ସେମାନଙ୍କୁ କେତେକ ନାଟ୍ୟକାର ଭେଟି ଦେଲେ କାଳ୍ପନିକ ଓ ସାମାଜିକ ନାଟକମାନ । ଏହି ପରିପ୍ରେକ୍ଷୀରେ ଦର୍ଶକମାନଙ୍କ ରୁଚିର ଅନୁରୋଧରେ ବାଳକୃଷ୍ଣ ପୌରାଣିକ

Digitized by srujanika@gmail.com

କଥାବସ୍ତୁ ବ୍ୟତିରେକ ଭିନ୍ନ ସ୍ୱାଦର ନାଟକମାନ ଦର୍ଶକଙ୍କୁ ପରିବେଷଣ କରିବାକୁ ଆଗେଇ ଆସିଲେ ଏବଂ ରଚନା କଲେ 'ବିଜୟ ବସନ୍ତ' ଗୀତିନାଟ୍ୟ । ଏହା ତାଙ୍କ ପ୍ରଥମ ଗୀତିନାଟ୍ୟ । ଏହା କାଳ୍ପନିକ କାହାଣୀଭିତ୍ତିକ ଏବଂ ସାମାଜିକ ଚିତ୍ର ଓ ଚରିତ୍ରପୁଷ୍ଟ । ତାଙ୍କର ଲେଖନୀ ଏ ଜାତୀୟ ବହୁ ନାଟକ ସୃଷ୍ଟି କଲା । ଏହା ଉଲ୍ଲେଖଯୋଗ୍ୟ ଯେ, ବାଳକୃଷ୍ଣଙ୍କ ପୂର୍ବବର୍ତ୍ତୀ ଓ ସମସାମୟିକ ଗୀତିନାଟ୍ୟକାରଗଣ ପୌରାଣିକ ନାଟକ ରଚନାରୁ ସେମାନଙ୍କ ନାଟ୍ୟକାର ଜୀବନ ଆରମ୍ଭ କରିଥିଲେହେଁ ବାଳକୃଷ୍ଣ କାଳ୍ପନିକ କଥାବସ୍ତୁକୁ ପୁଞ୍ଜି କରି ସାମାଜିକ ନାଟକ ରଚନା କରି ନିଜକୁ ନାଟ୍ୟକାର ଭାବରେ ପରିଚିତ କଲେ । ତା'ପରେ ପୌରାଣିକ ଓ ଅନ୍ୟ ଜାତୀୟ ନାଟକ ତାଙ୍କ ସୃଷ୍ଟି-ସମ୍ଭାରକୁ ସମୃଦ୍ଧ କଲା । ତତ୍‌କାଳୀନ ଦର୍ଶକମାନଙ୍କ ରୁଚି ଦୃଷ୍ଟିରୁ ସେ ନିଜ ରଚିତ ନାଟକରେ କିଛି କିଛି ଅଲୌକିକ ଓ ଅବାସ୍ତବ ଘଟଣାର ସୂତ୍ରପାତ କଲେ, କେବଳ ରାଜା ମହାରାଜା ନୁହନ୍ତି, ସମାଜର ନିମ୍ନସ୍ତରରୁ ମଧ୍ୟ ଚରିତ୍ର ସାଉଁଟି ନେଲେ, ସମୟୋପଯୋଗୀ ଚିତ୍ର ପ୍ରଦାନ କଲେ, ମନୋରଞ୍ଜକ ଓ ରାଗରାଗିଣୀଯୁକ୍ତ ପଦ୍ୟ-ସଂଳାପ ସହିତ ସର୍ବଜନବୋଧ୍ୟ କାବ୍ୟିକ ଗଦ୍ୟ-ସଂଳାପ ଖଞ୍ଜିଦେଲେ । ଫଳରେ ତାଙ୍କ କୀର୍ତ୍ତି ଚୌଦିଗେ ବ୍ୟାପିଗଲା ଓ ସେ ତତ୍‌କାଳୀନ ଦର୍ଶକମାନଙ୍କର ଅତି ପ୍ରିୟ ନାଟ୍ୟକାର ଭାବରେ ପରିଗଣିତ ହେଲେ ।

ବାଳକୃଷ୍ଣଙ୍କର ବହୁ ନାଟ୍ୟକୃତି ବ୍ୟତୀତ ଭଜନ, ଜଣାଣ, ଚଉତିଶା ଆଦି ଅନ୍ୟାନ୍ୟ ରଚନାଗୁଡ଼ିକ ଆଜି ଦୁଷ୍ପ୍ରାପ୍ୟ । ତେଣୁ ସେସବୁ ଉପରେ ଆଲୋଚନା କରିବାର ସୁଯୋଗରୁ ଆମେ ବଞ୍ଚିତ । ତାଙ୍କ ନାଟକଗୁଡ଼ିକର ସାହିତ୍ୟିକ ବିଶେଷତ୍ୱ ସହିତ ଅନ୍ୟ ବିଶେଷତ୍ୱଗୁଡ଼ିକୁ ଆଲୋଚନାର ପରିସରଭୁକ୍ତ କରାଯାଇ ସମକାଳୀନ ଓଡ଼ିଆ ନାଟ୍ୟଜଗତରେ ଜଣେ ବିଶିଷ୍ଟ ନାଟ୍ୟକାର ଭାବରେ ତାଙ୍କ କୃତିତ୍ୱର ମୂଲ୍ୟାୟନ କରାଯାଇପାରେ ।

ପ୍ରସ୍ତାବନା

ସଂସ୍କୃତ ନାଟକମାନଙ୍କରେ ଆମୁଖ ବା ପ୍ରସ୍ତାବନା ଉପସ୍ଥାପନ କରିବା ଥିଲା ଏକ ପାରମ୍ପରିକ ବିଧି । ଏହି ପରମ୍ପରାରେ ବାଳକୃଷ୍ଣ ମହାନ୍ତିଙ୍କ ଗୀତିନାଟ୍ୟର ପ୍ରାରମ୍ଭରେ ରହିଛି ପ୍ରସ୍ତାବନା । ସେ କେଉଁ ନାଟକରେ ନଟ-ନଟୀ ମୁଖରେ ପ୍ରସ୍ତାବନା ବାଢ଼ିଛନ୍ତି ତ କେଉଁ ନାଟକରେ ବନ୍ଦନା, ପ୍ରାର୍ଥନା ବା ଇଷ୍ଟସ୍ତୁତି ଗାନ ମାଧ୍ୟମରେ ପ୍ରସ୍ତାବନା ଖଞ୍ଜି ଦେଇଛନ୍ତି । ପୁନଶ୍ଚ କେତେକ ନାଟକରେ ସେ ପ୍ରସ୍ତାବନା ନ ଦେଇ ସିଧାସଳଖ ଚରିତ୍ରମାନଙ୍କର କଥୋପକଥନରୁ ଆରମ୍ଭ କରିଛନ୍ତି । ନଟନଟୀଙ୍କ ସମ୍ବାଦରେ ବସ୍ତୁନିର୍ଦ୍ଦେଶ ସହ ଚରିତ୍ରର ଅନ୍ତରଙ୍ଗ ପରିଚୟ ଓ ନାଟକର ଆଙ୍ଗିକ ପରିପାଟୀ ଉପରେ ସୂଚନା ଥାଏ । ସଙ୍ଗୀତ ଓ ନୃତ୍ୟରେ ପ୍ରଦର୍ଶିତ ପ୍ରସ୍ତାବନା ମଧ୍ୟ

Digitized by srujanika@gmail.com

ବେଳେବେଳେ ନାଟକ ସମ୍ବନ୍ଧରେ ସୂଚନା ଦେଇଥାଏ । 'ରାଜା ହରିଶ୍ଚନ୍ଦ୍ର', 'ବିଜୟ ବସନ୍ତ', 'କାଳୀୟ ମର୍ଦ୍ଦନ', 'ଅମର ବିଳାସ' ଇତ୍ୟାଦି ନାଟକର ଆରମ୍ଭରେ ନଟନଟୀ ପ୍ରସ୍ତାବନା ବାଢ଼ିଛନ୍ତି । 'ସୁଦାମା ଦାରିଦ୍ର୍ୟ ଭଞ୍ଜନ' ନାଟକରେ ପ୍ରସ୍ତାବନା ପରିବର୍ତ୍ତେ ପ୍ରଭୁଙ୍କ ବନ୍ଦନା ରହିଛି । ଅନ୍ୟ କେତେକ ନାଟକ ଆରମ୍ଭ ହୋଇଛି ଚରିତ୍ରମାନଙ୍କ କଥୋପକଥନରୁ । 'ପାଣି-ଧୋବଣୀ ଫାର୍ସ'ର ଆରମ୍ଭରେ ପ୍ରଦତ୍ତ ସୂଚୀଛାନ୍ଦକୁ ପ୍ରସ୍ତାବନା ରୂପେ ଗ୍ରହଣ କରାଯାଇପାରେ । ଏଥିରେ ନାଟ୍ୟକାରଙ୍କର ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ନିହିତ ।

କଥାବସ୍ତୁ

କାହାଣୀଟିଏ ନ ହେଲେ ନାଟକ ରଚନା କରିହେବ ନାହିଁ । ଏଣୁ ଏହି କାହାଣୀ ବା କଥାବସ୍ତୁ ନାଟକର ମୂଳ, ନାଟ୍ୟଗଠନ କଳାର ପ୍ରଧାନ ଉପାଦାନ । ବାଳକୃଷ୍ଣ ମହାନ୍ତିଙ୍କ ସମକାଳୀନ ବା ପୂର୍ବବର୍ତ୍ତୀ ନାଟ୍ୟକାରମାନେ ସାଧାରଣତଃ ପୌରାଣିକ କଥାବସ୍ତୁ ଅବଲମ୍ବନରେ ନାଟକ ରଚନା କରୁଥିଲେ, କିନ୍ତୁ ବାଳକୃଷ୍ଣ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ ମନେହେଲେ, ଯେତେବେଳେ ସେ ନାଟ୍ୟରଚନା ଆରମ୍ଭ କଲେ ସାମାଜିକ କଥାବସ୍ତୁକୁ ପୁଞ୍ଜି କରି । ତାଙ୍କ ନାଟ୍ୟସରଣୀରେ ପ୍ରଥମ କୃତିଟି ହେଉଛି 'ବିଜୟ ବସନ୍ତ' । ଏଇଟି ଏକ କଳ୍ପନାଶ୍ରିତ ସାମାଜିକ ନାଟକ । ତା'ପରେ ସେ ନାଟକ ରଚନା କ୍ଷେତ୍ରରେ ପଛକୁ ଫେରି ନ ଚାହିଁ ପୌରାଣିକ, ସାମାଜିକ, କାଳ୍ପନିକ, ଐତିହାସିକ ଓ କିମ୍ବଦନ୍ତିକ ନାଟକମାନ ରଚନା କରି ଓଡ଼ିଆ ନାଟ୍ୟସାହିତ୍ୟକୁ ସମୃଦ୍ଧ କଲେ । ତାଙ୍କ ନାଟକରେ କଥାବସ୍ତୁର ଆରମ୍ଭ, ପ୍ରବାହ ଓ ପରିଣତି ସୁସ୍ପଷ୍ଟ । ଲୋକରୁଚି ଦୃଷ୍ଟିରୁ ସେ ମୁଖ୍ୟ କାହାଣୀ ସହିତ ଫାର୍ସ ଭଳି ଉପକଥାବସ୍ତୁମାନ ଏପରି ଖଞ୍ଜିଦେଲେ ଯେ ମୁଖ୍ୟ ଘଟଣା କୌଣସିଠାରେ ବ୍ୟାହତ ହେଲା ନାହିଁ; ବରଂ ତାଙ୍କ ନାଟକ ଅଧିକ ସୁନ୍ଦର ହେଲା, ଅଧିକ ଲୋକାଭିମୁଖୀ ହେଲା ।

ଚରିତ୍ର ଚିତ୍ରଣ

କଥାବସ୍ତୁଟିଏ ମିଳିଗଲେ ନାଟକ ଲେଖିବା ଆରମ୍ଭ ହୁଏ । ଏଥିପାଇଁ ବିଭିନ୍ନ ଚରିତ୍ର ଅବତାରଣା କରିବାର ଆବଶ୍ୟକତା ପଡ଼େ । ଚରିତ୍ର ବିନା ନାଟକ ପରିକଳ୍ପନା ଅସମ୍ଭବ । ଏଣୁ ଚରିତ୍ରହିଁ ନାଟକର ମୁଖ୍ୟ ଅଙ୍ଗ । ବାଳକୃଷ୍ଣ ପୌରାଣିକ ନାଟକରେ ଦେବଦେବୀ ଚରିତ୍ର, ଐତିହାସିକ ନାଟକରେ ରାଜା, ପ୍ରଜା, ପାତ୍ରମନ୍ତ୍ରୀମାନଙ୍କ ଚରିତ୍ର ଏବଂ ସାମାଜିକ ନାଟକରେ ଚଳନ୍ତି ସମାଜରେ ଆତଯାତ ଚରିତ୍ରମାନଙ୍କର ସୁସମାବେଶ ଘଟାଇ ନିଜ ନାଟ୍ୟଜଗତକୁ ସମୃଦ୍ଧ କରିଛନ୍ତି ।

Digitized by srujanika@gmail.com

ନାଟକକୁ କଥାବସ୍ତୁ, ପରିବେଶ ଓ ପରିସ୍ଥିତି ଅନୁସାରୀ କରିବା ଉଦ୍ଦେଶ୍ୟରେ ସେ ପ୍ରତି ନାଟକରେ କିଛି କିଛି ଅନାବଶ୍ୟକ ଚରିତ୍ର ମଧ୍ୟ ଗ୍ରହଣ କରିଛନ୍ତି । ଏହି ଅନାବଶ୍ୟକ ଚରିତ୍ରଗୁଡ଼ିକୁ ବାଦ୍ ଦେଲେ ବି ନାଟକ ରଚିତ ହୋଇପାରିବ, ଅଭିନୀତ ମଧ୍ୟ ହୋଇପାରିବ । କିନ୍ତୁ ଅଧିକ କଳାକାରଙ୍କୁ ଅଭିନୟରେ ଭାଗନେବାର ସୁଯୋଗ ମିଳିବ ନାହିଁ । ସେତେବେଳେ ନାଟକମାନ ସାଧାରଣତଃ ଗାଁଗଣ୍ଡାରେ, ପର୍ବପର୍ବାଣିମାନଙ୍କରେ ମଞ୍ଚସ୍ଥ ହେଉଥିଲା । ଏଥିରେ ଭାଗନେବାକୁ ବହୁ ଗ୍ରାମବାସୀ ଆଗ୍ରହ ପ୍ରକାଶ କରୁଥିଲେ । ସମସ୍ତଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ଦରକାର ଥାଉ ବା ନଥାଉ ବହୁ ଚରିତ୍ର ସୃଷ୍ଟି କରାଯାଇ ନାଟକକୁ ଚରିତ୍ରବହୁଳ କରିବାକୁ ପଡୁଥିଲା । ଉଦାହରଣ ସ୍ୱରୂପ 'ଦାନବୀର ରାଜା ହରିଶ୍ଚନ୍ଦ୍ର' ନାଟ୍ୟସୃଷ୍ଟିକୁ ଗ୍ରହଣ କରାଯାଉ । ନଟନଟୀ ଆଦିଙ୍କୁ ମିଶାଇ ଏଥିରେ ତିରିଶରୁ ଅଧିକ ଚରିତ୍ର ସୃଷ୍ଟି କରାଯାଇଛି । ସେହିପରି 'ବାଣା ପରାଜୟ'ରେ ପଞ୍ଚତିରିଶରୁ ଊର୍ଦ୍ଧ୍ୱ ଚରିତ୍ର ଏବଂ 'ଶ୍ରୀରାମ ବନଗମନ' ଓ 'ଅମର ବିଳାସ'ରେ କୋଡ଼ିଏରୁ ଅଧିକ ଚରିତ୍ରର ସମାବେଶ ଘଟିଛି ।

ପୌରାଣିକ ହେଉ ବା ସାମାଜିକ, ଐତିହାସିକ ହେଉ ବା କାଳ୍ପନିକ, ତାଙ୍କ ନାଟକର ଚରିତ୍ର ଏଇ ମାଟି, ପାଣି, ପବନରେ ଲାଳିତ-ପାଳିତ ଓ ବର୍ଦ୍ଧିତ । ସେ ଏଇ ମାଟିର ଭାଷା କହେ, ଏଇ ସମାଜର ଚଳଣିରେ ଅଭ୍ୟସ୍ତ ଥାଏ । ଏଇ ପରିବେଶ ଓ ପରିସ୍ଥିତିରେ ଚଳପ୍ରଚଳ କରେ । ଅର୍ଥାତ୍ ସେ କଥାବାର୍ତ୍ତାରେ, ଗୁଳିଚଳଣିରେ ଓ ଆଗ୍ରହ-ବ୍ୟବହାରରେ ଖାଣ୍ଟି ଓଡ଼ିଆଟିଏ । ଚରିତ୍ରଚିତ୍ରଣରେ ଏହା ବାଳକୃଷ୍ଣଙ୍କର ଅନ୍ୟତମ ବିଶେଷତ୍ୱ । ତାଙ୍କ କୃତିରାଜିରେ ଭିକାରୀ, ଫେରିବାଲା, ଚଣ୍ଡାଳ, ମାଳ୍ୟାଣୀ, ଶବର-ଶବରୁଣୀ, ଭଣ୍ଡାରି-ଭଣ୍ଡାରୁଣୀ, କେଳା-କେଳୁଣୀ, ଧୋବା-ଧୋବଣୀ ପ୍ରଭୃତି ଚରିତ୍ରମାନଙ୍କଠାରୁ ଆରମ୍ଭ କରି ଦେବଦେବୀ, ରାଜାରାଣୀ ପ୍ରଭୃତି ଚରିତ୍ରଗୁଡ଼ିକ ଓଡ଼ିଆ ସମାଜର ସାଧାରଣ ମଣିଷ ଭଳି ଚିତ୍ରିତ । ଏ କ୍ଷେତ୍ରରେ ସେ ଏଇ ମାଟିର ମହାକବି ସାରଳାଦାସଙ୍କର ଯଥାର୍ଥ ଦାୟାଦ । ଷୋଡ଼ଶ ଶତାବ୍ଦୀରେ ଏହିପରି ନୂତନ ତଥା ଉଦାର ପରିକଳ୍ପନା ତାଙ୍କ 'ସାରଳା ମହାଭାରତ' ସମେତ ଅନ୍ୟାନ୍ୟ ଗ୍ରନ୍ଥରେ ମିଳେ ।

ନାରଦ ଚରିତ୍ର ବାଳକୃଷ୍ଣଙ୍କ ପୌରାଣିକ ଗୀତିନାଟ୍ୟ 'ଘଟୋତ୍କଚ', 'ବାଣା ପରାଜୟ', 'ଶ୍ରୀରାମ ବନଗମନ' ଇତ୍ୟାଦିରେ ପରିଦୃଷ୍ଟ । ନାରଦଙ୍କ ଉପସ୍ଥିତି ନାଟକକୁ ଏକ ନୂତନ ମୋଡ଼ ଦିଏ । କଳିମୁଣି ଧରି ବୁଲୁଥିବା ଓ କଳହ ସୃଷ୍ଟିରେ ଆନନ୍ଦ ଲାଭ କରୁଥିବା ଏହି ଚରିତ୍ର ଓଡ଼ିଆ ପୁରାଣରେ ବହୁଚର୍ଚ୍ଚିତ । ବାଳକୃଷ୍ଣଙ୍କ ଲେଖନୀ ନାରଦ ଚରିତ୍ରକୁ ଜୀବନ୍ତ ରୂପ ଦେବାରେ ବେଶ୍ ଦକ୍ଷ । ବାଳକୃଷ୍ଣ ଦୂତ ଚରିତ୍ର ମାଧ୍ୟମରେ ସାମାଜିକ ନୀତି ଓ ଆଦର୍ଶର କଥା କହନ୍ତି, ଅନୀତି ଓ କୁସଂସ୍କାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି; ଆଧୁନିକତା ନାମରେ ପ୍ରଚଳିତ ଅପସଂସ୍କୃତି

Digitized by srujanika@gmail.com

ପ୍ରତି ଅନୁକୂଳ ମନ୍ତବ୍ୟ ପ୍ରକାଶରେ ପଶ୍ଚାଦ୍‌ପଦ ନୁହନ୍ତି । ଦୂତ ବକ୍ତବ୍ୟହିଁ ତାଙ୍କ ନିଜ ବକ୍ତବ୍ୟ । ସେହିଭଳି ତାଙ୍କ ନିୟତି ସମାଜର ଦୋଷ ଦୁର୍ବଳତା ପ୍ରଦର୍ଶନ କରେ, ଦୁଷ୍ଟ ଚରିତ୍ରର ପରାଜୟ ସମ୍ପର୍କରେ ଭବିଷ୍ୟବାଣୀ କରେ, ଦୁନିଆର ଚିରାଚରିତ ନୀତିପ୍ରତି ବିଶ୍ୱସ୍ତ ରହି ସତ୍ୟ ଉଦ୍‌ଘାଟନ କରେ । 'ସୁଶୀଳ ମାଳତୀ'ରେ ସ୍ଥାନିତ ପଣ୍ଡିତ ଚରିତ୍ରଟି ଅର୍ଥଲୋଭରେ ସାନରାଣୀଙ୍କୁ କୁପରାମର୍ଶ ଦିଏ । ବାଳକୃଷ୍ଣଙ୍କ କେତୋଟି ନାଟ୍ୟକୃତିର ଘାତକ ଚରିତ୍ର ପରିଦୃଷ୍ଟ ହୁଏ । ରାଜାଦେଶ ପାଳନ କରି ଦୋଷୀକୁ ମୃତ୍ୟୁଦଣ୍ଡ ଦେବା ତା'ର କାମ । ବାଳକୃଷ୍ଣଙ୍କ ଘାତକ ସ୍ଥଳବିଶେଷରେ ବିବେକୀ ଓ ବିଗ୍ରହବନ୍ତ । ସେ ଅନ୍ୟାୟର ପ୍ରତିବାଦ କରିପାରେ, ତ୍ରୁଟିପୂର୍ଣ୍ଣ ରାଜାଦେଶକୁ ପାଳନ କରିବାକୁ ମଧ୍ୟ ଅସମ୍ମତ ହୋଇପାରେ । ଏହିପରି ଏକ ଘାତକ ଚରିତ୍ରର ଅବତାରଣା କରାଯାଇଛି 'ବିଜୟ ବସନ୍ତ' ଗୀତିନାଟ୍ୟରେ । ରାଜକୁମାର ବିଜୟ ଓ ବସନ୍ତଙ୍କୁ ନିହତ କରିବାର ଆଦେଶ ମିଥ୍ୟା ଅଭିଯୋଗ ଆଧାରିତ ହୋଇଥିବାରୁ ଘାତକ ରାଜାଦେଶର ପ୍ରତିବାଦ କରେ । ମନେହୁଏ, ତା'ର ସ୍ୱାଧୀନ ମତଦାନକୁ ରାଜା ପସନ୍ଦ କରି ରାଜା ତାକୁ ଦାୟିତ୍ୱମୁକ୍ତ କରନ୍ତି ଓ ବିଦ୍ୟାଗୁରୁଙ୍କୁ ସେହି ଦାୟିତ୍ୱ ଦିଅନ୍ତି । 'ବାଣା ପରାଜୟ'ରେ ବଲ୍ଲଭ, ଅନାଦି ଓ ପରଶୁଙ୍କ ଗଞ୍ଜାସେବନକାଳୀନ କଥୋପକଥନ ବେଶ୍ ଆମୋଦପ୍ରଦ ଏବଂ ତିନୋଟି ଗଞ୍ଜୋଡ଼ ଚରିତ୍ରର ସଫଳ ରୂପାୟନ । ସେହିପରି 'ସୁଶୀଳ ମାଳତୀ', 'ସୁଦାମା ଦାରିଦ୍ର୍ୟଭଞ୍ଜନ' ଆଦି କେତେକ ଗୀତିନାଟ୍ୟରେ ନାଉରୀ ଚରିତ୍ରର ଚିତ୍ର ପ୍ରଦତ୍ତ । 'ସୁଦାମା ଦାରିଦ୍ର୍ୟ ଭଞ୍ଜନ'ରେ ବାଳକୃଷ୍ଣଙ୍କ ସୁଦାମା ତତ୍‌କାଳୀନ ସମାଜରେ ଜଣେ ଦରିଦ୍ର ବ୍ରାହ୍ମଣ ଚରିତ୍ରର ଯଥାର୍ଥ ପ୍ରତିନିଧିତ୍ୱ କରନ୍ତି । 'ଦାନବୀର ରାଜା ହରିଶ୍ଚନ୍ଦ୍ର'ରେ ଦୁଇ ବ୍ରାହ୍ମଣ ଚରିତ୍ରରୁ ଆମେ ସମକାଳୀନ ସମାଜରେ ବାସ କରୁଥିବା ଦୁଇ ଖାଦ୍ୟଲୋଭୀ ବ୍ରାହ୍ମଣଙ୍କ ପ୍ରକୃତ ପରିଚୟ ପାଉ ।

ସତ୍ୟସନ୍ଧ ରାମଚନ୍ଦ୍ର, ଦାନବୀର ହରିଶ୍ଚନ୍ଦ୍ରଙ୍କ ଭଳି ବହୁ ମହନୀୟ ଚରିତ୍ର ନିପୁଣତାର ସହିତ ବାଳକୃଷ୍ଣ ଚିତ୍ରଣ କରନ୍ତି । ଶ୍ରୀକୃଷ୍ଣ, ଶିବ ଓ ଅର୍ଜୁନ ଚରିତ୍ରମାନଙ୍କୁ ପରିବେଶାନୁସାରୀ କରି ଉପସ୍ଥାପନ କରିବାରେ ସେ ଏତେ ସଫଳ ଯେ, ଚାଲିଚଳନ, କଥାବାର୍ତ୍ତା, ଆଗ୍ରହବ୍ୟବହାରରେ ସେମାନେ ଖାଣ୍ଟି ଓଡ଼ିଆ ପରିବାରର ଚରିତ୍ର ଭଳି ମନେହୁଅନ୍ତି । 'ଗୁପ୍ତମନ୍ତ୍ର'ର ଶକ୍ତିଧର ଚରିତ୍ରଟି ଏକ ମହନୀୟ ଓ ଶକ୍ତିଶାଳୀ ଚରିତ୍ର । ଆରମ୍ଭରୁ ଏହି ନାଟକରେ ଉତ୍କଣ୍ଠା ଏତେ ବେଶି ପରିମାଣରେ ରହିଛି ଯେ ନାଟକର ଶେଷରେହିଁ ଏହି ଚରିତ୍ରର ମହନୀୟତା ପ୍ରକାଶ ପାଏ ।

ନାରୀ ଚରିତ୍ର ଚିତ୍ରଣରେ ବାଳକୃଷ୍ଣଙ୍କ ବୈଶିଷ୍ଟ୍ୟ ସ୍ୱତଃ ଦୃଷ୍ଟିକୁ ଆସିଯାଏ । ତାଙ୍କ ପୌରାଣିକ ନାଟକରେ ପାର୍ବତୀ, ଦ୍ରୌପଦୀ, ରୁକ୍ମିଣୀ କୌଶଲ୍ୟା, ଯଶୋଦା,

Digitized by srujanika@gmail.com

ଶୈବ୍ୟା ପ୍ରଭୃତି ସଂଭ୍ରାନ୍ତ ଚରିତ୍ରଗୁଡ଼ିକ ଆମ ସମାଜରେ ସାଧାରଣ ନାରୀ ଭଳି ଜୀବନ ବିତାନ୍ତି । ପରିବେଶକୁ ନେଇ ସେମାନଙ୍କୁ ଚିତ୍ରଣ କରେ ବାଳକୃଷ୍ଣଙ୍କ ତୂଳିକା । ସେମାନେ କଥାବାର୍ତ୍ତାରେ ଓ ଗୁଲିଚ଼ଳନରେ ଜଣେ ଜଣେ ଖାଣ୍ଟି ଓଡ଼ିଆ ନାରୀ ଭଳି ପ୍ରତୀତ ହୁଅନ୍ତି । ସେହିପରି ଐତିହାସିକ ଓ ସାମାଜିକ ନାଟକରେ ନାରୀ ଚରିତ୍ରଗୁଡ଼ିକ ସମକାଳୀନ ଓଡ଼ିଆ ସମାଜର ନାରୀ ଭାବରେ ଚିତ୍ରିତା ।

କଥାରେ ଅଛି-"ନାରୀ ମାୟା ନାରାୟଣଙ୍କୁ ଅଗୋଚ଼ର ।" ନାରୀ କେତେବେଳେ କ'ଣ ଭାବେ, ତାହା କାହାରିକୁ ଜଣା ନଥାଏ । ନାରୀର ସାମାନ୍ୟ ସ୍ୱାର୍ଥ ବ୍ୟାହତ ହେଲେ ସେ ଯେକୌଣସି ଅଘଟଣ ଘଟାଇପାରେ । ମିଛଖଚ଼ କହି ତା' ସ୍ୱାର୍ଥ ସାଧନ କରେ । 'ମୋହନ ସୁନ୍ଦର' ଗୀତିନାଟ୍ୟରେ ରାଣୀ ରାଜା ମୋହନଙ୍କ ଅନୁପସ୍ଥିତିରେ ମନ୍ତ୍ରୀଙ୍କ ସହିତ ଦୈହିକ ସମ୍ପର୍କ ସ୍ଥାପନ କରିଥିବା ମୋହନଙ୍କ ସାନଭାଇ ସୁନ୍ଦର ଜାଣିପାରେ । ରାଣୀ ତାକୁ ଦେହ ଛୁଆଁଇ ଏହା ଗୁପ୍ତ ରଖିବାକୁ ଶପଥ କରାନ୍ତି । କିନ୍ତୁ ଏକଥା କାଳେ ପ୍ରଘଟ ହୋଇଯିବ, ସେଥିପାଇଁ ସେ ରାଜା ମୋହନ ଫେରିବା ପରେ ତାଙ୍କ ଆଗରେ ସୁନ୍ଦର ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିବା ମିଥ୍ୟା ଅଭିଯୋଗ କରନ୍ତି । ଫଳରେ ରାଜାଦେଶରେ ହସ୍ତପଦ ବନ୍ଧନପୂର୍ବକ ସୁନ୍ଦରକୁ ଘୋର ବନପ୍ରଦେଶରେ ନିକ୍ଷେପ କରାଯାଏ । ସେହିପରି 'ସୁଶୀଳ ମାଳତୀ'ରେ ସାନରାଣୀ ସୁଧୀରକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାନ୍ତି ତାକୁ ଏକ ଚକ୍ରାନ୍ତର ଶିକାର କରି; ଉଦ୍ଦେଶ୍ୟ - ନିଜପୁତ୍ର ସୁଶୀଳକୁ ସିଂହାସନରେ ବସାଇବା । 'ବିଜୟ ବସନ୍ତ'ରେ ବିମାତା ହେଲେ ବି ପୁତ୍ର ବିଜୟକୁ ପ୍ରେମଭିକ୍ଷା କରନ୍ତି ସାନରାଣୀ । କିନ୍ତୁ ବିଜୟ ରାଜି ହୁଏ ନାହିଁ । ରାଣୀ ଏଥିରେ କ୍ଷୁବ୍ଧ ହୋଇ ରାଜାଙ୍କ ଆଗରେ ଓଲଟା ଅଭିଯୋଗ କରନ୍ତି ଯେ ପୁତ୍ର ହୋଇ ବି ବିଜୟ ତାଙ୍କୁ ପ୍ରେମ ନିବେଦନ କରୁଥିଲା । ରାଜା ଏଥିରେ କ୍ରୁଦ୍ଧ ହୋଇ ବିଜୟ ଓ ବସନ୍ତ ଦୁଇଭାଇଙ୍କୁ ମୃତ୍ୟୁଦଣ୍ଡ ଆଦେଶ ଦିଅନ୍ତି । ଉପରୋକ୍ତ କାମୁକା ତଥା ସ୍ୱାର୍ଥପରାୟଣା ନାରୀ ଚରିତ୍ରଗୁଡ଼ିକ ନିଜ ସ୍ୱାର୍ଥ ପାଇଁ ଯେକୌଣସି ଚରମ ପଦକ୍ଷେପ ନେବାକୁ ପଛାନ୍ତି ନାହିଁ ।

ବାଳକୃଷ୍ଣ ରୂପ ଦେଇଛନ୍ତି ଏପରି କିଛି ନାରୀ ଚରିତ୍ର, ଯେଉଁମାନେ କାମପ୍ରପୀଡ଼ିତା ହୋଇ ନିଜ ପ୍ରିୟପୁରୁଷ ସହିତ ମିଳିତ ହେବାକୁ ଅତି ବ୍ୟଗ୍ର ହୋଇପଡ଼ନ୍ତି ଏବଂ ପ୍ରୀତି ନିବେଦନ କରିବାରେ ଲଜ୍ଜା ବା ସଂକୋଚ଼ ଅନୁଭବ କରନ୍ତି ନାହିଁ । ଉଷା, ରୁକ୍ମିଣୀ, ବିଳାସ, ମାଳତୀ, ମଲ୍ଲିକା, କୁମୁଦ, କାଞ୍ଚନବାଳା, ପ୍ରେମଶୀଳା ପ୍ରଭୃତି ନାରୀ ଚରିତ୍ରମାନେ କନ୍ଦର୍ପ ପୀଡ଼ାରେ ଅତିଷ୍ଠ ହୋଇ ପ୍ରିୟ ପୁରୁଷ ନିକଟରେ ପ୍ରେମ ନିବେଦନ ଏବଂ ଏପରିକି ପୁତ୍ର ନିକଟରେ ବିମାତାର ପ୍ରୀତିଯାଚ଼ନା ବାଳକୃଷ୍ଣଙ୍କ ଲେଖନୀରେ ସାର୍ଥକ ରୂପ ଧାରଣ କରେ । ମନେହୁଏ,

Digitized by srujanika@gmail.com

ପ୍ରସଙ୍ଗ ଅନୁରୋଧରେ ଏବଂ ଦର୍ଶକଙ୍କ ମନୋରଞ୍ଜନ ଲକ୍ଷ୍ୟରେ ଏପରି ଆଦିରସପୂର୍ଣ୍ଣ ବର୍ଣ୍ଣନାମାନ ଦେବାକୁ ବାଳକୃଷ୍ଣ ଉଚିତ ମନେ କରିଛନ୍ତି ଏବଂ ଏପରି କରି ଦର୍ଶକଙ୍କ ଶ୍ରଦ୍ଧାଭାଜନ ହୋଇପାରିଛନ୍ତି ।

ନାରୀମାନେ ପୁରୁଷଙ୍କୁ ସନ୍ଦେହ କରିବା ସ୍ୱାଭାବିକ । ପୌରାଣିକ ଚରିତ୍ର ହେଲେ ବି ନାଟକରେ ସେମାନଙ୍କୁ ଓଡ଼ିଶା ମାଟି-ପାଣି-ପବନରେ ଗଢ଼ନ୍ତି ନାଟ୍ୟାଗ୍ରର୍ଯ୍ୟ । ଏଣୁ 'ସୁଦାମା ଦାରିଦ୍ର୍ୟଭଞ୍ଜନ'ରେ ରୁକ୍ମିଣୀ ଶ୍ରୀକୃଷ୍ଣଙ୍କ ବିଷଣ୍ଣ ଭାବ ଦେଖି ଅନ୍ୟ ନାରୀ ତାଙ୍କ ମନ କିଣି ନେଇଛି କି ବୋଲି ଚିନ୍ତା ମନକୁ ଆଣନ୍ତି । ସୁଦାମାର ଅନୁପସ୍ଥିତିରେ ସୁମତି ମଧ୍ୟ ଏହିଭଳି ମନୋଭାବ ପୋଷଣ କରନ୍ତି । 'ଦାନବୀର ରାଜା ହରିଶ୍ଚନ୍ଦ୍ର'ରେ ହରିଶ୍ଚନ୍ଦ୍ରଙ୍କର ମୃଗୟାରୁ ଫେରିବା ବିଳମ୍ବ ଦେଖି ରାଣୀ ଶୈବ୍ୟା ଭାବିଛନ୍ତି—"ନାଥ ମୃଗୟା କରିବାକୁ ଯାଇଥିଲେ, ଏତେ ବିଳମ୍ବ ହେଲା କାହିଁକି ? କ'ଣ କିଛି ବାଧା ବିଘ୍ନ ଘଟିଲା । xxx ଶରୀର ଅସୁସ୍ଥ ହେଲା । xxx ନା ନା ଏ ଅମଙ୍ଗଳ କଥା ଚିନ୍ତା କରିବି ନାହିଁ, ଇଷ୍ଟଦେବ ତାଙ୍କୁ ସବୁଠି ରକ୍ଷା କରିବେ ।" (ଗ୍ରନ୍ଥାବଳୀ, ପୃ : ୧୨୩-୨୪) ଏହା ପୁରୁଷ ପ୍ରତି ନାରୀର ଅନାବିଳ ପ୍ରୀତିର, ନିବିଡ଼ ଭଲପାଇବାର ଓ ନିଷ୍ଠାପୂର୍ଣ୍ଣ କର୍ତ୍ତବ୍ୟବୋଧର ନିଦର୍ଶନ ଏବଂ ଏଥିରେ ନାରୀ ମନସ୍ତତ୍ତ୍ୱର ଗୋଟିଏ ଗୋଟିଏ ବିଶେଷ ଦିଗ ଉନ୍ମୋଚିତ ।

ରୁକ୍ମିଣୀ, ସୀତା, ଶୈବ୍ୟା, ଦ୍ରୌପଦୀ, ସୁଭଦ୍ରା, ପାର୍ବତୀ, ସୁମତି, ମାଳତୀ, ଶଶିରେଖା, ଗୌରୀ, କମଳା ପ୍ରଭୃତି ସତୀସାଧ୍ୱୀ ଓ ପତିପ୍ରାଣା ନାରୀ ଚରିତ୍ରଗୁଡ଼ିକର ମହତ୍ତ୍ୱ ବିଭିନ୍ନ ଗୀତିନାଟ୍ୟରେ ପ୍ରକାଶିତ । 'ଅମର ବିଳାସ'ରେ ବିଳାସ ପତିରୂପେ ବରିଥିବା ରାଜକୁମାର ମୃତ ବୋଲି ଜାଣିଲାପରେ ମଧ୍ୟ ତାକୁ ସେ କରଛଡ଼ା କରେ ନାହିଁ; ବରଂ ନିଜର ପାତିବ୍ରତ୍ୟ ଓ ଐକାନ୍ତିକ ନିଷ୍ଠା ବଳରେ ମୃତ ପତିର ପ୍ରାଣ ଫେରାଇ ଆଣେ । 'ଶ୍ରୀରାମ ବନଗମନ' ନାଟକରେ କୈକେୟୀ ଓ ମନ୍ଥରା ଭଳି ଦୁଷ୍ଟ ଚରିତ୍ରା ନାରୀମାନଙ୍କର କଳଙ୍କିତ ଚରିତ୍ର ମଧ୍ୟ ଫୁଟିଉଠେ । 'ସୁଶୀଳ ମାଳତୀ'ର ସାନରାଣୀ ଓ 'ବିଜୟ ବସନ୍ତ'ର ରାଣୀ, 'ମୋହନ ସୁନ୍ଦର'ରେ ରାଣୀ ମଧ୍ୟ ଏହିପରି କେତୋଟି ଦୁଷ୍ଟା ନାରୀ ଚରିତ୍ର । ବିଭିନ୍ନ ସ୍ୱଭାବବିଶିଷ୍ଟା ନାରୀ ଚରିତ୍ରଗୁଡ଼ିକର ନିଖୁଣ ଚିତ୍ର ନାଟ୍ୟାଗ୍ରର୍ଯ୍ୟଙ୍କ ଚରିତ୍ର ଚିତ୍ରଣଗତ ଦକ୍ଷତା ପ୍ରତିପାଦନ କରି ତାଙ୍କ କଲମରେ ଫୁଟିଉଠେ ।

ବିଭିନ୍ନ ସ୍ୱଭାବବିଶିଷ୍ଟ ଚରିତ୍ରକୁ ରୂପ ଦେବା କାଳରେ ଭଲ ହେଉ ବା ମନ୍ଦ, ଚରିତ୍ରଟିର ପ୍ରକୃତି, ସ୍ୱଭାବ ଓ ବୈଶିଷ୍ଟ୍ୟ ସ୍ମୃତିକୋଷରେ ରଖିଥାନ୍ତି ନାଟ୍ୟାଗ୍ରର୍ଯ୍ୟ । ତେଣୁ ତାଙ୍କ ଚରିତ୍ରଗୁଡ଼ିକ ଆମ ସହିତ ଆମ ସମାଜରେ ବାସ କରିବା ଭଳି ପ୍ରତୀତ ହୁଅନ୍ତି ଏବଂ ତାଙ୍କ ଚରିତ୍ରଚିତ୍ରଣରେ ଦକ୍ଷତା ପ୍ରତିପାଦନ କରନ୍ତି ।

Digitized by srujanika@gmail.com

ରଚନାଶୈଳୀ

ପ୍ରତ୍ୟେକ ସାର୍ଥକ ସ୍ରଷ୍ଟାର ଏକ ନିଜସ୍ୱ ରଚନାଶୈଳୀ ରହିଛି । ଜଣେ ସାର୍ଥକ ସ୍ରଷ୍ଟା ହିସାବରେ ବାଳକୃଷ୍ଣଙ୍କର ମଧ୍ୟ ଏକ ନିର୍ଦ୍ଦିଷ୍ଟ ଶୈଳୀ ରହିଛି । ବାଳକୃଷ୍ଣ ଯେତେବେଳେ ନାଟକ ରଚନାରେ ବ୍ରତୀ ହେଲେ, ସେତେବେଳେ ଗୋପାଳ ଦାଶ ଓ ବୈଷ୍ଣବ ପାଣି ଯାତ୍ରାଜଗତରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ସେମାନଙ୍କ ସମକକ୍ଷ ହେବା ଉଦ୍ଦେଶ୍ୟରେ ବାଳକୃଷ୍ଣ ଅଣ୍ଟା ଭିଡ଼ିଲେ ଓ ସେମାନଙ୍କଠାରୁ ଅଧିକ ଲୋକପ୍ରିୟ ହେବା ଲକ୍ଷ୍ୟରେ ନିଜ ନଟକାବଳୀରେ କିଛି ନୂତନତା ସୃଷ୍ଟି କରିବାକୁ ଉଦ୍ୟମ କଲେ । ପ୍ରଚଳିତ ନାଟ୍ୟଧାରାରେ ନାଟ୍ୟାଗୁର୍ଯ୍ୟାଙ୍କର ଏ ଉଦ୍ୟମ ସଫଳ ହେଲା । ସେ ଗୀତାଭିନୟକୁ ଗୀତିନାଟ୍ୟରେ ପରିଣତ କଲେ ଏବଂ ଗୀତିନାଟ୍ୟକୁ ଆଧୁନିକ ନାଟକ ଆଡ଼କୁ ମୁହାଁଇ ଦେଲେ । ଏ ଦୃଷ୍ଟିରୁ ତାଙ୍କ ନାଟ୍ୟରଚନା ଯଥାର୍ଥରେ ଯାତ୍ରା-ନାଟକ ଓ ଆଧୁନିକ ନାଟକର ସଂଯୋଜକ ସେତୁ ।

ପୂର୍ବରୁ କୁହାଯାଇଛି, ଅନ୍ୟ ସମକାଳୀନ ନାଟ୍ୟକାରମାନେ ପୌରାଣିକ କଥାବସ୍ତୁ ଆଧାରିତ ଗୀତିନାଟ୍ୟମାନ ରଚନା କରୁଥିବାବେଳେ ବାଳକୃଷ୍ଣ ରଚନା କଲେ କଳ୍ପନାଶ୍ରିତ ସାମାଜିକ ନାଟକ 'ବିଜୟ ବସନ୍ତ' । ଏହା ତାଙ୍କର ପ୍ରଥମ ରଚନା । ତା'ପରେ ସେ ଆଗକୁ ଆଗକୁ ମାଡ଼ି ଚାଲିଲେ । ଗୀତିନାଟ୍ୟକୁ ଗଦ୍ୟସଂଳାପ- ବହୁଳ କଲେ । ପ୍ରଥମେ ସେ ପଦେ ଗୀତ ପରେ ତା'ର ଅର୍ଥସୂଚକ ଗଦ୍ୟସଂଳାପ ଖଞ୍ଜି ଦେଲେ । ଏପରି ରଚନା ଦ୍ୱିରୁକ୍ତି ଦୋଷଦୁଷ୍ଟ ବୋଲି କହି ବୈଷ୍ଣବ ପାଣି ସମାଲୋଚନା କରିଥିଲେ ତାଙ୍କ ଗୀତିନାଟ୍ୟର ନଟମୁଖରେ । କିନ୍ତୁ ଏପରି ରଚନା-ଶୈଳୀ ତତ୍‌କାଳୀନ ଦର୍ଶକମଣ୍ଡଳୀ ଦ୍ୱାରା ବେଶ୍ ଆଦୃତ ହୋଇଥିଲା । କାରଣ ତାଙ୍କ ଗଦ୍ୟ ଥିଲା ସଂକ୍ଷିପ୍ତ ଓ ତାହାର ଭାଷା ଥିଲା ଏକାନ୍ତ ପାତ୍ରମୁଖୀ ଏବଂ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଶୈଳୀରେ ମଣ୍ଡିତ । ଉଦାହରଣଟିଏ 'ବସନ୍ତ ମଲ୍ଲିକା' ଗୀତିନାଟ୍ୟରୁ—

"ମଲ୍ଲିକା—

ଗୀତ

(ଶ୍ରୀରାଧା ବାତୁଳି ବୃତ୍ତେ)

ସଜନୀ ଦକ୍ଷିଣ ନୟନ କିମ୍ପାଇ
ଫୁରୁଅଛି ମୋର ଘନ ଘନ
ଅପଘନ ସଦା ଚମକି ଉଠୁଛି
ହେଉଅଛି ମନ ଛନ୍ନ ଛନ୍ନ
ପ୍ରିୟ ସଜନୀ ଗୋ,
ଅନ୍ଧକାର ଦିଶେ ତ୍ରିଭୁବନ । ୧ ।

Digitized by srujanika@gmail.com

ଆଜନ୍ମ ଦୁଃଖିନୀ ମୁହିଁ ଅଭାଗିନୀ
ହରାଇଛି ଯେଣୁ ତାତମାତ
ଆଉ କି ସନ୍ତାପ ଦେବ ଗୋ ବିଧାତା
କଳନା ନ ପାଏ ମୁହିଁ ମାତ୍ର
ପ୍ରିୟ ସଜନୀ ଗୋ,
ଭାବି (ଭାବି) ନ ଅଣ୍ଟୁଛି ଦିବାରାତ୍ର । ୨ ।

ସଖିଗୋ ! ମୋର ଦକ୍ଷିଣ ନେତ୍ର, ଦକ୍ଷିଣ ବାହୁ ବାରମ୍ବାର କମ୍ପୁଛି, ଏ ତ ବଡ଼ ଅମଙ୍ଗଳର କାରଣ । ବିଧାତା ମୋତେ ରାଜକୁଳରେ ଜନ୍ମ ଦେଇ ବାଲ୍ୟାବସ୍ଥାରୁ ପିତାମାତାଙ୍କ ସ୍ନେହରୁ ବଞ୍ଚିତ କରାଇଛି । ଆଉ ଅଭାଗିନୀଠାରେ କି ଦାଉ ସାଧିବାକୁ ତା' ମନରେ ଅଛି ।" (ଗ୍ରନ୍ଥାବଳୀ, ପୃ : ୧୮୯)

ଉପରୋକ୍ତ ଗୀତ ଓ ଗଦ୍ୟ-ସଂଳାପ ଦୁଇଟିର ଭାଷା ପାତ୍ରୋଚିତ । ଜଣେ ଦୁଃଖିନୀ ରାଜକୁମାରୀର ଦୁର୍ଦ୍ଦଶା ତା' ନିଜ ଗୀତରେ ଓ ସାଧୁଭାଷାରେ ପ୍ରକାଶିତ ଏବଂ ତା'ର ଅର୍ଥାବହ ଗଦ୍ୟସଂଳାପ ଅନୁରୂପ ଭାବେ ସଂଯୋଜିତ । ଦୁଇପଦବିଶିଷ୍ଟ ଗୀତଟିର ଭାବ ସତେ କେତେ ସଂକ୍ଷେପରେ ଗଦ୍ୟରେ ପ୍ରଦତ୍ତ ଓ କେତେ ସୁନ୍ଦର ଭାଷାଶୈଳୀରେ ମଣ୍ଡିତ ! ଗଦ୍ୟରେ ପ୍ରକାଶିତ ରାଜକୁମାରୀ ମଲ୍ଲିକାଙ୍କ ମନୋଭାବ ଦର୍ଶକର ସହଜବୋଧ୍ୟ ହୋଇଛି ଓ ସେ ରାଜକୁମାରୀର ଦୁଃଖରେ ସମଭାଗୀ ହୋଇଛି । ତେଣୁ ଏହା ନିର୍ବିବାଦରେ କୁହାଯାଇପାରେ ଯେ ପଦ୍ୟସଂଳାପ ପରେ ସଂଯୋଜିତ ଗଦ୍ୟସଂଳାପ ଆଦୌ ଦ୍ୱିରୁକ୍ତି ଦୋଷରେ ଦୂଷିତ ନୁହେଁ, ବରଂ ଗୀତିନାଟ୍ୟକୁ ଆଧୁନିକମୁଖୀ କରାଇବା ଦିଗରେ ନାଟ୍ୟକାରଙ୍କର ଏକ ନୂତନ ତଥା ସ୍ୱାଗତଯୋଗ୍ୟ ପଦକ୍ଷେପ ।

ଚରିତ୍ରଟିଏ ମଞ୍ଚରେ ଏକା ଥିବାବେଳେ ନାଟ୍ୟକାର ବାଳକୃଷ୍ଣ ତା' ମୁଖରେ ସ୍ୱଗତୋକ୍ତିର ପ୍ରୟୋଗ କରିଛନ୍ତି । ଏହା ନାଟକ ବର୍ଣ୍ଣିତ ପରିବେଶ, ପରିସ୍ଥିତି ଓ ଚରିତ୍ରର ମନୋଭାବ ସୂଚାଇ ଦିଏ । ଉଦାହରଣ ସ୍ୱରୂପ 'ବାଣା ପରାଜୟ' ନାଟକରୁ ପଙ୍‌କ୍ତିଟିଏ—

"ବାଣା—(ସ୍ୱଗତ) ମହାମାୟୀଙ୍କ ଆଦେଶ ପାଳନ କରି ଅନିରୁଦ୍ଧକୁ ଶୃଙ୍ଖଳରୁ ମୁକ୍ତ କରି ଏକ ସପ୍ତାହ କାରାଗୃହରେ ରଖିଲି, ଏଥର ସେ ସମୟ ଅତୀତ ହୋଇଯାଇନି । ଆଜି ଆଉ ଅନିରୁଦ୍ଧକୁ ରକ୍ଷା ନାହିଁ । ନିଶ୍ଚୟ ଶ୍ମଶାନ କାଳୀ ନିକଟରେ ବଳି ଦାନ କରି ମନର ସାଧ ମେଣ୍ଟନ କରିବି । ଆଜି ଅନିରୁଦ୍ଧ ରୁଧିରରେ ଚଣ୍ଡୀଦେବୀଙ୍କର ତୃଷା ନିବାରଣ କରିବି ।" (ଗ୍ରନ୍ଥାବଳୀ, ପୃ : ୭୬)

Digitized by srujanika@gmail.com

କନ୍ୟା ଉଷା ସହିତ ପ୍ରେମପାଶରେ ଆବଦ୍ଧ ଶ୍ରୀକୃଷ୍ଣଙ୍କ ପୌତ୍ର ଅନିରୁଦ୍ଧକୁ ବାଣାସୁର ବନ୍ଦୀ କରିଛି । ତାକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରି ଶୂଳି ଦେବାକୁ ଗଲାବେଳେ ତା'ର ଇଷ୍ଟଦେବୀ ଶ୍ମଶାନକାଳୀ ତାକୁ ସାତଦିନ ପରେ ଶୂଳି ଦେବାପାଇଁ ଉପଦେଶ ଦେଇଛନ୍ତି । ସାତଦିନ ଅତୀତ ହେବାପୂର୍ବରୁ ବାଣାସୁରର ଭାବନା ଏଠାରେ ପ୍ରକାଶ ପାଇଛି ତା' ମୁଖରେ । ପୂର୍ବାପର ସଂଗତି ରକ୍ଷିତ ହୋଇଛି ଏହି ସ୍ୱଗତୋକ୍ତିରେ । ଏହିପରି ସ୍ୱଗତୋକ୍ତିର ପ୍ରୟୋଗ ନାଟ୍ୟାଗ୍ରର୍ଯ୍ୟଙ୍କ ନାଟ୍ୟରଚ଼ନାରେ ଆବଶ୍ୟକ ସ୍ଥଳେ ଦେଖିବାକୁ ମିଳେ ।

ନାଟ୍ୟାଗ୍ରର୍ଯ୍ୟଙ୍କ ରଚ଼ନା ଶୈଳୀର ମହତ୍ତ୍ୱ ବୃଦ୍ଧିପାଏ ଚରିତ୍ରମୁଖରେ ବହୁ ଲୋକପ୍ରିୟ ଢଗଢମାଳି ଖଞ୍ଜି ଦେବାଦ୍ୱାରା । ଓଡ଼ିଶାର ପଲ୍ଲୀଲଳନା ମୁହଁରେ ବହୁ ଢଗଢମାଳି ବସା ବାନ୍ଧିଥାଏ । ପରିବେଶକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରସଙ୍ଗରେ ତା' ମୁହଁରୁ କଥାକଥାକେ ବାହାରି ଆସେ ଢଗ ପରେ ଢଗ । ଦର୍ଶକ ଏହାଦ୍ୱାରା ଆମୋଦିତ ହୁଏ, ନାଟ୍ୟ ପରିବେଷଣ ସ୍ୱାଦଯୁକ୍ତ ହୋଇଯାଏ ଏବଂ ଘଣ୍ଟା ଘଣ୍ଟା ବସି ଯାତ୍ରା ଦେଖୁଥିବା କ୍ଲାନ୍ତିର ଅପନୋଦନ ଘଟେ । 'ଶ୍ରୀରାମ ବନଗମନ'ରେ ମଛରା ମୁହଁରେ କେତୋଟି ଲୋକପ୍ରିୟ ଢଗ ଶୁଣନ୍ତୁ –

"ମୁଁ ମରୁଥାଏ ତୋରି ପାଇଁ, ତୋ ଚିତ୍ତରେ ଦୟା ଟିକିଏ ନାହିଁ ।"

"ବା ମୁଠା କଲି ବା ମୁଠା କଲି ବା କି ମୁଠାରେ ରହିବ;
ସାତଥର କରି ବୁଝାଇ କହିଲେ ପରକି ଆପଣା ହୋଇବ ।"

"ଘରେ ପାଣି ପଶି ଆଣ୍ଠୁଏ ହେଲାଣି, କଣା କହୁଛି ମେଘ ଦୁଲୁକୁଛି ।"

"ପରେ କି ମାନ ଅଲଣାରେ କି ସୁଆଦ ।"

"କାଳିଆ କୁକୁର ଜିନ,
ଆଗେ କରିଥିଲା ଜୀବନ ଧନ ଏବେ କଲା ହୀନିମାନ ।"

"ବିଡ଼ାନାଶୀ ନଈକୂଳ,
ତବସଙ୍ଗେ ବସି ପେଣ୍ଡି ବଉଳ, ହରାଇଲି ଜାତିକୁଳ ।"

"କୁହାଯାଉଥାଏ ସିନା,
ତୁହାଇ ତୁହାଇ ପୁଟ ଦେଉଥିଲେ ଲୁହାକି ହୋଇବ ସୁନା ।"

"ଆମ୍ବ ପାଇଁ ଗଲି ଅବାଟେ ପଶିଲି ହଜାଇଲି ଗୋଡ଼ ମୁଦି,
ସରୁ ସରୁ କରି ସୂତା କାଟିଥିବ ବୁଣି ଦେବି କଳା ଖଦି ।"

"ଝଟକ ଝଟିଆ ବିନା,
ଖାଉଥିଲୁ କୁଆମଇତା ସିନା ଏବେ ପୁରୁବ କଥାକୁ ଅନା ।"

Digitized by srujanika@gmail.com

"ବାଡ଼ିଆଡେ ମଟମଟା,
ନ ଖାଇ ନ ପିଇ ପଛକୁ ଗୁହିଁଲେ ହେବି ସିନା ହଟହଟା ।"

"ସାହସେ ମରି ସାହସେ ତରି, ସାହସେ ଘର ଦୁଆର କରି ।"

'ରାଜା ହରିଶ୍ଚନ୍ଦ୍ର'ରେ ବ୍ରାହ୍ମଣ ପତ୍ନୀ କଦମ୍ବା ମୁଖରେ ରାଣୀ ଶୈବ୍ୟାଙ୍କ ପ୍ରତି କଟୂକ୍ତି ପ୍ରୟୋଗ ସୂଚକ କେତୋଟି ପରିଚିତ ଢଗ–

"ବା ସୁଲୁସୁଲୁ ବହିଲା,
ଟାକୁଆ ଗାଲରେ ଟିକୁଲି ଲଗାଇ ଟୋକାଙ୍କୁ ଅନାଇ ମୋହିଲା ।"

"ଆଲୋ ଅମଞ୍ଜ ମଞ୍ଜିଆ ତାଳ,
ଜାଣିଥିଲୁ ଯଦି ଫଟା କପାଳ, କିଆଁ ପାତୁଥିଲୁ ଥାଳ ।"

"ଏଢ଼େ ସୁଆଗ,
ପଖାଳ ଭାତରେ କସି ପିଆଜ ଗନ୍ଧେଇ ଉଠିଲା ।"

"ବାଳିଆ ବାଉଁଶ କଣି,
ଭାବୁଥିଲା ଟୋକୀ ହେବ ଘରଣୀ ବୁଢ଼ା ବ୍ରାହ୍ମଣକୁ ଘେନି ।"

'ଘଟୋତ୍କଚ' ଗୀତିନାଟ୍ୟରେ ପ୍ରଯୁକ୍ତ କେତୋଟି ଢଗ-

"ଗୁଟ ଘର ପୁଅ ଗୁଟ, ଭାଟ ଘର ଘର ପୁଅ ଭାଟ ।"

"ଯା' ବାପ ଚଢ଼େ ଘୋଡ଼ା, ତା' ପୁଅ ଥୋଡ଼ା ଥୋଡ଼ା ।"

"ବିନା ଆଶ୍ରେ ନ ବର୍ଦ୍ଧନ୍ତି କବିତା ବନିତା ଲତା ।"

'ପାଣି-ଧୋବଣୀ ଫାର୍ଶ'ରେ ସେହିପରି କେତେକ ଢଗ ରହିଛି, ଯାହା ଶୁଣିବା ଦ୍ୱାରା ଦର୍ଶକର ଯାତ୍ରା ଦର୍ଶନଜନିତ କ୍ଳେଶ ଦୂରହୁଏ ।

"ଅପଣା ବୁଦ୍ଧିରେ ଘାସ କାଟିବ ପଛେ,
ପର ବୁଦ୍ଧରେ ଘୋଡ଼ା ଚଢ଼ିବ ନାହିଁ ।"

"ଯେତିକି ଚୂନା ସେତିକି ପିଠା ।"

"ଗ୍ଚେରି କରିବ, ମହତ ଲୋକଙ୍କ ହାବୁଡ଼ରେ ପଡ଼ିବ ।"

"ଲେଖୁ ଲେଖୁ କରଣ ।"

"ଉଠି ନ ପାରେ ବର, ଧରାଧରି ବାହାକର ।"

"ସମ୍ପଦେ ନୋହିବ ଗ୍ଚତର, ବିପଦେ ନ ହେବ କାତର ।"

Digitized by srujanika@gmail.com

'କାଞ୍ଚନବାଳା' ଗୀତିନାଟ୍ୟରୁ କେତେକ ଢଗର ଉଦାହରଣ–

"ହୁଳହୁଳି ପକାଇଲା ବେଳକୁ ତୁଣ୍ଡରେ ଘା
କଢ଼ିଆ କଲାବେଳକୁ ଖୋଳପୁଅର ମା ।"

"କାଲିକା ନେଣ୍ଟି ଶିର୍‌ମେ ଢଟା ।"

"ହଜିଲା ବଳଦ ଖୋଜିଲା ଠେଇଁ ।"

"କହିବି ନାହିଁ,
କହିଲେ ଏ ଘରେ ରହିବି ନାହିଁ ।"

"କଣ୍ଟା ଫିରିକି,
ଏତେ କଥା ବୋଲି ଜାଣିଥିଲି କି, ବେଳସୁ ନ କହିଲୁ,
ଫୁଲପରା କରି ଟେକି ଧରିଥିଲୁ, କଣ୍ଟି ପକାଇଲୁ ।"

ଏସବୁ ବ୍ୟତୀତ ତାଙ୍କ ରଚ୍‌ନାବଳୀରେ ବିଭିନ୍ନ ସ୍ଥଳେ ଓ ବିଭିନ୍ନ ପ୍ରସଙ୍ଗରେ ପ୍ରୟୋଗ କରାଯାଇଥିବା ଢଗରୁ କିଛି–

"କରମ ପଡ଼ିଲା ବେଳେ କୁକୁର ଗୋଇଠା ମାରେ ।"
(ଗ୍ରନ୍ଥାବଳୀ, ପୃ : ୪୪)

"ଦାରି ଘରେ ବାର ଘଇତା ।" (ଗ୍ରନ୍ଥାବଳୀ, ପୃ : ୪୪୮)

"ତେଣେ ପାଣି ପଶି ଘରେ ଆଣ୍ଠୁଏ ହେଲାଣି
କଣା କହୁଛି ମେଘ ଦୁଲୁକୁଛି ।" (କାଳୀୟ ମର୍ଦ୍ଦନ, ପୃ : ୫)

"ଗୁଣକୁ ପୂଜା, ଅବିଗୁଣକୁ ବାଇଦ ବଜା ।"
(କେଦାର ଗୌରୀ, ପୃ : ୨୩)

କେବଳ ଢଗ ନୁହେଁ, ବହୁ ଲୋକପ୍ରଚ୍‌ଳିତ ରୂଢ଼ି ପ୍ରୟୋଗରେ ସେ ନିଜ ଗଦ୍ୟଶୈଳୀକୁ ଚମତ୍କାରିତା ପ୍ରଦାନ କରିଛନ୍ତି ଏବଂ ଅଧିକ ଅର୍ଥାବହ କରିଛନ୍ତି । ତାଙ୍କ ଦ୍ୱାରା ବ୍ୟବହୃତ ରୂଢ଼ି ମଧ୍ୟରୁ କେତୋଟି-

ଅଜଣା ଗୁଉଳ ଭାତ ଖାଇବା, ଆକାଶ କଇଁଆ ଚିଲିକା ମାଛ, ଆଖି କଷା କରିବା, ଆଖିରୁ ଜୁଲୁଜୁଳିଆ ପୋକ ବାହାରିବା, ଉଷୁନା ଧାନ ଗଜା ହେବା, କଥା ପଟିବା, କଜଳ ପାତିଆ ଭଲଲୋକ, କଲିଜା ପାଣି ହେବା, କାନରେ ପଥର ପଡ଼ିବା, କାଲ ଆଗରେ ମୂଳା ଗ୍ରେବାଇବା, ଖୋଳେଇ ହେବା, ଚକି ଶିଳ ଲାଗି ବାହାଘର ବନ୍ଦ ହେବା, ଗୁଉଳ ଢିଙ୍କି ମୁଣ୍ଡରେ ହେବା, ଚିତା କାଟିବା, ଛାତି କୁଣ୍ଢେମୋଟ ହେବା, ଧାନ ଉଷୁଆଁ ହାଣ୍ଡିପରି ମୁହଁ କରିବା, ପର ହାଣିବା କୋଡ଼ି ବାହାରେ

Digitized by srujanika@gmail.com

ବାହାରେ ଯିବା, ପାଗ ବିଗିଡ଼ି ଯିବା, ପାଞ୍ଚ ଆଙ୍ଗୁଠି ସମାନ ନ ଥିବା, ପାଟି ଧୋବା ଘରେ ପକାଇବା, ପାଟିରୁ ଲାଳ ବୋହିବା, ପିଳେହି ପାଣି ହେବା, ପେଟରେ ଓଦା କନା ଦେବା, ବାଟରେ ପୁଅ ଜନ୍ମକରି ଡାହାଣୀକୁ ଭୟ କରିବା, ବାରଭାଗ ଶୁଣ୍ଠୀ ପିଣ୍ଡା ହେବା, ବୁଦ୍ଧି ଶଣ୍ଢା ମେଲିବା, ଭେଳା ବୁଡ଼ିବା, ମନକୁ ପାପ ଛୁଇଁବା, ମହରଗରୁ ଆସି କାନ୍ଥାରରେ ପଡ଼ିବା, ମାଡ଼ ମୁଲାଇବା, ମୁହଁ ବଢ଼ାଇବା, ମୁହଁ ମୋଡ଼ିବା, ମୁହଁରେ କାଳି ବୋଳିବା, ମୁହଁ ସାରୁ ଖାଇଲା ଭଳିଆ କରିବା, ହଜିଲା ବଳଦ ଖୋଜିଲା ଠେଇଁ, ହାଡ଼ ଜଳିବା, ହାଣ କୁରାଢ଼ି ବେକକୁ ନେବା, ହାଣ୍ଡି ମାଙ୍କଡ଼ ଚିତ୍ ମାରିବା, ହାତରେ ନ ମାରି ଭାତରେ ମାରିବା, ହାତେ ମାପି ଗୁଖଣ୍ଡେ ଗୁଳିବା ପ୍ରଭୃତି କେତୋଟି କ୍ରିୟାଯୁକ୍ତ ରୂଢ଼ି; ଅଜଗରକୁ ଦାତା ରାମ, ଅବୁଝା ରଜାକୁ ପାଳବିଣ୍ଡା ମନ୍ତ୍ରୀ, ଆକାଶ କଇଁଆ ଚିଲିକା ମାଛ, କଜଳପାତିଆ ଭଲଲୋକ, କରମ କୋଢ଼ି, କାଲ୍‌କା ନେଣ୍ଟି ଶିର୍ ମେ ଜଟା, ଗୋଟିଏ ଗୁଉଳରେ ଗଢ଼ା, ଗ୍ରେର ଚଣ୍ଡାଳଠାରୁ ହୀନ, ତଳମୁହାଁ କାଙ୍କ, ନ ଦେଖିଲା ଓଉ ଛ'ଫଡ଼ା, ବାଘ ଘରେ ମିରିଗ ନାଟ, ବିନାମେଘେ ବଜ୍ରପାତ, ମର୍କଟକୁ ମୋତିମାଳ, ମାଛି ପଡ଼ିଲେ ନବଖଣ୍ଡ, ରୁକୁଣା ରଥ ଅଣଲେଉଟା, ଲାଙ୍ଗୁଡ଼ହଲା ବୁଦ୍ଧି, ଶାଣଦିଆ ମୁହଁ, ଶୋଭାବେଳେ ଗଭା, ହଡ଼ା ଥିବାତକ ଗୁହାଳ, ହୋଲ ନାହିଁ କି ଢୋଲ ନାହିଁ ଇତ୍ୟାଦି କେତୋଟି କ୍ରିୟାହୀନ ରୂଢ଼ି ।

ରୂଢ଼ି ପ୍ରୟୋଗ ଭଳି କେତେକ କାବ୍ୟିକ ଉପମା ମଧ୍ୟ ଗଦ୍ୟ-ସଂଳାପରେ ପ୍ରୟୋଗ କରି ନିଜ ରଚନାଶୈଳୀକୁ ଆକର୍ଷଣୀୟ ଓ ଶ୍ରୁତିମଧୁର କରିଛନ୍ତି ନାଟ୍ୟାଗ୍ରର୍ଯ୍ୟ ବାଳକୃଷ୍ଣ ମହାନ୍ତି । ଯେପରି— ଅଜ୍ଞାନ ତିମିର, ଅଧର ସୁଧା, କଟି ତା ଡମ୍ବରୁ ସମ, କନକନେତ୍ରୀ, କନ୍ଦର୍ପ-ଦର୍ପଦଳା, କରକଞ୍ଜ, କରିନ୍ଦ୍ରଗମନା, କାକକଣ୍ଠୀ, କୁନ୍ଦରଦନା, ଗଣ୍ଡ କୋକନଦ, ଚୁମ୍ବକେ ଲୁହା, ଜବାଧରୀ, ତିଳପୁଷ୍ପ ଜିଣି ନାସା, ଦଗ୍‌ଧ ନୟନ, ଦୁଃଖ ପାରାବାର, ପଦ୍ମପାଦ, ପାବକେ ପତଙ୍ଗ ପରି, ପୀନ ଉରଜା, ପ୍ରାଣପକ୍ଷୀ, ବର୍ଷାକୁ ଗୁତକ ଗୁହିଁବା ପରି, ବାତାହତ ରମ୍ଭାପତ୍ର, ବାରିଜାକ୍ଷି, ବୀଣାବଚ଼ନା, ବିଧୁବଦନା, ବିମ୍ବଅଧରୀ, ବିମ୍ବୋଷ୍ଠୀ, ବିରହ ଅନଳ, ମନ ଭ୍ରମର, ମନ୍ଦର ଉରଜା, ମନ୍ଦହାସୀ, ମୁଖକମଳ, ମୁଖପଦ୍ମ, ମୃଗାକ୍ଷି, ରବିଜିଣା ମୁଖଛବି, ରମ୍ଭାପତ୍ର ପରି ଦେହ ଥରିବା, ରୂପଲାବଣ୍ୟ, ଶାଖାହୀନ ତରୁତୁଲ୍ୟ, ଶିରୀଷ ଅଙ୍ଗୀ, ସୌଭାଗ୍ୟବନ୍ତ, ସ୍ୱର୍ଣ୍ଣଲତା, ହୃଦକଷଟି, ହୃଦୟକାନନ, ହୃଦୟ ପଲଙ୍କ, ହୃଦୟ ପିଞ୍ଜରୀ, କ୍ଷୁଧାନଳ ଇତ୍ୟାଦି ।

ନାଟ୍ୟାଗ୍ରର୍ଯ୍ୟ ନିଜ ନାଟକରେ ଅଧିକ ଗଦ୍ୟସଂଳାପ ପ୍ରୟୋଗ କରି ପଦ୍ୟସଂଳାପର ପରିମାଣ ହ୍ରାସ କରିଛନ୍ତି । ତଥାପି ତାଙ୍କ ରଚ଼ନାରେ ସଂଗୀତର ପରିମାଣ କମ୍ ନୁହେଁ ଏବଂ ଏହାକୁ ସେ ଅନୁପ୍ରାସ, ଯମକ, ଶ୍ଳେଷ, ଉପମା, ରୂପକ

Digitized by srujanika@gmail.com

ଆଦି ଅଳଙ୍କାରରେ ମଣ୍ଡିତ କରି ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କମ୍ ଯତ୍ନବାନ୍ ନୁହନ୍ତି । ମାତ୍ର ଅଳ୍ପ କେତୋଟି ଅଳଙ୍କାର, ଉଦାହରଣ ସ୍ୱରୂପ ନିମ୍ନରେ ପ୍ରଦତ୍ତ–

ଅନୁପ୍ରାସ :

"କାହିଁ ସେ ଲାବଣ୍ୟ ମୂର୍ତ୍ତି   କାହିଁ ସେ ଶ୍ରୀମୁଖ ଜ୍ୟୋତି
କାହିଁ ସେ ପ୍ରାଣ ବନ୍ଧୁଟି ହୃଦୟହାରା ।

x x x

କାହିଁ ଶ୍ରୀଖଣ୍ଡଚୂଳିଆ   କାହିଁ ସେ ବନମାଳିଆ
କାହିଁ ସେ ଘନକାଳିଆ ମୋ ମନଚୋରା । ୩ ।

(ରୁକ୍ମିଣୀ ପରଣୟ, ଗ୍ରନ୍ଥାବଳୀ, ପୃ : ୨୫୪)

ଯମକ :

(କ) "ଜାଗ ଜାଗ ଜାଗ ହେ ଲାଗ ଲାଗ ଲାଗ ହେ
ସ୍ୱଦେଶ ଗୌରବ ଲାଗି ପ୍ରାଣ କର ତ୍ୟାଗ ହେ ।"

(ବାଣା ପରାଜୟ, ଗ୍ରନ୍ଥାବଳୀ, ପୃ : ୭୫)

(ଖ) "ଯୋଗୀ ଯୋଗଭଞ୍ଜନା ମୋ ଯୋଗେ ଅଯୋଗା ହେଲୁରେ
ମାନିନୀ ମୋ କଥା ନ ମାନି ଏ ଦଣ୍ଡ ଭୋଗିଲୁରେ ।"

(ସୁଶୀଳ ମାଳତୀ, ଗ୍ରନ୍ଥାବଳୀ, ପୃ : ୧୬୩)

(ଗ) "ପ୍ରେମିକା ପ୍ରେମିକ ଲୋ ତେଜିଛ ପ୍ରେମ ଲାଜସେ,
ପ୍ରେମିକା ପ୍ରେମିକ ଲୋଡ଼େ କାମଶର ଡରସେ ।"

(ଘଟୋତ୍କଚ, ଗ୍ରନ୍ଥାବଳୀ, ପୃ : ୨୮୧)

ଉପମା :

"ସାଜିଛି ସଭା ଶୋଭା   ମଘବା ସଭାକୁ ଜିଣି ଗୋ
ହସ୍ତିନା ଧରଣୀ ହସ୍ତିନାର ସଭା ମଣ୍ଡଣି ।

x x x

ବେଢ଼ିଛନ୍ତି ପାତ୍ର ମିତ୍ର   ସଭାସଦ ଅମାତ୍ୟ
ତାରାଗଣ ମଧ୍ୟେ ନିଶାମଣି ଗୋ,
ବିଜେ କୁରୁ ମଉଡ଼ମଣି ।"

(ଘଟୋତ୍କଚ, ଗ୍ରନ୍ଥାବଳୀ, ପୃ : ୨୮୦)

Digitized by srujanika@gmail.com

ରୂପକ :

"ଘନକେଶୀ ମନ୍ଦହାସୀ ହସି ପଦେ କହିଯାରେ ।
ତୋ ପ୍ରେମ ନୌକାରେ ମାଝି ମୋତେ କରି ନେଇଯାରେ ।"
(ପାଣି-ଧୋବଣୀ ଫାର୍ଶ, ଗ୍ରନ୍ଥାବଳୀ, ପୃ : ୪୬୭)

ଉତ୍ପ୍ରେକ୍ଷା :

(କ) କି ମନମୋହନ ରୂପ ଦେଖିଲି ଆଜ । (ଘୋଷା)
କିବା ବିଧି କେତେ ଦିନେ ଗଢ଼ିଛି ତାକୁ ଯତନେ
ମୁଖ କୋଟି ଚନ୍ଦ୍ର ଜିଣେ ରସିକରାଜ ।
କାମଫୁଲ ଶର ଘେନି ଭ୍ରମୁଛି କିବା ଅବନୀ
ବାମାଏ ଦେଖି ତା ଠାଣି ପାଇବେ ଲାଜ ।
(କୁମୁଦ କେଦାର, ଗ୍ରନ୍ଥାବଳୀ, ପୃ : ୩୪୫)

(ଖ) "ଆହା କି ଅପୂର୍ବ ଶୋଭା   କରେ ଜନମନ ଲୋଭା
ଶୋଭାରେ ଦିଶେ ମଘବା ସଭା ।
ହୀରା ଛାଉଣି ସ୍ଫଟିକ   ଦିଶେ କେଡ଼େ ଝକମକ
ଶତକୋଟି ଚନ୍ଦ୍ର ଜିଣି ଆଭା ।"
(ରୁକ୍ମିଣୀ ପରିଣୟ, ଗ୍ରନ୍ଥାବଳୀ, ପୃ : ୨୫୧)

ଅର୍ଥାନ୍ତର ନ୍ୟାସ :

"ପଙ୍କଜିନୀ ସଙ୍ଗେ ରବି ତେଜିବଟି କାହିଁରେ
ଆନପୁଷ୍ପ ସେହି ରଶ୍ମି ପାଇ ବିକାଶଇରେ
ସେ କି ବନ୍ଧୁ ପଣ୍ୟ ହୋଇ
ଯେ ଯାହାର ସେ ତାହାର ଖଞ୍ଜିଛିଟି ବିହିରେ ।"
(କାଳୀୟ ମର୍ଦ୍ଦନ, ପୃ : ୧୫)

ବାଳକୃଷ୍ଣଙ୍କ ରଚ଼ନାଶୈଳୀ ଏହିପରି ବହୁ ନୂତନତା ଓ ବିଶେଷତ୍ୱରେ ପୂର୍ଣ୍ଣ ଏବଂ ସ୍ୱତନ୍ତତାରେ ମଣ୍ଡିତ । ଶୈଳୀ ଦୃଷ୍ଟିରୁ ସମକାଳୀନ ଯାତ୍ରାକାରମାନଙ୍କ ଅପେକ୍ଷା ବାଳକୃଷ୍ଣଙ୍କ ରଚ଼ନାଶୈଳୀ ଉନ୍ନତ ଥିଲା ଓ ପରବର୍ତ୍ତୀ ସମଧର୍ମୀମାନଙ୍କ ପାଇଁ ଆଦର୍ଶସ୍ଥାନୀୟ ହୋଇ ରହିଥିଲା ।

Digitized by srujanika@gmail.com

ଭାଷାବିଭବ

ନାଟ୍ୟାଗ୍ରର୍ଯ୍ୟଙ୍କ ସଂଳାପର ଭାଷା ପାତ୍ରାନୁସାରୀ । ଯେଉଁ ଚରିତ୍ରର ମୁଖରେ ଯେଉଁ ପ୍ରକାର ଭାଷା ଶୋଭା ପାଇବ, ସେହି ପ୍ରକାର ଭାଷା ସେ ଖଞ୍ଜି ଦିଅନ୍ତି ତା'ର ମୁହଁରେ । ଦର୍ଶକ ଯେଉଁ ଭାଷାରେ କଥାହୁଏ, ସେହି ଭାଷା ନାଟକର ଚରିତ୍ର ମୁଖରେ ଶୁଣି ତାକୁ ସେ ନିଜ ସମାଜର ଜଣେ ବ୍ୟକ୍ତି ଭାବରେ ଗ୍ରହଣ କରିନିଏ, ନାଟକ ପ୍ରତି ତା' ଶ୍ରଦ୍ଧା ବଢ଼ିଯାଏ । ଏଣୁ ଚରିତ୍ରୋପଯୋଗୀ ଭାଷାହିଁ ତାଙ୍କ ନାଟକଗୁଡ଼ିକର ଲୋକପ୍ରିୟତାର ଅନ୍ୟତମ କାରଣ । ସେ ଜଣେ ସାଧାରଣ ଗାଉଁଲି ନାରୀଟିଏ ମୁହଁରେ ଶୁଣାନ୍ତି ସେ କହୁଥିବା ଭାଷାଯୁକ୍ତ ସଂଳାପ । ଉଦାହରଣ ସ୍ୱରୂପ, ପାର୍ବତୀ ଧୋବଣୀର ରଘୁଆ ଧୋବା ପ୍ରତି ଉକ୍ତି –

"ନିଅଁଶିଆ ତୁ ମରୁନାହୁଁ ! ଆରେ ଯୋଗିନିଖିଆ, ମୋ ଧନରେ ମୁଁ ଛଇ ହେଲି, ମୋ କମେଇରେ ମୁଁ ଛଇ ହେଲି, ତୋ ହାଡ଼ ଜଳୁଛି କିଆଁ ? ମୁଁ ତ ତତେ ମାଗିବାକୁ ଯାଉନାହିଁ । କି ତୁ କୋଉଠି ପୁଳାଏ ରଖିଦେଇଛୁ ଗେ୍ୱାଇ ଆଣୁ ନାହିଁ । x x x ତୁ ଖଣ୍ଡିଆ କି ଘର କରିଛୁ, କି ଧନ ସାଇତିଛୁ ଯେ, ଖାଲି ତୋରି ବୋହି ନେଇ ଯାଉଛନ୍ତି ।" (ପାଣି-ଧୋବଣୀ ଫାର୍ସ, ଗ୍ରନ୍ଥାବଳୀ, ପୃ : ୪୬୩)

ଜଣେ ମୁଖରା ଗାଉଁଲି ମହିଳା ମୁହଁରେ ଅନ୍ୟ ପ୍ରତି ଯେଉଁ ଗାଳି, ତାହା ଗ୍ରାମ୍ୟ ଭାଷାର ପ୍ରକୃଷ୍ଟ ଉଦାହରଣ । ଏହିପରି ଗାଳି ନିଖୁଣ ଭାବେ ପ୍ରଦତ୍ତ ହୋଇଛି ବାଳକୃଷ୍ଣଙ୍କର କେତୋଟି ଗୀତିନାଟ୍ୟରେ । 'କାଳୀୟ ମର୍ଦ୍ଦନ'ରେ ରାଧାଙ୍କ ଘରେ ପଶି ସବୁତକ ସରଲବଣୀ ଖାଇ ଦ୍ରୁତଗତିରେ ପଳାୟନ କରିଥିବା ମଧୁମଙ୍ଗଳ ଉଦ୍ଦେଶ୍ୟରେ ରାଧାଙ୍କ ଶାଶୁ ଜଟିଳା କହିଛନ୍ତି –"କିଏରେ, ଏ ଝାଡ଼ାବାନ୍ତିଆ କିଏ ? ନଇଶୁଆ ସବୁତ ଖାଇ ସାରିଲା । x x x ଦେଖୁଛ ହୋ ଏ ଖଣ୍ଡିଆ ଯୋଗନିଖିଆ ଖାଇପିଇ ମୋତେ ପେଲି ଦେଇ ପଳାଇ ଗଲା । x x x ହା ନିରିମୂଳିଆ ଖଣ୍ଡିଆ ତମ ଘରେ ମରା ମରୁ ।" (ପୃ : ୨୨-୨୩)

ଜଣେ ଗାଉଁଲି ପୁରୁଷ ଓ ତା' ସ୍ତ୍ରୀର କଥୋପକଥନରେ କିପରି ଭାଷା ନାଟ୍ୟାଗ୍ରର୍ଯ୍ୟ ପ୍ରଦାନ କରିଛନ୍ତି ତାହା ଦେଖାଯାଉ-

"ପୁରୁଷ – ଆଲୋ ବାଜବୋଉ, ଗୋଟିଏ କଥା ଶୁଣିଲୁଣି ?

x x x

ସ୍ତ୍ରୀ – ନାଇଁ ତ ମୁଁ କିଛି ଶୁଣି ନାହିଁ ।

ପୁରୁଷ – ଆଲୋ ଶୁଣିବୁ କାହିଁକି, ଖାଲି ଘରେ ବସି ଫାଲୁଆ ଗୁଣ୍ଡା ମାରିବୁ ।

ସ୍ତ୍ରୀ – ତୁ ତ ମୁହଁରେ ତୁଣ୍ଡା ଦେଇଛୁ ? କ'ଣ କହବା ।

Digitized by srujanika@gmail.com

ପୁରୁଷ - ଆଲୋ ରାଜା ବୁଢ଼ା ହେଲେଣି । ଦିଦିଟା ମାଇକିନିଆ ବଞ୍ଚିଲେ ନାହିଁ ମଲେ । ଆଜି ପୁଣି ଶୁଣାଯାଉଛି ପୁଣି ଗୋଟାଏ ରାଜା ବାହା ହେବେ ।

ସ୍ତ୍ରୀ - ଆରେ କଥାଟା ଏକା କହୁଛୁ, କିନ୍ତୁ ମନକୁ ଆସୁ ନାହିଁ ।

ପୁରୁଷ - ଆଲୋ ବେଶୀ ଦୂରରେ ନାହିଁ ଲୋ !

ସ୍ତ୍ରୀ - ଆଉ କେବେ ?

ପୁରୁଷ - ଗୀତ

ବାଜବୋଉ ରାଜା ବାହାଘର ଦେଖିବାକୁ କାଲି ଯିବୁ ନାହିଁକି ?

ସ୍ତ୍ରୀ - ଲାଜ ମାଡୁଅଛି ଯୁବତୀ ଗୋଟାଏ ବୁଢ଼ାଟିଏ ଖଞ୍ଜି ହେବ କାହିଁକି । (ପଦ)

ପୁରୁଷ - ରାଣୀ ଲାଗି ରଜାଙ୍କ ମନ, ହେଲାଣି ତ ବଡ଼ ଉଛନ ।

ସ୍ତ୍ରୀ - ନିଶା ଖସିଗଲେ ସବୁ ହେବ ଚୂର୍ଣ୍ଣ ହାଟ ବସିଯିବ ସାତ ସାଇକି ।୧ ।"....ଇତ୍ୟାଦି (କୁମୁଦ କେଦାର, ଗ୍ରନ୍ଥାବଳୀ, ପୃ : ୩୪୦)

ମୁଦୁସୁଲି, ରାଣୀ ଓ ଦାସୀଙ୍କ ବାର୍ତ୍ତାଳାପରେ ଶୁଣନ୍ତୁ ଗାଉଁଲି ଭାଷାର ସୁନ୍ଦର ଉଦାହରଣଟିଏ-

"କମଳା - ଆଇ, ନୂଆ ରାଣୀ ଗର୍ଭବତୀ ହୋଇଛି । ଯଦି ତା'ର ପିଲାପିଲି ହୁଅନ୍ତି, ତେବେ ଆଣ୍ଠୁକୁଡ଼ୀର କଥା ସଇଲା । ସହଜେ ତ ସେ ଆସିଲା ଦିନୁ ମୁଁ ସାତ ପୋଇଲୀଠାରୁ ବଳିଲିଣି ।

ମୁଦୁସୁଲୀ - କୋଉଦିନୁ ଏତେ କଥା ହେଲାଣି ! କ'ଣ ଏଡ଼େ ନକଟେନାକୁ, ସେଇ ଆସିଲା ଦିନ ମୁଁ ଦେଖିଥିଲି, ସେ ଫେଣେ ଏମିତି ହୋଇଗଲାଣି ! ଏ କଳିକାଳ ଟୋକୀଙ୍କି ଆଉ ବଳ ନାହିଁ । ଘରେ ଗୋଡ଼ ନ ଦେଉଣୁ ପୁଅ । ମଲା, ବର୍ଷେ ଦି'ବର୍ଷ ବୋହୂପଣିଆ କରିଥାନ୍ତେ ସିନା ଯୋଉ କଥା ହୁଅନ୍ତା, ଏ ଗୋଡ଼ ନ ଦଉଣୁ ।

ଦାସୀ - ଆଇ ! ଏଡ଼େ ନକଟେ କାହାକୁ କହୁଛୁ ବା, ଖାଇପିଇ ସାଦ ଶରଧାରେ ରହି ଚଉଦ ବରଷର ଜବାନ ଟୋକୀ ଏବେ ବନି ଗଲାଣି, ଆମ ରାଜା ତ ତା' ଆଗରେ ଠିଆହେଲେ ଗଳି ପଡ଼ିବେ ।" (କମୁଦ କେଦାର, ଗ୍ରନ୍ଥାବଳୀ, ପୃ : ୩୫୦-୫୧)

Digitized by srujanika@gmail.com

ଦାସୀ ମୁହଁରେ ଗ୍ରାମ୍ୟଭାଷାଯୁକ୍ତ ସଂଳାପର ଆଉ ଗୋଟିଏ ଉଦାହରଣ ଦିଆଯାଇପାରେ । 'ରୁକ୍ମିଣୀ ପରିଣୟ'ରେ ଜଣେ ଦାସୀ ରୁକ୍ମିଣୀଙ୍କୁ ବିବାହ ପୂର୍ବରୁ ଦେବୀ ମନ୍ଦିରକୁ ନେବା ଅବସରରେ ବ୍ୟସ୍ତ ହୋଇ କହିଛି—"ନିଆଁନଗା ବ୍ରାହ୍ମଣଟା ଭଲା ଥାଆନ୍ତା, ପୁଣି ଥରେ ହେଲେ ଦଉଡ଼ି ଯାଆନ୍ତା । ଯୋଗିନୀଖିଆ ତନ୍ତ୍ରୀ ଯାଇ ଘରେ ବସି ରହିଲା, ଏଣେ ୟାଙ୍କ ଢଙ୍ଗ ଏମିତି, ଜେମାଦେଇ ! ତେମେ ଭଲା ଗୃଲ ।" (ରୁକ୍ମିଣୀ ପରିଣୟ, ଗ୍ରନ୍ଥାବଳୀ, ପୃ : ୨୫୩)

ନାଟକକୁ ଅଧିକ ରସାଳ କରିବାକୁ ନାଟ୍ୟାଗ୍ରର୍ଯ୍ୟ ସାପୁଆ କେଳା, ଚକୁଳିଆ ପଣ୍ଡା ଆଦିଙ୍କ ତୁଣ୍ଡରେ ସେମାନଙ୍କ ପାରମ୍ପରିକ ଭାଷା ସଂଯୋଜିତ କରିବାକୁ ଭୁଲି ନାହାନ୍ତି । ପେଡ଼ିରୁ ସାପ ବାହାର କରିବା ପରେ କେଳା ସାପ ଖେଳେଇବାକୁ ଗାଇଛି—"ହାଁରେ କାଳିରେ ବନମାଳୀ, ତୋ ପୟରେ ନ ଲାଗଇ ଧୂଳି ××× ହାଁ ହାଁ ମାରି ପାରିବୁ ନାହିଁ, ଗଦ ଅଛି ସୁଙ୍ଘେଇ ଦେବି, ତୋ ପାଟି ଦେଖା, ସାଆନ୍ତଙ୍କ ନାଆଁରେ କଚିରି ବାରିରେ ମାଲିମୋକଦମାରେ ହାନି ଲାଭରେ ଯିଏ ଖଚ୍‌ମିଛ କହୁଥିବ ସେ ଅଦିଆକୁ ଏଇ ପାଟିରେ ଖା । ଭାଲିଆ, ଭାଲିଆ, ବାବୁଙ୍କ ଛାମୁରେ ଏ ବୁଢ଼ା ପାଇଁ ମାଗିଥା ଦିଅଣ୍ଡା ପଇସା ।" (କାଞ୍ଚନମାଳା, ଗ୍ରନ୍ଥାବଳୀ, ପୃ : ୯୭)

ଚକୁଳିଆ ପଣ୍ଡା ବହୁ ପ୍ରଚଳିତ ଗୀତ ଗାଇଗାଇ ଗ୍ରାମ ଦାଣ୍ଡରେ ଗଲାବେଳେ ମା'ଭଉଣୀମାନେ ଘରୁ ବାହାରି ଆସି ପୁଣ୍ୟ ଅର୍ଜନ କରିବା ଉଦ୍ଦେଶ୍ୟରେ ସେମାନଙ୍କ ପିତ୍ତଳ ପାତ୍ରରେ ପଇସା ବା ଗୃଉଳ ଦାନ କରନ୍ତି । ଦୁଇଜଣ ଚକୁଳିଆ ପଣ୍ଡାଙ୍କୁ ନିଜ ନାଟକରେ ଉଭା କରାଇ ନାଟ୍ୟାଗ୍ରର୍ଯ୍ୟ ସେମାନଙ୍କ ତୁଣ୍ଡରେ ଫୁଟାଇଛନ୍ତି ସେମାନଙ୍କ ବହୁ ପରିଚିତ ଗୀତ—

"୧ମ - ଆହେ କେହି ପୁଣ୍ୟବାନ ଦାତାମାନେ ଥିବ, ବୈଶାଖ ମାସରେ ଦାଣ୍ଡରେ ଡାକି ହାକି ବ୍ରାହ୍ମଣ ତୁଣ୍ଡରେ ଅନ୍ନଜଳ ଦେଇ ଧର୍ମ କରିବ ହେ ।

୨ୟ - ଆହେ କର୍ଣ୍ଣ ସମାନେ ଦାତା ଥିବ, ବଳୀ ସମାନେ ଦାନୀ ଥିବ, ମାନଧାତା ସମାନେ ମାନୀ ଥିବ, ବ୍ରାହ୍ମଣ କରେ ଅନ୍ନଜଳ ଦାନ କରିବ ହେ ।

୧ମ - ଆହେ ଅନ୍ନଦାନ ଦେଲେ ବୈକୁଣ୍ଠେ ସ୍ଥାନ, ଜଳଦାନ ଦେଲେ ତୃଷା ନିବାରଣ, ଛାୟାଦାନ ଦେଲେ ପିଣ୍ଡକୁ କାରଣ ହେ ।

୨ୟ - ଆହେ ଅନ୍ନ ସଙ୍ଗେ ଡାଲି ପରିବା, ଆଳୁ ବାଇଗଣ ବଡ଼ି ଅଳ୍ପ ଗୃରିଟି କୋଶଳା ଶାଗ କିଞ୍ଚିତ ପ୍ରମାଣ ହେ ।

Digitized by srujanika@gmail.com

୧ମ - ତା' ସାଙ୍ଗକୁ କିଛି ଜାଳିଣି କାଠ କିମ୍ବା ଘଷି ଦିଫଡ଼ା ଜାଣ, ହଳଦୀ ଲୁଣ ଫୁଟଣ ଜୀରା ଲଙ୍କା ସୋରିଷ ତେଲ ଅଳ୍ପ ପ୍ରମାଣ ।''... ଇତ୍ୟାଦି ।

(ରୁକ୍ମିଣୀ ପରିଣୟ, ଗ୍ରନ୍ଥାବଳୀ, ପୃ : ୨୪୭)

ଚରିତ୍ରୋପଯୋଗୀ ଭାଷା ପ୍ରୟୋଗର ବହୁ ଉଦାହରଣ ବାଳକୃଷ୍ଣଙ୍କ ରଚନାବଳୀରେ ସୁଲଭ । 'ସୁଦାମା ଦାରିଦ୍ର୍ୟଭଞ୍ଜନ'ରେ ସୁଦାମା ବାଲ୍ୟସଖା ଶ୍ରୀକୃଷ୍ଣଙ୍କ ପାଖକୁ ଯିବାବାଟରେ ଗ୍ୱେର ସର୍ଦ୍ଦାର ଓ ତା' ଶିଷ୍ୟ କାହ୍ନୁଆ ହାବୁଡ଼ରେ ପଡ଼ିଛନ୍ତି । ଗ୍ୱେର ଓ ଗ୍ୱେରସର୍ଦ୍ଦାର ମୁହଁରେ ଭଙ୍ଗା ହିନ୍ଦୀ ଭାଷା ଫୁଟିଉଠିଛି । ସୁଦାମାଙ୍କ ପାଖରେ କି କି ଜିନିଷ ଅଛି ତାହା ଜାଣିବା ପାଇଁ କାହ୍ନୁଆ ଖୋଜି ପକାଇଛି । ସର୍ଦ୍ଦାର ପଗ୍ୱରିଛି—''କାହ୍ନୁଆ ! କ୍ୟା କ୍ୟା ମାଲମତା ହାଏ, ଖୋଲୋ ଆମ ଦେଖୋ ଅଉର କୋଇ ଆତା ରହେଗା ।'' ପୁଟୁଳାଟିଏ ପାଇ କାହ୍ନୁଆ ଖୋଲି ଦେଖିଲା ପରେ ଉତ୍ତର ଦେଇଛି—''ସର୍ଦ୍ଦାରଜି ସର୍ଦ୍ଦାରଜି । ଆମ୍‌ଲୋକ କାଏ ଏ ବିଗ୍ୱରାକୋ ଏତନା ତକଲିପ୍ ଦିଏ । ଇସ୍‌ମେ କୁଛ ନେଇ ଖାଲି ତୁଟା ଗୁଉର ।'' (ଗ୍ରନ୍ଥାବଳୀ, ପୃ : ୩୨) ସେହିପରି ସୁଦାମାଙ୍କ ଦ୍ୱାରଦେଶରେ ଦୁଇଜଣ ସିପାହୀ ହିନ୍ଦୀରେ କଥାବାର୍ତ୍ତା କରିଛନ୍ତି । ମୁସଲମାନଙ୍କ ମୁହଁରେ ଉର୍ଦ୍ଦୁ ଭାଷାର ସଂଳାପ ଦିଆଯାଇଛି । 'ବସନ୍ତ ମଲ୍ଲିକା'ରେ ରାଜା ଦୁର୍ଜ୍ଜୟ ସିଂହର ସେନାପତି ଗଫୁର ଖାଁ ଓ କରିମ ଖାଁ ଉର୍ଦ୍ଦୁରେ କଥାବାର୍ତ୍ତା କରିଛନ୍ତି । ଉଦାହରଣ ସ୍ୱରୂପ ଗଫୁର ଖାଁର ସଂଳାପରୁ କେଇଧାଡ଼ି—''ହଜୁର ଖୋଦାବନ୍ଦ ! ଆପ୍ ଏସା ହୋନେକା ସବବ କ୍ୟା ଆପ୍‌କ୍ୟା ସମଯେ ହୋ ଯୋ ପ୍ରତାପ ସିଂହ ଫିରକି ଆକର ଅପକାସାତ୍ ଲଢ଼ାଇ କରେଗା ହାତ ସେ ବାଦଶାହି ଛୁଟଗୟା ଓଇ ଇଞ୍ଚପର ଜିଂଦ୍‌ଗୀ ବରବାଦ କର୍‌ଦିଆ ।'' (ଗ୍ରନ୍ଥାବଳୀ, ପୃ : ୧୭୫)

ଶବର-ଶବରୁଣୀ ସେମାନଙ୍କ ଭାଷାରେ କଥାବାର୍ତ୍ତା କରିଛନ୍ତି । 'ସୁଶୀଳ ମାଳତୀ'ରେ ସୁଶୀଳକୁ ପାଳିଥିବା ନିଃସନ୍ତାନ ଶବର-ଶବରୁଣୀଙ୍କ ମୁଖରେ ଶବର ଭାଷାରେ ଗଦ୍ୟ ସଂଳାପ ଫୁଟି ଉଠିଲାବେଳେ, ପଦ୍ୟ ସଂଳାପ କିନ୍ତୁ ସାଧାରଣ ଭାଷାରେ ସଂଯୋଜିତ । 'ଶ୍ରୀରାମ ବନଗମନ'ରେ ରାମଚନ୍ଦ୍ରଙ୍କ ସାକ୍ଷାତ ପାଇଛି ଗୁହ୍ୟକ ଶବର । ସେ ତା' ଭାଷାରେ ରାମଚନ୍ଦ୍ରଙ୍କୁ ପଗ୍ୱରିଛି—''ହୈରେ ବାପ ! ଏ ଘୋର ଜଙ୍ଗଲରେ ତୁଇ ଗୁଟେ ପିଲା ଆଉ ଗୁଟେ ସ୍ତିରୀ ଧରି ଏ ନିଶାକାଳରେ କିସ କାରଣେ ବୁଲୁଛୁ । ତୁଇ କେ ଅଛୁ, ତୋର ଘର କେଇଟି, ତୋର ବାପାର ନାମ କ'ଣ ଅଛି । ତୋର ସାଥିରେ ଏମାନେ କେ ଅଛନ୍ତି । ସବୁ କହିତେ ହବ । ତା ନ ହେଲେ ଆମେ ତୋତେ ଏଇ ଶର ମୁନାରେ ନାଛି ଦବାର ଅଛି ।'' (ଗ୍ରନ୍ଥାବଳୀ, ପୃ: ୩୨୯)

Digitized by srujanika@gmail.com

ହିନ୍ଦୀ, ଉଦ ଓ ଶବର ଭାଷାର ଶୁଦ୍ଧତା ପ୍ରତି ଦୃଷ୍ଟି ନ ଦେଇ ଦର୍ଶକମଣ୍ଡଳୀ ପାତ୍ରମୁଖୀ ଭାଷା ଶୁଣି ଆମୋଦିତ ହେଉଥିଲେ ଏବଂ ମନଭରି ପରିବେଶକୁ ଉପଭୋଗ କରୁଥିଲେ ।

କେବଳ ସମାଜର ନିମ୍ନବର୍ଗର ଚରିତ୍ରକୁ ନେଇ ତାଙ୍କ ନାଟ୍ୟଜଗତ ସମୃଦ୍ଧ ନୁହେଁ । ତାଙ୍କ ନାଟକରେ ଦେବ, ଦେବୀ, ରାଜା, ରାଣୀ, ମନ୍ତ୍ରୀ ଓ ସଭାସଦ୍‌ଗଣ ପ୍ରଭୃତି ସଂଭ୍ରାନ୍ତ ଚରିତ୍ରମାନେ ମଧ୍ୟ ଅଛନ୍ତି । ସେମାନଙ୍କ ମୁଖରେ ସେ ଯଥାଯୋଗ୍ୟ ଭାଷା ପ୍ରୟୋଗ କରିଛନ୍ତି । ବେଳେ ବେଳେ ଏମାନଙ୍କ ମୁଖର ଭାଷା କାବ୍ୟିକ ଅମିତ୍ରାକ୍ଷର ଛନ୍ଦରେ ପ୍ରକାଶିତ ହୁଏ, ଯାହା ନାଟକକୁ ବାସ୍ତବତା ପ୍ରଦାନ କରିବା ସହିତ ଉପଭୋଗ୍ୟ ମଧ୍ୟ କରିଥାଏ । ଏହାର ଗୋଟିଏ ଦୁଇଟି ଉଦାହରଣ ଦେଇ ସଂଳାପ ସଂଯୋଜନ କ୍ଷେତ୍ରରେ ନାଟ୍ୟାଚାର୍ଯ୍ୟଙ୍କ ସିଦ୍ଧହସ୍ତତା ପ୍ରତିପାଦନ କରାଯାଇପାରେ ।

'ନିର୍ମଳ-ପ୍ରଭା' ନାଟକରେ ହୀରାଦେବୀ ମନ୍ଦିରରେ ପ୍ରବେଶପୂର୍ବକ ଷୋଡ଼ଶ ଉପଚାରରେ ଉପାସନା କରିବାରେ ଦେବୀ ଆବିର୍ଭୂତ ହୋଇ ବର ପ୍ରଦାନ କରିଛନ୍ତି । ଦେବୀଙ୍କ ମୁଖରେ ଫୁଟି ଉଠିଛି—"ବତ୍ସେ ହୀରାବତି, ପ୍ରୀତ ମୁହିଁ ତବ ଭକ୍ତିବଳେ; ବନ୍ଧା ମୁହିଁ ତୋହର ନିକଟେ । କାଲି ପ୍ରାତେଃ ଭେଟିବୁ ତୋ ସ୍ୱାମୀସହ ଗୃହେ । ସମାଜରେ ପୂଜ ତାଙ୍କୁ ମୋ ତହୁଁ ଅଧିକ, ତୋର ସେବା ହେତୁ ତୋତେ ଦେଉଅଛି ବର—ଯାଅ ତୁହି ଦେଉଳ ପଶ୍ଚାତେ, ଅଛି ଯେଉଁ ପାଦୁକର କୁଣ୍ଡ, ହସ୍ତ ତବ ଭରିବୁ ତହିଁରେ, କାଣି ଆଙ୍ଗୁଠିରେ ତୋର ରହିବ ଅମୃତ; ବାଜିଲେ ତୋ ହାତ, ମୃତ ଶବ ଜିଇଣ ଉଠିବ ।" (ଗ୍ରନ୍ଥାବଳୀ, ପୃ : ୪୩୪)

'ରୁକ୍ମିଣୀ ପରିଣୟ'ରେ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ହରଣ କରି ରଥରେ ଗଲାବେଳେ ରୁକ୍ମଣ ବିରୋଚିତ ଭାଷାରେ ତାଙ୍କୁ ଆହ୍ୱାନ ଜଣାଇଛନ୍ତି–

"ହଁ ଏହି ତ, ରେ ରେ ପାଷଣ୍ଡ ପଳାଉଛୁ କାହିଁ ?
ଆଉ ଦଣ୍ଡେ ମାତ୍ର ରହ ସେହି ସ୍ଥାନେ,
ପାଷଣ୍ଡ ବର୍ବର ! ଏଡ଼େ ତୋ ଦିମାକ,
ମୋ ଭଗ୍ନୀକୁ ହରିବାକୁ ବଳାଇଛୁ ଆଶା,
ରେ ଲମ୍ପଟି ନାରୀ ଚୋର ! ଚିହ୍ନିଲିଣି ତୋତେ
ଏ ମୁହୂର୍ତ୍ତେ ଖଣ୍ଡ ଖଣ୍ଡ କରିବି ତୋ ମୁଣ୍ଡ ।" (ଗ୍ରନ୍ଥାବଳୀ, ପୃ:୨୫୬)

ବହୁବିଧ ଚରିତ୍ରଙ୍କ ସମାବେଶ ଘଟାଇ ସେମାନଙ୍କ ମୁଖରେ ଚରିତ୍ରାନୁସାରୀ ଭାଷା ପ୍ରଦାନ କରନ୍ତି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି । ଫଳରେ ତାଙ୍କ ନାଟକରେ ଏକ ସ୍ୱତନ୍ତ୍ର ଆବେଦନ ବିକଶିତ ହୋଇ ଦର୍ଶକମାନଙ୍କ ମନ କିଣିପାରେ ।

Digitized by srujanika@gmail.com

ବାଳକୃଷ୍ଣ ଶବ୍ଦ-ସଂଯୋଜନାରେ ବେଶ୍ ଦକ୍ଷ । ଲୋକାଭିମୁଖୀ ଶବ୍ଦ ସଂଯୋଜନା ମାଧ୍ୟମରେ ତାଙ୍କ ଭାବକୁ ସେ ପ୍ରକାଶକ୍ଷମ କରିପାରନ୍ତି । ଉପଯୁକ୍ତ ଶବ୍ଦ ବ୍ୟବହାର କରି ସେ ନିଜ ରଚ଼ନାକୁ ପ୍ରାଣବନ୍ତ କରିପାରନ୍ତି । ତତ୍ସମ ସହିତ ଦେଶଜ ଓ ବୈଦେଶିକ ଶବ୍ଦାବଳୀ ତାଙ୍କ ରଚ଼ନାବଳୀରେ ବ୍ୟବହୃତ । ସେଗୁଡ଼ିକର ବିଭାଗୀକରଣ ନିମ୍ନମତେ କରାଯାଇପାରେ ।

ସାଧାରଣ ଲୋକଙ୍କ ବ୍ୟବହୃତ ଶବ୍ଦାବଳୀ :

ଅଇଛିକା. ଅଇଲୁ. ଅନାମତ. ଅନିଷା. ଅବି. ଅସରଣ. ଅସରଣିଆ. ଅସଜିଲା (ଗର୍ଭବତୀ). ଅସରପି. ଆଉଳି. ଆଖର. ଆଗୁସାର. ଆଚ଼ମ୍ବିତ. ଆଣ୍ଟୁଆ. ଉଛୁର. ଉଜୁଣା. ଉଧେଇ. ଏଇଲାଗେ. ଏକକାନିଆ. ଏକକଛିନା. ଏଗୁରାକ. ଓଗେର. ଓଟରାଝିଙ୍କା. କଚ଼ଡ଼ା. କମେଇ. କାଇଲି. କାଙ୍ଗାଳ. କାଜୁଆ. କିଳା (ଲାଞ୍ଚ). କେଢେ. ଖଣ୍ଡିଆ. ଖିଅର. ଖୁଦ. ଖେମତା. ଖେଳୁଆ. ଖେଚ଼ଡ଼ା. ଖୋଳେଇ. ଗଣ୍ଡି. ଗଣ୍ଡିରା. ଗାରଡ଼େଇ. ଗିରସ୍ତା. ଗୁଣ୍ଡା. ଗେରସ୍ତ. ଗୋଳେଇ ଘାଣ୍ଟି. ଗୋସମା. ଘଇତା. ଘଟିକି. ଘଡ଼ା. ଘରପଶା. ଘିନିଜ୍ଞିଣି. ଘୁମ. ଚଗଲା. ଚେଙ୍ଗା. ଚ୍ଛୋଖା. ଛଇ. ଛୋପରୀ. ଛେରୁଆ. ଜିଗର. ଜୁର. ଟକଳା. ଟରଣି. ଟହଲ. ଟାହୁଲି. ଠଣକି. ଠାକିବା. ଠିକ୍‌କିନା. ତକ (ପର୍ଯ୍ୟନ୍ତ). ତର. ତିଭେଇ. ତୁଛା. ତୋଡ଼. ଦଗାଦିଆ. ଦଣ୍ଡା. ଦହଗଞ୍ଜ. ଦିକ୍‌ଦାର. ଦୁତିଅ. ଦୁମ୍‌କିନା. ଦୁମାଲୁ. ଦୁଲ୍‌କିନା. ଦୋଭେଇ. ଦୋସରା. ଧୁଣ୍ଡି. ଧେଣ୍ଟୁରା. ଧୋକଡ଼ା. ନକଟେନାକୁ. ନସରପସର. ନାକରା. ନାଗି. ନିଶାପ. ନୁଙ୍ଗୁରାମି. ନେକଡ଼ା. ନେଉଟି. ନେପେଟେଇ. ପଣ. ପରା. ପରୁଡ଼ି. ପହରା. ପହିଲୁ. ପାଚ଼ିଆ. ପୁଳାଏ. ପୋଖରୀ ପାଣି. ପୋଇଲି. ପୋଲା. ଫାଲୁଆ. ଫିକର. ଫେଚ଼କାମୀ. ଫେଣେ. ବଇଦ. ବଉଁଶ. ବକଟେ. ବରଗିଲେ. ବୁକା. ବେଅକଲି. ବେଆଡ଼ା. ଭଉତ. ଭାଣ୍ଡୁଆ. ଭାରିଜା. ଭୁଆସୁଣୀ. ଭୁଟ୍‌ଭାଟ. ଭୁସ୍‌କିନା. ମଢ଼ିଆ. ମାଇକିନିଆ. ମାଇଚ଼ିଆ. ମାଇପ. ମାଇମି. ମାର୍କ. ମୁଦୁଗର. ମୁଦେଇ. ମେଞ୍ଚଡ଼ା. ଯଶା. ୟାନା. ଯୋଠେଇ. ରକମ. ରାଆ. ରାଣ୍ଡୀ. ରୁମ. ଶଅ (ଶହ). ଶରଦ. ଶିଆଣିଆ. ଶିଆଣୀ. ସାତୁକୁ. ସାମରଥ. ସିଙ୍ଗାଡ଼ି. ସିରସ୍ତା. ସୁଆଗିଆ. ହାଡେରିକା. ହେଇକିନି. ହେଇତି. ହେଇତିନି ଇତ୍ୟାଦି ।

ସାଧାରଣ ଲୋକଙ୍କ ବ୍ୟବହୃତ ଗାଳିସୂଚ଼କ ଶବ୍ଦାବଳୀ :

ଅକୁଳା. ଅଜରା. ଅଣ୍ଡିରା. ଅଲାଜୁକ. ଆଣ୍ଠୁକୁଡ଼ୀ. ଉପରମୁହାଁ. କାହାଙ୍କା. ଖଣ୍ଡିଆ. ଖେଣ୍ଡା. ଖେଣ୍ଟି. ଗାତପଶା. ଚୁଲିପଶା. ଛତରା. ଜଳଜଳା. ଥୋଇଲିଛୁଆ. ଦାଗୀପୁଅ. ନଇଶୁଆ. ନିଅଁଶିଆ. ନିଆଁଲଗା. ନିଚିମୁଳିଆ. ନିଲଠା. ପାଜି. ପୋଇଲିଛୁଆ.

Digitized by srujanika@gmail.com

ପୋଇଲି ମାଇପ, ବଗୁଲିଆ, ବାଡ଼ିପଶା, ବାଡ଼ିଖିଆ, ଯୋଗନୀଖିଆ, ରାଣ୍ଡିପୁଅ, ଶଳା, ଶାଳୀ, ସବାଖାଇ, ସାପଖିଆ, ସେରେକେଟି, ହାତଗୋଡ଼ଖାଇ ଇତ୍ୟାଦି ।

କର୍ଣ୍ଣପ୍ରୀତିପ୍ରଦ ମୂର୍ଦ୍ଧଣ୍ୟବର୍ଣ୍ଣଯୁକ୍ତ ଆନୁପ୍ରାସିକ ପଦର ବ୍ୟବହାର :

ମେଞ୍ଚଡ଼ା ଖଣ୍ଡେ, ଧଣ୍ଡ ହୋଇ ନାଗପାଶେ ଦେଖାଉଛୁ ଷଣ୍ଢା, କରିଦେବି ଥଣ୍ଡା, ଗଣ୍ଡା ଗଣ୍ଡା ତୋହରି ପରି, ମେଣ୍ଢା ପରି ଷଣ୍ଢା କାଟିଛି ତାଙ୍କରି, ଅଣ୍ଡା ଖଣ୍ଡେ ତୁ ମାତର ହଣ୍ଡା ତୋ ଚିରିବି, ଦଣ୍ଡାରେ ଶ୍ୱାନ ଶୃଗାଳ, ପିଣ୍ଡେ ଯେବେ ଥାଏ, ଭଣ୍ଡପଣେ କଲେ ଦୁଷ୍ଟ, ଅଜରା ଖଣ୍ଡିଆ, ରାଣ୍ଡଘରେ, ଦାଣ୍ଡରୁ ଆସିଲେ ହାଣ୍ଡିରେ ପକାଉ, କି ହୁଣ୍ଡି ରଖିଛୁ, ଭଣ୍ଡାଭଣ୍ଡି, ମଣ୍ଡାଉ ରଜାଙ୍କୁ ଭଣ୍ଡାରେ ଥୋଇ, ଧଣ୍ଡାମାଳ, ଚଣ୍ଡାଳ ବୁଦ୍ଧି, ଛିଣ୍ଡାଇବି ତୋର ମଥାରେ, ରାଣ୍ଡିପୁଅ ଖଣ୍ଡେ, ମାଳିଘରେ ଖାଇ ହୁଣ୍ଡା ଇତ୍ୟାଦି ।

ଯାବନିକ ଶବ୍ଦାବଳୀ :

ଅକଲ, ଅର୍ଜି, ଇଜ୍ଜତ୍, ଇନ୍ତିଜାର, ଇଲମ୍, ଇସ୍ତଫା, ଉମେଦାରୀ, ଓସ୍ତାଦ୍, କସୁର, କାଇଲି, କିସମ, ଖଲାସ, ଗଲ୍‌ତି, ଗିରଫ, ଜବତ୍, ଜେରା, ତକ୍‌ଲିଫ୍, ତାଗିଦ୍, ଦଖଲ, ଦାରୋଗା, ଦିମାକ୍, ନବାବ, ନାଲିସ୍, ଫଜିତ୍, ବକ୍‌ସିସ୍, ବେକୁବ୍, ବେଜିତ୍, ରିସ୍‌ପତ୍, ମତଲବ, ମଜଲିସ, ମର୍ଜି, ମାଫ୍, ମାମଲା, ମିଜାଜ୍, ମୁଲାକାତ୍, ଲାଖରାଜ୍, ଲୋକସାନ, ହଲାର, ହିମ୍ମତ୍ ଇତ୍ୟାଦି ।

ଇଂରାଜୀ ଶବ୍ଦାବଳୀ :

ଆକ୍‌ସିଡେଣ୍ଟ, ଓଲଡ୍, ଜୁସ୍, ଟାଇମ୍, ଡଗ୍, ଡ୍ରଇଂ, ଡ୍ରିଲ୍, ପାୱାର, ଫୁଲ୍, ବ୍ରାଣ୍ଡି, ଷ୍ଟେରିଂ, ଷ୍ଟେସନ୍, ସାଇକଲ୍, ସାର୍ଟିଫିକେଟ୍, ହଗ୍ ଇତ୍ୟାଦି ।

ବାଳକୃଷ୍ଣ ସଂଭ୍ରାନ୍ତ ଚରିତ୍ରମାନଙ୍କ ମୁଖରେ ସାଧୁଶବ୍ଦମାନ ପ୍ରୟୋଗ କରିଥିବାବେଳେ ଗ୍ରାମରେ ବାସ କରୁଥିବା ଚରିତ୍ରମାନଙ୍କୁ ସେମାନଙ୍କ କଥାକୁହା ଭାଷାରେ କଥାବାର୍ତ୍ତା କରାଇଛନ୍ତି । ତାଙ୍କ ରଚନାବଳୀରେ ବିଭିନ୍ନ ଚରିତ୍ର ମୁଖରେ ଯେଉଁ ବୈଦେଶିକ ଶବ୍ଦାବଳୀ ସଂଯୋଜିତ ହୋଇଛି ସେସବୁ କେବଳ ସ୍ଥାନ-କାଳ-ପାତ୍ରର ଅନୁରୋଧରେ । ଫଳରେ ତାଙ୍କ ନାଟକଗୁଡ଼ିକ ବାସ୍ତବଧର୍ମୀ ହୋଇଛି ଏବଂ ଦର୍ଶକମାନଙ୍କ ମନକୁ ଛୁଇଁ ପାରିଛି ।

କବିତ୍ୱ

ସାଧାରଣ ଲୋକ ଯାହା ଦେଖେ ତାହା ସେ ବର୍ଣ୍ଣନ କଲେ, ସେଥିରେ କିଛି ବିଶେଷତ୍ୱ ନଥାଏ; କିନ୍ତୁ କବି ସେହି ନିର୍ଦ୍ଦିଷ୍ଟ ବସ୍ତୁ ବା ଦୃଶ୍ୟ ଦେଖି କଳ୍ପନାର ପୁଟ

Digitized by srujanika@gmail.com

ଦେଇ କବିତ୍ୱ ବଳରେ ତା'ର ବର୍ଣ୍ଣନା ଏପରି ଅଭିନବ ଶୈଳୀରେ ପ୍ରଦାନ କରନ୍ତି ଯେ ସେଥିରେ ଏକ ସ୍ୱତନ୍ତ୍ର ଗୃତୁରୀ ଫୁଟିଉଠେ ଓ ତାହା ମନକୁ ଛୁଏଁ । ପରିବେଷଣର ଏହି ଗୃତୁରୀ କବିଙ୍କର ଏକ ବୈଶିଷ୍ଟ୍ୟ । କବି ଭେଦରେ ଏହା ଭିନ୍ନ ଭିନ୍ନ ହୋଇଥାଏ । ନାଟ୍ୟାଗ୍ରର୍ଯ୍ୟ ବାଳକୃଷ୍ଣ ମହାନ୍ତି ପ୍ରଥମେ କବି, ତା'ପରେ ନାଟ୍ୟକାର । ତେଣୁ ତାଙ୍କ ନାଟକର ଛତ୍ରେ ଛତ୍ରେ ଅନୁଭୂତ ହୁଏ କବିତ୍ୱର କୋମଳ ପରଶ । କବି ଭାବରେ ତାଙ୍କର ଏକ ସ୍ୱତନ୍ତ୍ର ବର୍ଣ୍ଣନାଗୃତୁରୀ ଥିଲା, ସ୍ୱତନ୍ତ୍ର କବିତ୍ୱ ଥିଲା । ଯେକୌଣସି ଘଟଣା, ପରିବେଶ ଓ ପରିସ୍ଥିତି ଦେଖି ସେ ତତ୍‌କ୍ଷଣାତ୍ ତତ୍‌ସଂପର୍କୀୟ କବିତା ଲେଖି ପାରୁଥିଲେ । ଏଣୁ ସେ କେବଳ କବି ନୁହନ୍ତି, ଆଶୁକବି ମଧ୍ୟ । ତାଙ୍କ ଆଶୁକବିତ୍ୱର ଏକ ଉଦାହରଣ ଏଠାରେ ଦିଆଯାଇପାରେ—

ଏକଦା ରଜପର୍ବ ଉପଲକ୍ଷେ ଯାତ୍ରା ପ୍ରଦର୍ଶନ କରିବାକୁ ବାଳକୃଷ୍ଣଙ୍କ ଜୟଦୁର୍ଗା ନାଟ୍ୟମଣ୍ଡଳୀକୁ ଜଗତ୍‌ସିଂହପୁର ବାଗସାହି (ସିପି) ଗ୍ରାମକୁ ନିମନ୍ତ୍ରଣ କରାଯାଇଥାଏ । ମଞ୍ଚ ବନ୍ଧା ହୋଇଥାଏ ସେହି ଗ୍ରାମର ବାଞ୍ଛାନିଧି ମହାନ୍ତିଙ୍କ ଘର ସାମନା ମେଲାରେ । ପ୍ରତିବର୍ଷ ପହିଲି ରଜଠାରୁ ତିନିଦିନଧରି ସେଠାରେ ଯାତ୍ରା ହୁଏ । ସେହିବର୍ଷ କିନ୍ତୁ ପାଗ ଦାଉ ସାଧିଲା । ଝିପିଝିପି ବର୍ଷା ଯାତ୍ରା ପ୍ରଦର୍ଶନରେ ବାଧକ ସାଜିଲା । ପ୍ରଥମ ଦୁଇଦିନ ହୋଇପାରିଲା ନାହିଁ । ତୃତୀୟ ଦିନ ପାଗ ସାମାନ୍ୟ ଭଲ ହେବାରୁ ଯାତ୍ରା ଆରମ୍ଭ ହେଲା; ସମାଜ ଥିଲା 'ସୁଶୀଳ-ମାଳତୀ' । କିନ୍ତୁ ଯାତ୍ରା ମଝିରେ ପୁନର୍ବାର ଆରମ୍ଭ ହେଲା ଝିପି ଝିପି ବର୍ଷା । ବର୍ଷାକୁ ଦେଖି ବାଳକୃଷ୍ଣ ସେହିଠାରେ ଦୁଇପଦିଆ କବିତାଟିଏ ଲେଖି କର୍ଣ୍ଣାଟ ରାଜାଙ୍କ ଦୂତ ମୁଖରେ ବୋଲାଇଲେ । ଗୀତଟି ହେଲା—

"ରଜ ସଜବାଜ ମଉଜକୁ
ଝିପି ଝିପି ବର୍ଷା ସାରି ଦେଲାରେ,
ଶାରଦ ବିଆଳି ହରଡ଼ ନଳିତା
ଗ୍ରୀଷ୍ମ ସନ୍ତାପରୁ ତାରି ଦେଲାରେ ।
ଝଡ଼ବର୍ଷା ଆରମ୍ଭ ଦେଖି
ଉଇଙ୍କର ଲାଗିଲା ପକ୍ଷୀ
ଶୂନ୍ୟମାର୍ଗେ ଦେଖି ଉଠିଗଲେ ଶିଖି
କାକ ତାକୁ ଦେଖି ମାରିନେଲାରେ ।
ବେଙ୍ଗଙ୍କର ଭାଙ୍ଗିଲା ନିଦ
ବଜାଇଲେ ବିବିଧ ବାଦ୍ୟ
ଦୀନ ବାଳକୃଷ୍ଣ ରଚେ ଏହି ପଦ
ବସି ବାଞ୍ଛାନିଧି ବାବୁ ମେଲାରେ ।

(ସୁଶୀଳ ମାଳତୀ, ଗ୍ରନ୍ଥାବଳୀ, ପୃ : ୧୫୪)

Digitized by srujanika@gmail.com

ଏଇ ଗୀତଟି କେତେଦୂର ସ୍ଥାନ-କାଳ-ସମସ୍ୟା ଅନୁସାରୀ, ତାହା ସହଜରେ ଅନୁମେୟ । ଏଇଟି ତାଙ୍କ ଆଶୁକବିତ୍ୱର ଏକ ସଫଳ ଉଦାହରଣ । ଏଥିରେ ବର୍ଷାଋତୁର ବର୍ଣ୍ଣନା ରହିଛି । ନିଜ ଦୃଷ୍ଟିରୁ ସେ ବର୍ଷା ପ୍ରକୃତିର ବର୍ଣ୍ଣନା ଦେଇଛନ୍ତି, ନିଜ ପ୍ରକୃତି-ପ୍ରୀତିର ପରିଚୟ ଦେଇଛନ୍ତି । ତାଙ୍କ ପ୍ରକୃତି-ପ୍ରୀତିର ଆଉ କେତୋଟି ଉଦାହରଣ–

ବସନ୍ତ ଋତୁ ବର୍ଣ୍ଣନା :

"ବସନ୍ତ ଆସେ ହସେ ବସୁଧା ସୁହାଗିନୀ,
ନାଲି ହରିତ ପତ୍ରେ ତରୁ ନବ ସଜାଣି ।
ଶାଳ୍ମଳୀ ନାଲି ଛତା ଟେକି ବସିଛି ମଥା,
ସରସୀ ନୀରେ ଶୋଭା ଦିଶିଲାଣି ସରୋଜିନୀ ।।
ପିକ ପଞ୍ଚମୀ ତାନେ ଗାଏ କୁଞ୍ଜ କାନନେ
ବିରହୀ କୁଳ ଏବେ ଆକୁଳେ ଭାସିଲେଣି ।।"

(ଘଟୋତ୍କଚ, ଗ୍ରନ୍ଥାବଳୀ, ପୃ : ୨୬୨)

ବସନ୍ତ ଋତୁର ଆଉ ଏକ ବର୍ଣ୍ଣନା–

"ବସନ୍ତ ଋତୁ ଆସେ ଧରା କି ସୁନ୍ଦର ଦିଶେ
ନାଲି ହରିତ ପତ୍ରରେ ତରୁ ଶୋଭା ବିକାଶେ

x x x

ଫୁଲେ ଫୁଲେ ମଧୁପ ବୁଲେ ମଧୁ ଆଶେ
ନାନା ଫୁଲ ଫୁଲାଏ ଛାତି ପାଇ ବନ୍ଧୁ ପରଶେ ।

x x x

ପ୍ରେମିକା ପ୍ରେମିକ ଲୋ ଡେଇଁଛି ପ୍ରେମ ଲାଳସେ
ପ୍ରେମିକା ପ୍ରେମିକ ଲୋଡ଼େ କାମଶର ଡରାସେ ।"

(ଘଟୋତ୍କଚ, ଗ୍ରନ୍ଥାବଳୀ, ପୃ : ୨୮୧)

ଚଇତି ରାତିର ବର୍ଣ୍ଣନା :

"ଚଇତି ରାତି ସଞ୍ଜ ପାହାନ୍ତି
ସିଲିସିଲିଆ ବାଆ
ଉତଲା ମନ ଭରା ଯୌବନ
ଉଲୁସାଇ ଦିଏ ହିଆ । ପଦ ।

Digitized by srujanika@gmail.com

କୋଇଲି ଡାକେ ବନେ   ସ୍ୱର ଝଙ୍କାରି ପଞ୍ଚମତାନେ
ବିରହୀ ପ୍ରାଣେ ଉଚ୍ଚାଟ ଆଣେ ।
ମଦନ ବାଣେ ମରେ ମରମେ
ଖୋଜି ନ ପାଏ ରାହା ।"
(ଘଟୋତ୍କଚ, ଗ୍ରନ୍ଥାବଳୀ, ପୃ : ୨୬୧)

ସରସୀ ଶୋଭା ବର୍ଣ୍ଣନା :

"ଫୁଟିଛି ନଳିନୀ ଜଳେ କି ସୁନ୍ଦର
ସରସୀର ଶୋଭା କିବା ହରେ ହୃଦ ମନ୍ଦିର '
ସୁବାସ ଅଙ୍ଗେ ବୋଳି   ପ୍ରେମେ ଉନ୍ମତ୍ତ ଅଳି
ପଙ୍କଜିନୀରେ ପାଇ କିବା ଆଦର
ପ୍ରଖର ରବି ତ୍ରାସେ   ବିକଶି ଗୃହିଁ ହର୍ଷେ
ଧନ୍ୟ ବିଧାତା ଧନ୍ୟ ତୋର ସୁନ୍ଦର ।"
(ରୁକ୍ମିଣୀ ପରିଣୟ, ଗ୍ରନ୍ଥାବଳୀ, ପୃ : ୨୪୯)

ଉଦ୍ୟାନଦୃଶ୍ୟ ବର୍ଣ୍ଣନା :

"ଦେଖ ଏ ଚମ୍ପା ବଧୁଲି   ଫୁଟିଛି ଭଳିକି ଭଳି
ଯାଏ ମାନସ ଭୁଲି
ଅଶୋକ ମଲ୍ଲୀ ମନ୍ଦାର ଯୁଇ ସେବତୀ ଟଗର
ଦିଶେ କେଡ଼େ ମନୋହର ପବନେ ଯାଆନ୍ତି ଝୁଲି ।
କୁନ୍ଦ ମୁଚୁକୁନ୍ଦ ସାର, ଛୁରୀଅନା ନାଗେଶ୍ୱର,
କରି ଗୁଣୁ ଗୁଣୁ ସ୍ୱର ଭ୍ରମର କରଇ ଅଳି ।।"
(ରାଜା ହରିଶ୍ଚନ୍ଦ୍ର, ଗ୍ରନ୍ଥାବଳୀ, ପୃ : ୧୩୭)

ବାଳକୃଷ୍ଣଙ୍କ ପ୍ରକୃତିବର୍ଣ୍ଣନାରେ କବିଦୃଷ୍ଟିର ଏକ ସ୍ୱତନ୍ତ୍ରତା ରହିଛି, ଯାହା ଅତି ସହଜ, ସରଳ, ଭାବୋଦ୍ଦୀପକ । ଏଥିରେ ଅତିରଞ୍ଜନତା ନାହିଁ, କୃତ୍ରିମତା ନାହିଁ । ଚରିତ୍ରର ଅବସ୍ଥା ଓ ପରିବେଶର ବାସ୍ତବତା ଅନୁସାରୀ ଏହି ବର୍ଣ୍ଣନାରାଜି ଚିତ୍ତକୁ ଛୁଏଁ, ମନକୁ ମୋହେ ଓ ପ୍ରକୃତିକୁ ମନଭରି ଉପଭୋଗ କରିବାକୁ ପ୍ରବର୍ତ୍ତାଏ ।

ନାରୀରୂପ ବର୍ଣ୍ଣନା :

ନାରୀରୂପ ବର୍ଣ୍ଣନାରେ ବାଳକୃଷ୍ଣଙ୍କ କବିତ୍ୱକୁ ତାରିଫ୍ ନ କରି ରହିହୁଏନି । ଯେଉଁଠି ସେ ନାରୀରୂପ ବର୍ଣ୍ଣନା କରିବାକୁ ଆରମ୍ଭ କରିଛନ୍ତି, ସେଠାରେ ସେ ଅପୂର୍ବ

Digitized by srujanika@gmail.com

କବିତ୍ୱର ପରିଚୟ ଦେଇଛନ୍ତି । ଉଦାହରଣ ସ୍ୱରୂପ ରୁକ୍ମିଣୀଙ୍କ ବିବାହ ଅବସରରେ ତାଙ୍କ ରୂପବର୍ଣ୍ଣନାରେ କବିଙ୍କ କୃତିତ୍ୱ—

ଧୀରେ ଧୀରେ ସରଗୁ ତାରା ଖସୁଛିରେ । ଘୋଷା ।
ମନ୍ଦହାସୀ ମଦାଳସୀ କୁନ୍ଦରଦନା ସୁକେଶୀ
ମଦନ ତା ସଙ୍ଗେ ଆସି ମିଶିଛିରେ ।
ହେବ ପନ୍ଦର ବୟସୀ ମନ୍ଦର ତା ନାହିଁ ଖସି
ସୁନ୍ଦର ଠାଣି ତା ମନ ରସୁଛିରେ ।
ତା ନେତ୍ର ବାଙ୍କ ଗୁହାଣି ଜନମନ ନିଏ କିଣି
ମୋ ପଞ୍ଚ ପରାଣ କାମେ ଭାସୁଛିରେ ।"

(ରୁକ୍ମିଣୀ ପରିଣୟ, ଗ୍ରନ୍ଥାବଳୀ, ପୃ : ୨୫୧)

ଉପରୋକ୍ତ ପ୍ରକୃତି ବର୍ଣ୍ଣନା ଓ ନାରୀରୂପ ବର୍ଣ୍ଣନାର ଅନୁଶୀଳନ ଅବସରରେ କବିଙ୍କ ଅପୂର୍ବ କବିତ୍ୱର ପରିଚୟ ମିଳେ । ଆଉ ଗୋଟିଏ ମାତ୍ର ଉଦାହରଣ ଦିଆଯାଇପାରେ 'ରୁକ୍ମିଣୀ ପରିଣୟ' ଗୀତିନାଟ୍ୟରୁ । ରୁକ୍ମିଣୀଙ୍କ ବିବାହ ଉପଲକ୍ଷେ ତାଙ୍କ ପିତାଙ୍କ ରାଜସଭାକୁ ସୁସଜ୍ଜିତ କରାଯାଇ ତା'ର ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇଛି । ସେହି ରାଜସଭାର ଅକୃତ୍ରିମ ତଥା ସାହିତ୍ୟିକ ସୌନ୍ଦର୍ଯ୍ୟରେ ମଣ୍ଡିତ ବର୍ଣ୍ଣନାରେ ବାଳକୃଷ୍ଣ ଅପୂର୍ବ କବିତ୍ୱର ପରିଚୟ ଦେଇଛନ୍ତି । ଯେପରି—

"ଆହା କି ଅପୂର୍ବ ଶୋଭା କରେ ଜନମନ ଲୋଭା
ଶୋଭାରେ ଜିଣେ ମଘବା ସଭା ।
ହୀରା ଛାଉଣି ସ୍ଫଟିକ ଦିଶେ କେଡ଼େ ଝକମକ
ଶତକୋଟି ଚନ୍ଦ୍ର ଜିଣି ଆଭା । ୧ ।
ଦ୍ୱାରେ ରମ୍ଭା ବୃକ୍ଷମାନ ସୁବର୍ଣ୍ଣ ବେଦୀ ସ୍ଥାପନ
ଦିଶେ ସୁପଞ୍ଚ ଦିବ୍ୟ ତୋରଣା ।
ପଡ଼େ ଗୁମର ଆଲଟ ଟଣାଅଛି ଚନ୍ଦ୍ରାତପ
ବାଜୁଅଛି ବିବିଧ ବାଜଣା । ୨ ।
ପାଟ ଜ୍ୟୋତିଷ ବ୍ରାହ୍ମଣ ଛନ୍ତି ନିଜ ନିଯୋଗେଣ
ସଭା ଶୋଭା ନ ହୁଏ କଳନା ।
ନିଯୋଗୀ ପରିବେଷ୍ଟିତ ଗଗନେ କି ତାରାଯୂଥ
ଧନ୍ୟ ବିହି କରିଛି ଘଟଣା । ୩ ।

(ଗ୍ରନ୍ଥାବଳୀ, ପୃ : ୨୫୧)

Digitized by srujanika@gmail.com

ସଂଭ୍ରାନ୍ତ ଚରିତ୍ର ମୁଖରେ କାବ୍ୟିକ ସଂଳାପ ଫୁଟାଇବାରେ ବାଳକୃଷ୍ଣ ଥିଲେ ଏକାନ୍ତ ଦକ୍ଷ । ଦେଖାଯାଉ ଏଥିରେ ତାଙ୍କ କବିତ୍ୱ କିପରି ପ୍ରକାଶିତ ହୁଏ ।

'ଶ୍ରୀରାମ ବନଗମନ' ଗୀତିନାଟ୍ୟରେ ରାମଚନ୍ଦ୍ର ଓ ବଶିଷ୍ଠଙ୍କ ମଧ୍ୟରେ କଥୋପକଥନ କାଳରେ ରାମଚନ୍ଦ୍ରଙ୍କ ବଶିଷ୍ଠଙ୍କ ଉଦ୍ଦେଶ୍ୟରେ କହିଛନ୍ତି –"ମହର୍ଷେ ! ଶିରୀଷ ଫୁଲ କି କେବେ ସହେ କୁଳିଶ ଆଘାତ ! ଶୁଣି ଏ ବାରତା କିସ ଭାଷିବେ ପ୍ରଜାଏ । ପିତା ଆଗେ ଦଣ୍ଡଛତ୍ର ଧରିବ କେମନ୍ତେ ସୁତ, ଏକଥା ନୁହେଁ ଶୋଭିତ ଜନସମାଜକୁ । x x x ତବ ଆଶିଷରୁ ଗୁରୋ ପ୍ରାପ୍ତି ରାଜପଦ, ରାଜପଦ ନୁହେଁ ଅଟେ ସେ ମହାବିପଦ; ରାଜ୍ୟଭାର ବହିବା ଅସିଧାରରେ ଗ୍ଲିବା, ଉଭୟ କଥାରେ କିଛି ନାହିଁଟି ପ୍ରଭେଦ ।" (ଗ୍ରନ୍ଥାବଳୀ, ପୃ : ୩୧୨)

ଦୂତ ମୁଖରେ ସରଳ ଭାଷା ତଥା ଆଳଙ୍କାରିକ ରୀତିରେ ପ୍ରଯୁକ୍ତ ସଂଳାପ ଶୁଣି କବିଙ୍କ କବିତ୍ୱ କଳନା କରାଯାଉ–"ବାବାରେ, ଏତ ଗୋଟାଏ ଖଞ୍ଜ, ହେଲାଣି ତ ସଞ୍ଜ, ବୃନ୍ଦାବନ କୁଞ୍ଜ, ନେ ମଉଜ, ବାଃ ମଉଜ ।" (କେଦାର କୁମୁଦ, ଗ୍ରନ୍ଥାବଳୀ, ପୃ : ୩୪୭)

ଗୋଟିଏ ପଦ୍ୟ-ସଂଳାପ ଶୁଣାଯାଉ ଯେଉଁଥିରେ କବିଙ୍କ ରସିକତା ଓ ସରସ କବିପଣିଆର ରୂପ ସହଜଲଭ୍ୟ । ଶଶୀରେଖାଙ୍କ ପ୍ରତି ଦାସୀମାନଙ୍କ ଉକ୍ତି –

"ଫୁଲମନ କିଣିବାକୁ ମଧୁପ
    ଗୁଣୁ ଗୁଣୁ ଗାଏ ମଧୁ ସଙ୍ଗୀତ । ୦ ।
ସାଥି ପାଇ ଛାଡି ଦେବ ମିଳାଇ
    କଥା ଅସ୍ଫୁଟେ କହୁଛି ଗେହ୍ଲାଇ
    ପ୍ରେମ ମଧୁ ଚୁମ୍ବିବାକୁ ବ୍ୟଥିତ । ୧ ।"

(ଘଟୋତ୍କଚ, ଗ୍ରନ୍ଥାବଳୀ, ପୃ : ୨୬୩)

କବି ମୂର୍ଦ୍ଧଣ୍ୟବର୍ଣ୍ଣଯୁକ୍ତ କେତେକ ଆନୁପ୍ରାସିକ ପଦ ରଚନା କରି ଚରିତ୍ର ମୁଖରେ ଶୁଣାଇଛନ୍ତି, ଯାହା କେବଳ ଶ୍ରବଣ ସୁଖଦାୟୀ ନୁହେଁ, ତାଙ୍କ କବିତ୍ୱର ପରିଚାୟକ ମଧ୍ୟ । ଯେପରି–

"ଗଣ୍ଡା ଗଣ୍ଡା ତୋହପରି କେତେ ବୀର ଧରି
ମେଣ୍ଢା ପଶୁପରି ଷଣ୍ଢା କାଟିଛ ତାଙ୍କରି ।
ଅଣ୍ଡା ଖଣ୍ଡେ ତୁ ମାତର ହଣ୍ଡା ତୋ ଚିରିବି
ଦଣ୍ଡାରେ ଶ୍ୱାନ ଶୃଗାଳ ଡାକି ଭୁଞ୍ଜାଇବି ।

Digitized by srujanika@gmail.com

ପିଣ୍ଡେ ଯେବେ ଥାଏ ଆଶା ମାଗରେ ଶରଣ
ଭଣ୍ଡପଣ କଲେ ଦୁଷ୍ଟ ଲଭିବୁ ମରଣ ।"
(କାଞ୍ଚନବାଳା, ଗ୍ରନ୍ଥାବଳୀ, ପୃ : ୯୩)

ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣଙ୍କ କବିତ୍ୱ ପ୍ରଖ୍ୟାପକ ଏହିପରି ବହୁ ଉଦାହରଣ ତାଙ୍କ ରଚନାବଳୀରୁ ଦିଆଯାଇ ପାରିବ । କିନ୍ତୁ ଆଲୋଚନାକୁ ଅଧିକ ଦୀର୍ଘ ନ କରି ତାଙ୍କ ପାଣ୍ଡିତ୍ୟ ଉପରେ ଆଲୋକପାତ କରାଯାଇପାରେ ।

ପାଣ୍ଡିତ୍ୟ

ଛାତ୍ରାବସ୍ଥାରୁ ନାଟକ ପ୍ରତି ଆକୃଷ୍ଟ ହୋଇ ବହିବସ୍ତାନିରେ ଡୋର ବାନ୍ଧିଥିଲେ ବି ବାଳକୃଷ୍ଣ ଥିଲେ ବହୁଶାସ୍ତ୍ରଦର୍ଶୀ । ଅଧ୍ୟବସାୟ ବଳରେ ଯାତ୍ରାଜଗତରେ ଚହଳ ପକାଇଥିବା ଏହି ଅନନ୍ୟ ପ୍ରତିଭା ଥିଲେ ଏକାଧାରରେ ଯାତ୍ରାକାର, ଗୀତିକାର, ସଙ୍ଗୀତକାର, ନିର୍ଦ୍ଦେଶକ, ଅଭିନେତା, ବାଦ୍ୟଶିଳ୍ପୀ ଓ ଯାତ୍ରାଦଳ ମାଲିକ । ବ୍ୟାସ, ବାଲ୍ମୀକି, ସାରଳା ଓ ଜଗନ୍ନାଥଙ୍କୁ ସେ ଭଲଭାବରେ ପଢ଼ିଥିଲେ ଏବଂ ଏସବୁରୁ ଗୃହୀତ ଉପାଖ୍ୟାନସବୁକୁ ସାହିତ୍ୟିକ ସୁଷମାରେ ମଣ୍ଡିତ କରି ରୂପ ଦେଉଥିଲେ ଗୀତାଭିନୟ ଓ ଗୀତିନାଟ୍ୟ ଭାବରେ । ଇତିହାସ, କିଂବଦନ୍ତୀ ଓ ଲୋକକଥା ବିଷୟକ ଜ୍ଞାନ ମଧ୍ୟ ତାଙ୍କର ଥିଲା । ସେସବୁର ମଧ୍ୟ କଥାବସ୍ତୁ ଗ୍ରହଣ କରି ସେ ନିଜ ରଚନାବଳୀକୁ ସମୃଦ୍ଧ କରୁଥିଲେ ।

ଶାସ୍ତ୍ରଦର୍ଶୀ ବାଳକୃଷ୍ଣଙ୍କର ମଧ୍ୟ ସଂସ୍କୃତରେ କମ୍ ପ୍ରବେଶ ନଥିଲା । ନିଜ ରଚନାର ବିଭିନ୍ନ ସ୍ଥଳେ ସଂସ୍କୃତ ଶ୍ଳୋକମାନ ଖଞ୍ଜି ଦେଉଥିଲେ ଆବଶ୍ୟକତାକୁ ଦୃଷ୍ଟିରେ ରଖି । କିନ୍ତୁ ଏତେ ପାଣ୍ଡିତ୍ୟର ଅଧିକାରୀ ହେଲେହେଁ ସେ କେଉଁଠାରେ ଆତ୍ମବଡ଼ିମା ପ୍ରକାଶ କରି ନାହାନ୍ତି; ବରଂ ନିଜ ସୀମିତ ଜ୍ଞାନ ବିଷୟରେ ଅବହିତ ଥାଇ ନିଜ ବିନୟଭାବର ପରିଚୟ ଦେବାକୁ ଭୁଲି ନାହାନ୍ତି । 'ଅମର ବିଳାସ' ନାଟକର ପ୍ରସ୍ତାବନାରେ ନଟ ମୁଖରେ ସେ ନିଜକୁ ପ୍ରକାଶିତ କରିଛନ୍ତି ଏହିପରି— "ଯେଉଁଠାରେ ଏତେ ସୁବିଜ୍ଞ ପଣ୍ଡିତ ମଣ୍ଡଳୀ ବିରାଜିତ ସେଠାରେ ମୋର ଏହି କ୍ଷୁଦ୍ର ଲେଖନୀ ଯେ କେତେଦୂର କାର୍ଯ୍ୟକାରୀ ହୋଇଉଠିବ ଏହା ଭାବି ହୃଦୟ ବାତାହତ ରମ୍ଭାପତ୍ର ସଦୃଶ ବିକମ୍ପିତ ହେଉଅଛି । ହେ ବିବୁଧଗଣ !

'ଅନନ୍ତପାରଂ କିଳ ଶବ୍ଦଶାସ୍ତ୍ରଂ
ସ୍ୱଳ୍ପସ୍ତଥାୟୁର୍ବହବଶ୍ଚ ବିଘ୍ନାଃ
ଯତ୍ସାରଭୂତଂ ତଦୁପାସିତବ୍ୟଂ
ହଂସୋ ଯଥା କ୍ଷୀରମିବାମ୍ବୁ ମଧ୍ୟାତ୍'; ଅର୍ଥାତ୍ ଆପଣମାନେ ହଂସ

Digitized by srujanika@gmail.com

କ୍ଷୀର ମଧ୍ୟରୁ ସାରାଂଶ ଗ୍ରହଣ କରି ନୀରକୁ ଦୂରକୁ ଫିଙ୍ଗିଲା ପରି ଦୋଷାଦୋଷ ଗ୍ରହଣ ନକରି କେବଳ ଗୁଣପ୍ରତି ଲକ୍ଷ୍ୟ ରଖି କ୍ଷମା ଓ ସହାନୁଭୂତି ପ୍ରକାଶ କଲେ ଅଧୀନ ଆପଣାକୁ ଧନ୍ୟ ମନେ କରିବ ।" (ଗ୍ରନ୍ଥାବଳୀ, ପୃ : ୨) 'ହିତୋପଦେଶ'ର ଏହି ଶ୍ଲୋକଟି ମଧ୍ୟ ତାଙ୍କ 'ପାଣି-ଧୋବଣୀ ଫାର୍ଶ'ରେ ପ୍ରସଙ୍ଗକ୍ରମେ ପ୍ରଦତ୍ତ । (ଗ୍ରନ୍ଥାବଳୀ, ପୃ : ୪୭୫)

ତାଙ୍କ ରଚନାବଳୀରେ ସ୍ଥାନ ପାଇଥିବା ସଂସ୍କୃତ ଶ୍ଲୋକରୁ କେତୋଟି ଏଠାରେ ଉଦ୍ଧାର କରି ତାଙ୍କ ସଂସ୍କୃତପ୍ରୀତି ଓ ପାଣ୍ଡିତ୍ୟ ପ୍ରଦର୍ଶନ କରାଯାଇପାରେ । 'ଦାନବୀର ରାଜା ହରିଶ୍ଚନ୍ଦ୍ର'ରେ ସେ ନାରଦଙ୍କ ମୁଖରେ ଖଞ୍ଜି ଦେଇଛନ୍ତି ଭଗବାନ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଲୋକପ୍ରିୟ 'ମୋହମୁଦ୍‌ଗର'ରୁ 'ଭଜ ଗୋବିନ୍ଦଂ ସ୍ମର ଗୋବିନ୍ଦଂ, ଗୋବିନ୍ଦଂ ଭଜ ମୂଢ଼ମତେ !" (ଗ୍ରନ୍ଥାବଳୀ, ପୃ : ୧୧୮)

'ସୁଶୀଳ ମାଳତୀ' ଗୀତିନାଟ୍ୟରେ ସୁଧୀରର ଉପସ୍ଥିତିରେ ତା'ର ଅଭିଷେକ ପୂର୍ବରୁ ମାଙ୍ଗଳିକ କାର୍ଯ୍ୟରେ ବ୍ରାହ୍ମଣ, ଗ୍ରହବିପ୍ର ପ୍ରଭୃତିଙ୍କ ମନ୍ତ୍ର ପଠନ ଏହିପରି–

"ଶ୍ରୀମତ୍‌ପଙ୍କଜସମ୍ଭବୋ ହରିହରୋ ବାୟୁର୍ମହେନ୍ଦ୍ରାନଳଶ୍ଚନ୍ଦ୍ରୋ ଭାସ୍କର ବିତ୍ତପାଳ ବରୁଣୋ ଧର୍ମାଧିପାଳୋଗ୍ରହଃ । ପ୍ରଦ୍ୟୁମ୍ନୋ ନଳକୁବେରୋ ସୁରଗଜଶ୍ଚିନ୍ତାମଣିଃ କୌସ୍ତୁଭଃ । ସ୍ୱାମୀ ଶକ୍ତିଧରସ୍ତୁ ଲାଙ୍ଗଳଧରଃ କୁର୍ବନ୍ତୁତେ ମଙ୍ଗଳମ୍ ।

(ଅଥ କର୍ମାରମ୍ଭଃ) ଦକ୍ଷିଣତୋ ବ୍ରହ୍ମାସନଂ ଉତ୍ତରେ ପ୍ରଣିତା-ପ୍ରଣୟନଂ ପ୍ରାଚ୍ୟାଦି ଚତୁର୍ଦ୍ଦିକ୍ଷୁ ପରିସ୍ତରଣମ୍ ।"... ଇତ୍ୟାଦି (ଗ୍ରନ୍ଥାବଳୀ, ପୃ : ୧୪୭)

ସୁଶୀଳ ଭାଇ ଅନ୍ୱେଷଣରେ ବୁଲିବାବେଳେ ଘଟଣାକ୍ରମେ ତା'ର ବିବାହ ନିକଟସ୍ଥ ଏକ ରାଜ୍ୟର ରାଜକୁମାରୀ ସହିତ ସ୍ଥିର ହୋଇଯାଇଛି । ବେଦୀ ଉପରକୁ ବରକନ୍ୟା ମଙ୍ଗୁଳା ହୋଇ ଆସିବା ସମୟେ କଳସମସ୍ତକେ ବାରିକ ଆଗରେ ଶଙ୍ଖୁଆ ଶଙ୍ଖ ବଜାଇ ବଜାଇ ଆସିବା ଓ ଜ୍ୟୋତିଷଙ୍କ ମଙ୍ଗଳାଷ୍ଟକ ପଠନ–

"ମଙ୍ଗଳଂ ଭଗବାନ ବିଷ୍ଣୁଃ ମଙ୍ଗଳଂ ମଧୁସୂଦନଃ
ମଙ୍ଗଳଂ ପୁଣ୍ଡରୀକାକ୍ଷୋ ମଙ୍ଗଳଂ ଗରୁଡ଼ଧ୍ୱଜଃ ।
ମାଧବୋ ମାଧବୋ ବାଚ୍ୟଂ ମାଧବୋ ମାଧବୋ ହରିଃ
ସ୍ମରନ୍ତି ସାଧବୋ ନିତ୍ୟଂ ସର୍ବକାର୍ଯ୍ୟେଷୁ ମାଧବମ୍ ।"

(ଗ୍ରନ୍ଥାବଳୀ, ପୃ : ୧୫୯)

'କୁମୁଦ କେଦାର' ଗୀତିନାଟ୍ୟର ମଝିରେ ଜଣେ ନାଗରିକ ଓ ତା'ର ସ୍ତ୍ରୀଙ୍କୁ ଉଭା କରାଇ ବାଳକୃଷ୍ଣ ପୁରୁଷ ମୁଖରେ କୁହାଇଛନ୍ତି ବହୁ ପରିଚିତ ପୁରାଣପ୍ରସିଦ୍ଧ ପଞ୍ଚସତୀ ଶ୍ଲୋକ । ଯଥା–

Digitized by srujanika@gmail.com

"ଅହଲ୍ୟା ଦ୍ରୌପଦୀ ତାରା କୁନ୍ତୀ ମନ୍ଦୋଦରୀ ତଥା
ପଞ୍ଚକନ୍ୟା ସ୍ମରେତ୍ ନିତ୍ୟଂ ମହାପାତକ ନାଶନମ୍ ।"
(ଗ୍ରନ୍ଥାବଳୀ, ପୃ : ୩୪୧)

'ନିର୍ମଳ-ପ୍ରଭା' ଗୀତିନାଟ୍ୟରେ ନିର୍ମଳ ମୁଖରେ କବି ପ୍ରକାଶ କରିଛନ୍ତି- "ଅସମ୍ଭବଂ ନ ବକ୍ତବ୍ୟଂ ଯଦି ସମ୍ଭବଂ, ଶିଳା ତରତି ପାନୀୟଂ ଗୀତଂ ଗାୟତି ବାନରଃ; ଅର୍ଥାତ୍ ପଥରଟାଏ ପାଣିରେ ଭାସୁଛି, ତହିଁପରେ ମର୍କଟଟାଏ ଗୀତ ଗାଉଛି, ଏହିପରି ଅସମ୍ଭବକୁ କ'ଣ ସମ୍ଭବ ବୋଲି କହୁଛ କି ?" (ଗ୍ରନ୍ଥାବଳୀ, ପୃ : ୪୨୨)

'ନିର୍ମଳ-ପ୍ରଭା'ରେ ପ୍ରଭା ରାଜାଙ୍କ ଉଦ୍ଦେଶ୍ୟରେ କହିଛି-"ଧର୍ମଂ ସଙ୍କୁଚିତଂ ତପୋବିରହିତଂ ସତ୍ୟଂ ଚ ଦୂରଂ ଗତଂ । ଲୋକା ଧର୍ମହତା ଦ୍ୱିଜାଷ୍ଟ ଲୁଭିତା ନାରୀବଶା ମାନବାଃ, ନିର୍ବୀର୍ଯ୍ୟା ପୃଥ୍ୱୀ ନିରୌଷଧି ରସା ନୀଗ୍ମହତ୍ତ୍ୱଂ ଗତାଃ, ଭୂପାଳା ନିଜଧର୍ମକର୍ମ ରହିତା ବିପ୍ରାଃ କୁମାର୍ଗଗତାଃ ଭାର୍ଯ୍ୟା ଭର୍ତ୍ତୃବିରୋଧିନୀ ପରରତା ପୁତ୍ରା ପିତୃଦ୍ୱେଷିଣୋ, ହା କଷ୍ଟ ଖଳୁ ବର୍ତ୍ତତେ କଳିଯୁଗେ ଧନ୍ୟା ନରା ଯୋ ମୃତାଃ ।" (ଗ୍ରନ୍ଥାବଳୀ, ପୃ : ୪୩୧)

ଖୋଜିବସିଲେ ବାଳକୃଷ୍ଣଙ୍କ ରଚନାରେ ଏପରି ବହୁ ସଂସ୍କୃତ ଉଦ୍ଧୃତି ଦୃଷ୍ଟିକୁ ଆସିବ, ଯାହା ତାଙ୍କ ଶାସ୍ତ୍ର ଅଧ୍ୟୟନ ଓ ଅନୁଶୀଳନଗତ ଜ୍ଞାନର ଯଥାର୍ଥ ପରିଚୟ । ଏଥିରୁ ସ୍ପଷ୍ଟହୁଏ ଯେ, ବାଳକୃଷ୍ଣ ସଂସ୍କୃତ ଅନଭିଜ୍ଞ ନ ଥିଲେ, ବରଂ ସଂସ୍କୃତ ଶାସ୍ତ୍ରରେ ତାଙ୍କର ସମ୍ୟକ୍ ଜ୍ଞାନ ଥିଲା । ଏହି ଆଲୋଚନା ତାଙ୍କ ପାଣ୍ଡିତ୍ୟର ଏକ ବିଶେଷ ଦିଗ ଆଲୋକିତ କରେ ।

ନାଟକୀୟ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା

ଚରିତ୍ର ଓ ନାଟକର ଗତିଶୀଳତା ପାଇଁ ଦ୍ୱନ୍ଦ୍ୱର ଆବଶ୍ୟକତା ଅପରିହାର୍ଯ୍ୟ । ଏ ଦୃଷ୍ଟିରୁ ଦ୍ୱନ୍ଦ୍ୱହିଁ ନାଟକର ଆତ୍ମା ରୂପେ ବିବେଚିତ । ଦ୍ୱନ୍ଦ୍ୱ ଦର୍ଶକ ପ୍ରାଣରେ ସଂଘାତ ଭରିଦେଇ ନାଟକୀୟ ଚମତ୍କାରିତା ସୃଷ୍ଟି କରିଥାଏ । ତେଣୁ କୁହାଯାଏ, ଦ୍ୱନ୍ଦ୍ୱ ନ ଥିଲେ ନାଟକ ନାହିଁ । ଅନ୍ତର୍ଦ୍ୱନ୍ଦ୍ୱ ମାଧ୍ୟମରେ ଚରିତ୍ରର ମାନସିକତା ଅଧ୍ୟୟନ କରାଗଲାବେଳେ, ଘଟଣାର ଅଗ୍ରଗତି ବହିର୍ଦ୍ୱନ୍ଦ୍ୱର ଅନ୍ତରାଳରେ ହୋଇଥାଏ । ଏ ଉଭୟ ପ୍ରକାର ଦ୍ୱନ୍ଦ୍ୱ ନାଟକକୁ ଚରମ ସଫଳତା ପ୍ରଦାନ କରେ । ଜଣେ ଅଭିଜ୍ଞ ନାଟ୍ୟକାର ଓ ଦକ୍ଷ ନିର୍ଦ୍ଦେଶକ ଭାବରେ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି ନିଜ ରଚନାବଳୀରେ ଆବଶ୍ୟକତାନୁଯାୟୀ ଦ୍ୱନ୍ଦ୍ୱ ଭରିଦେଇଛନ୍ତି ।

'ସୁଶୀଳ ମାଳତୀ' ଗୀତିନାଟ୍ୟରେ ରାଜା ଦୁଇପୁତ୍ରଙ୍କ ମଧ୍ୟରୁ କାହା ହାତରେ ରାଜଗାଦି ଟେକିଦେବେ, ତାହା ସ୍ଥିର କରିପାରି ନାହାନ୍ତି । ସୁଧୀର ନା ସୁଶୀଳ,

Digitized by srujanika@gmail.com

ସୁଶୀଳ ନା ସୁଧୀର, କିଏ ରାଜଗାଦି ପାଇଁ ଅଧିକ ଯୋଗ୍ୟ ? ତାଙ୍କ ମନରେ ଜାତ ହୋଇଥିବା ଏହି ଅନ୍ତର୍ଦ୍ୱନ୍ଦ୍ୱ ପ୍ରକାଶିତ ହୋଇଛି ଯେତେବେଳେ ଏ ବିଷୟରେ ସେ ମନ୍ତ୍ରୀଙ୍କ ପରାମର୍ଶ ଲୋଡ଼ିଛନ୍ତି—

"ହେ ମନ୍ତ୍ରୀ ! ପଡ଼ିଲା ଏ ବିଷମ ସନ୍ଧି
ସତେ କି ନିର୍ବିଘ୍ନେ କାର୍ଯ୍ୟ ହେବ ମୋ ସିଦ୍ଧି ।
ଜ୍ୟେଷ୍ଠ ରାଣୀର ସୁତ ସୁଧୀର ବୟୋଜ୍ୟେଷ୍ଠ
ଅଧିକାର ତା'ର ସିନା ଏ ରାଜଗାଦି ।
କନିଷ୍ଠା ରାଣୀ ପ୍ରେମେ ବନ୍ଧା ମୁଁ ନିଶିଦିନେ
ତା ସୁତ ସଙ୍ଗେ କେମ୍ନେ ହେବି ବିବାଦୀ ।
(ଗ୍ରନ୍ଥାବଳୀ, ପୃ : ୧୪୩)

ଏଥିରୁ ରାଜାଙ୍କ ମାନସିକ ଅବସ୍ଥାର ସମ୍ୟକ୍ ଧାରଣା କରିହୁଏ । ଏହାହିଁ ଅନ୍ତର୍ଦ୍ୱନ୍ଦ୍ୱର ଏକ ପ୍ରକୃଷ୍ଟ ଉଦାହରଣ । ଏତଦ୍‌ବ୍ୟତୀତ ଏହି ନାଟକରେ ସୁଶୀଳ ସୁଧୀରକୁ ପାଇବ କି ନାହିଁ, ମାଳତୀକୁ ପାଇବ କି ନାହିଁ, ମାଳତୀ ସୁଶୀଳକୁ ପାଇବ କି ନାହିଁ ଇତ୍ୟାଦି ଅନ୍ତର୍ଦ୍ୱନ୍ଦ୍ୱରୁ ସେମାନଙ୍କ ମାନସିକତା ଅଧ୍ୟୟନ କରିହୁଏ ।

ଘଟଣାକ୍ରମେ ସୁଧୀର ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଛି, ମୃତ୍ୟୁମୁଖରୁ ବର୍ତ୍ତି ଅନ୍ୟ ଦେଶରେ ରାଜା ହୋଇଛି । ସୁଶୀଳ ନିଜ ବଡ଼ଭାଇ ସୁଧୀରର ସନ୍ଧାନରେ ବାହାରିଛି; ଶେଷରେ ଦୁଇଭାଇଙ୍କର ମିଳନ ହୋଇଛି । କାହାଣୀ ଏହି ଅବସ୍ଥାରେ ପହଞ୍ଚିବା ପାଇଁ ଷଡ଼୍‌ଯନ୍ତ୍ର, ହତ୍ୟା, ଅପହରଣ ଭଳି ଯେଉଁସବୁ ଘଟଣା ଓ ଦୁର୍ଘଟଣାର ସମ୍ମୁଖୀନ ହୋଇଛି ସେସବୁର ଅନ୍ତରାଳରେ ବହିର୍ଦ୍ୱନ୍ଦ୍ୱମାନ ସୃଷ୍ଟି ହୋଇ ନାଟକକୁ ଗତିଶୀଳ କରାଇବାରେ ସହାୟକ ହୋଇଛି । ନାଟକରେ ଯୁଦ୍ଧ ଘଟଣାକୁ ନୂଆ ମୋଡ଼ ଦେଇ ଗତିଶୀଳ କରାଏ; ଏହା ଫଳରେ ସୃଷ୍ଟି ହୁଏ ବହିର୍ଦ୍ୱନ୍ଦ୍ୱ । କିନ୍ତୁ ଆଲୋଚ୍ୟ ନାଟକରେ ଯୁଦ୍ଧ ଭଳି ଘଟଣା ନଥାଇ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ସହିତ ବହିର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇ କାହାଣୀର ଅଗ୍ରଗତିରେ ସାହାଯ୍ୟ କରୁଛି । ଏହିଭଳି ଯୁଦ୍ଧ ବିବର୍ଜିତ ଓ ଷଡ଼୍‌ଯନ୍ତ୍ର, ହତ୍ୟା ଓ ଅପହରଣଜନିତ ଘଟଣାରୁ ବହିର୍ଦ୍ୱନ୍ଦ୍ୱ ଉପୁଜୁଥିବା ବାଳକୃଷ୍ଣଙ୍କ ନାଟକ କେତୋଟି ହେଉଛି—'ଅମର ବିଳାସ', 'ସୁଦାମା ଦାରିଦ୍ର୍ୟଭଞ୍ଜନ', 'କାଞ୍ଚନବାଳା', 'ଦାନବୀର ରାଜା ହରିଶ୍ଚନ୍ଦ୍ର', 'ସୁଶୀଳ ମାଳତୀ', 'ଶ୍ରୀରାମ ବନଗମନ', 'କୁମୁଦ କେଦାର', 'ନିର୍ମଳ-ପ୍ରଭା', 'ଚତୁରୀ ଚମ୍ପାଫୁଲ', 'ପାଣି-ଧୋବଣୀ ଫାର୍ଶ' ଇତ୍ୟାଦି ।

ଯୁଦ୍ଧ କାରଣରୁ ଜାତ ବହିର୍ଦ୍ୱନ୍ଦ୍ୱସମ୍ବଳିତ ନାଟକଗୁଡ଼ିକ ମଧ୍ୟରେ 'ବାଣା ପରାଜୟ', 'ରୁକ୍ମିଣୀ ପରିଣୟ', 'ଘଟୋତ୍କଚ', 'ଖାଣ୍ଡବ ଦହନ', 'ଗୁପ୍ତମନ୍ତ୍ର', 'ବସନ୍ତ

Digitized by srujanika@gmail.com

ମଲ୍ଲିକା' ଇତ୍ୟାଦି ଅନ୍ତର୍ଭୁକ୍ତ । 'ବାଣା ପରାଜୟ'ରେ ବାଣା ସହିତ ଅନିରୁଦ୍ଧ, ଶ୍ରୀକୃଷ୍ଣ ଓ ବଳରାମଙ୍କ ଯୁଦ୍ଧ, 'ରୁକ୍ମିଣୀ ପରିଣୟ'ରେ ରୁକ୍ମଣ ସହିତ ଶ୍ରୀକୃଷ୍ଣଙ୍କ ଯୁଦ୍ଧ, 'ଘଟୋତ୍କଚ'ରେ ଘଟୋତ୍କଚ ଓ ଅଭିମନ୍ୟୁଙ୍କ ମଧ୍ୟରେ ଯୁଦ୍ଧ, 'ଖାଣ୍ଡବ ଦହନ'ରେ ଅର୍ଜୁନଙ୍କର ପ୍ରଥମେ ଶିବ ଓ ପରେ ଇନ୍ଦ୍ରଙ୍କ ସହିତ ଯୁଦ୍ଧ, 'ଗୁପ୍ତମନ୍ତ୍ର'ରେ ବଜ୍ରବାହୁ ସହିତ ଶକ୍ତିଧରଙ୍କ ଯୁଦ୍ଧ, 'ବସନ୍ତ ମଲ୍ଲିକା'ରେ ନବାବ ଖାଁଙ୍କ ସହିତ ଦୁର୍ଜୟ ସିଂ, ଗଫୁର ଓ କରିମର ଯୁଦ୍ଧ ଆଦି ନାଟକୀୟ ବହିର୍ଦ୍ୱନ୍ଦ୍ୱ ଜାତ କରି ଘଟଣାକୁ ଗତିଶୀଳ କରେ । ଏସବୁ ନାଟକରେ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱର ଅଭାବ ନାହିଁ । ବିଭିନ୍ନ ଘଟଣାରୁ ସୃଷ୍ଟ ଚରିତ୍ରମାନଙ୍କର ଅନ୍ତର୍ଦ୍ୱନ୍ଦ୍ୱରୁ ସେମାନଙ୍କ ଚରିତ୍ର ଅଧ୍ୟୟନ ସହଜ ହୋଇଥାଏ ଏବଂ ଏ କ୍ଷେତ୍ରରେ ନାଟ୍ୟକାରଙ୍କ ସିଦ୍ଧି ଓ ସିଦ୍ଧହସ୍ତତାର ପରିଚୟ ସହଜଲଭ୍ୟ ହୋଇଥାଏ ।

ନାଟକୀୟ ଉତ୍କଣ୍ଠା ମଧ୍ୟ ଦ୍ୱନ୍ଦ୍ୱ ଭଳି ନାଟ୍ୟକାରଙ୍କ ସଫଳତାର ଏକ ପରିମାପକ । ଯେଉଁ ନାଟକରେ ନାଟ୍ୟକାର ଯେତେ ବେଶି ଉତ୍କଣ୍ଠିତ ମୁହୂର୍ତ୍ତ ସୃଷ୍ଟି କରିପାରିଛନ୍ତି, ସେହି ନାଟକ ସେତେ ବେଶି ସଫଳ ହୋଇଛି । ନାଟ୍ୟକାର ବାଳକୃଷ୍ଣ ବିଭିନ୍ନ ନାଟକରେ ଉତ୍କଣ୍ଠା ରକ୍ଷା କରିବା ପାଇଁ ବେଶ୍ ତତ୍ପର ମନେହୁଅନ୍ତି । ବିଶେଷ କରି ସାମାଜିକ/କାଳ୍ପନିକ ନାଟକମାନଙ୍କରେ ଉତ୍କଣ୍ଠା ରକ୍ଷା କରିବା ନାଟ୍ୟକାର ପକ୍ଷରେ ସମ୍ଭବ ହୋଇଥାଏ । କିନ୍ତୁ ପୌରାଣିକ ନାଟକ କ୍ଷେତ୍ରରେ ସାଧାରଣତଃ ଏ ପ୍ରକାର ସୁଯୋଗ ନାଟ୍ୟକାରଙ୍କୁ ମିଳିନଥାଏ । କାରଣ ପୌରାଣିକ ବିଷୟବସ୍ତୁ ସହିତ ଦର୍ଶକର ପୂର୍ବପରିଚିତି ଥାଏ ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ନାଟକ କି ପ୍ରକାର ମୋଡ଼ ନେବ, ତାହା ତାକୁ ଜଣାଯାଏ । ଏଣୁ ଏହା ଦର୍ଶକ ମନରେ ପରବର୍ତ୍ତୀ ଦୃଶ୍ୟ ଜାଣିବା ପାଇଁ ବିଶେଷ ଉତ୍କଣ୍ଠା ଜାତ କରିପାରେ ନାହିଁ । ଐତିହାସିକ ନାଟକ କ୍ଷେତ୍ରରେ ମଧ୍ୟ ଏକା କଥା । ଯଦି କଳ୍ପନାର ପୁଟ ଦିଆଯାଇ ଐତିହାସିକ ନାଟକର କାୟା ଗଠିତ ହୋଇଥାଏ, ତେବେ ତାହା କେତେକାଂଶରେ ଉତ୍କଣ୍ଠା ଜାତ କରିବାକୁ ସମର୍ଥ ହୁଏ ।

ଉପରୋକ୍ତ ପରିପ୍ରେକ୍ଷୀରେ ବିଗ୍ଭର କଲେ, ଜଣେ ସଫଳ ନାଟ୍ୟକାର ଭାବରେ ଦର୍ଶକମାନଙ୍କ ଚରିତ୍ର ଓ ନାଟ୍ୟରୀତି ସହିତ ବହୁ ପରିଚିତ ବାଳକୃଷ୍ଣ ନିଜର ଅନେକ ନାଟକରେ ନାଟ୍ୟୋତ୍କଣ୍ଠା ସୃଷ୍ଟି କରିପାରିଛନ୍ତି । ଦର୍ଶକ ଉତ୍କଣ୍ଠାର ସହିତ ପରଦୃଶ୍ୟକୁ ଅପେକ୍ଷା କରି ରହିଛି କ'ଣ ଘଟିବ ଜାଣିବ ବୋଲି । ତାଙ୍କର ଏହିପରି ବହୁ ନାଟକ ମଧ୍ୟରୁ 'ଅମର ବିଳାସ', 'କାଞ୍ଚନବାଳା', 'ସୁଶୀଳ ମାଳତୀ', 'ବସନ୍ତ ମଲ୍ଲିକା', 'ଇରାନର ରାଣୀ', 'କୁମୁଦ କେଦାର', 'ଗୁପ୍ତମନ୍ତ୍ର', 'ନିର୍ମଳ-ପ୍ରଭା', 'ବିଜୟ ବସନ୍ତ', 'ବିଜୟ ବୈଜୟନ୍ତୀ' ଇତ୍ୟାଦି କେତୋଟିର ନାମ ଉଲ୍ଲେଖଯୋଗ୍ୟ ।

Digitized by srujanika@gmail.com

ନାଟ୍ୟୋତ୍କଣ୍ଠା ସୃଷ୍ଟି କରିବାରେ ବାଳକୃଷ୍ଣ କେତେଦୂର ପାରଗ, ତାହା ତାଙ୍କ ନାଟକ 'ଗୁପ୍ତମନ୍ତ୍ର'ରୁ ପ୍ରମାଣିତ କରିହେବ । ଏହି ନାଟକରେ ରାଜା ମୁକ୍ତିକାମ ରାଧାରମଣଙ୍କ ପ୍ରେମରେ ବିଭୋର ହୋଇ ନିଜ ସିଂହାସନକୁ ଶକ୍ତିଧର ହାତରେ ଟେକି ଦେଇ ପୁତ୍ର ଓ ପତ୍ନୀ ସହିତ ଅତି ନିରାଡ଼ମ୍ବର ଜୀବନ ବିତାଇଛନ୍ତି । ରାଧାରମଣଙ୍କ ବିଗ୍ରହ ସେ ଫେରିପାଇଛନ୍ତି; କିନ୍ତୁ ରାଧାଙ୍କ ମୂର୍ତ୍ତି ରହିଯାଇଛି ଶକ୍ତିଧର ପାଖରେ । ଶକ୍ତିଧର ଏହାକୁ ଫେରାଇ ନାହିଁ । ଶେଷରେ ଏହି ବିଗ୍ରହ ବଦଳରେ ସେ ରାଣୀଙ୍କୁ ପାଇବାକୁ ଇଚ୍ଛା କରିଛି । ତା'ର ଅତ୍ୟାଗ୍ରହ ଦିନକୁ ଦିନ ବଢ଼ିଛି । କୁତ୍ସିତା ବ୍ରାହ୍ମଣ କନ୍ୟା ନାଗିନୀକୁ ନିଜେ ବିବାହ କରିବାକୁ ସେ ପ୍ରସ୍ତାବ ଦେଇଛି । ଏହି ଅତ୍ୟାଗ୍ରହୀ ନରାଧମକୁ ଉଚିତ ଶାସ୍ତି ଦେବା ଉଦ୍ଦେଶ୍ୟରେ ରାଜାଙ୍କୁ ତାଙ୍କ ଶ୍ୱଶୁର ଓ ଶାଳକ ପ୍ରବର୍ତ୍ତାଇଛନ୍ତି । ଏହି ପରିପ୍ରେକ୍ଷୀରେ ରାଧାରାଣୀ ବିଗ୍ରହକୁ ଶକ୍ତିଧର ଫେରାଇବ କି ନାହିଁ, ରାଜା ବିଗ୍ରହ ବଦଳରେ ରାଣୀଙ୍କୁ ତା' ହସ୍ତରେ ପ୍ରଦାନ କରିବେ କି ନାହିଁ, ରାଜା ନିଜ ପ୍ରତିଜ୍ଞାକୁ ଉପେକ୍ଷା କରି ତା' ବିରୋଧରେ ଅସ୍ତ୍ର ଧରିବେ କି ନାହିଁ, ସେ କୁତ୍ସିତା ନାଗିନୀକୁ ପତ୍ନୀ ରୂପେ ଗ୍ରହଣ କରିବ କି ନାହିଁ ଇତ୍ୟାଦି ଉତ୍କଣ୍ଠାମାନ ଦର୍ଶକ ମନରେ ସ୍ୱତଃ ଜାତ ହୁଏ । ଶକ୍ତିଧର ପାଖରେ ରାଣୀ ସ୍ୱେଚ୍ଛାରେ ପହଞ୍ଚିବା ପରେ ଶକ୍ତିଧର ତାଙ୍କ ପାଦବନ୍ଦନା କରିବା, ରାଜପୁତ୍ରକୁ ନିଜ ପାଖରେ ରଖି ତା'ର ମିଥ୍ୟା ମୃତ୍ୟୁ ଘୋଷଣା କରିବା ଇତ୍ୟାଦି ଘଟଣାର ପରବର୍ତ୍ତୀ ପରିଣତି କ'ଣ ହେବ, ତାହା ଜାଣିବାକୁ ଦର୍ଶକ ଉତ୍କଣ୍ଠିତ ହୋଇପଡ଼େ । ଶେଷରେ ସମସ୍ତ ଉତ୍କଣ୍ଠାର ଅବସାନ ଘଟାଇ ଶକ୍ତିଧର ରାଜାଙ୍କ ପଦବନ୍ଦନା କରି ତାଙ୍କ ରାଣୀ, ପୁତ୍ର ଓ ରାଜ୍ୟ ଫେରାଇ ଦିଏ, ନିଜ କନ୍ୟା ଓ ପ୍ରସ୍ତାବିତା ପତ୍ନୀ ସହିତ ଦେଶାନ୍ତରୀ ହୁଏ । ବହୁ ଉତ୍କଣ୍ଠାରେ ଭାରାକ୍ରାନ୍ତ ଦର୍ଶକ ଉତ୍କଣ୍ଠାମୁକ୍ତ ହୁଏ; ପ୍ରଥମରୁ ନିଷ୍ଠୁର ଓ ଅତ୍ୟାଗ୍ରହୀ ମନେକରିଥିବା ଶକ୍ତିଧର ଭିତରେ ସେ ଜଣେ ରାଜଭକ୍ତ ଓ ଆଦର୍ଶ ଚରିତ୍ରକୁ ଆବିଷ୍କାର କରେ । ନାଟକର ଶେଷ ପର୍ଯ୍ୟନ୍ତ ଦର୍ଶକ ବସିରହି ନାଟକ ଉପଭୋଗ କରେ; ନାଟ୍ୟୋତ୍କଣ୍ଠା ତାକୁ ଏପରି ବାନ୍ଧିରଖେ ଯେ ନାଟକ ଶେଷ ହେବାର ସାମାନ୍ୟ ପୂର୍ବରୁ ମଧ୍ୟ ସେ ଉଠିପାରେ ନାହିଁ । ଏହାହିଁ ବାଳକୃଷ୍ଣଙ୍କ ନାଟ୍ୟଶିଳ୍ପର ଅନ୍ୟ ଏକ ଚମତ୍କାରିତା ଏବଂ ଏହି ଉତ୍କଣ୍ଠାଜନିତ ଚମତ୍କାରିତା ତାଙ୍କର ବହୁ ନାଟକରେ ସୁରକ୍ଷିତ ଓ ସୁଲକ୍ଷିତ ।

ଯାତ୍ରା ନାଟକ ରଚନା ଓ ପରିବେଷଣରେ ବାଳକୃଷ୍ଣ ବହୁ ନୂତନତ୍ୱ ଆନୟନ କଲେ ଓ ବହୁ ସଂସ୍କାରଧର୍ମୀ ପଦକ୍ଷେପ ଗ୍ରହଣ କଲେ । ପ୍ରଥମେ ସେ ସାମାଜିକ ଓ କାଳ୍ପନିକ ନାଟକମାନ ରଚନା କଲେ ଏବଂ ସେସବୁକୁ ଗଦ୍ୟସଂଳାପ ବହୁଳ କଲେ । ଯାତ୍ରାରେ ଡୁଏଟ୍ ସଂଯୋଜନ କରି ତାହାକୁ ଅଧିକ ଜନପ୍ରିୟତା ଦେବାରେ ମଧ୍ୟ

Digitized by srujanika@gmail.com

ସେ ପ୍ରଥମ ଥିଲେ । ଏସବୁ ପରବର୍ତ୍ତୀ ପରିଚ୍ଛେଦରେ ଆଲୋଚିତ । କଥାବସ୍ତୁ ଆହରଣରେ, ତାହାକୁ ଯଥାର୍ଥ ପ୍ରସ୍ତାବନା ସହିତ ପରିବେଷଣ କରିବାରେ, ସଫଳତାର ସହିତ ଚରିତ୍ର ଚିତ୍ରଣପୂର୍ବକ ଚରିତ୍ର ମୁଖରେ କାଳ-ପାତ୍ର-ସ୍ଥାନ ଅନୁସାରୀ ଭାଷା ଖଞ୍ଜିଦେବାରେ, ନାଟ୍ୟକୀୟ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ସୃଷ୍ଟିକରି ନାଟ୍ୟକୃତିକୁ ଅଧିକ ଉପଭୋଗ୍ୟ କରାଇବାରେ ଏବଂ ଅନନ୍ୟ ପାଣ୍ଡିତ୍ୟ ଓ କବିତ୍ୱର ସମାବେଶରେ ରଚନାଶୈଳୀଗତ ଚମତ୍କାରିତା ଫୁଟାଇବାରେ ନାଟ୍ୟାଚାର୍ଯ୍ୟଙ୍କ କୃତିତ୍ୱ ଏକାନ୍ତ ଲକ୍ଷଣୀୟ । ନିଜର କୃତିରାଜିକୁ ଏହିପରି ବହୁ ବିଶେଷତ୍ୱରେ ମଣ୍ଡିତ କରି ସେ ଯେଉଁ କୃତିତ୍ୱପୂର୍ଣ୍ଣ କୀର୍ତ୍ତି ରଖିଯାଇଛନ୍ତି, ସେଥିପାଇଁ ସେ ଓଡ଼ିଆ ନାଟ୍ୟଜଗତରେ ଚିର ଅମର ।

◆◆◆

Digitized by srujanika@gmail.com

ବାଳକୃଷ୍ଣଙ୍କ ଦୃଷ୍ଟି ଓ ଦର୍ଶନ

ବାଳକୃଷ୍ଣ ମହାନ୍ତି ଓଡ଼ିଆ ନାଟ୍ୟଜଗତରେ ଏକ ସ୍ମରଣୀୟ ନାମ । ଓଡ଼ିଆ ନାଟକକୁ ଚିରାଚରିତ ଧାରାରୁ ମୁକ୍ତ କରି ଏକ ନୂତନ ରୂପରେ ଦେଖିବା ପାଇଁ ତାଙ୍କର ଯେଉଁ ସଂକଳ୍ପ, ତାହା ଶେଷରେ ପୂର୍ଣ୍ଣ ହେଲା, ତାଙ୍କ ପ୍ରଚେଷ୍ଟାରେ ଓଡ଼ିଆ ନାଟକ ଆଧୁନିକମୁଖୀ ହେଲା । ତାଙ୍କ ନାଟକରେ ଫୁଟିଉଠିଲା ଭକ୍ତିଚେତନା, ସମାଜ ସଚେତନତା, ସଂସ୍କୃତିପ୍ରୀତି, ସଂସ୍କାରବାଦୀ ମନୋବୃତ୍ତି ଓ ସରସ ରସଚେତନା । ସେ ସମ୍ବନ୍ଧରେ ଏଠାରେ ଏକ ସଂକ୍ଷିପ୍ତ ଆଲୋଚନାର ଉପସ୍ଥାପନା ।

ଭକ୍ତି ଚେତନା

ବାଳକୃଷ୍ଣ ପ୍ରଥମେ କବି, ତା'ପରେ ନାଟ୍ୟକାର । ତାଙ୍କର କେତେକ ଭଜନ, ଜଣାଣ, ଚଉତିଶା ଇତ୍ୟାଦି ତାଙ୍କୁ ଜଣେ ଭକ୍ତ ଓ କବି ଭାବରେ ପରିଚିତ କରାଏ । ତାଙ୍କ ଗୀତିନାଟ୍ୟମାନଙ୍କରେ ମଧ୍ୟ ସ୍ଥଳବିଶେଷରେ ବିଭିନ୍ନ ଚରିତ୍ର ମୁଖରେ ଦେବଦେବୀଙ୍କ ବନ୍ଦନା ସଂଯୋଜିତ । ଆଧ୍ୟାତ୍ମିକ କ୍ଷେତ୍ରରେ ସେ ସର୍ବଧର୍ମରେ ବିଶ୍ୱାସୀ । ତାଙ୍କର ଏହି ଧାର୍ମିକ ବିଶ୍ୱାସ ଆମକୁ ଏ ମାଟିର ମହାକବି ସାରଳାଦାସଙ୍କୁ ମନେ ପକାଇଦିଏ । ସାରଳାଦାସ ତାଙ୍କ ଆରାଧ୍ୟଦେବୀ ସାରଳାଙ୍କ କୃପାରୁ କବିତ୍ୱ ଲାଭ କରିଥିଲେ ବୋଲି ବିଭିନ୍ନ ସ୍ଥାନରେ ସ୍ୱୀକାର କରିଥିଲେହେଁ ତାଙ୍କ ଭକ୍ତିଭାବନା କେବଳ ସାରଳାକୈନ୍ଦ୍ରିକ ନ ଥିଲା । ସେ ଆଧ୍ୟାତ୍ମିକ କ୍ଷେତ୍ରରେ ଥିଲେ ଖୁବ୍ ଉଦାର ଏବଂ ଯେତେବେଳେ ଯେଉଁ ଦେବଦେବୀଙ୍କ ସ୍ତୁତି, ଜଣାଣ ବା ଭଜନ ଗାନ କରିବା ଆବଶ୍ୟକ ମଣୁଥିଲେ ସେତେବେଳେ ସେ ସେହି ସେହି ଦେବଦେବୀଙ୍କ ଉଦ୍ଦେଶ୍ୟରେ ଭକ୍ତି ଅର୍ଘ୍ୟ ନିବେଦନ କରୁଥିଲେ । ତେଣୁ ତାଙ୍କ ରଚନାବଳୀରେ ବିଷ୍ଣୁ, ଶିବ, ଶକ୍ତି ଆଦି ବିଭିନ୍ନ ଦେବଦେବୀଙ୍କ ବନ୍ଦନା ଦୃଷ୍ଟିକୁ ଆସେ । ଉତ୍କଳୀୟ ପରମ୍ପରାରେ ଆଧ୍ୟାତ୍ମିକ ଚେତନା ସର୍ବଧର୍ମ ସମନ୍ୱିତ ଏବଂ ସେହି ପରମ୍ପରାରେ ଆଲୋକିତ ବାଳକୃଷ୍ଣ ମହାନ୍ତି ତେଣୁ ଶୈବ, ଶାକ୍ତ, ବୈଷ୍ଣବ ଆଦି ଧର୍ମରେ ବିଶ୍ୱାସୀ ଏବଂ ଆବଶ୍ୟକସ୍ଥଳେ ସଂପୃକ୍ତ ଧର୍ମର ଦେବଦେବୀଙ୍କୁ ପ୍ରାର୍ଥନା କରିବାରେ ଆଦୌ ପଶ୍ଚାତ୍‌ପଦ ନୁହନ୍ତି । ତାଙ୍କ ରଚନାରୁ କେତୋଟି ଉଦାହରଣ—

'ଅମର ବିଳାସ' ଗୀତିନାଟ୍ୟ ଆରମ୍ଭ ହୋଇଛି ଝଙ୍କଡ଼ବାସିନୀ ମା' ସାରଳାଙ୍କ ବନ୍ଦନାରୁ—

Digitized by srujanika@gmail.com

ସାରଦେ ବରଦେ ବନ୍ଦେ ମା
ଝଙ୍କତ୍ ବାସିନୀ, ନମୋ ବୀଣାପାଣି
ବିହରୁ ଭକ୍ତଗଣ ସଙ୍ଗେ ମା (ଘୋଷା)
ବିପଦଭଞ୍ଜନୀ କରୁଣାଦାୟିନୀ
ଜଗତଜନନୀ ଦୁର୍ଗତିନାଶିନୀ
ଶ୍ୱେତପଦ୍ମାସନୀ କମଳାରୂପିଣୀ
ସୁଧାଂଶୁ ମୁଖପଦ ନିନ୍ଦେ ମା ।"... ଇତ୍ୟାଦି
(ଗ୍ରନ୍ଥାବଳୀ, ପୃ : ୧)

'ବାଣା ପରାଜୟ' ଗୀତିନାଟ୍ୟରେ ବାଣାସୁରର ଆରାଧ୍ୟ ଦେବୀ ଦୁର୍ଗାଙ୍କ ନିକଟରେ ଅନିରୁଦ୍ଧଙ୍କୁ ବଳି ଦେବାପାଇଁ ବାଣାସୁର ଆଦେଶ ଦେଇଛି । ଅନିରୁଦ୍ଧ କିଛି ଉପାୟ ନ ପାଇ ଦୁର୍ଗାଙ୍କୁ ଭକ୍ତିପୂର୍ଣ୍ଣ ନିବେଦନ ଜଣାଇଛି—

"ଦୁର୍ଗେ ଦୁର୍ଗତି ହର ବିଘ୍ନ ବିନାଶିନୀ
ସଙ୍କଟେ ତାର ଗୋ ଆସି ତାରା ତ୍ରିନୟନୀ
ଘୋର ବିପଦ ସାଗର   କି ଆଉ ଭରସା ଛାର
ତୁମ୍ଭେ କୃପା ନ କଲେ ମା ମହିଷାମର୍ଦ୍ଦିନୀ । ୧ ।
ପାଷାଣ ଜନକ ତବ   ତୁମ୍ଭେ କି ପାଷାଣୀ ହେବ
ନାମେ କଳଙ୍କ ରଟିବ ବିପଦଭଞ୍ଜନୀ । ୨ ।"
(ଗ୍ରନ୍ଥାବଳୀ, ପୃ: ୭୩)

'ଅମର ବିଳାସ'ରେ ଅମର ଫଳ ସଂଗ୍ରହ କରି ଆସି ନିର୍ଦ୍ଦିଷ୍ଟ ସ୍ଥାନରେ ବିଳାସକୁ ପାଇ ନାହିଁ । ସେ ବ୍ୟସ୍ତ ହୋଇପଡ଼ିଛି । କୁଆଡ଼େ ଖୋଜିବ ? ପାଇବ କି ନାହିଁ ? ଏହିପରି ସଂଶୟାତ୍ମକ ପରିସ୍ଥିତିରେ ସେ ଦେବ ଦେବ ମହାଦେବଙ୍କ ଉଦ୍ଦେଶ୍ୟରେ ସ୍ତବଟିଏ ପାଠ କରିଛି—

"ବଂ ବଂ ହର ପ୍ରଭୁ ମହାଦେବ
ନମୋ ନମୋ ମୃତ୍ୟୁଞ୍ଜୟ ପାର୍ବତୀ ବଲ୍ଲଭ । ପଦ ।
ନମୋ ଶମ୍ଭୁ ନୀଳକଣ୍ଠ ହେ ଚନ୍ଦ୍ରଶେଖର
ନମୋ ଶୂଳୀ ତ୍ରିଅମ୍ବକ ପଞ୍ଚମୁଖହର ।
କେଣେ ଅଛ ଦିଅ ଦେଖା ପିନାକ ଧାରଣ
ନ ଶୁଭେ କି ମୋର ଡାକ ହେ ବିଶ୍ୱକେଶନ ।
ନମସ୍ତେ ହେ ପଶୁପତି ବିଶ୍ୱରୂପୀ ଈଶ
କୃପା କର ବାରେ ହର ବାଳମଣି କ୍ଳେଶ ।" (ଗ୍ରନ୍ଥାବଳୀ, ପୃ : ୧୮)

Digitized by srujanika@gmail.com

ବାଳକୃଷ୍ଣ 'ବସନ୍ତ ମଲ୍ଲିକା'ରେ ସେବତୀ ମୁଖରେ ଶିବ ବନ୍ଦନା ଦେଇଛନ୍ତି ଏହିପରି—

ହର ହେ ମୋର ହର ଦୁର୍ଦ୍ଦଶା ।
ହେ ଚନ୍ଦ୍ରଶେଖର ଭୋଳା ମହେଶ୍ୱର
ଶମଶାନବାସୀ ବିଭୂତିଭୂଷା ।

x x x

ଦେବ ଦେବ ମହା ଦେବ ରୁଦ୍ର ଶିବ
ଶମ୍ଭୁଗିଶ ମୋର ଶୁଣ ଦୁର୍ଦ୍ଦଶା
ହେ ଚନ୍ଦ୍ରମଉଳି ବାମଦେବ ଶୂଳି
ଏ ବାମାର ବାରେ ହୁଅ ଭରସା ।"

(ଗ୍ରନ୍ଥାବଳୀ, ପୃ : ୧୯୫)

'ସୁଦାମା ଦାରିଦ୍ର୍ୟଭଞ୍ଜନ' ଗୀତିନାଟ୍ୟ ଆରମ୍ଭ ହୋଇଛି ଶ୍ରୀକୃଷ୍ଣଙ୍କ ବନ୍ଦନାରୁ । ଏଥିରେ ସୁଦାମାଙ୍କ କଣ୍ଠରେ ବହୁବାର ଶ୍ରୀକୃଷ୍ଣଙ୍କ ବନ୍ଦନା ଖଞ୍ଜି ଦେଇଛନ୍ତି କବି ବାଳକୃଷ୍ଣ ନିଜ ଭକ୍ତିମତ୍ତାର ପରିଚୟ ଦେଇ । ସେଥିରୁ ଗୋଟିଏ-ଦୁଇଟି ପଦ—

"ଭଜ ଭଜ ମନ ଶ୍ରୀମଧୁସୂଦନ
ଯଶୋଦାନନ୍ଦନ ମୁରଲୀଧାରୀ ।
ଜୟ ଜନାର୍ଦ୍ଦନ ନିତ୍ୟ ନିରଞ୍ଜନ
ଗରବଗଞ୍ଜନ କେଶୀ କଂସାରି ।
ଭକତ ରଞ୍ଜନ, ଜଗତ ବନ୍ଦନ
ଦୁଃଖ ନିବାରଣ ବ୍ରଜବିହାରୀ ।
ଯମୁନାକୂଳିଆ ପୀତଦୁକୂଳିଆ
ବରଜଧୂଳିଆ ମାନ ଭିକାରୀ
କଦମ୍ବମୂଳିଆ ଶିଖଣ୍ଡଚୂଳିଆ
ଚିକ୍କଣ ଶ୍ୟାମଳ, କାନ୍ତି ମୁରାରି ।
ଭଜେ ବାଳକୃଷ୍ଣ ହରେ ରାମକୃଷ୍ଣ
ଖଣ୍ଡିବେ ମୋ କଷ୍ଟ, ଚିତ୍ତେ ବିଗ୍ଭରି
ନାହିଁ ଆନଭାବ ତେବେ ଭବାର୍ଣ୍ଣବ
ଅଥଳୁ ସେ ଦେବ କରିବେ ପାରି ।"

(ଗ୍ରନ୍ଥାବଳୀ, ପୃ : ୨୬)

Digitized by srujanika@gmail.com

ହରିନାମର ମହିମା ଅନେକତ୍ର ଗାଇଛନ୍ତି କବି ବାଳକୃଷ୍ଣ । ଉଦାହରଣ ସ୍ୱରୂପ ମାତ୍ର କେଇପଦ 'ସୁଦାମା ଦାରିଦ୍ର୍ୟଭଞ୍ଜନ'ରୁ–

"ଅନିତ୍ୟ ଅସାର ସଂସାରରେ ଭାଇ
ହରିନାମ ସାର ଅଟଇ ଏକା ।
ହରି ପିତାମାତା ହରି ବନ୍ଧୁ ଭ୍ରାତା
ହରି ଏ ପିଣ୍ଡର ଉଦ୍ଧାର କରତା.
ହରି ନାମ ବିନେ ନାହିଁ ସୁଖ ଆନେ
ଭଜି ବସ ଏ ଭବ ନଉକା ।"

(ଗ୍ରନ୍ଥାବଳୀ, ପୃ : ୩୩)

ଆଉ ପଦଟିଏ 'ବାଣା ପରାଜୟ'ରୁ–

"ବାଇମନ ! ହରିନାମ କର ଦିବା ନିଶି ଧ୍ୟାନ ।
ହରିନାମ ବିନା ନାହିଁ ମୋକ୍ଷ କାହିଁ
(ହରି) ନାମାମୃତ ସଦା କର ପାନ । ପଦ ।
ଯେଉଁ ନାମ ଧରି ଧ୍ରୁବ ପ୍ରହ୍ଲାଦ
ଲଭିଥିଲେ ହରି ପଦ ଅରବିନ୍ଦ.
ସେ ନାମ ମହିମା କେ କଳିବ ସୀମା
(ସୁଖେ ଦୁଃଖେ) ହରିନାମ କର ଗାନ । ୧ ।"

(ଗ୍ରନ୍ଥାବଳୀ, ପୃ : ୬୯)

ମଦନମୋହନ ଶ୍ରୀଜଗନ୍ନାଥଙ୍କର ଚଳନ୍ତି ପ୍ରତିମା । ଶ୍ରୀଜିଉଙ୍କର ପ୍ରତିନିଧିରୂପେ ସେ ବିଭିନ୍ନ ଯାନିଯାତ୍ରାରେ ଯୋଗ ଦିଅନ୍ତି । ତାଙ୍କୁ ବାଳକୃଷ୍ଣ ଭକ୍ତିଅର୍ଘ୍ୟ ଜଣାଇଛନ୍ତି ନଦିୟା କୀର୍ତ୍ତନଟିଏ ନଟ ମୁଖରେ ପ୍ରଦାନ କରି । ଏକଦା ଓଡ଼ିଆ ଭକ୍ତିରାଜ୍ୟରେ ଦୃଢ଼ ଆସନ ଜମାଇଥିବା ନଦିଆକୀର୍ତ୍ତନ ଓ ଅଧୁନା ଖୁବ୍ କମ୍ ଶୁଣାଯାଉଥିବା ନଦିୟା କୀର୍ତ୍ତନରୁ ପଦଟିଏ କବିଙ୍କ ଭକ୍ତିମତ୍ତାର ପରିଚୟ ସ୍ୱରୂପ ନିମ୍ନରେ ଉଦ୍ଧୃତ-

ଜୟ ଜୟ ରାଧା ରାଧା ମଦନ ମୋହନ
ଶ୍ରୀରୂପ ସନାତନେର ପ୍ରାଣଧନ ମଦନମୋହନ ।
(ବାରେକ କରୁନା କର ହେ)
ଓହୋ ପ୍ରଭୁ ମଦ଼ନମୋହନ (ବାରେକ କରୁନା...)
ଆମେ ଆର କିଛ ଶୁଜନା ହେ (ବାରେକ କରୁନା...)

Digitized by srujanika@gmail.com

ଯୁଗଳ ପଦେ ଦାସୀ ହବ ବଲି ଅଭିଳାଷୀ । (ବାରେକ କରୁନା...)
ଓହୋ ପ୍ରଭୁ ଶ୍ରୀରାଧା ଗୋବିନ୍ଦ (ବାରେକ କରୁନା...)"
(ବିଜୟ ବସନ୍ତ, ପୃ : ୨)

କବି ବାଳକୃଷ୍ଣଙ୍କ ଭକ୍ତିମତ୍ତା ଉପରୋକ୍ତ ଭକ୍ତିସଂଗୀତଗୁଡ଼ିକରେ ପ୍ରତିଫଳିତ । ବିଭିନ୍ନ ଚରିତ୍ରମୁଖରେ ଫୁଟିଉଠିଥିବା ବ୍ୟାକୁଳ ଭକ୍ତି ନିବେଦନ କବିଙ୍କ ବିଭୁବୋଧରେ ତଲ୍ଲୀନ ହୃଦୟର ସାର୍ଥକ ପରିଚୟ ।

ରସଚେତନା

ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣଙ୍କ ନାଟ୍ୟକୃତିରେ ରସଚର୍ଯ୍ୟା ଏକ ଲକ୍ଷଣୀୟ ବିଭାବ । ଭରତମୁନିଙ୍କ ନାଟ୍ୟଶାସ୍ତ୍ରାନୁଯାୟୀ ରସ ଆଠ ପ୍ରକାର; ଯଥା—ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ ଓ ଅଦ୍ଭୁତ । ଏହି ଅଷ୍ଟରସକୁ ଅଧିକାଂଶ ଆଳଙ୍କାରିକ ଗ୍ରହଣ କରନ୍ତି; କିନ୍ତୁ ପରବର୍ତ୍ତୀ କାଳରେ ଅନ୍ୟ କେତେଜଣ ଆଳଙ୍କାରିକ 'ଶାନ୍ତ' ରସକୁ ନବମ ରସ ରୂପେ ଓ 'ବାତ୍ସଲ୍ୟ' ରସକୁ ଦଶମ ରସ ରୂପେ ସ୍ୱୀକାର କରନ୍ତି । ରୂପଗୋସ୍ୱାମୀ ଭକ୍ତିରସ ନାମକ ଏକ ରସର ପରିକଳ୍ପନା କରିଛନ୍ତି । କିନ୍ତୁ ସାହିତ୍ୟଶାସ୍ତ୍ରରେ ଭକ୍ତିରସକୁ ରସର ମର୍ଯ୍ୟାଦା ଦିଆଯାଇ ନାହିଁ ।

ରସ ସୌନ୍ଦର୍ଯ୍ୟ ଓ ଆନନ୍ଦର ଆଧାର । ଏଣୁ ପ୍ରାଚୀନ କାବ୍ୟ ଓ ନାଟକରେ ବିଭିନ୍ନ ରସର ସମାବେଶ ଘଟିଥାଏ । ବାଳକୃଷ୍ଣ ମହାନ୍ତି ଜଣେ ବହୁଶାସ୍ତ୍ରଦର୍ଶୀ ନାଟ୍ୟକାର ଥିଲେ । ନାଟକରେ ରସ ପରିବେଷଣ ବିନା ଦର୍ଶକଙ୍କ ମନ ମୋହିବା ଯେ ସମ୍ଭବ ନୁହେଁ, ଏହା ସେ ଭଲଭାବେ ଜାଣିଥିଲେ । ତେଣୁ ତାଙ୍କ ନାଟକରେ ବିଭିନ୍ନ ରସର ଅପୂର୍ବ ସମାବେଶ ପରିଦୃଷ୍ଟ ହୁଏ, ଯଦିଓ ସେ 'ପାଣି-ଧୋବଣୀ ଫାର୍ଶ'ରେ କହନ୍ତି, "ନାଟକ-ନବାଙ୍କ, ତାହା ପୁଣି ନବରସଯୁକ୍ତ ହେବା ବାଞ୍ଛନୀୟ । କିନ୍ତୁ ନାଟିକା ପଞ୍ଚାଙ୍କ, ଏଥିରେ ଷଡ଼ରସ ଥିବା ଦରକାର ।" (ଗ୍ରନ୍ଥାବଳୀ, ପୃ : ୪୭୪) ବିଷୟବସ୍ତୁ ଓ ଦର୍ଶକଙ୍କ ରୁଚି ଦୃଷ୍ଟିରୁ ତାଙ୍କ ନାଟକ ଓ ନାଟିକାରେ ସେ ଏହି ନିଷ୍ପତ୍ତି ସର୍ବଥା ରକ୍ଷା କରିପାରି ନାହାନ୍ତି । ତାଙ୍କ ନାଟକ ଓ ନାଟିକାର ଅଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ ନୁହେଁ ଏବଂ ତାଙ୍କଦ୍ୱାରା ପରିବେଷିତ ରସ ପରିବେଶାନୁସାରୀ ହୋଇଥିବାରୁ ତାହା ମଧ୍ୟ ସର୍ବଦା ନିର୍ଦ୍ଦିଷ୍ଟ ସଂଖ୍ୟକ ନୁହେଁ । ନାଟ୍ୟାଚାର୍ଯ୍ୟଙ୍କ ରଚନାରୁ ବିଭିନ୍ନ ଉଦାହରଣ ମାଧ୍ୟମରେ ତାଙ୍କ ରସଚେତନାର ପରିଚୟ ପ୍ରଦାନ କରାଯାଇପାରେ ।

ଶୃଙ୍ଗାରରସ :

ଶୃଙ୍ଗାରରସର ଅନ୍ୟ ନାମ ଆଦିରସ । ଏହି ଆଦିରସ ଫୁଟିଉଠେ ନାଟ୍ୟାଚାର୍ଯ୍ୟଙ୍କ କେତେକ ରଚନାରେ । ତାଙ୍କ ଭାଷାରେ 'ଯୁବା ସ୍ତ୍ରୀ କୋଳ ଅର୍ଥାତ୍

Digitized by srujanika@gmail.com

ଆଦିରସର ସମ୍ୟକ ଚର୍ଚ୍ଚା' ନାଟକରେ ରହିବା ଦରକାର । ତେବେ ଆସନ୍ତୁ ଦେଖିବା ଆଦିରସର ବର୍ଣ୍ଣନା କିପରି ତାଙ୍କ ରଚନାରେ ଫୁଟିଉଠିଛି । ସେଥିରୁ ମାତ୍ର ଅଳ୍ପ କେତୋଟି ଉଦାହରଣ ଦିଆଯାଇପାରେ ।

'ବସନ୍ତମଲ୍ଲିକା' ଗୀତିନାଟ୍ୟରେ ସେନାପତି ଦୁର୍ଜୟ ସିଂହ ଚକ୍ରାନ୍ତ କରି ରାଜା ପ୍ରତାପ ସିଂହଙ୍କ ରାଜ୍ୟ ଅଧିକାର କରିଛି । ରାଜା, ରାଣୀ ଓ ରାଜପୁତ୍ର ରାଜ୍ୟ ତ୍ୟାଗ କରିଛନ୍ତି । ମନ୍ତ୍ରୀ ବିଦ୍ୟାବନ୍ତ ଦୁର୍ଜୟ ସିଂହ ବିରୋଧରେ ବିଦ୍ରୋହ କରି ବନ୍ଦୀ ହୋଇଛନ୍ତି । ତାଙ୍କ ସୁନ୍ଦରୀ ପତ୍ନୀ ବିମଳାଙ୍କୁ ନିଜ ପତ୍ନୀ କରିବାର ବାସନା ରଖି ଦୁର୍ଜୟ ସିଂହ ତାଙ୍କୁ ପ୍ରେମ ଭିକ୍ଷା କରି କହିଛି–

"ଯଦି ମୋହନା ତୁ ଭୀତି କରନା ।
ପ୍ରେମ ଯତି ମୁହିଁ ବର ବରନା ॥
ଦେଇ ସୁରତି ଦାନ ତୋଷ କର ଏ ପ୍ରାଣ
ଅନ୍ନଜଳ ପାନେ ମୋର ନାହିଁ କାମନା । ୧ ।
କାମ ଅନଳେ ପଡ଼ି ସହୀ ଯାଉଛି ପୋଡ଼ି
ଲୋଡ଼ି ଆସିଛି ତୋ ପଥ ଚନ୍ଦ୍ରବଦନା । ୨ ।
କୀର୍ତ୍ତି ଅରଜି ସହୀ, ପ୍ରୀତିରସେ ରସାଇ,
ଆଶା ଆଶାର୍ଥୀ ମେଣ୍ଟାଅ ଖଣ୍ଡବଚ଼ନା । ୩ ।"

(ଗ୍ରନ୍ଥାବଳୀ, ପୃ : ୧୭୯)

ଏହା ଶୁଣି ଦର୍ଶକ ମନ ପୁଲକିତ ହୋଇଉଠେ । ତା'ପରେ ତା'ର ଶରୀର ରୋମାଞ୍ଚିତ ହୋଇଯାଏ ଯେତେବେଳେ କମଳାଙ୍କ ଉଦ୍ଦେଶ୍ୟରେ ଦୁର୍ଜୟ ସିଂହ କଣ୍ଠରୁ ପୁନଃ ଗୃଟୁବଚ଼ନ ଝରିଆସେ–

କାମ କୋଦଣ୍ଡେ ପିଣ୍ଡ ହେଉଛି ଖଣ୍ଡ ଖଣ୍ଡ
ତୁ ଛନ୍ଦ ଆଉ ମୋଠାରେ ବନ୍ଦନାରେ ।
x x x
ସୁରତି ଦାନ ଦେଇ କୀରତି ରଖ ସହି
ନାହିଁ ପଦ ତୁ ଆଉ କହନାରେ ।"

(ଗ୍ରନ୍ଥାବଳୀ, ପୃ : ୧୮୦)

'କୁମୁଦ-କେଦାର' ଗୀତିନାଟ୍ୟରେ ମଗଧ ରାଜାଙ୍କ ଦ୍ୱାରା ତାଙ୍କ ନୂତନ ପତ୍ନୀ କୁମୁଦ ନିର୍ବାସିତା ହୋଇଛନ୍ତି । ଏକାକୀ ରହୁଥିବା କମୁଦ ଉପରେ ରାଜାଙ୍କ ଶାଳକ ଗୁଣସାଗରର ଲୋଲୁପ ଦୃଷ୍ଟି ପଡ଼ିଛି । ସେ କୁମୁଦକୁ ଗୃଟୁବଚ଼ନ ଶୁଣାଇ ତା' ସହିତ ଦୈହିକ ସମ୍ପର୍କ ରକ୍ଷା କରିବାକୁ ଚେଷ୍ଟା କରିଛି । ତା' କଣ୍ଠରେ ଫୁଟିଉଠିଛି-

Digitized by srujanika@gmail.com

"ନବ ରସିକା ତୋ ରସେ ରସିବାକୁ
ବହୁ ଆଶା କରିଅଛି ମୁହିଁ
ହସି ପଦେ ଭାଷା କହ ମୋତେ ଯୋଷା
ଆଡ଼ ରୁଷା ଭାବ ଛାଡ଼ି ତୁହି ।

x x x

ଆରେ ରାମାବର ନ କର ଉତ୍ତର
ମାର ଶରେ ମରୁଛି ମୁଁ ସହି,
ତୁ ସୁରତି ଦାନ ଦେଇ ଏ ପରାଣ
ରଖ, ନାହିଁ ପଦ କହ ନାହିଁ ।"

(ଗ୍ରନ୍ଥାବଳୀ, ପୃ : ୩୬୧)

ଏହି ପ୍ରେମ ନିବେଦନ ଦର୍ଶକ ହୃଦୟକୁ ଶୃଙ୍ଗାର ରସରେ ଭଗିଦିଏ, ଶରୀରରେ ଶିହରଣ ଜାତ କରାଏ ।

'ଚତୁରୀ ଚମ୍ପାଫୁଲ'ରେ ବେଶ୍ୟାରୂପୀ ଚତୁରୀ ଚମ୍ପାର ରୂପରେ ମୋହିତ ହୋଇ ରାଜା ତା' ପାଖକୁ ଯାଇଛନ୍ତି ଏବଂ କାମପୀଡ଼ିତ ହୋଇ ତା' ସହିତ ସମ୍ଭୋଗ ଶୃଙ୍ଗାରରେ ରତ ରହିବା ପାଇଁ ଅଧୀର ହୋଇପଡ଼ିଛନ୍ତି । ଅଧିକ ବିଳମ୍ବ ତାଙ୍କ ପକ୍ଷେ ଅସହ୍ୟ ହୋଇଛି । କାମଜର୍ଜରିତ ରାଜାଙ୍କ କଣ୍ଠରେ ଚମ୍ପାପ୍ରତି ପ୍ରେମ ନିବେଦନ ଫୁଟିଉଠିଛି ଏହିପରି–

'ଆଖି ରହିଲା ଲାଖି ସଖି ବାରିଜାକ୍ଷିରେ
ଶଙ୍କା ନ କରି ଚଖା ପ୍ରୀତିରେ ।

x x x

ରସରଙ୍ଗିନୀ ରସରଙ୍ଗ କରି ତୋ ସଙ୍ଗ
କରକଞ୍ଜେ ତୋ କୁଚେ ମାତିରେ ।
ମନ୍ଦର ଉରଜା ତୋ ସୁନ୍ଦର ଅଙ୍ଗେ
ମଜି ଭଙ୍ଗ ନ ଦେବୁ ଆଜି କତିରେ ।
କୁନ୍ଦରଦନୀ ଧନୀ ଧନ ନିଅରେ ଗଣି
ବଣିଜ ତୋର ବେଶ୍ୟାବୃତ୍ତିରେ ।
ଆସ ମୋ ଅଙ୍କେ ବସ ଦିଅ ସୁରତି ରସ
ହେଉ ତୋହର ପ୍ରୀତି ଖ୍ୟାତିରେ ।"

(ଗ୍ରନ୍ଥାବଳୀ, ପୃ : ୪୫୦)

Digitized by srujanika@gmail.com

ଏଠାରେ କବିଙ୍କ ଲେଖନୀ ଶୃଙ୍ଗାରଭାବକୁ ଅଧିକ ତୀବ୍ର କରେ, ଦର୍ଶକ ହୃଦୟକୁ ଅଧିକ ଉଚ୍ଚାଟିତ କରେ ।

ହାସ୍ୟରସ :

ନାଟ୍ୟାଗ୍ରଣୀଙ୍କ ଲେଖନୀ ହାସ୍ୟରସର ଅଖଣ୍ଡ ପ୍ରବାହ ସୃଷ୍ଟି କରିଛି । ହାସ୍ୟରସ ବିତରଣ ଲୋକନାଟକର ଏକ ବିଶେଷ ପ୍ରବୃତ୍ତି । ଅନ୍ୟ ରସ ସହିତ ହାସ୍ୟରସ ମିଶି ନ ରହିଲେ ନାଟକ ସ୍ୱାଦୁଯୁକ୍ତ ହୁଏ ନାହିଁ; ଦର୍ଶକ ହସିହସି ବେଦମ୍ ନ ହେଲେ ନାଟକ ଆଦର ଲାଭ କରେ ନାହିଁ । ବାଳକୃଷ୍ଣଙ୍କ ନାଟ୍ୟସୃଷ୍ଟିରେ ବେଳେବେଳେ ପରିବେଶ ସ୍ୱାଭାବିକ ଭାବେ ହାସ୍ୟରସ ସୃଷ୍ଟି କରେ । ତାଙ୍କୁ ମଧ୍ୟ ମଝିରେ ମଝିରେ ଫାର୍ସ ବା ନାଟକର ମୁଖ୍ୟ ଚରିତ୍ର ଭିନ୍ନ ଅନ୍ୟ ଚରିତ୍ରମାନ ଅବତାରଣା କରି ହାସ୍ୟ ସୃଷ୍ଟି କରିବାକୁ ପଡ଼ିଥାଏ । ଫଳରେ ଦର୍ଶକମାନେ ପେଟେ ହସନ୍ତି ଓ ବସିବସି ନାଟକ ଦେଖିବା କ୍ଳାନ୍ତିକୁ ଭୁଲି ଯାଆନ୍ତି । ଅନ୍ୟ ରସ ସହିତ ହାସ୍ୟରସ ମିଶିରହି ନାଟକକୁ ଚମତ୍କାରିତା ପ୍ରଦାନ କରେ । ମାତ୍ର କେତୋଟି ଉଦାହରଣ ଦିଆଯାଇ ହାସ୍ୟରସ ପରିବେଷଣରେ ବାଳକୃଷ୍ଣଙ୍କ ଦକ୍ଷତା ପ୍ରତିପାଦନ କରାଯାଇପାରେ ।

ଅନିରୁଦ୍ଧଙ୍କୁ ଧରି ମନ୍ତ୍ରୀକନ୍ୟା ଚିତ୍ରରେଖା ଗଭୀର ଅନ୍ଧକାର ରାତ୍ରିରେ ଯିବାବେଳେ ତାହା ଦୁଇ ଦ୍ୱାରପାଳଙ୍କ ଦୃଷ୍ଟିକୁ ଆସିଛି । ଦ୍ୱିତୀୟ ଦ୍ୱାରପାଳଟି ଅପେକ୍ଷାକୃତ ଅଧିକ ଭୟାଳୁ । ଅନ୍ଧାରରେ ଦୂରରୁ ଆସୁଥିବା ଦୁଇ ଛାୟା ମୂର୍ତ୍ତିକୁ ଦେଖି ଭୂତ ବୋଲି ଭାବି ସେ ଭୟଭୀତ ହୋଇଯାଇଛି । ପ୍ରଥମ ଦ୍ୱାରପାଳକୁ ଭୟରେ କୁଣ୍ଢେଇଧରି ହାଉଳି ଖାଇ ପାଟି କରିଛି—"ହେଇ ତ ଭୂତ, ଆରେ ବାବାରେ ମୋତେ ଧରରେ, ଖାଇଲାରେ । x x x ଦି'ଟା ତ କଳା ମଚ୍‌ମଚ୍ ହୋଇ ଆମରି ଆଡ଼କୁ ମାଡ଼ି ଆସୁଛନ୍ତି; ଇଲୋ ବୋଉଲୋ । x x x ଆରେ, ମୁଁ ବାପ ମା'ର ଏକଇର ଧନ ବିଶିକେଶନ । ମୋ ନାଁଟି ବୃନ୍ଦାବନ, ଆମେ ଦେଖିବାକୁ ସଳଖ ସୁନ୍ଦର ଚିକଣ ଗୃକଣ, କାର୍ଯ୍ୟବେଳେ ହଡ଼ାବଳଦଠାରୁ ହୀନ ।" (ବାଣା ପରାଜୟ, ଗ୍ରନ୍ଥାବଳୀ, ପୃ : ୬୩) ଏହି ସମୟରେ ଦର୍ଶକଙ୍କ ଅବସ୍ଥା ଅନୁମାନ କରାଯାଇପାରେ ।

ଏହି ଦୁଇ ଦ୍ୱାରପାଳଙ୍କ କଥୋପକଥନରେ ହାସ୍ୟରସ ଲହଡ଼ା ମାରିଛି । ଚିତ୍ରରେଖାଠାରୁ ଅର୍ଥ ପାଇ ସେହି ଦୁଇଜଣଙ୍କୁ ସେମାନେ ଛାଡ଼ି ଦେଇଛନ୍ତି । ଏହି ଅର୍ଥ ପ୍ରଥମ ଦ୍ୱାରପାଳଟି ନେଇ ଦ୍ୱିତୀୟକୁ ତା' ଭାଗ ଦେଇ ନାହିଁ । ତେଣୁ ଦୁଇଜଣଙ୍କ ଭିତରେ ଝଗଡ଼ା ହୋଇଛି । ପ୍ରଥମ ଦ୍ୱାରପାଳ ଦ୍ୱିତୀୟର ପିଠିରେ ବିଧାଏ ମାରିଛି । ଦ୍ୱିତୀୟ ଦ୍ୱାରପାଳ କହିଛି—"କାହିଁକି ଗୋଟାଏ ସେମିତି ହାତ ହଲାଉଛୁ ବା, ଦେ କ'ଣ ଦେ ।" ଏହିପରି କଥୋପକଥନ ମଧ୍ୟରେ ପ୍ରଥମଟି ଦ୍ୱିତୀୟକୁ ଏକାଧିକ ଥର

Digitized by srujanika@gmail.com

ମାଡ଼ ମାରିଛି; କିନ୍ତୁ ଦ୍ୱିତୀୟ ଜଣକ କହିଛି–"ଏ ତୋ ବୋପା ଅଜା ଚଉଦ ପୁରୁଷ ମାରିଥିଲା ?" (ପୃ : ୬୪) ତା'ପରେ ପୁଣି ତା' ପିଠିରେ ବସିଛି ବିଧା ପରେ ବିଧା । ଦଶ ପନ୍ଦର ବିଧା ଖାଇବା ପରେ ସେ ଦୌଡ଼ି ପଳାଇଛି । ଏହି ଦୃଶ୍ୟ ଦର୍ଶକଙ୍କୁ ହସି ହସି ଗଡ଼ିଯିବାକୁ ସୁଯୋଗ ଦେଇଛି । ଏହି ଦୃଶ୍ୟଟି ହାସ୍ୟରସ ସୃଷ୍ଟି କରିବାରେ ବାଳକୃଷ୍ଣଙ୍କ ସିଦ୍ଧିର ଏକ ସୁନ୍ଦର ପରିଚୟ ।

'କାଳୀୟ ମର୍ଦ୍ଦନ' ଗୀତିନାଟ୍ୟରେ ଶ୍ରୀକୃଷ୍ଣ ପ୍ରିୟସଖା ମଧୁମଙ୍ଗଳକୁ ପ୍ରାଣପ୍ରିୟା ରାଧାଙ୍କ ପାଖକୁ ପଠାଇଛନ୍ତି । ଶ୍ରୀକୃଷ୍ଣ ଓ ତାଙ୍କ ସଖାମାନେ ଗୋପପୁରରେ ଆ' ତା' ଘରେ ପଶି ସରଲବଣୀ ଚୋରିକରି ଖାଉଥିବାରୁ ସେମାନଙ୍କୁ ଦେଖିଲାମାତ୍ରେ ରାଧାଙ୍କ ଶାଶୁ ଜଟିଳା ସେମାନଙ୍କୁ ବକୁଛି । ଏଇକଥା ସୂଚାଇ ଦେଇ ଶ୍ରୀକୃଷ୍ଣ ମଧୁମଙ୍ଗଳ ଯେମିତି ବୁଢ଼ୀ ଜଟିଳା ହାବୁଡ଼ରେ ନ ପଡ଼େ, ସେଥିପ୍ରତି ସତର୍କ କରିଦେଇଛନ୍ତି । ଏହା ଶୁଣି ମଧୁମଙ୍ଗଳ କହିଛି–"ହଉ, ଯାଉଛି, ସୋଧା ବାଧା ପରୁଆ କ୍ୟା, ଯେତେବେଳେ ଅଛି ସାହା ନଟକୁଟିଆ ଭାବବିନୋଦିଆ, କଦମ୍ବମୂଳିଆ କାଳିୟା ହୁଆତ ହୁଆ ଉସ୍‌ମେ ପରୱା କ୍ୟା ?" (ପୃ : ୧୧) ମଧୁମଙ୍ଗଳ ମୁଖରେ ଖଣ୍ଡିହିନ୍ଦୀଯୁକ୍ତ ସଂଳାପ ଶୁଣି କେଉଁ ଦର୍ଶକ ହସ ଅଟକାଇ ପାରିବ ?

'କୁମୁଦ-କେଦାର' ଗୀତିନାଟ୍ୟରେ ହାସ୍ୟରସ ସୃଷ୍ଟି କରିବା ଉଦ୍ଦେଶ୍ୟରେ ନାଟ୍ୟାଚାର୍ଯ୍ୟ ଏକ ସ୍ୱତନ୍ତ୍ର ଦୃଶ୍ୟ ସଂଯୋଜନ କରିଛନ୍ତି । ଏଥିରେ ମଞ୍ଚକୁ ଆସିଛନ୍ତି ଜଣେ ନାଗରିକ ଓ ତା' ସ୍ତ୍ରୀ ବାଇମା । ଦୁଇଜଣଙ୍କ କଥାବାର୍ତ୍ତାରେ ଏ ଦୃଶ୍ୟଟି ଶେଷ । ଏଥିରେ ଗୀତରେ ପ୍ରଦତ୍ତ କଥୋପକଥନଟି କେବଳ ଶ୍ରୁତିମଧୁର ନୁହେଁ, ମୂଳରୁ ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କୁ ହସାଇ ହସାଇ ଗଡ଼ାଇ ଦେବାକୁ ମଧ୍ୟ ସମର୍ଥ । ଏଥିରୁ କେତୋଟି ପଦ–

"ପୁରୁଷ - ହଇଲୋ ମୁଁ ତୋତେ ଛାଡ଼ପତ୍ର ଲେଖିଦେଲେ ତୁ ତ ରାଣ୍ଡ ହୋଇ ବାରଦ୍ୱାର ବୁଲି ହେବୁ ।

ସ୍ତ୍ରୀ - ଆରେ ଏଇକଥା ଲାଗି ଭାଳେଣି ! କାଣ୍ଡ ପୋତି ଦେଇ ସାତ ବାହା ହେବି ଦେଖିବୁ ।

ପୁରୁଷ - ଆଲୋ, ମୁଁ ତ ତୋତେ ଦେଖୁଛି ତୁ ଜଣେ ସତୀ ସାବିତ୍ରୀ ।

ସ୍ତ୍ରୀ - ଆରେ ହଁ, ମୁଁ ସେହିପରି ଉତ୍କୃଷ୍ଟ ଜାତି ।

ପୁରୁଷ - ଆଚ୍ଛା କହିଲୁ, ମୋ ଆଗରୁ ବାହା ହୋଇଛୁ କେତଟା ?

ସ୍ତ୍ରୀ - ଆରେ ତୋତେ ଖାଇଲେ ହୋଇଯିବ ସାତଟା ।

ପୁରୁଷ - ଆଲୋ ମୁଁ ତ ଦିନେ ପୁରାଣରେ ଶୁଣିଥିଲି–

Digitized by srujanika@gmail.com

ଅହଲ୍ୟା ଦ୍ରୌପଦୀ ତାରା କୁନ୍ତୀ ମନ୍ଦୋଦରୀ ତଥା/ପଞ୍ଚକନ୍ୟା ସ୍ମରତେ ନିତ୍ୟଂ ମହାପାତକ ନାଶନମ୍ ।

ଆଉ ତୁ ପୁଣି ଏହା ଭିତରେ କୋଉଠି ଥିଲୁ । ଏଥର ସେ ଶ୍ଳୋକ ହେଲା-

ଅହଲ୍ୟା ଦ୍ରୌପଦୀ ତାରା କୁନ୍ତି ମନ୍ଦୋଦରୀ ତଥା/ବାଜମା ସ୍ମରତେ ନିତ୍ୟଂ ମହାପାତକ ନାଶନମ୍ ।

ସ୍ତ୍ରୀ - ଖଣ୍ଡିଆ; ମୋତେ ଟାହୁଲି କରୁଛୁ ? ଯା ଯା ମୋପରି ନାଗରୀ ଗୃରୁ ଚମ୍ପାଗୋରୀ ଦୁନିଆ ଭରିରେ ପାଇବୁ ?

ପୁରୁଷ - ଆଲୋ ପେଚ଼କମୁଖୀ ସିଙ୍ଘାଣିନାକୀ, ଯା ଆଉ କାହା ଆଗେ କହିବୁ ।

ସ୍ତ୍ରୀ - ତେବେ ମୁଁ ଗଲି ।

ପୁରୁଷ - ମୁଁ ତୋ ପଛେ ପଛେ ଗୃଲିଲି (ଅଣ୍ଟା ହଲାଇ ପ୍ରସ୍ଥାନୋଦ୍ୟତ) ।”

(ଗ୍ରନ୍ଥାବଳୀ, ପୃ : ୩୪୦-୪୧)

ଏ ବାର୍ତ୍ତାଳାପ ଶୁଣି ଓ ଏ ଦୃଶ୍ୟ ଦେଖି ଯେତେବଡ଼ ବେରସିକ ହେଲେ ବି ନ ହସି ରହିପାରିବ ନାହିଁ; ହସି ହସି ନୋତରା ହୋଇଯିବ ।

'ପାଣି-ଧୋବଣୀ ଫାର୍ଶ'ରେ ବିଭିନ୍ନ ଚରିତ୍ର ମୁଖରେ ସଂଯୋଜିତ ବୈଷ୍ଣବ ପାଣିଙ୍କ ପ୍ରତି ବାଳକୃଷ୍ଣଙ୍କ ବ୍ୟଙ୍ଗୋକ୍ତି ଅନେକ ସ୍ଥଳରେ ହାସ୍ୟରସ ସୃଷ୍ଟିକରି ଦର୍ଶକକୁ ରସାଏ ଓ ହସାଏ ।

ଏହିପରି ଖୋଜିବସିଲେ ନାଟ୍ୟାଗ୍ରାର୍ଯ୍ୟଙ୍କ ରଚ଼ନାବଳୀରେ ହାସ୍ୟ ଉଦ୍ରେକକାରୀ ବହୁ ଉପାଦାନ ଦୃଷ୍ଟିକୁ ଆସିବ । ଏସବୁହିଁ ହାସ୍ୟରସ ସୃଷ୍ଟିରେ ତାଙ୍କ ଲେଖନୀର ବାହାଦୁରୀ ଓ ତାଙ୍କ ରସଚ଼େତନାର ପରିଚ଼ୟ ।

କରୁଣରସ :

ଦର୍ଶକ ହାସ୍ୟରସ ପରିବେଷଣ କାଳରେ ହସି ହସି ଗଡ଼ିଗଲାବେଳେ କରୁଣ ରସ ପରିବେଷଣ କାଳରେ କାନ୍ଦି କାନ୍ଦି ଅଥୟ ହୋଇଯାଏ । ବିଚ୍ଛେଦଜନିତ ହେଉ ବା ମୃତ୍ୟୁଜନିତ, କରୁଣରସର ପ୍ରବାହ ବାଳକୃଷ୍ଣଙ୍କ ରଚ଼ନାବଳୀରେ ବହୁସ୍ଥଳରେ ପରିଲକ୍ଷିତ ।

'କେଦାର ଗୌରୀ' ଗୀତିନାଟ୍ୟରେ କେଦାର ଓ ଗୌରୀ ସଙ୍କେତ ସ୍ଥଳରେ ମିଳିତ ହେବାପାଇଁ ଗାଢ଼ ଅନ୍ଧକାର ଅମାବାସ୍ୟା ରାତ୍ରିରେ ଏକାମ୍ରକାନନ ଯାଇଛନ୍ତି । ଗୌରୀ ଆଗ ପହଞ୍ଚି ଅପେକ୍ଷାରତ ଅବସ୍ଥାରେ ଏକ ମହାବଳ ବାଘଠାରୁ ରକ୍ଷା

Digitized by srujanika@gmail.com

ପାଇବାକୁ ଆତ୍ମଗୋପନ କରିଛି । ଏହି ସମୟରେ ତା'ର ଓଢ଼ଣି ଖସି ପଡ଼ିଛି ଓ ବାଘ ଓଢ଼ଣିଟିକୁ ରାଗରେ ଚିରି ଖଣ୍ଡଖଣ୍ଡ କରିଦେଇଛି । ତା'ପରେ କେଦାର ସେଠାରେ ପହଞ୍ଚିଛି । ଛିନ୍ନ ଓଢ଼ଣି ଦେଖି ଗୌରୀ ବାଘର ଆହାର ହୋଇଛି ଭାବି ତୀକ୍ଷ୍ଣ ଛୁରିକା ନିଜ ବକ୍ଷରେ ଭେଦକରି ମୃତ୍ୟୁବରଣ କରିଛି । ଗଉରୀ ସେସ୍ଥାନକୁ ଫେରି କେଦାରର ଛୁରିକାବିଦ୍ଧ ମୃତ ଶରୀର ଦେଖି ତା' ଉପରେ ଲୋଟିପଡ଼ିଛି । ତା' ଚକ୍ଷୁରୁ ଝରିଆସିଛି ଲୋତକର ଅସରନ୍ତି ଧାରା । ବାଳକୃଷ୍ଣ ତା' କଣ୍ଠରେ ଖଞ୍ଜି ଦେଇଛନ୍ତି ଏକ ମର୍ମସ୍ପର୍ଶୀ କାରୁଣ୍ୟଭରା ବିଳାପ—

"ଆହେ ପ୍ରାଣନାଥ   କରିଲ ଅନାଥ
      ଏ ଥିଲା ମୋ ଭାଗ୍ୟେ ପୁଣ
ତେଜିଗଲ ନାଥ   କି ଦୋଷ କଲି ମୁଁ
      କିମ୍ବା ହେଲ ନିଦାରୁଣ ।

ତୁମ୍ଭ ବିନୁ ଗତି   ନାହିଁ ଏ ଜଗତେ
      ବିକା ମୁଁ ତୁମ୍ଭ ପୟରେ
ପୟରେ ପଡ଼ି ମୁଁ   କାତରେ ଡାକୁଛି
      ଅନାଥ ଦାସୀକି ଥରେ ।" (ପୃ : ୭୫-୭୬)

କେଦାର ବିନା ଆଉ ଅଧିକ ସମୟ ବଞ୍ଚି ରହିବା ତା' ପକ୍ଷରେ ସମ୍ଭବ ହୋଇନି । ସେ କେଦାର ବକ୍ଷରୁ ଛୁରିକାଟିକୁ ବାହାର କରି ନିଜ ବକ୍ଷରେ ବିଦ୍ଧ କରିଛି ଏବଂ କେଦାରର ମୃତ ଶରୀରକୁ ଆଲିଙ୍ଗନପୂର୍ବକ ସବୁଦିନ ପାଇଁ ଆଖି ବୁଜି ଦେଇଛି । ସେଇଠାରେ ପଡ଼ି ରହିଛି ଆଲିଙ୍ଗନାବଦ୍ଧ ପ୍ରେମୀଯୁଗଳଙ୍କ ମରଶରୀର ଦର୍ଶକଙ୍କ ଆଖିରେ ଲୋତକର ବନ୍ୟା ଖେଳାଇ ଦେଇ । ଦର୍ଶକମଣ୍ଡଳୀ କୋହ ସମ୍ଭାଳି ପାରନ୍ତି ନାହିଁ । ପରିବେଶ କରୁଣରସରେ ଭରିଯାଏ; ବାଳକୃଷ୍ଣଙ୍କ ଲେଖନୀର ସାର୍ଥକତା ସ୍ୱତଃ ପ୍ରତିପାଦିତ ହୁଏ ।

ଶ୍ରୀରାମଙ୍କ ବନଗମନ କାଳରେ ମାତା ଯଶୋଦା ହୃଦୟ ଫଟାଇ କ୍ରନ୍ଦନ କରନ୍ତି । ତାଙ୍କ କ୍ରନ୍ଦନରୋଳ ଶ୍ରୋତାଙ୍କ ହୃଦୟରେ କାରୁଣରସର ପ୍ଲାବନ ଖେଳାଇଦିଏ । ରାଜା ଦଶରଥ ମଧ୍ୟ ପୁତ୍ର ବିଚ୍ଛେଦରେ ଭାଙ୍ଗିପଡ଼ନ୍ତି । ସତୀଶିରୋମଣି ସୀତା ସ୍ୱାମୀଙ୍କ ବିଚ୍ଛେଦ କଥା ଚିନ୍ତାକରି କ୍ରନ୍ଦନ କରନ୍ତି । ତାଙ୍କ କ୍ରନ୍ଦନରୋଳରେ ଫୁଟିଉଠେ—

Digitized by srujanika@gmail.com

"ପଙ୍କଜିନୀ ସତେ ତେଜିବ ରବିକି
ସଲିଳ କି ମୂର୍ଚ୍ଛି ବଞ୍ଚେ ମୀନ ପ୍ରୀତି
ତବ ସୁଧାପୂର୍ଣ୍ଣ ଶ୍ରୀମୁଖ ଛବିକି
ଦରଶନ ପବିତ୍ର ନୟନ
ଆହେ ଜୀବନଧନ !
ଦୁଃଖିନୀ ହୃଦତଟ ଚନ୍ଦନ ।

ନାଥ ! ଜଳବିହୁନେ ମୀନ ବଞ୍ଚିବ କିପରି ? ପ୍ରାଣନାଥ, ଆପଣଙ୍କ ଚରଣତଳୁ ଅନ୍ତର ହୋଇ ସତେ ଆଉ ପ୍ରାଣ ଧରିବି । x x x ତୁମର ଚିର ଅନୁଗତା ଦାସୀକୁ ଅନ୍ତର କରନା ।" (ଶ୍ରୀରାମ ବନଗମନ, ଗ୍ରନ୍ଥାବଳୀ, ପୃ : ୩୨୬)

ତାଙ୍କ ସହିତ ବନଗମନ ପାଇଁ ସୀତା ଅନୁରୋଧ କରନ୍ତି ରାମଚନ୍ଦ୍ରଙ୍କୁ । ଅନୁଜ ଲକ୍ଷ୍ମଣ ମଧ୍ୟ ତାଙ୍କ ସହିତ ବାହାରନ୍ତି । ଏ ତିନିଜଣ ଜଟା କୌପୀନ ଧାରଣ କରି ଯତି ବେଶରେ ବନଗମନ କଲାବେଳେ କେବଳ ସେମାନଙ୍କ ପିତାମାତା ନୁହନ୍ତି, ରାଜ୍ୟବାସୀ ମଧ୍ୟ ଥୟ ଧରିପାରନ୍ତି ନାହାନ୍ତି । ଏହି ଦୃଶ୍ୟ ସୃଷ୍ଟିଆଡ଼େ କାରୁଣ୍ୟର ଅଖଣ୍ଡ ବାତାବରଣ ଖେଳାଇଦିଏ ।

ଆଉ ଗୋଟିଏ ଉଦାହରଣ 'ଦାନବୀର ରାଜା ହରିଶ୍ଚନ୍ଦ୍ର'ରୁ । ପୁତ୍ର ରୋହିତାଶ୍ୱର ସର୍ପଦଂଶନଜନିତ ମୃତ୍ୟୁରେ ମାତା ଶୈବ୍ୟା ହୃଦୟ ଫଟାଇ କ୍ରନ୍ଦନ କରିଛନ୍ତି । ପୁତ୍ରର ଶବଦାହ ନିମନ୍ତେ ଶ୍ମଶାନରେ ଉପସ୍ଥିତ ହୋଇଛନ୍ତି । ତାଙ୍କ ନୟନରୁ ଧରିଆସିଛି ଲୋତକର ବନ୍ୟା, କାରୁଣ୍ୟର ସ୍ରୋତସ୍ୱତୀ । ଏହି କରୁଣ ଦୃଶ୍ୟ ବର୍ଣ୍ଣନା କରିବାରେ ବାଳକୃଷ୍ଣଙ୍କ ଲେଖନୀ ସାର୍ଥକ ହୋଇଯାଇଛି, କରୁଣରସର ପରିବେଷଣରେ ତାଙ୍କ ଆନ୍ତରିକତା ଓ ସଫଳହସ୍ତତା ପ୍ରମାଣିତ ହୋଇପାରିଛି । ଆସନ୍ତୁ ଶୁଣିବା ବାଳକୃଷ୍ଣଙ୍କ ଶୈବ୍ୟାଙ୍କ ରୋଦନ ମାଧ୍ୟମରେ—

"କେଣେ ଗଲୁ ଛାଡ଼ି ଅନ୍ଧର ଲଉଡ଼ି
ଦୁଃଖହରା ଦୁଃଖୀରତନ,
ରେ ମନ୍ଦ ବିଧାତା ଏଡ଼େ ତୋ କପଟ
ଗୁପ୍ତ କଲୁ ଚନ୍ଦ୍ର ବଦନ ।

ମୋ ବାପଧନରେ ମୋତେ କୁଆଡ଼େ ଛାଡ଼ିଗଲୁ । କିଏ ତୋତେ କୁଆଡ଼େ ହରିନେଲା; ଏ ଦୁଃଖିନୀ କାଙ୍ଗାଳୁଣୀକୁ ଛାଡ଼ି କୁଆଡ଼େ ଗଲୁରେ । ହା ବିଧାତା !

ଅଲ୍ୟାଳ ଧନକୁ ଅନଳରେ ଦେଇ
କିପରି ବଞ୍ଚିବି କା ମୁଖ ଚାହିଁ ।
ପୁଚ୍ଛିଲେ ଜୀବେଶ କାହିଁ ରୋହିତାଶ୍ୱ
କି କହିବି ତାଙ୍କୁ ବଚନ ।।" (ଗ୍ରନ୍ଥାବଳୀ, ପୃ : ୧୩୮-୩୯)

Digitized by srujanika@gmail.com

ଏ ଦୃଶ୍ୟ ଦର୍ଶନରେ ସମସ୍ତଙ୍କ ଆଖିରେ ବିଶେଷ କରି ମା' ମାଉସୀମାନଙ୍କ ଆଖିରେ ଲୋତକର ଧାରା ଛୁଟେ; ଗୁପା ଗୁପା କ୍ରନ୍ଦନରେ ପରିବେଶ ଗୁଞ୍ଜରିତ ହୁଏ । ବାଳକୃଷ୍ଣଙ୍କ ରଚ଼ନାବଳୀରେ କରୁଣରସର ଏହିପରି ଜୀବନ୍ତ ଓ ମର୍ମସ୍ପର୍ଶୀ ବର୍ଣ୍ଣନା ଅନେକତ୍ର ଉପଲବ୍ଧ ହୁଏ ।

ରୌଦ୍ରରସ :

ଏହା କ୍ରୋଧଭାବ ପ୍ରକାଶକ । ବାଳକୃଷ୍ଣଙ୍କ ରଚ଼ନାରେ ଖୋଜିଲେ ରୌଦ୍ରରସର ବହୁ ଉଦାହରଣ ମିଳିବ । 'ଅମର ବିଳାସ'ରେ ରାଜା ଦୁଷ୍ମନ୍ତ ଜାଣିବାକୁ ପାଇଲେ ଯେ ସିଂହାସନ ଲୋଭରେ ତାଙ୍କ ପ୍ରିୟପୁତ୍ର ଅମରକୁ ତାଙ୍କର ଅନ୍ୟ ଦୁଇ ପୁତ୍ର ବାହାନ ଓ ତୋଫାନ ପଣ୍ଡିତଙ୍କ ପରାମର୍ଶକ୍ରମେ ଏକାନ୍ତରେ ହତ୍ୟା କରିଥିଲେ । ଦୈବବଳରୁ ଅମର ଜୀବନ ଲାଭ କଲା । ତେଣୁ ରାଜା ଭୀଷଣ କ୍ରୁଦ୍ଧ ହୋଇ ବାହାନ ଓ ତୋଫାନ ଦୁଇଭାଇଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି ।

"ଏ କୁଳକଳଙ୍କ ମୋତେ ଦେଲେ ଏଡ଼େ ଦଗାରେ
ବିପକ୍ଷ କୁବୁଦ୍ଧି ଏହାଙ୍କୁ କେ ବା ଦେଲା ଶିକ୍ଷାରେ,
ପଣ୍ଡିତ ସହିତେ ଭାଣ୍ଡେ ଖଣ୍ଡା ଦିଅ ଶିରରେ
କେତେ କାଣ୍ଡ କଲେ ହୁଣ୍ଡା ହଣ୍ଡା ମୋର ଥରେରେ ।"

(ଗ୍ରନ୍ଥାବଳୀ, ପୃ : ୨୪)

କୃଷ୍ଣଙ୍କ ପୌତ୍ର ଅନିରୁଦ୍ଧ ଗୋପନରେ ବାଣାନନ୍ଦିନୀ ଉଷା ସହିତ ମିଳିତ ହୋଇଛି । ଏହା ଜାଣିପାରି ବାଣାସୁର ଅନିରୁଦ୍ଧକୁ ବନ୍ଦୀ କରିବାକୁ ପ୍ରହରୀକୁ ଆଦେଶ ଦେଇଛି । ସାମାନ୍ୟ ପ୍ରହରୀ ତାକୁ ବନ୍ଧନ କରି ପାରିବ ନାହିଁ ବୋଲି ଅନିରୁଦ୍ଧ ଦମ୍ଭୋକ୍ତି ପ୍ରକାଶ କରିଛି । ଏହା ଶୁଣି ବାଣାସୁର ଅତିଶୟ କ୍ରୁଦ୍ଧ ହୋଇ କହିଛି—

"ଆରେ ରେ ମେଅଡ଼ା ଖେଚ଼ଡ଼ା ପଣ ତୋ
ଭାଙ୍ଗିଦେବି ନିଶ୍ଚେ ଆଜିରେ ।
ତୁ କେଉଁ ସାହସେ ପଶି ମୋର ବାସେ
ବିଷ ଖାଉଛୁ ତୁ ରାଜିରେ ॥

ପ୍ରହରୀ ! ତୁ ଏ ପାପିନୀ କନ୍ୟା ଓ ତା'ର ସହଚ଼ରୀମାନଙ୍କୁ ବନ୍ଧନ କରି ଶୀଘ୍ର କାରାଗାରେ ନେଇଯା, ମୁଁ ଏ ମୂର୍ଖର କୌତୁକ ଦେଖୁଛି ।" (ବାଣା ପରାଜୟ, ଗ୍ରନ୍ଥାବଳୀ, ପୃ : ୬୫)

ଆଉ ଗୋଟିଏ ଉଦାହରଣ 'ଶ୍ରୀରାମ ବନବାସ'ରୁ । ଦାସୀ ମନ୍ଥରାର ପ୍ରରୋଚ଼ନାରେ କୈକେୟୀ ଏକ ଦୁର୍ବଳ ମୂହୁର୍ତ୍ତରେ ଦଶରଥଙ୍କଠାରୁ ବର ମାଗିନେଇଛନ୍ତି

Digitized by srujanika@gmail.com

ଯେ ରାମ ଚଉଦବର୍ଷ ବନକୁ ଯିବେ ଓ ଭରତ ରାଜା ହେବେ । ପ୍ରତିଜ୍ଞା କରିଥିବାରୁ ଦଶରଥ ନିଜ ସତ୍ୟରୁ ଓହରି ଆସିପାରି ନାହାନ୍ତି । ରାମ ବନବାସ କରିବା ନିଶ୍ଚିତ ହୋଇଯାଇଛି । ଏ ଘଟଣାରେ ଦଶରଥ ସନ୍ତୁଷ୍ଟ ହୋଇପାରି ନାହାନ୍ତି । କୈକେୟୀଙ୍କ କୁଟବୁଦ୍ଧି ପାଇଁ ସେ ତାଙ୍କ ଉପରେ ଅତ୍ୟନ୍ତ କ୍ରୁଦ୍ଧ ହୋଇଉଠିଛନ୍ତି ଏବଂ କୈକେୟୀଙ୍କୁ ଧିକ୍କାର କରିଛନ୍ତି–

ଆଲୋ ଦୁରାଗ୍ରହୀ ପାପିଷ୍ଠୀ ପାମରି
ଏକ କାଣ୍ଡ ଆଜି କଲୁ ଲୋ ।
କାହା ଫାନ୍ଦେ ପଡ଼ି ଗଲୁ ବୁଦ୍ଧି ହୁଡ଼ି
ଭଣ୍ଡପଣ ଦେଖାଇଲୁ ଲୋ ।

x x x

ପାଷାଣ୍ଡି ! ତୋର ଏତେ ଛନ୍ଦ, ତୁ ବ୍ରହ୍ମାଣ୍ଡବିଜୟୀ ପୁତ୍ରକୁ ଦଣ୍ଡେ ଦେଖିପାରିଲୁ ନାହିଁ । ନାରୀ ହତ୍ୟା ମହାପାପ, ନଚେତ୍ ମୁଁ ତୋର ମୁଣ୍ଡ କ୍ଷଣକ ମଧ୍ୟରେ ଖଣ୍ଡଖଣ୍ଡ କରିପାରନ୍ତି । ଦୁର୍ଦ୍ଦଣ୍ଡି ! କାହା ଶିକ୍ଷାରେ ପଡ଼ିଛୁ ସତ କହ ?" (ଗ୍ରନ୍ଥାବଳୀ, ପୃ : ୩୧୮)

ରୌଦ୍ରରସସମ୍ବଳିତ ବହୁ ଉଦାହରଣ ବାଳକୃଷ୍ଣଙ୍କ ରଚନାବଳୀରେ ଉପଲବ୍ଧ । ଆଲୋଚନାର ଅନୁରୋଧରେ ମାତ୍ର ଅଳ୍ପ କେତୋଟି ଦୃଷ୍ଟାନ୍ତ ସ୍ୱରୂପ ଏଠାରେ ପ୍ରଦତ୍ତ ।

ବୀରରସ :

ବୀରରସ ପରିବେଷଣ ପାଇଁ ସୁଯୋଗ ରହିଛି ଯୁଦ୍ଧବର୍ଣ୍ଣନାମୂଳକ ନାଟକମାନଙ୍କରେ । ବାଳକୃଷ୍ଣଙ୍କର ଏ ପ୍ରକାର ରଚନାର ଅଭାବ ନାହିଁ; ତେଣୁ ବୀରରସ ପ୍ରଖ୍ୟାପକ ବର୍ଣ୍ଣନାର ମଧ୍ୟ ଅଭାବ ନାହିଁ ତାଙ୍କ ରଚନାରେ । 'ବାଣା ପରାଜୟ'ରୁ ଉଦାହରଣଟିଏ–

କୃଷ୍ଣପୌତ୍ର ଅନିରୁଦ୍ଧ ବାଣାସୁରନନ୍ଦିନୀ ଉଷା ପ୍ରେମରେ ପଡ଼ି ବାଣାକର୍ତ୍ତୃକ ବନ୍ଦୀ ହୋଇଛି । ଏହା ଜାଣିପାରି କୃଷ୍ଣ ଓ ବଳରାମ ପୌତ୍ରକୁ ମୁକ୍ତ କରିବାକୁ ଉଦ୍ୟମ କରିଛନ୍ତି । ସ୍ୱେଚ୍ଛାରେ ବାଣାସୁର ତା'ର କନ୍ୟା ଉଷାକୁ ଅନିରୁଦ୍ଧ ହସ୍ତରେ ଅର୍ପଣ କରିବାର ସମ୍ଭାବନା ନ ଥିବାରୁ ଯୁଦ୍ଧ ଅନିବାର୍ଯ୍ୟ ବୋଲି କୃଷ୍ଣ ଜାଣିପାରିଛନ୍ତି । ତେଣୁ ସେ ଯାଦବ ବୀରଙ୍କୁ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେବାକୁ ଆଦେଶ ଦେଇଛନ୍ତି–

Digitized by srujanika@gmail.com

"ସାଜ ହେ ଯାଦବ ବୀରେ ସାଜ ରଣ ସାଜ ।
ଦର୍ପିଷ୍ଠ ବାଣାର ଗର୍ବ ଖର୍ବ କର ଆଜ । ପଦ ।
ଧର ଧନୁର୍ବାଣ ଅସି ଆତ୍ମୀୟସ୍ୱଜନେ ମିଶି
ଦୈତ୍ୟକୁଳ ଖରେ ନାଶି ଉଡ଼ା ଜୟଧ୍ୱଜ । ୧ ।
ସମ୍ମୁଖ ସଂଗ୍ରାମେ ଦୁଷ୍ଟ ହେବଟି ନିଷ୍ଟେ ବିନଷ୍ଟ
ଶୀଘ୍ର ଖରେ ରାଜଥାଟ ପୂର୍ଣ୍ଣକର କାର୍ଯ୍ୟ ।"

(ଗ୍ରନ୍ଥାବଳୀ, ପୃ : ୭୫)

'ଖାଣ୍ଡବ ଦହନ' ଗୀତିନାଟ୍ୟରେ ଅର୍ଜୁନ ଶିବଙ୍କ ଗଣ୍ଡାକୁ ହତ୍ୟା କରିଛନ୍ତି । ଶିବ ଏହା ଜାଣିପାରି ସେଠାରେ ପହଞ୍ଚିଛନ୍ତି । ଯୁଦ୍ଧ ପାଇଁ ସେମାନଙ୍କ ଆହ୍ୱାନ ଓ ପ୍ରତି ଆହ୍ୱାନ ମଧ୍ୟରେ ବୀରରସ ଫୁଟିଉଠିଛି ଅତି ଜୀବନ୍ତ ଭାବେ, ଯାହା ଦର୍ଶକଙ୍କୁ ଆସନ୍ନ ଯୁଦ୍ଧ ଉପଭୋଗ କରିବା ପାଇଁ ଆଗ୍ରହୀ କରିଛି ଏବଂ ସେମାନେ ଏଥିପାଇଁ ଅପେକ୍ଷା କରି ରହିଛନ୍ତି ।

ଶିବ ବୀରଦର୍ପରେ କହିଛନ୍ତି –

"ଆରେ ବଣ ଓଲୁ ମନ୍ଦ କର୍ମ କଲୁ
ଯିବ ପିଠି ଗଲୁ ଛାଡ଼ିରେ,
ଗଣ୍ଡା ପାଇଁ ଷଣ୍ଡା ମୋଡ଼ିବି ଦୁର୍ଦ୍ଦଣ୍ଡା
ଦଣ୍ଡାରେ ଯିବୁ ତୁ ଗଡ଼ିରେ ।
ମୂର୍ଖ ! ତୋର ବଢ଼ି ବଢ଼ି କହିବା ଛଡ଼ାଇ ଦେଉଛି, କ୍ଷଣେ ରହ ।
ଧରାଧାମେ ବାସ ନାହିଁରେ ନୃଶଂସ
ଅଂଶ ବଂଶ ଦେବି ପୋଡ଼ିରେ,
ଭୋଗିବୁ ଅଦୃଷ୍ଟ ସୁମର ତୋ ଇଷ୍ଟ
ବାଳକୃଷ୍ଣ ପଦ ଯୋଡ଼ିରେ ।
ଆରେ ନରାଧମ ! ତୋର ଇଷ୍ଟ ଚିନ୍ତାକର, ଏକ୍ଷଣି ଯିବୁ ସମନ ସଦନକୁ ।'

(ଗ୍ରନ୍ଥାବଳୀ, ପୃ : ୩୦୩) ବୀରଶ୍ରେଷ୍ଠ ଅର୍ଜୁନ, ଶିବଙ୍କର ଆହ୍ୱାନର ପ୍ରତି ଆହ୍ୱାନରେ ବୀରୋଚିତ କଣ୍ଠରେ ପ୍ରକାଶ କରିଛନ୍ତି –

"ଆଉ ଦଣ୍ଡେ ରହ ରହରେ
ଖଣ୍ଡ ଖଣ୍ଡ ହେବ ତୋ ମୁଣ୍ଡ
ତୁ ପିଶାଚ ଭଣ୍ଡ ବର୍ବର ପାଷଣ୍ଡ
ଦେଖିବିରେ ତୋ କାଣ୍ଡ । ଘୋଷା ।
x x x

Digitized by srujanika@gmail.com

ଦଣ୍ଡାବଲା ତୁ ହୁଣ୍ଡା ଗ୍ରେଁର
ଗଣ୍ଡିମୁଣ୍ଡ ହେବ ତୋ ଚୂର
କହେ ବାଳକୃଷ୍ଣ ସୁମର ତୋ ଇଷ୍ଟ
ଦଇବ କଲା ଛନ୍ଦ ।

ମୂଢ଼ ! ଧର ଅସ୍ତ୍ର କର ରଣେ ଜଣାଯିବ ପଣ, ବୃଥା ଉଚ୍ଚବାକ୍ୟେ ନାହିଁ କିଛି ପ୍ରୟୋଜନ ।" (ଗ୍ରନ୍ଥାବଳୀ, ପୃ : ୩୦୩)

ଏହି ଉକ୍ତି ଓ ପ୍ରତ୍ୟୁକ୍ତି ମଧ୍ୟରେ ଫୁଟି ଉଠିଥିବା ବୀରରସ ଏକାନ୍ତ ଉପଭୋଗ୍ୟ । ଏଥିରେ ସଂଯୋଜିତ ଗଦ୍ୟ ବଚ୍‌ନିକା ବୀରରସକୁ ଅଧିକ ତୀବ୍ର କରେ । ଦର୍ଶକମାନେ ଏହି ଯୁଦ୍ଧ ଦୃଶ୍ୟକୁ ଉପଭୋଗ କରନ୍ତି ଏକାଗ୍ର ଚିତ୍ତରେ । ସେମାନଙ୍କ ସମସ୍ତ ଉତ୍କଣ୍ଠାର ଅବସାନ ଘଟେ ଯେତେବେଳେ ଶିବ ଯୁଦ୍ଧରେ ହାରିବାର ସମ୍ଭାବନା ଦେଖି ଅର୍ଜୁନଙ୍କୁ ନିଜର ପରିଚୟ ଦିଅନ୍ତି ଓ ଅର୍ଜୁନ ତାଙ୍କ ପଦବନ୍ଦନା କରନ୍ତି । ଏହାର ପରବର୍ତ୍ତୀ ଅଙ୍କରେ ଅର୍ଜୁନଙ୍କର ଇନ୍ଦ୍ରଙ୍କ ସହିତ ଯୁଦ୍ଧ ମଧ୍ୟ ଯଥେଷ୍ଟ ବୀରରସ ପରଷି ଦିଏ; ଦର୍ଶକମାନେ ମନ୍ତ୍ରମୁଗ୍‌ଧ ହୋଇ ବୀରରସ ଉପଭୋଗରେ ମଜି ଯାଆନ୍ତି । ଏହାହିଁ ବୀରରସ ପରିବେଷଣରେ ବାଳକୃଷ୍ଣଙ୍କ କୃତିତ୍ୱ ।

ଭୟାନକରସ :

ବାଳକୃଷ୍ଣଙ୍କ ରଚ୍‌ନାରେ ଭୟାନକ ରସର ପ୍ରାବଲ୍ୟ ନାହିଁ; କିନ୍ତୁ ଖୋଜିବସିଲେ କେତେକ ସ୍ଥାନରେ ଏହି ରସାଶ୍ରିତ ବର୍ଣ୍ଣନା ଦୃଷ୍ଟିକୁ ଆସେ । ମାଳତୀକୁ ଧରି ସୁଶୀଳ ବଡ଼ଭାଇ ସନ୍ଧାନରେ ଗଲାବେଳେ ବାଟରେ ନଦୀ ପାରିହେବାକୁ ପଡ଼ିଛି । ନୌକାରେ ପାରିହେବା ସମୟରେ ନାଉରୀଦ୍ୱୟ ସୁନ୍ଦରୀ ମାଳତୀକୁ ନେଇ ରାଜାଙ୍କୁ ଭେଟି ଦେବା ଲକ୍ଷ୍ୟରେ ସୁଶୀଳକୁ ନଦୀଗର୍ଭକୁ ପେଲିଦେବାକୁ ସ୍ଥିର କରିଛନ୍ତି । ଏ ପରିସ୍ଥିତିରେ ସୁଶୀଳ ଓ ମାଳତୀ ଉଭୟେ ଭୟଭୀତ ହୋଇଛନ୍ତି । ନାଉରୀମାନେ ସୁଶୀଳକୁ ପେଲିଦେବା ସମୟେ ମାଳତୀର ଶରୀର ଭୟରେ ଥରିଉଠିଛି । ସେ ସୁଶୀଳ ଉଦ୍ଦେଶ୍ୟରେ କହିଛି–

"କେଣେ ଯାଅ ନାଥ କରିଣ ଅନାଥ
ନିଶ୍ଚିନ୍ତ ହେଲ କି ମୋହ ପାଇଁ,
ଦେଖି କେଉଁ ଦୋଷ କରୁଛ ନିରାଶ
ନୃଶଂସ ନାବିକେ ଯିବେ ନେଇ
ପ୍ରାଣ ଯିବଟି ଛାଡ଼ି
କାହୁଁ ମାଡ଼ି ଆସିଲା ବିପଦ ଧାଡ଼ି ।"

Digitized by srujanika@gmail.com

ତା'ପରେ ସେ ନାବିକଦ୍ୱୟଙ୍କ ପାଖରେ ସ୍ୱାମୀର ପ୍ରାଣ ଭିକ୍ଷା କରି କହିଛି- "ହେ ନାବିକେ ! ତୁମ୍ଭ ପାଦତଳେ ପଡୁଛି ମୋ ସ୍ୱାମୀକୁ ମାରନା ।" (ସୁଶୀଳ ମାଳତୀ, ଗ୍ରନ୍ଥାବଳୀ, ପୃ : ୧୬୩)

ଅଦ୍ଭୁତରସ :

'ସୁଦାମା ଦାରିଦ୍ର୍ୟ ଭଞ୍ଜନ' ଗୀତିନାଟ୍ୟରେ ସୁଦାମା ପତ୍ନୀ ସୁମତିଙ୍କଦ୍ୱାରା ପ୍ରେରିତ ହୋଇଛନ୍ତି ଦ୍ୱାରକାପୁର ବାଲ୍ୟସଖା ଦ୍ୱାରକାଧିପତି ଶ୍ରୀକୃଷ୍ଣଙ୍କଠାରୁ କିଛି ଅର୍ଥ ପ୍ରାପ୍ତି ଆଶାରେ । ସେ ସଖାଙ୍କ ସହିତ ସାକ୍ଷାତ କରି ସ୍ୱଗୃହକୁ ଫେରିବା ଭିତରେ ଶ୍ରୀକୃଷ୍ଣଙ୍କ କୃପାରୁ ତାଙ୍କ କୁଟୀର ସ୍ଥାନରେ ଏକ ବିରାଟ ପ୍ରାସାଦ ନିର୍ମିତ ହୋଇଛି । ସୁଦାମା ଫେରିବାପରେ ଏହା ଦେଖି ବିସ୍ମିତ ହୋଇଯାଇଛନ୍ତି । ସେ ସୁମତିଙ୍କୁ ପଚାରିଛନ୍ତି-

"କାହିଁଗଲା ମୋ କୁଟୀର
ଏ କୋଠା ଅଟେ କାହାର,
ଅବସନ୍ଧି ତୁଟା ମୋର
ନ ପାଉଛି କଳନା ।" (ଗ୍ରନ୍ଥାବଳୀ, ପୃ : ୪୭)

ଶାନ୍ତରସ :

'ଅମର ବିଳାସ' ଗୀତିନାଟ୍ୟରେ ପତ୍ନୀଙ୍କର ବିୟୋଗ ପରେ ରାଜା ଦୁଷ୍ମନ୍ତଙ୍କର ବୈରାଗ୍ୟ ଭାବ ଜାତ ହୋଇଛି । ସେ ନିଜର ତିନିପୁତ୍ର ମଧ୍ୟରେ ଯୋଗ୍ୟତମ ପୁତ୍ର ହସ୍ତରେ ରାଜ୍ୟଭାର ଅର୍ପଣ କରି ସନ୍ନ୍ୟାସୀ ହୋଇଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ଏବଂ ଏହି ମର୍ମରେ ମନ୍ତ୍ରୀଙ୍କ ପରାମର୍ଶ ମାଗିଛନ୍ତି । ତାଙ୍କ ଭାଷାରେ—

"ଗୃହକୁ ଗୃହିଣୀ ସିନା ବିହି କରିଛି ଘଟଣା
ଆଉ କି ଘରକରଣା ଦୁଃଖ ପାରାବାରରେ । x x x
ଅଣାଅ କୁମରେ ମୋର ଯେବା ହେବ ଗୁଣାକାର
ଦେବି ଏ ବିଷୟ ଭାର ବୁଝି ତତପର ରେ ॥

ମନ୍ତ୍ରୀନ୍ ! ବାହାନ, ତୋଫାନ, ଅମର—ଏ ତିନିପୁତ୍ରଙ୍କୁ ଡକାଅ । ସେମାନଙ୍କ ମଧ୍ୟରୁ ଯେ ଉପଯୁକ୍ତ ହେବ, ତାକୁ ଏ ରାଜଗାଦି ଦେଇ ମୁଁ ସନ୍ନ୍ୟାସୀ ହୋଇଯିବି । x x x

ବାସେ ଆଉ ନାହିଁ ଆଶା ଦୀନବନ୍ଧୁ ହିଁ ଭରସା
ବାଳକୃଷ୍ଣ କରେ ଆଶା ତେଜିବି ସଂସାରରେ ।"
(ଗ୍ରନ୍ଥାବଳୀ, ପୃ : ୩)

Digitized by srujanika@gmail.com

ସୁଦାମା ପତ୍ନୀ ସୁମତିଙ୍କ ପରାମର୍ଶକ୍ରମେ ଦ୍ୱାରକା ନଗରୀ ଯାଇଛନ୍ତି ବାଲ୍ୟସଖା ଶ୍ରୀକୃଷ୍ଣଙ୍କ ସାକ୍ଷାତ କରିବାକୁ । ଦ୍ୱାରକାର ରାଜସଭାରେ ରତ୍ନସିଂହାସନାସୀନ ଶ୍ରୀକୃଷ୍ଣ ନାରଦଙ୍କ ସହିତ କଥୋପକଥନରେ ରତ ଥିବାବେଳେ ସୁଦାମା ତାଙ୍କୁ ଦେଖିଛନ୍ତି । ପରଂବ୍ରହ୍ମଙ୍କ ଦର୍ଶନ ପାଇ ତାଙ୍କ ମନରେ ଶାନ୍ତଭାବ ସଞ୍ଚରି ଯାଇଛି ଏବଂ ତାଙ୍କ କଣ୍ଠରୁ ସ୍ୱତଃ ଝରିଆସିଛି–

"ଆହା କି ମୋହନ ମଧୁର ମୂରତି
ଦେଖିଲି ପାପ ନୟନେ
ଦୀନବନ୍ଧୁ ବୋଲି ଯାକୁ ଭାବୁଥିଲି
ଭଜନେ ଶୟନେ ସ୍ୱପନେ,
ମୋର ପ୍ରାଣର ସଖା
ଆଉ ଏତେ ଦିନେ ପାଇବି କି ଦେଖା ।"

(ସୁଦାମା ଦାରିଦ୍ର୍ୟଭଞ୍ଜନ, ଗ୍ରନ୍ଥାବଳୀ, ପୃ : ୩୬)

ବାତ୍ସଲ୍ୟରସ :

ନାଟ୍ୟାଗ୍ରର୍ଯ୍ୟ ବାଳକୃଷ୍ଣଙ୍କ 'ବାଣା ପରାଜୟ', 'ଦାନବୀର ରାଜା ହରିଶ୍ଚନ୍ଦ୍ର', 'ବସନ୍ତ ମଲ୍ଲିକା', 'ଶ୍ରୀରାମ ବନଗମନ', 'କାଳୀୟ ମର୍ଦ୍ଦନ', 'ମଥୁରା ବିଜୟ' ଆଦି ନାଟ୍ୟକୃତିମାନଙ୍କରେ ବାତ୍ସଲ୍ୟରସ ପରିବେଷିତ ହୋଇଥିବା ଲକ୍ଷ୍ୟ କରାଯାଏ । ପିତାମାତାଙ୍କ ସନ୍ତାନ ସ୍ନେହ (ବତ୍ସଳତା) ବାତ୍ସଲ୍ୟରସ ସୃଷ୍ଟିକରେ । ବାଳକୃଷ୍ଣଙ୍କ ରଚ଼ନାରୁ କେତୋଟି ଉଦାହରଣ–

'ବାଣା ପରାଜୟ'ରେ ଊଷା ସହିତ ଅନିରୁଦ୍ଧର ଗୁପ୍ତମିଳନ କଥା ବାଣାସୁର ଜାଣିପାରି ଅନିରୁଦ୍ଧକୁ ବନ୍ଦୀ କରିଛି । କନ୍ୟା ଊଷାକୁ ମଧ୍ୟ ବନ୍ଧନପୂର୍ବକ କାରାଗାରରେ ରଖିବାକୁ ଆଦେଶ ଦେଇଛି । ପ୍ରହରୀ ଊଷାର ହସ୍ତପଦ ବନ୍ଧନ କରିବା ସମୟରେ ମାତା ମନୋରମାଙ୍କ ହୃଦୟ ଫାଟିଯାଇଛି । ତାଙ୍କର ଅତି ସୁକୁମାରୀ କନ୍ୟା ଊଷାକୁ ଥରକ ପାଇଁ କ୍ଷମା ଦେବାକୁ କ୍ରନ୍ଦନରତା ମାତା ପ୍ରାର୍ଥନା କରିଛନ୍ତି ବାଣାସୁରଙ୍କ ନିକଟରେ । ତାଙ୍କ ପ୍ରାର୍ଥନାରେ ବାତ୍ସଲ୍ୟରସ କିପରି ଫୁଟିଉଠିଛି ଦେଖାଯାଉ–

"ନାଥ ହେ କ୍ଷମା ଦିଅ ଏଥର
ଦୁହିତା ମୋହରି ଅତି ସୁକୁମାରୀ
ତା' ପ୍ରତି ନ ହୁଅ ଏତେ ନିଷ୍ଠୁର । ପଦ ।
ଦୁଃଖିନୀର ଧନ ଅନ୍ଧୁଣୀ ନୟନ
ସେ ମୋ ଭିକ୍ଷା ଝୁଲି ହେ ପ୍ରାଣେଶ୍ୱର,

Digitized by srujanika@gmail.com

ଦେଖି ତା କଷଣ ଧରିବି କି ପ୍ରାଣ
ଭକ୍ଷିବିଟି ନିଷ୍ଟେ ଆଜି ଜହର । ୧ ।"

(ଗ୍ରନ୍ଥାବଳୀ, ପୃ : ୬୭)

ଶ୍ରୀରାମଙ୍କ ବନଗମନ କାଳରେ ମାତା କୌଶଲ୍ୟା ପୁତ୍ରବିଚ୍ଛେଦଜନିତ ଶୋକରେ ଅଧୀରା ହୋଇପଡ଼ିଛନ୍ତି । ପୁତ୍ର ଅବର୍ତ୍ତମାନରେ ସେ ଦଣ୍ଡେ ବି ଜିଇ ପାରିବେ ନାହିଁ; ତେଣୁ ବନବାସ ପୂର୍ବରୁ ତାଙ୍କ ଜୀବନ ନେଇଯିବା ପାଇଁ ସେ ଆକୁଳ କ୍ରନ୍ଦନ ଜରିଆରେ ଶ୍ରୀରାମଙ୍କୁ କହିଛନ୍ତି–

"ରଙ୍କରତନ ମୋ ହ୍ୱାରାନିଧିରେ
ତୁହି ମୋ ବ୍ୟାଧି ଔଷଧି,
ତୋ ଚନ୍ଦ୍ରବଦନ ହରାଇ କେସନ
ପରାଣ ସତେ ଧରିବି ।

x x x

ବନବାସେ ଗଲେ ନିଅ ମୋ ଜୀବନ
ସର୍ବଶୂନ୍ୟ ଦିଶେ ତୋ ବିନା ନନ୍ଦନ,
ରେ ଗଳାରତନ ପୂରିଲା ନିଦାନ
ବାଳୀରେ ନ ଦିଶେ ବୁଦ୍ଧି ।"

(ଶ୍ରୀରାମ ବନଗମନ, ଗ୍ରନ୍ଥାବଳୀ, ପୃ : ୩୨୪-୨୫)

ଏହି ଦୃଶ୍ୟ ପରିବେଶକୁ ବାତ୍ସଲ୍ୟରସରେ ଭରିଦିଏ । କୌଶଲ୍ୟାଙ୍କ ବାତ୍ସଲ୍ୟଜନିତ ଏ ବିଳାପ ଦର୍ଶକକୁ ମଧ୍ୟ କରେ ସଂକ୍ରମିତ । ଦର୍ଶକର ଚକ୍ଷୁ ହୁଏ ଲୋତକାପ୍ଳୁତ । ଏ ବିଚ୍ଛେଦଜନିତ ବେଦନା ସହ୍ୟ କରିପାରୁନଥିବା ମାଆ ମାଉସୀମାନଙ୍କ ଗୁପା ଗୁପା କ୍ରନ୍ଦନରେ ସଭାସ୍ଥଳ ହୁଏ ବିଷାଦମୟ । ଏହାହିଁ କରୁଣରସ ପରଷି ଦେବାରେ ବାଳକୃଷ୍ଣଙ୍କ ଅସାଧାରଣ ପ୍ରତିଭାର ପରାକାଷ୍ଠା ।

ରାଜା ଦଶରଥ ମଧ୍ୟ ପୁତ୍ର ବିଚ୍ଛେଦ ସହ୍ୟ କରିପାରି ନାହାନ୍ତି । ବିକଳ କ୍ରନ୍ଦନ ମାଧ୍ୟମରେ ସେ ପ୍ରକାଶ କରିଛନ୍ତି–

"କାହିଁ ଛାଡ଼ିଯିବୁ ଧନ ମୋ ରଙ୍କରତନରେ
ଏ ଅଯୋଧ୍ୟା ପୁରୀ ଆଜିଠାରୁ ହେଲା ଶୂନ୍ୟରେ ! ୧ ।
ଗିରିଗୁହା ଲତାରଣ୍ୟ ନଦୀ ସରୋବରରେ
କେମନ୍ତେ ଭ୍ରମିବୁ ବାପ କାହା ସଙ୍ଗତରେ । ୨ ।

x x x

Digitized by srujanika@gmail.com

ଅଭାଗୀ ମୁଁ ହୀନକର୍ମୀ ହେଲି ତୁମ୍ଭ ଦ୍ରୋହୀ ।
ଶୂନ୍ୟ କରିଗଲୁ କୋଳ ବାଳକୃଷ୍ଣ କହିରେ । ୩ ।"

(ଗ୍ରନ୍ଥାବଳୀ, ପୃ : ୩୨୭)

'ବସନ୍ତ-ମଲ୍ଲିକା'ରେ ପୁତ୍ର ବସନ୍ତର ସାମୟିକ ବିଚ୍ଛେଦ ରାଜା ପ୍ରତାପ ଓ ରାଣୀ ଅନ୍ନପୂର୍ଣ୍ଣାଙ୍କୁ ଘାରିଛି ଏବଂ ସେମାନଙ୍କ ଅପତ୍ୟସ୍ନେହ ବାଳକୃଷ୍ଣଙ୍କ ଲେଖନୀରେ ରୂପ ପାଇଛି ଏକ ଶୋକାକୁଳ ପରିବେଶ ସୃଷ୍ଟିକରି । ସେହିପରି 'ମଥୁରା ବିଜୟ'ରେ କୃଷ୍ଣ ଓ ବଳରାମ ଧନୁ ଉତ୍ସବ ଉପଲକ୍ଷେ ମଥୁରାକୁ ଯିବାପରେ ମାତା ଯଶୋଦା କୃଷ୍ଣଙ୍କ ଗୁଣ ଗୁଣି ହୋଇଛନ୍ତି, ଯାହା ବାତ୍ସଲ୍ୟରସ ପରିବେଷଣର ଅନ୍ୟ ଏକ ଉଦାହରଣ । 'ଦାନବୀର ରାଜା ହରିଶ୍ଚନ୍ଦ୍ର'ରେ ରୋହିତାଶ୍ୱର ସର୍ପଦଂଶନରେ ଅକାଳ ବିୟୋଗ ମାତା ଶୈବ୍ୟାଙ୍କୁ ଶୋକସାଗରରେ ଭସାଇ ଦେଇଛି । ତାଙ୍କ କଣ୍ଠରେ ଯେଉଁ ବିକଳ ବିଳାପ କବି ବାଳକୃଷ୍ଣ ଖଞ୍ଜି ଦେଇଛନ୍ତି, ତାହା ବାତ୍ସଲ୍ୟରସ ପରିବେଷଣରେ ତାଙ୍କ କୃତିତ୍ୱର ପରିଚୟ ପ୍ରଦାନ କରେ ।

ଏହି ଆଲୋଚନାରେ ନାଟ୍ୟାଚାର୍ଯ୍ୟଙ୍କ ରସଚେତନା ପରିସ୍ଫୁଟ ହୁଏ ଉଦ୍ଧୃତ ଗୀତ ସମେତ ଗଦ୍ୟ ସଂଳାପ ମାଧ୍ୟମରେ । ବିଭିନ୍ନ ରସସୃଷ୍ଟି ଓ ସେଗୁଡ଼ିକର ସାର୍ଥକ ପରିବେଷଣରେ ନିହିତ ତାଙ୍କ ପ୍ରଜ୍ଞା, ପ୍ରତିଭା ଓ ଦକ୍ଷତା ତାଙ୍କୁ ଜଣେ ବିଶିଷ୍ଟ ରସସ୍ରଷ୍ଟାର ମର୍ଯ୍ୟାଦା ଦିଏ ।

ସମାଜ ସଚେତନତା

ବାଳକୃଷ୍ଣ ଜଣେ ସମାଜ-ସଚେତକ ନାଟ୍ୟକାର । ସେସମୟର ସାମାଜିକ ବିଧି ଓ ବ୍ୟବସ୍ଥାର ଚିତ୍ର ତାଙ୍କ ରଚନାରେ ତେଣୁ ସହଜଲଭ୍ୟ । ବାଳକୃଷ୍ଣ (୧୯୦୦-୧୯୫୮)ଙ୍କ ସମୟ ବିଶେଷ ଅତୀତ ହୋଇନଥିଲେହେଁ, ସ୍ୱାଧୀନତା ପରବର୍ତ୍ତୀ କାଳରେ ସମାଜ ଜୀବନରେ ବହୁ ଉନ୍ନତି ସାଧିତ ହେବାଫଳରେ ସେସମୟ ଓ ଆଧୁନିକ ସମୟର ସାମାଜିକ ଜୀବନରେ ପ୍ରଭେଦ ରହିବା ସ୍ୱାଭାବିକ । ତତ୍କାଳୀନ ସମାଜଚିତ୍ର ବାଳକୃଷ୍ଣଙ୍କ ରଚନାରୁ ଖୋଜିବା ବେଳେ ଆଧୁନିକ ସମାଜଚିତ୍ର ସହିତ ଏକ ତୁଳନାତ୍ମକ ଅଧ୍ୟୟନ ସ୍ୱତଃ ମାନସିକ ସ୍ତରରେ ସମ୍ଭବ ହୋଇଥାଏ । ଏ ଦୃଷ୍ଟିରୁ ବାଳକୃଷ୍ଣଙ୍କ ରଚନାରୁ ବାଳକୃଷ୍ଣକାଳୀନ ସମାଜକୁ ଖୋଜାଯାଉ, ତାଙ୍କ ସମାଜ-ସଚେତନଭାବକୁ ଅନୁଧ୍ୟାନ କରାଯାଉ ।

ଜାତିପ୍ରଥା :

ବହୁ ପ୍ରାଚୀନ କାଳରୁ ଆମ ସଂସ୍କୃତିରେ ଜାତିପ୍ରଥା ଚଳିଆସିଛି । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଭେଦରେ ଜାତି ଚତୁର୍ବିଧ । ଏସବୁରୁ ବହୁ ଉପଜାତିର

Digitized by srujanika@gmail.com

ସୃଷ୍ଟି । ବାଳକୃଷ୍ଣଙ୍କ ରଚନାରେ ବ୍ରାହ୍ମଣ, କ୍ଷତ୍ରିୟ, କରଣ, ଭଣ୍ଡାରି, ଗୁଡ଼ିଆ, ତନ୍ତୀ, ନାହାକ, ଧୋବା, କଣ୍ଡରା, କେଳା, ଶବର, ଚଣ୍ଡାଳ ଆଦି ଜାତିବିଷୟକ ପ୍ରସଙ୍ଗାନୁମୋଦିତ ସୂଚନା ରହିଛି; ବ୍ରାହ୍ମଣମାନଙ୍କୁ ଜାତିଶ୍ରେଷ୍ଠର ମାନ୍ୟତା ଦିଆଯାଇଛି, ସେମାନଙ୍କ ଲୋଭ ଓ ଖାଦ୍ୟପ୍ରତି ଲୋଭର ବର୍ଣ୍ଣନା ମଧ୍ୟ ରହିଛି । ପ୍ରସଙ୍ଗର ଅନୁରୋଧରେ ଅନ୍ୟାନ୍ୟ ଜାତିର ଜୀବନଚର୍ଯ୍ୟା ଫୁଟାଇବାକୁ ସେ ଭୁଲି ନାହାନ୍ତି ନିଜ ରଚନାରେ । ବିବାହ ସମୟରେ ଭଣ୍ଡାରି, ବ୍ରାହ୍ମଣ ଓ ନାହାକଙ୍କୁ ସେ ଯଥାବିଧି କାର୍ଯ୍ୟରେ ନିୟୋଜିତ କରାଇଛନ୍ତି ସାମାଜିକ ଚଳଣିରେ ସେମାନଙ୍କ ଅପରିହାର୍ଯ୍ୟତା ଦର୍ଶାଇବା ଲକ୍ଷ୍ୟରେ । ଏହା ତାଙ୍କ ବର୍ଣ୍ଣନାକୁ ଜୀବନ୍ତ କରିଛି ।

ପରିବାର ଓ ପାରିବାରିକ ପ୍ରେମ :

ମଣିଷ ଏକ ସାମାଜିକ ପ୍ରାଣୀ ହେତୁ ସମାଜରେ ସଂଘବଦ୍ଧ ଭାବେ ରହିବା ତା'ର ଧର୍ମ । ପ୍ରତ୍ୟେକ ସମାଜ କେତେକ ପରିବାରକୁ ନେଇ ସୃଷ୍ଟ ଓ ପ୍ରତ୍ୟେକ ପରିବାର ସ୍ୱାମୀ, ସ୍ତ୍ରୀ, ପୁତ୍ର, କନ୍ୟା, ପିତା, ମାତା ଆଦିଙ୍କୁ ନେଇ ଗଠିତ । ପ୍ରତ୍ୟେକ ପରିବାରରେ ପରସ୍ପର ମଧ୍ୟରେ ସ୍ନେହ, ପ୍ରେମ, ଭକ୍ତି, ଅନୁଜ୍ଞା ଇତ୍ୟାଦି ରହିଥାଏ ଏବଂ ଏହାହିଁ ଆମ ପରମ୍ପରାର ଏକ ବିଶେଷତ୍ୱ । ବାଳକୃଷ୍ଣଙ୍କ ନାଟକାବଳୀରେ ଏହି ପ୍ରକାର ପାରିବାରିକ ପ୍ରେମର ଚିତ୍ର ଭରି ରହିଛି । 'ଅମର ବିଳାସ'ରେ ଅମରର ଭ୍ରାତୃପ୍ରୀତି, ବିଳାସର ପତିଭକ୍ତି, 'ସୁଦାମା ଦାରିଦ୍ର୍ୟଭଞ୍ଜନ'ରେ ଶ୍ରୀକୃଷ୍ଣଙ୍କର ସଖାପ୍ରୀତି, 'ବାଣା ପରାଜୟ'ରେ ସଖୀମାନଙ୍କର ଉଷାପ୍ରତି ଆନ୍ତରିକ ପ୍ରୀତି ଏବଂ ଶ୍ରୀକୃଷ୍ଣ ଓ ବଳରାମଙ୍କ ସନ୍ତାନ ପ୍ରୀତି, 'କାଞ୍ଚନବାଳା'ରେ ବିଦ୍ୟାଧରଙ୍କର ପୁତ୍ର ସ୍ନେହ, 'ରାଜା ହରିଶ୍ଚନ୍ଦ୍ର'ରେ ଶୈବ୍ୟା ଓ ହରିଶ୍ଚନ୍ଦ୍ରଙ୍କର ପୁତ୍ର ସ୍ନେହ ଓ ଶୈବ୍ୟାଙ୍କର ପତିଭକ୍ତି, 'ସୁଶୀଳ ମାଳତୀ'ରେ ଭ୍ରାତୃସ୍ନେହ, 'ବସନ୍ତ ମଲ୍ଲିକା'ରେ ପୁତ୍ର ସ୍ନେହ ଓ ସଖୀପ୍ରୀତି, 'ଶ୍ରୀରାମ ବନଗମନ'ରେ କୌଶଲ୍ୟା ଓ ଦଶରଥଙ୍କ ବାତ୍ସଲ୍ୟପ୍ରେମ, ଶ୍ରୀରାମଙ୍କ ପିତୃଭକ୍ତି, ସୀତାଙ୍କର ପତିଭକ୍ତି ଏବଂ ଭରତ ଓ ଲକ୍ଷ୍ମଣଙ୍କ ଭ୍ରାତୃଭକ୍ତି, 'କୁମୁଦ କେଦାର'ରେ ଶିଶୁପ୍ରେମ, 'ଗୁପ୍ତମନ୍ତ୍ର'ରେ ରାଜଭକ୍ତି ପ୍ରଭୃତି ଖୁବ୍ ଚମତ୍କାର ଭାବେ ଓ ପ୍ରସଙ୍ଗକ୍ରମେ ବର୍ଣ୍ଣିତ ହୋଇ ସାମାଜିକ ବନ୍ଧନର ଦୃଢ଼ତା ଓ ପାରିବାରିକ ପ୍ରେମର ଗଭୀରତା ପ୍ରତିପାଦିତ ହୋଇଛି ।

ଖାଦ୍ୟପେୟ :

ବିଭିନ୍ନ ପ୍ରସଙ୍ଗରେ ନାଟ୍ୟାଗ୍ରର୍ଯ୍ୟଙ୍କ ରଚନାରୁ ଓଡ଼ିଆ ସମାଜର ଖାଦ୍ୟଦ୍ରବ୍ୟର ପରିଚୟ ମିଳେ । ଧନୀ, ଦରିଦ୍ର ଓ ମଧ୍ୟବିତ୍ତ ପରିବାରର ବର୍ଣ୍ଣନା ରହିଥିବାରୁ ଏହିସବୁ ପରିବାରର ଖାଦ୍ୟଦ୍ରବ୍ୟର ଉଲ୍ଲେଖ ତାଙ୍କ କୃତିମାନଙ୍କରେ ରହିବା ସ୍ୱାଭାବିକ ।

Digitized by srujanika@gmail.com

ରାଜାଘର ଖାଦ୍ୟ ମଧ୍ୟରେ ଘିଅପଚ଼ପଚ଼ିଆ କାକରା, ଅମାଲୁ, ଠୁଙ୍କାପୁରି, ମଗଜଲଡୁ ଆଦିର ସୂଚ଼ନା (ନିର୍ମଳପ୍ରଭା, ଗ୍ରନ୍ଥାବଳୀ, ପୃ : ୪୨୫) ମିଳୁଥିବାବେଳେ ସହରୀ ଲୋକଙ୍କ ଖାଦ୍ୟ ମଧ୍ୟରେ ପଲାଉ, ପାଉରୁଟି, ବିସ୍କୁଟ, କବାବ, କଟ୍‌ଲିସ୍, କରି ଆଦିର ଉଲ୍ଲେଖ (ପାଣି-ଧୋବଣୀ ଫାର୍ଶ, ଗ୍ରନ୍ଥାବଳୀ, ପୃ : ୪୬୫) ରହିଛି ।

ତାଙ୍କ ଗୀତିନାଟ୍ୟମାନଙ୍କରେ ଯେଉଁସବୁ ଖାଦ୍ୟଦ୍ରବ୍ୟର ପରିଚ଼ୟ ମିଳେ ସେସବୁ ଏବେ ବି ଆମ ସମାଜରେ ପ୍ରଚ଼ଳିତ । ସେସବୁ ଖାଦ୍ୟ ମଧ୍ୟରେ ରହିଛି କ୍ଷୀରି, ପୁରି, ଲୁଚ଼ି, ଲଡୁ, ମିଠାଇ, ରସଗୋଲା, ଚୂଡ଼ା, ଭୁଜା, ହୁଡୁମ, ବସାଦହି ଇତ୍ୟାଦି ପ୍ରଧାନ । ଦହିପଖାଳ, କାଞ୍ଜି, ଖୁଦପିଠା, ଶାଗ, ସନ୍ତୁଳା, ଶୁଖୁଆ ଇତ୍ୟାଦିର ପ୍ରଚ଼ଳନ ସେତେବେଳେ ଥିଲା ଏବେ ବି ରହିଛି । ପିଠାପଣା ଭିତରେ ମଣ୍ଡା, କାକରା, ଏଣ୍ଡୁରି, ଛୁଞ୍ଚିପତ୍ର ଇତ୍ୟାଦିର ଉଲ୍ଲେଖ କରିବାକୁ ନାଟ୍ୟାଗୁର୍ଯ୍ୟ ଭୁଲି ନାହାନ୍ତି । ଚମ୍ପାକଦଳୀ, କାଠିଆ କଦଳୀ, ବାଇଗଣ, ଛଚ଼ିନ୍ଦ୍ରା, ସଜନାଛୁଇଁ, ପୋଇଖାଡ଼ି ଆଦି ପରିବା; ମୁଗ, ବିରି, ହରଡ଼ ଆଦି ଡାଲି; ବାଳିଆ, ଜଳଙ୍ଗ, ଡାଟରା ଚିଙ୍ଗୁଡ଼ି ଆଦି ମାଛର ଉଲ୍ଲେଖ ତାଙ୍କ ରଚ଼ନାରେ ପ୍ରସଙ୍ଗକ୍ରମେ ରହିଛି । ନାରଙ୍ଗ, ଲେମ୍ବୁ, ଟଭା, ପିଆରା, କେନ୍ଦୁ, କଇଥ, ବେଲ, ଜାମୁରୋଳ, ଦ୍ରାକ୍ଷା, ତମାଳ ପ୍ରଭୃତି ଫଳ ଓ ବେତକୋଳି, ଭଇଁଚ଼ିକୋଳି, କ୍ଷୀରକୋଳି, ଜାମୁକୋଳି, କଣ୍ଟେଇକୋଳି, ବରକୋଳି ଇତ୍ୟାଦି କୋଳିର ପ୍ରାସଙ୍ଗିକ ସୂଚ଼ନା ତାଙ୍କ ରଚ଼ନାରେ ସ୍ଥାନ ପାଇଛି । ସମାଜରେ ପ୍ରଚ଼ଳିତ ଓଡ଼ିଆ ଘରର ଖାଦ୍ୟର ଏହିପରି ଟିକିନିଖି ବର୍ଣ୍ଣନା ତାଙ୍କ କୃତିରାଜିରେ ସହଜଲଭ୍ୟ ।

କୃଷି ଓ କୃଷକ :

କୃଷି ଓ କୃଷକ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କୃଷକ କୃଷି ଉପୁଜାଇ ଜଗତବାସୀଙ୍କ ମୁହଁରେ ଦାନା ଦିଏ । ତେଣୁ କୃଷକ ସମାଜରେ ବିଶେଷ ସ୍ଥାନର ଅଧିକାରୀ । ଧାନ ଆମର ପ୍ରଧାନ ଫସଲ । ଧାନରୁ ଗ୍ରଉଳ, ଭୁଜା, ଚୂଡ଼ା, ହୁଡୁମ ଆଦି ପ୍ରସ୍ତୁତ ହୁଏ, ଯାହା ଓଡ଼ିଆର ପ୍ରିୟ ଖାଦ୍ୟ । ଯେଉଁସବୁ କୃଷିଜାତ ଦ୍ରବ୍ୟ ବିଷୟରେ ନାଟ୍ୟାଗୁର୍ଯ୍ୟ ସୂଚ଼ନା ଦେଇଛନ୍ତି ସେସବୁ ମଧ୍ୟରେ ରହିଛି ଶାରଦ, ବିଆଳି, ମାଣ୍ଡିଆ, ହରଡ଼, ମୁଗ ଆଦି ଧାନ ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟମାନ । ଯେଉଁ ଜମିମାଲିକମାନେ ପାରୁଥିଲେ ସେମାନେ ହାତ ଗୃଷ କରୁଥିଲେ ଓ ଯେଉଁମାନେ ପାରୁନଥିଲେ ସେମାନେ ଭାଗ ଲଗାଇ ଦେଉଥିଲେ । ଜମି ବାବଦକୁ ସେମାନେ କୃଷିଜାତ ଦ୍ରବ୍ୟରୁ ଅର୍ଦ୍ଧେକ ପାଉଥିଲେ । ପ୍ରବଳ ବନ୍ୟାରେ ଫସଲ ଧୋଇ ଯାଉଥିଲା । କୃଷକକୁ ବହୁ କ୍ଷତି ସହିବାକୁ ପଡୁଥିଲା । ବନ୍ୟା ଛାଡ଼ିଗଲାପରେ ଜମିରେ ପଟୁମାଟି ମାଡ଼ିଯାଉଥିଲା । ସେଥିରେ ସୋରିଷ, ବିରି, ବାଇଗଣ ଆଦି ଅଧିକ ପରିମାଣରେ

Digitized by srujanika@gmail.com

ଗୃଷ ହୋଇ ଗୃଷୀକୁ ଲାଭବାନ କରୁଥିଲା । ବର୍ତ୍ତମାନ ମଧ୍ୟ ଏହି କୃଷିବ୍ୟବସ୍ଥା ଅପରିବର୍ତ୍ତିତ ରହିଛି ।

ବ୍ୟବସାୟ ବାଣିଜ୍ୟ :

ବ୍ୟବସାୟ ବାଣିଜ୍ୟ ବିଷୟରେ ବାଳକୃଷ୍ଣଙ୍କ ରଚ଼ନାରେ ପରୋକ୍ଷ ସୂଚ଼ନା ରହିଛି । କଦଳୀ ବିକ୍ରିର ଚିତ୍ର, ମାଛ ବିକ୍ରିର ଚିତ୍ର, ପାଟ, ଧୋତି, ଗୃଦର, କୋଟ୍, ପ୍ୟାଣ୍ଟ୍, ସୁନା ଓ ଗୃଦିର ଗହଣା ଇତ୍ୟାଦି ବିକ୍ରୟର ଚିତ୍ର ତାଙ୍କ ରଚ଼ନାବଳୀରେ ରହିଛି । ନଗଦ ଆକାରରେ ବା ବାକି ଆକାରରେ କିଣା ବିକା ଚ଼ଳୁଥିଲା । କ୍ରୟ ପୂର୍ବରୁ ମୂଲଗୃଲ ମଧ୍ୟ କରାଯାଉଥିଲା । ନୌବାଣିଜ୍ୟର ପ୍ରଚ଼ଳନ ମଧ୍ୟ ସେତେବେଳେ ଥିଲା । 'ଅମର ବିଳାସ'ରେ ଦୁଇ ରାଜପୁତ୍ର ବ୍ୟବସାୟ ଉଦ୍ଦେଶ୍ୟରେ ଗଙ୍ଗା ନଦୀରେ ବୋଇତ ନେଇ ଯାଉଥିବା କଥା କୁହାଯାଇଛି । ନୌବାଣିଜ୍ୟ ଆମ ସଂସ୍କୃତିରେ ନୂଆ କଥା ନୁହେଁ । ସୁଦୂର ଜାଭା, ବାଲି, ବୋର୍ଣ୍ଣିଓ, ସୁମାତ୍ରା ଆଦି ଦ୍ୱୀପକୁ ଓଡ଼ିଆ ସାଧବ ପୁଅ ପାଲଟଣା ବୋଇତରେ ଯାଉଥିବା ଆମର ଏକ ପୁରାତନ ପରମ୍ପରା ।

ଶିକ୍ଷା ଓ ଶିକ୍ଷକ :

ବାଳକୃଷ୍ଣଙ୍କ ସମୟରେ ପ୍ରାଚ଼ୀନ ପଦ୍ଧତିର ଶିକ୍ଷା ପ୍ରଚ଼ଳିତ ଥିଲା । ପ୍ରାଚ଼ୀନ ପଦ୍ଧତିରେ ଭାଗବତ ଅଧ୍ୟାୟେ ପଢ଼ିପାରିଲେ ପାଠପଢ଼ା ସରିଯିବାର ଧାରଣା ଲୋକମାନଙ୍କର ଥିଲା । ବ୍ରିଟିଶ ଶାସନକାଳରେ ଦେଶରେ ଇଂରାଜୀ ଶିକ୍ଷାର ପ୍ରଚ଼ଳନ ଘଟିଲା । ପ୍ରାଚ଼ୀନ ଓ ଆଧୁନିକ ଉଭୟ ପଦ୍ଧତିରେ ଶିକ୍ଷାଦାନ କରାଗଲା । ଶେଷରେ ବିଦ୍ୟାଳୟ ପାଠ୍ୟଖସଡ଼ାରୁ 'ଭାଗବତ' ପଢ଼ା ଉଠିଗଲା । ପିଲେ ଇଂରାଜୀ ସହିତ ଅନ୍ୟ ପାଠ ପଢ଼ିଲେ, ଡ୍ରଇଂ ଶିଖିଲେ, ଡ୍ରିଲ୍ କଲେ । 'କେଦାର ଗୌରୀ' ଗୀତିନାଟ୍ୟରେ ଶିକ୍ଷାର୍ଥୀ ମଧୁର ଅଜା ପାଠଶାଳାକୁ ଯାଇ ନାତି ଭାଗବତ ବଦଳରେ ଇଂରାଜୀ ପଢୁଥିବାରୁ କ୍ଷୁବ୍ଧ ହୋଇଛନ୍ତି ଏବଂ ନାତିର ପାଠପଢ଼ା ବନ୍ଦ କରିଦେବାକୁ ନିଷ୍ପତ୍ତି ନେଇଛନ୍ତି । ସେତେବେଳେ କେତେକ ରକ୍ଷଣଶୀଳ ଅଶିକ୍ଷିତ ବ୍ୟକ୍ତି ନୂତନ ଶିକ୍ଷାପଦ୍ଧତିକୁ ଗ୍ରହଣ କରିପାରି ନଥିଲେ ।

ସେତେବେଳେ ଶିକ୍ଷକମାନେ ବିଦ୍ୟାଶିକ୍ଷା ଦେବାକୁ ଏକ ମହତ୍ କର୍ତ୍ତବ୍ୟ ବୋଲି ଗ୍ରହଣ କରିନେଇଥିଲେହେଁ ସେମାନଙ୍କ ମଧ୍ୟରୁ କେତେକ ଛାତ୍ରମାନଙ୍କୁ ଭୟ ଦେଖାଇ ସେମାନଙ୍କ ଘରୁ ସଜନାଛୁଇଁ, ବାଇଗଣ, ଛଚ଼ିନ୍ଦ୍ରା, ଶୁଖୁଆ ଓ ଧୂଆଁପତ୍ର ଆଣିବା ଲାଗି ବାଧ୍ୟ କରୁଥିଲେ । (କେଦାର ଗୌରୀ) ସେହିପରି ଛାତ୍ର ପଢ଼ିବାକୁ ଆସନ୍ତୁ ନ ଆସନ୍ତୁ ସେଥିପ୍ରତି ଦୃଷ୍ଟି ନ ଦେଇ ଦରମା ଗଣ୍ଡାକ ଠିକ୍ ସମୟରେ ମିଳିଗଲେ କେତେକ ଶିକ୍ଷକ ସନ୍ତୁଷ୍ଟ ରହୁଥିଲେ । (ଅମର ବିଳାସ)

Digitized by srujanika@gmail.com

ଅଧୁନା ଶିକ୍ଷାଦାନ ପଦ୍ଧତି ଓ ଶିକ୍ଷକଙ୍କ ମନୋବୃତ୍ତିରେ ଅବଶ୍ୟ ପରିବର୍ତ୍ତନ ଆସିଛି ।

ବିବାହ ବ୍ୟବସ୍ଥା :

ବିବାହ ଏକ ସାମାଜିକ ପ୍ରଥା । କନ୍ୟାପିତା ଓ ବରପିତା ନିଜ ନିଜ କନ୍ୟା ଓ ପୁତ୍ର ପାଇଁ ପାତ୍ରପାତ୍ରୀ ଖୋଜନ୍ତି । ନିଜ ଆଖିରେ କେହି ଥିଲେ ବିବାହ ପଡ଼ି ସୁରୁଖୁରୁରେ ସରିଯାଏ; ସେପରି ନଥିଲେ ମଧ୍ୟସ୍ଥିର ସାହାଯ୍ୟ ନେବାକୁ ହୁଏ । 'କେଦାର ଗୌରୀ'ରେ ଗୌରୀର ପିତା ଗୌରୀ ବୟଃପ୍ରାପ୍ତା ହେବାପରେ ସୁପାତ୍ରଟିଏ ଖୋଜି ଦେବାକୁ ମଧ୍ୟସ୍ଥିକୁ କହିଛନ୍ତି । କନ୍ୟା ମଧ୍ୟ ନିଜ ମନମୁତାବକ ବର ବାଛି ପାରୁଥିଲା । ବରଣମାଳା ଦେଇ କନ୍ୟା ନିଜ ଜୀବନସାଥୀ ନିର୍ବାଚନ କରିପାରୁଥିଲା । ବିବାହ ପୂର୍ବରୁ ବନ୍ଧୁବାନ୍ଧବଙ୍କୁ ଲୋଡ଼ା ଯାଉଥିଲା । କିଛି ମନୋମାଳିନ୍ୟ ଘଟିଥିଲେ ନିମନ୍ତ୍ରଣ ବନ୍ଦ କରିଦିଆଯାଉଥିଲା ।

ବର ଜାକଜମକରେ କନ୍ୟା ଘରେ ପହଞ୍ଚୁଥିଲା । ବିବାହ ବିଧିରେ ବାଟବରଣ, ଦିଅଁମଙ୍ଗୁଳା, ପୁରୋହିତଙ୍କ ଦ୍ୱାରା ବେଦୀରେ ଆନୁଷ୍ଠାନିକ ଭାବରେ ବରକନ୍ୟାଙ୍କ ବିବାହ ସମ୍ପନ୍ନ ହେଉଥିଲା । ବିଦାୟକାଳରେ କନ୍ୟାକୁ ଶାଶୁଘରେ ସୁରୁରୁପେ ଚଳିବା ନିମନ୍ତେ ଉପଦେଶ ଦେଉଥିଲେ ଗୁରୁଜନମାନେ, ଯେପରି ହୋଇଛି 'ଘଟୋତ୍କଚ' ଗୀତିନାଟ୍ୟରେ ଶଶୀରେଖାକୁ ଶ୍ରୀକୃଷ୍ଣଙ୍କ ଉପଦେଶ ପ୍ରଦାନ କାଳରେ । ବିବାହ ବିଧିବିଧାନ ବର୍ଣ୍ଣନାରେ ନାଟ୍ୟାଚାର୍ଯ୍ୟଙ୍କ ସମାଜସଚେତନତା ବେଶ୍ ଫୁଟିଉଠିଛି, ବିବାହ ଭଳି ଏକ ପବିତ୍ର ବନ୍ଧନର ଅମର୍ଯ୍ୟାଦା ନ କରିବା ପାଇଁ ଉପଦେଶ ଦେବା ଛଳରେ ।

ପାଶ୍ଚାତ୍ୟ ପ୍ରଭାବରେ ସେତେବେଳେ ରେଜେଷ୍ଟ୍ରି ବିବାହ ବ୍ୟବସ୍ଥା ଭାରତୀୟ ସମାଜରେ ଅନୁପ୍ରବେଶ କରିସାରିଥିଲା; କିନ୍ତୁ ସେତେବେଳେ ଆମ ସମାଜରେ ଏହାର ବିଶେଷ ପ୍ରଚଳନ ନ ଥିଲେ ବି ଆମକୁ ଅଜଣା ନଥିଲା । 'ଗୁପ୍ତମନ୍ତ୍ର'ରେ ଧୂମକେତୁ ନାମକ ଚରିତ୍ର କହିଛି—"ହାଇରେ କପାଳ, କି ଭୁଲ କର୍ମ କଲି ! ବିବାହବେଳେ ଦୁଇ ତିନିଟା ଓକିଲ ବସାଇ ରେଜେଷ୍ଟରୀ ମୋହରଟା ବାଡ଼େଇ ଦେଇଥିଲେ କଥାଟା ପକ୍କା ହୋଇଯାଇଥାନ୍ତା !" (ଗ୍ରନ୍ଥାବଳୀ, ପୃ : ୩୮୬) ମନେହୁଏ, ଏଇ ନାଟକଟି ଏକ ବଙ୍ଗଳା ନାଟକର ଛାୟାରେ ରଚିତ ହୋଇଥିବାରୁ ଏଥିରେ ରେଜେଷ୍ଟ୍ରି ବିବାହ ପ୍ରସଙ୍ଗଟି ସ୍ୱତଃ ମୁଣ୍ଡ ଟେକିଛି ।

ସମାଜରେ ବୃଦ୍ଧ ବିବାହ ପ୍ରଥାର ପ୍ରଚଳନ ଥିଲା । 'ଦାନବୀର ରାଜା ହରିଶ୍ଚନ୍ଦ୍ର', 'ଘଟୋତ୍କଚ', 'କୁମୁଦ କେଦାର' ଆଦି ଗୀତିନାଟକରେ ଏ ପ୍ରସଙ୍ଗର ଉଲ୍ଲେଖ ରହିଛି ।

Digitized by srujanika@gmail.com

ବିବାହ ପରେ ଛାଡ଼ପତ୍ର ଦେବାର ବ୍ୟବସ୍ଥା ମଧ୍ୟ ଥିଲା, ଯାହାର ସୂଚନା 'କୁମୁଦ କେଦାର' ଗୀତିନାଟ୍ୟରୁ ମିଳେ । (ଗ୍ରନ୍ଥାବଳୀ, ପୃ : ୩୪୦)

ପରମ୍ପରାକ୍ରମେ ଚଳି ଆସିଥିବା ବିବାହ ବ୍ୟବସ୍ଥା ବାଳକୃଷ୍ଣଙ୍କ ସମୟରେ ଯେପରି ଥିଲା, ଏବେ ବି ସେହିପରି ରହିଛି ।

ଲୋକବିଶ୍ୱାସ :

ବହୁ ବିଚିତ୍ର ଲୋକବିଶ୍ୱାସ ଆମ ସମାଜରେ ପ୍ରଚଳିତ । ଏସବୁର ଉତ୍ପତ୍ତି କେବେ ହେଲା ଓ କେଉଁ ପରିସ୍ଥିତିରୁ ହେଲା, ତାହା ଜାଣିବା ସହଜ ନୁହେଁ; କିନ୍ତୁ ଆମ ସମାଜର ଏହା ଅସ୍ଥିମଜ୍ଜାଗତ । ପୁରୁଷଙ୍କର ବାମଚକ୍ଷୁ ଓ ବାମବାହୁ ଏବଂ ନାରୀଙ୍କର ଦକ୍ଷିଣ ଚକ୍ଷୁ ଓ ଦକ୍ଷିଣ ବାହୁ କଂପିବା ବା ଡେଇଁବା ଅମଙ୍ଗଳ ଲକ୍ଷଣ ଭାବରେ ଗୃହୀତ ହୋଇଥାଏ । ବାଳକୃଷ୍ଣଙ୍କ ରଚନାରେ ଏହାର ଝଲକ ଦେଖିବାକୁ ମିଳେ । 'ବସନ୍ତ ମଲ୍ଲିକା'ରେ ରାଜନନ୍ଦିନୀ ମଲ୍ଲିକା ସଖୀମାନଙ୍କୁ କହିଛି—"ସଖି ଗୋ ! ମୋର ଦକ୍ଷିଣ ନେତ୍ର ଦକ୍ଷିଣ ବାହୁ ବାରମ୍ବାର କମ୍ପୁଛି, ଏତ ବଡ଼ ଅମଙ୍ଗଳର କାରଣ ।" (ଗ୍ରନ୍ଥାବଳୀ, ପୃ : ୧୮୯) 'ନିର୍ମଳ ପ୍ରଭା'ରେ ନିର୍ମଳର ମଇତ୍ର ପ୍ରଭାକର ନିର୍ମଳ ଉଦ୍ଦେଶ୍ୟରେ କହିଛି—"ବନ୍ଧୁ ! ବାମନୟନ ଅଧୋଭାଗର ଅଧସ୍ଥାନ ସ୍ଫୁରିଲେ ଅଙ୍ଗପୀଡ଼ା, ଉର୍ଦ୍ଧ୍ୱସ୍ଥାନ ସ୍ଫୁରିଲେ ମାନହାନି, ନେତ୍ରପ୍ରାନ୍ତେ ଧନହାନି ଓ କୋଣେ ବନ୍ଧୁନାଶ ।" (ଗ୍ରନ୍ଥାବଳୀ, ପୃ : ୪୧୭)

ଦକ୍ଷିଣ ନେତ୍ର ସ୍ପନ୍ଦନ ଏକ ଶୁଭଲକ୍ଷଣ ଭାବରେ ଗ୍ରହଣ କରାଯାଏ । 'ନିର୍ମଳ ପ୍ରଭା'ରେ ରାଜା ସୁରସେନ ମନ୍ତ୍ରୀଙ୍କୁ ନିଜ ଦକ୍ଷିଣ ଚକ୍ଷୁ ମୁହୁର୍ମୁହୁ ସ୍ପନ୍ଦିତ ହେଉଛି ବୋଲି କହିବାରୁ ମନ୍ତ୍ରୀ କହିଛନ୍ତି—"ମହାରାଜ ! ଏହା ଗୋଟେ ଶୁଭ ଶକୁନ, କାରଣ ଦକ୍ଷିଣାର୍ଦ୍ଧ ଅଧୋଭାଗେ ସୁଖଲାଭ, ଉର୍ଦ୍ଧ୍ୱେ ସନ୍ମିତ୍ର ଲାଭ, ନେତ୍ରପ୍ରାନ୍ତେ ଧନଲାଭ, କୋଣେ ବନ୍ଧୁଲାଭ ।" (ଗ୍ରନ୍ଥାବଳୀ, ପୃ : ୪୨୪)

ଏହି ପ୍ରକାର ଲୋକବିଶ୍ୱାସ ବାଳକୃଷ୍ଣଙ୍କ ଅନ୍ୟାନ୍ୟ ଗୀତିନାଟ୍ୟରେ ମଧ୍ୟ ପ୍ରଦତ୍ତ ।

ମଙ୍ଗଳବାରକୁ କେହି କେହି ଅଶୁଭ ମନେକରି ଏଦିନ କିଛି କାର୍ଯ୍ୟ ଆରମ୍ଭ କରନ୍ତି ନାହିଁ ବା ଶୁଭକାର୍ଯ୍ୟରେ ଯାଆନ୍ତି ନାହିଁ । 'ଦାନବୀର ହରିଶ୍ଚନ୍ଦ୍ର' ଗୀତିନାଟ୍ୟରେ ବିଦୂଷକ କହିଛି—"ମଙ୍ଗଳବାର, ନାମଟି ଉତ୍ତମ; କିନ୍ତୁ ଏହି ବାରରେ ସବୁ ଅମଙ୍ଗଳଯାକ ଘଟେ । ଏ ମଙ୍ଗଳବାରରେ ମଲେ ଏକ ପାଦ ଦୋଷ । ମଙ୍ଗଳବାର ଯାତ୍ରା ନିଷେଧ, ଗୃହପ୍ରବେଶ ନିଷେଧ ।" (ଗ୍ରନ୍ଥାବଳୀ, ପୃ : ୧୨୦)

କୌଣସି କାର୍ଯ୍ୟରେ ଆଗେଇବାବେଳେ ବାମରେ ଶାଗୁଣା ଓ ଡାହାଣରେ ବିଲୁଆ ଦେଖିଲେ, ଫଣା ଟେକିଥିବା ସର୍ପ ଦେଖିଲେ, ପେଚାର ରଡ଼ି ଶୁଣିଲେ ବିଘ୍ନ

Digitized by srujanika@gmail.com

ଘଟିବା ନିଶ୍ଚିତ ଜାଣି ସେ କାର୍ଯ୍ୟ ସ୍ଥଗିତ ରଖିବା ଉଚିତ । ବନବାସ ପୂର୍ବରୁ ଏହିପରି ଅଶୁଭ ଶକୁନମାନ ଦେଖି ରଥକୁ ଫେରାଇ ଆଣିବାକୁ ସୀତା ଲକ୍ଷ୍ମଣଙ୍କୁ ଉପଦେଶ ଦେଇଛନ୍ତି 'ସୀତା ବନବାସ' ଗୀତିନାଟ୍ୟରେ । (ପୃ : ୧୨)

ଏହିପରି ବହୁ ଅମୂଳକ ଲୋକବିଶ୍ୱାସ ବାଳକୃଷ୍ଣକାଳୀନ ସମାଜରେ ଥିଲା ଏବଂ ଆଧୁନିକ ସମାଜରେ ବି ରହିଛି ।

କପାଳ ଲିଖନ/ଭାଗ୍ୟବାଦରେ ବିଶ୍ୱାସ :

ଭାଗ୍ୟ ଓ ଭଗବାନଙ୍କ ଉପରେ ଆମର ବିଶ୍ୱାସ ବହୁକାଳରୁ । ଏହା ଅନ୍ୟତମ ଲୋକବିଶ୍ୱାସ । ଏହି ବିଶ୍ୱାସରେ ନିଜେ ବାଳକୃଷ୍ଣ ଓ ତାଙ୍କ ରଚନାମାନଙ୍କରେ ବହୁ ଚରିତ୍ର ବିଶ୍ୱାସୀ । ରାତିପାହିଥିଲେ ରାମ ରାଜା ହୋଇଥାନ୍ତେ । କିନ୍ତୁ ସେହି ରାତିରେ ସବୁ ଓଲଟପାଲଟ ହୋଇଗଲା । ରାମଙ୍କୁ ଚଉଦବର୍ଷ ବନବାସ କରିବାକୁ ପଡ଼ିଲା । ଏହା କପାଳ ଲିଖନ ବ୍ୟତୀତ ଆଉ କ'ଣ ହୋଇପାରେ ? ଏଥିରେ ବ୍ୟଥିତ ମାତା କୌଶଲ୍ୟାଙ୍କୁ ପ୍ରବୋଧନା ଦେଇ ରାମଚନ୍ଦ୍ର କହୁଛନ୍ତି—"ମା' ! ବିଧାତା ଯା' କପାଳେ ଲେଖିଛି, ତା' ନିଶ୍ଚୟ ଭୋଗ କରିବାକୁ ହେବ । ତେବେ ଚିନ୍ତା କ'ଣ ?" (ଗ୍ରନ୍ଥାବଳୀ, ପୃ : ୩୨୧) ପ୍ରଜାମାନଙ୍କୁ ସାନ୍ତ୍ୱନା ଦେଇ ରାମଚନ୍ଦ୍ର ଅନ୍ୟତ୍ର କହିଛନ୍ତି—

"କରମ କଥାକୁ କେବା କରିପାରେ ଆନ
ଦୁଃଖ ସୁଖ ଦୁଇ ମୁଣ୍ଡେ ସଂସାର ଚଳନ ।" (ଗ୍ରନ୍ଥାବଳୀ, ପୃ: ୩୨୮)

'ଚତୁରୀ ଚମ୍ପାଫୁଲ'ରେ ମନ୍ତ୍ରୀ ସ୍ୱକନ୍ୟା ଚମ୍ପା ସହିତ କଥୋପକଥନ କାଳରେ କହିଛନ୍ତି—

"କେତେ କହିବି ଦୁହିତା ମୋ କରମ କଥାରେ
ବିପକ୍ଷ ହୋଇ ବିଧାତା କରେ ହଟହଟାରେ ।"

(ଗ୍ରନ୍ଥାବଳୀ, ପୃ : ୪୫୮)

ବାଳକୃଷ୍ଣ ନିଜର ବହୁ ଚରିତ୍ରଙ୍କୁ ଏହିପରି ଭାଗ୍ୟବାଦ, ଦୈବବିଶ୍ୱାସ ଓ କର୍ମଫଳରେ ବିଶ୍ୱାସୀ କରାଇଛନ୍ତି । ବାଳକୃଷ୍ଣଙ୍କ ଏହି ବିଶ୍ୱାସରେ ଦାୟାଦ ସୂତ୍ରରେ ଆମେ ଏବେ ମଧ୍ୟ ବିଶ୍ୱାସୀ ।

ସଂସ୍କାରଧର୍ମୀ ଚେତନା

ବାଳକୃଷ୍ଣ ନିଜ ରଚନାବଳୀରେ ଅନେକତ୍ର ମାଦକଦ୍ରବ୍ୟ ସେବନ, ବେଶ୍ୟାଗୃହ ଗମନ, ବୃଦ୍ଧ ବିବାହ, ଜାତିପ୍ରଥା ଇତ୍ୟାଦିର କୁପରିମାଣ ଦର୍ଶାଇ ସେସବୁ ବିରୋଧରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ସ୍ୱରୋତ୍ତୋଳନ କରିଛନ୍ତି । ଏହା ତାଙ୍କ ସାମାଜିକ ସଚେତନତାର ଏକ ବିଶେଷ ବିଭାବ ।

Digitized by srujanika@gmail.com

ସ୍ମରଣାତୀତ କାଳରୁ ପ୍ରଚଳିତ ଜାତିପ୍ରଥା ପରିବର୍ତ୍ତିତ ପରିସ୍ଥିତିରେ ଏକ ସାମାଜିକ କଳଙ୍କ । ବାଳକୃଷ୍ଣଙ୍କ ସମୟରେ ଏହା ଅତି ତୀବ୍ର ଥିଲା । ନିମ୍ନବର୍ଗର ଲୋକଙ୍କୁ ଉଚ୍ଚବର୍ଗର ଲୋକେ ଅଛୁଆଁ ଜାତିର ଲୋକ କହି ଛୁଇଁବାକୁ ବି ପଛାଉ ଥିଲେ । ବାଳକୃଷ୍ଣଙ୍କ ରଚନାବଳୀରେ ଏହାର କେତେକ ଦୃଷ୍ଟାନ୍ତ ମିଳେ । 'ପାଣି-ଧୋବଣୀ ଫାର୍ସ'ରେ ଧୋବଣୀ ପାର୍ବତୀ ରସିକ ଜଇ ପାଣିଙ୍କୁ କହିଛି—"ତେମେ ପରା ବ୍ରାହ୍ମଣ, ମୋତେ କିପରି ଛୁଇଁବ ?" (ଗ୍ରନ୍ଥାବଳୀ, ପୃ : ୪୬୮)

ନିମ୍ନଜାତିର ଲୋକଙ୍କୁ ଛୁଇଁବା କେବଳ ମନା ନଥିଲା, ସେମାନଙ୍କର ଦ୍ରବ୍ୟ ମଧ୍ୟ ଛୁଇଁବାକୁ ବାରଣ କରାଯାଉଥିଲା । 'ନିର୍ମଳ-ପ୍ରଭା' ଗୀତିନାଟ୍ୟରେ ଘାତକ ତା' ହାତରୁ ଖସି ପଡ଼ିଥିବା ଛୁରୀଟି ତଳୁ ଉଠାଇ ଆଣିବାକୁ ଦୂତକୁ କହିବାରୁ, ଦୂତ କହିଛି—"ମୁଁ କ'ଣ ତୋ ଛୁରୀ ଛୁଇଁ ଜାତିରୁ ଅଟକ ହୋଇ ଛାମୁଣ୍ଡିଆ ଟେକିବି ନା କ'ଣ ?" (ଗ୍ରନ୍ଥାବଳୀ, ପୃ : ୪୩୦) ଏଥିରୁ ଜଣାଯାଏ ଯେ ସେତେବେଳେ ନିମ୍ନଜାତି ଭାବେ ପରିଗଣିତ ଲୋକକୁ ଛୁଇଁଦେଲେ ବା ତାହାଦ୍ୱାରା ବ୍ୟବହୃତ କୌଣସି ଦ୍ରବ୍ୟ ଛୁଇଁଦେଲେ ପ୍ରାୟଶ୍ଚିତ୍ତ କରିବାକୁ ପଡୁଥିଲା ।

ଧୀରେ ଧୀରେ ଏହି ସାମାଜିକ କଟକଣା କୋହଳ ହେବାକୁ ଲାଗିଲା ଏବଂ ବାଳକୃଷ୍ଣଙ୍କ ସମୟକୁ ଏହି କୋହଳ ଭାବ ଅନୁଭୂତ ହେଉଥିଲା । ଏହାର ପ୍ରମାଣ ମିଳେ 'ଚତୁରୀ ଚମ୍ପାଫୁଲ'ରେ ତେଙ୍ଗୁରାବାଲାର ଉକ୍ତିରେ । ବାଳକୃଷ୍ଣ ତା' ମୁଖରେ ଯେଉଁ ସ୍ୱଗତୋକ୍ତି ଖଞ୍ଜି ଦେଇଛନ୍ତି ତାହା ଏହିପରି—"ଦୁନିଆରେ ହାଡ଼ି ଜାତିଟା ଏଡ଼େ ଖରାପ କାହିଁକି ? ଆମେତ ଭାରତମାତାର ଗୋଟିଏ ପୁଅ, ଆମକୁ ଛୁଇଁଲେ ସମସ୍ତେ ଛୁଆଁ ହେବେ, ଯେଉଁଠି ବାବୁଭାୟାମାନେ ବସିଥିବେ ଆମେ ଦି ପଦିକା ବାଟ ଆଡ଼େଇ ହୋଇଯିବୁ; ଆମେ କାହାକୁ କିଛି ହାତ ପତାଇ ମାଗିଲେ ଦେଲା ଲୋକ ପାଞ୍ଚହାତ ଦୂରରୁ ଫୋପାଡ଼ିଦେବେ । ଯାହାହେଉ, ଏଣିକି ଆମେ ଟିକିଏ ବାଗକୁ ଆସିଲୁଣି । ନିମ୍ନରୁ ଟିକିଏ ଉଚ୍ଚକୁ ଉଠିଲୁଣି ।" (ଗ୍ରନ୍ଥାବଳୀ, ପୃ : ୪୪୪) ମନେହୁଏ ସ୍ୱାଧୀନତା ପରବର୍ତ୍ତୀ କାଳରେ ଛୁଆଁ-ଅଛୁଆଁ ଭେଦଭାବ ଉଠାଇ ଦେବାପାଇଁ ଚାଲିଥିବା ଅଭିଯାନ କାଳରେ ବା ତା'ର ଟିକିଏ ପରେ ଏହି ଗୀତିନାଟ୍ୟଟି ରଚିତ ।

ବାଳକୃଷ୍ଣ ଥିଲେ ସଂସ୍କାରବାଦୀ । ତେଣୁ ସେ ଜାତିଭେଦ ଓ ଛୁଆ-ଅଛୁଆଁ ଭାବକୁ ଆଦୌ ପସନ୍ଦ କରୁ ନଥିଲେ । ଏହାର ପ୍ରମାଣ ମିଳେ 'ସୁଶୀଳ ମାଳତୀ' ଗୀତିନାଟ୍ୟରେ । ବାଟବଣା ସୁଶୀଳ ଶବର ଘରେ ପୁତ୍ର ଭଳି ରହିଛି, ଶବର ଘରେ ଖାଇଛି, ଶବର ବୃତ୍ତି ଗ୍ରହଣ କରିନେଇଛି । ଏଠାରେ ଜାତିପ୍ରଥାର କଟକଣା ଲାଗୁ ହୋଇ ନାହିଁ । ସେହି ସମୟରେ ରାଜକୁମାରୀ ମାଳତୀ ନିଜ ମନଲାଖି ବର ନ ପାଇ ନିଜର ଚିତ୍ରପଟଟିଏ ଚଉମୁହାଣି ରାସ୍ତାରେ ରଖିଦେଇ, ତାହାକୁ ଯେ ସ୍ପର୍ଶ

Digitized by srujanika@gmail.com

କରିବ ଜାତ, ବର୍ଣ୍ଣ ନିର୍ବିଶେଷରେ ସେ ତାହାକୁ ବିବାହ କରିବ ବୋଲି ଘୋଷଣା କରିଛି । ଏଠାରେ ମଧ୍ୟ ଜାତିଭେଦକୁ ଅମାନ୍ୟ କରାଯାଇଛି । ଶେଷରେ ଏହି ରାସ୍ତାରେ ଶବରବେଶୀ ସୁଶୀଳ ଶିକାର କରିଥିବା ମୃଗଭାର ସହ ଗଲାବେଳେ ସେହି ଚିତ୍ରପଟକୁ ସ୍ପର୍ଶ କରିଛି । ତାକୁ ପ୍ରହରୀ ଧରି ନେଇଛି ଓ ତାକୁ ରାଜକୁମାରୀ ସହିତ ବିବାହ କରାଇ ଦିଆଯାଇଛି ଜାତି-ଅଜାତିର ବିଗ୍ଚର ନ କରାଯାଇ । ଜାତିରେ ଶବର ହେଲେ ବି ରାଜକୁମାରୀଙ୍କୁ ବିବାହ କରିବାରେ ତା'ର ନିମ୍ନ ଜାତିଟା ବାଧକ ହୋଇ ନାହିଁ । ଏହାରି ମାଧ୍ୟମରେ ବାଳକୃଷ୍ଣ ଜାତି-ଅଜାତି ଭେଦକୁ ଅଗ୍ରାହ୍ୟ କରି ଏକ ଜାତିହୀନ, ଶ୍ରେଣୀହୀନ ସମାଜର ପରିକଳ୍ପନା କରିଛନ୍ତି ଏବଂ ଏକ ମହତ୍ ସନ୍ଦେଶ ଜାତି ଓ ସମାଜକୁ ଶୁଣାଇଛନ୍ତି ।

ବୃଦ୍ଧବିବାହ :

ପୂର୍ବେ ଆମ ସମାଜରେ ବୃଦ୍ଧ ବିବାହର ପ୍ରଚଳନ ଥିଲା । ଜଣେ ଷାଠିଏ ବର୍ଷର ଧନୀ ବୃଦ୍ଧ ମଧ୍ୟ ଜଣେ ନାବାଳିକାକୁ ବିବାହ କରିପାରୁଥିଲା । ଏହାର ଚିତ୍ରଟିଏ ବାଳକୃଷ୍ଣଙ୍କ 'ଦାନବୀର ରାଜା ହରିଶ୍ଚନ୍ଦ୍ର' ଗୀତିନାଟ୍ୟରୁ ଦେଖାଯାଉ । ଜଣେ ନାଗରିକକୁ ଏକ କମ୍ ବୟସର ନାରୀ ଚଢ଼ା ଗଳାରେ ଗାଳି ଦେଉଥିବା ସମୟରେ ବିଶ୍ୱାମିତ୍ରଙ୍କ ସହିତ ତା'ର ଯେଉଁ କଥୋପକଥନ ହୋଇଛି, ସେଥିରୁ କେଇପଦ—

"ବିଶ୍ୱାମିତ୍ର - ସେ ତୋର କ'ଣ ହୁଏ ?

ନାଗରିକ - ସେ କିଏ ବୁଝିପାରୁ ନାହଁ ? କି ଆପଣଙ୍କର କ'ଣ ନାହିଁକି ? ହାତରୁ ଏ ପର୍ଯ୍ୟନ୍ତ ପାଣି ମରି ନାହିଁ ।

ବିଶ୍ୱାମିତ୍ର - କ'ଣ କହୁଛୁ ମୁଁ ବୁଝିପାରୁ ନାହିଁ ।

ନାଗରିକ - ବୁଝିପାରୁ ନାହଁ ? ଏତେ ହାକିମି ଆଉ କାହାର ହୁଅନ୍ତା; ତୃତୀୟ ପକ୍ଷ, ତୃତୀୟ ପକ୍ଷ ।

ବିଶ୍ୱାମିତ୍ର - ତୃତୀୟ ପକ୍ଷ କ'ଣ ? ଏ ବାଳିକାଟି ତୋର ଝିଅ ?

ନାଗରିକ - ନିହାତି ମନ୍ଦ ଅନୁମାନ କରି ନାହାନ୍ତି, ବୟସ ଆଉ ହାକିମିରେ କନ୍ୟା, କିନ୍ତୁ ସମ୍ପର୍କରେ ଭାର୍ଯ୍ୟା ।" (ଗ୍ରନ୍ଥାବଳୀ, ପୃ : ୧୩୭)

ସେତେବେଳେ ପ୍ରଚଳିତ ଏହି ସାମାଜିକ ପ୍ରଥାର ବହୁ କୁଫଳ ଥିଲା । ବୃଦ୍ଧର ମୃତ୍ୟୁପରେ ବାଳୁତ କନ୍ୟାଟି ବିଧବା ହୋଇଯାଉଥିଲା, ଅନାଥ ହୋଇଯାଉଥିଲା । ସେତେବେଳେ 'ବିବାହ ପରେ ପରେ କନ୍ୟା ବୈଧବ୍ୟବ୍ରତ ପାଳନ କରିବା ଶ୍ରେୟ'

Digitized by srujanika@gmail.com

(ଗୁପ୍ତମନ୍ତ୍ର, ଗ୍ରନ୍ଥାବଳୀ, ପୃ : ୪୦୪) ବୋଲି କେହି କେହି ଯୁକ୍ତି କରୁଥିଲେ । ଫଳରେ ସମାଜରେ ସେତେବେଳେ ବହୁ ବାଲ୍ୟବିଧବାଙ୍କ ଦାରୁଣ ଦୁର୍ଦ୍ଦଶା ଦେଖିବାକୁ ମିଳୁଥିଲା । ବେଳେବେଳେ ବାଳୁତ ବିଧବା ନାରୀଟିଏ ଚରିତ୍ରଗତ ସ୍ଖଳନ କାରଣରୁ ସମାଜରେ ନିନ୍ଦିତ ହେଉଥିଲା । ଏହିପରି ସମାଜରେ ବ୍ୟଭିଚାରର ମାତ୍ରା ବଢ଼ି ଚାଲିଥିଲା । କ୍ରମେ ଏହି କଳଙ୍କିତ ପ୍ରଥାର କୁପ୍ରଭାବ ହୃଦୟଙ୍ଗମ କରି ଲୋକମାନଙ୍କ ମଧ୍ୟରେ ସଚେତନତା ଜାଗିଲା । ସଂସ୍କାରବାଦୀ ବାଳକୃଷ୍ଣଙ୍କ ରଚନାରେ ଏହି ସଚେତନତା ମଧ୍ୟ ସ୍ଥାନ ପାଇଛି । 'ଘଟୋତ୍କଚ' ଗୀତିନାଟ୍ୟରେ ବ୍ରାହ୍ମଣ ଓ ବ୍ରାହ୍ମଣୀର କଥୋପକଥନ କାଳରେ ବ୍ରାହ୍ମଣର ପ୍ରସ୍ତାବରେ ରାଜି ନ ହୋଇ ବ୍ରାହ୍ମଣୀ କହିଛି—"ମୁଁ ଝିଅକୁ ପଛେ ବାଡୁଅ ରଖିବି, ସେ ବୁଢ଼ାଟାକୁ ବାହା ଦେବି ନାହିଁ । ଜାଣୁ ଜାଣୁ ବିଧବା ଝିଅଟାକୁ ବେକରେ ବାନ୍ଧିବି ?" (ଗ୍ରନ୍ଥାବଳୀ, ପୃ : ୨୬୫) ମନେହୁଏ, ସମାଜ ସଂସ୍କାର ପ୍ରୟାସୀ ବାଳକୃଷ୍ଣ ଏଠାରେ ବ୍ରାହ୍ମଣୀ କଣ୍ଠରେ ନିଜ ମନୋଭାବ ପ୍ରକାଶ କରିଛନ୍ତି ।

ବେଶ୍ୟାଗୃହ ଗମନ :

ଆଧୁନିକ ସମାଜରେ ବହୁ କୁତ୍ସିତ ଓ ଘୃଣ୍ୟ ଅଭ୍ୟାସ କେତେକ ଜନସାଧାରଣଙ୍କର ଅସ୍ଥିମଜ୍ଜାଗତ ହୋଇଯାଇଛି । ସେଥିମଧ୍ୟରୁ ବେଶ୍ୟାଳୟ ଗମନ ଅନ୍ୟତମ । 'ପାଣି-ଧୋବଣୀ ଫାର୍ସ'ରେ ବାଳକୃଷ୍ଣ ଜଇ ପାଣିଙ୍କ ବେଶ୍ୟାଗୃହ ଗମନକୁ ଦୃଢ଼ ଶବ୍ଦରେ ବ୍ୟଙ୍ଗବିଦ୍ରୂପ ମାଧ୍ୟମରେ ସମାଲୋଚନା କରିଛନ୍ତି । ସେତେବେଳେ ଯେଉଁମାନେ ବେଶ୍ୟାସକ୍ତ ଥିଲେ ସେମାନେ ଏହା ସପକ୍ଷରେ ଯୁକ୍ତି କରୁଥିଲେ । ଜଇ ପାଣି ମଧ୍ୟ ଏହିପରି ଯୁକ୍ତି ବାଢ଼ି ଦୁଃଖିଶ୍ୟାମକୁ କହିଛନ୍ତି–"ଆରେ ଜଗନ୍ନାଥଙ୍କୁ ଦେଖିଲେ ଯେଉଁ ପୁଣ୍ୟ, ଗୋଟିଏ ବେଶ୍ୟାଠାରେ ସେତିକି ଲକ୍ଷଣ, ତେବେ ତୁ ମାଳିଜପାରୁ କ'ଣ ପାଇବୁ ?" (ଗ୍ରନ୍ଥାବଳୀ, ପୃ : ୪୬୫)

ବାଳକୃଷ୍ଣ ସମାଜସଚେତନ କବି । ସେ ବେଶ୍ୟାପ୍ରୀତିକୁ ଗ୍ରହଣ କରିପାରି ନାହାନ୍ତି । ତେଣୁ ଏହାର କୁପରିଣାମ ଜଇ ପାଣିଙ୍କ କ୍ଷେତ୍ରରେ ଦର୍ଶାଇ ପରଦାରା ଗମନଜନିତ ଦୁର୍ଦ୍ଦଶାରେ ସେ ପାଣିଙ୍କୁ ଘାଣ୍ଟିଛନ୍ତି ଏବଂ ଶେଷରେ ଏଥିପାଇଁ ତାଙ୍କୁ ପ୍ରାୟଶ୍ଚିତ୍ତ କରାଇଛନ୍ତି ।

ବେଶ୍ୟା ସହିତ ମିଳିତ ହେବାପାଇଁ ସାମାଜିକ ମଣିଷ ମଧ୍ୟରେ ଆଗ୍ରହ ଦର୍ଶାଇଛନ୍ତି ବାଳକୃଷ୍ଣ 'ଚତୁରୀ ଚମ୍ପାଫୁଲ' ଗୀତିନାଟ୍ୟରେ । ରାଜ୍ୟକୁ ଚମ୍ପା ନାମ୍ନୀ ସୁନ୍ଦରୀ ବେଶ୍ୟାର ଆଗମନ ବାର୍ତ୍ତା ପ୍ରଚାରିତ ହେବାପରେ ତା'ର ଅଙ୍ଗସଙ୍ଗ ଲାଭ କରିବା ପାଇଁ ସେ ଦେଶର ରାଜା, ବାବାଜି, ଜ୍ୟୋତିଷ ଏବଂ ଏପରିକି ଦୂତ ମଧ୍ୟ

Digitized by srujanika@gmail.com

ବ୍ୟଗ୍ର ହୋଇପଡ଼ିଛନ୍ତି । ରାଜା ରାଜ୍ୟର ସମସ୍ତ ଧନ, ବାବାଜି ମନ୍ଦିରର ଦେବପ୍ରତିମା, ଜ୍ୟୋତିଷ ନିଜ ଘରର ସମସ୍ତ ବାସନକୁସନ ବିକ୍ରୟଲବ୍ଧ ଧନ ଏବଂ ଦୂତ ନିଜର ସମସ୍ତ ରୋଜଗାର ଧରି ବେଶ୍ୟାଦ୍ୱାରସ୍ଥ ହୋଇଛନ୍ତି । ବାଳକୃଷ୍ଣ ଏକ ଲଜ୍ଜାଜନକ ପରିବେଶରେ ସେମାନଙ୍କୁ ଚମ୍ପାଦ୍ୱାରା ଶାଢ଼ି ପିନ୍ଧାଇ ଅପଦସ୍ଥ କରାଇଛନ୍ତି; ସେମାନଙ୍କ କୁକର୍ମକୁ ପଦାରେ ପକାଇ ସେମାନଙ୍କୁ ଅପମାନିତ କରାଇଛନ୍ତି । ସେମାନେ ନିଜ ନିଜ କୁକର୍ମ ବିଷୟରେ ସଚେତନ ହୋଇଛନ୍ତି, ଅନୁତାପ କରିଛନ୍ତି । ସେମାନଙ୍କୁ ଏହିପ୍ରକାର ଶିକ୍ଷା ଦେଇ ବାଳକୃଷ୍ଣ ସାମାଜିକ ମଣିଷକୁ ବେଶ୍ୟାସକ୍ତ ନ ହେବାକୁ ସତର୍କ କରାଇଦେଇଛନ୍ତି ଓ ଜଣେ ସଂସ୍କାରବାଦୀ କବି ଭାବରେ ନିଜର କର୍ତ୍ତବ୍ୟ ସଂପାଦନ କରିଛନ୍ତି ।

ନିଶାସେବନ :

ନିଶାସେବନ ଏକ ଅନୈତିକ କାର୍ଯ୍ୟ । ଯେଉଁମାନେ ମାଦକଦ୍ରବ୍ୟପ୍ରତି ଆସକ୍ତ, ସେମାନେ ସମସ୍ତେ ଦୁର୍ଦ୍ଦଶାଗ୍ରସ୍ତ; ସମାଜରେ ମଦୁଆ, ଗଞ୍ଜୋଡ଼, ଅଫିମିଆ ଭାବରେ ଅଭିହିତ । ପ୍ରକୃତରେ ମଣିଷ ନିଶା ଖାଏ ନାହିଁ, ନିଶା ମଣିଷକୁ ଖାଏ । ଅର୍ଥାତ୍ ନିଶା ମଣିଷର ସ୍ୱାସ୍ଥ୍ୟ ନଷ୍ଟକରେ, ଅର୍ଥ ନଷ୍ଟ କରେ, ସାମାଜିକ ମର୍ଯ୍ୟାଦା ମଧ୍ୟ ନଷ୍ଟ କରେ । ତେଣୁ ଏହି ମନ୍ଦକର୍ମଠାରୁ ମଣିଷକୁ ଦୂରେଇ ରଖି ସୁସ୍ଥ ସମାଜ ଗଠନ ପାଇଁ କାଳେ କାଳେ କବି, ଲେଖକ କଲମ ଧରିଛନ୍ତି, ନିଶାର କୁପ୍ରଭାବ ଦର୍ଶାଇ ସମାଜକୁ ସଚେତନ କରିଛନ୍ତି । ବାଳକୃଷ୍ଣ ସେହିପରି ଜଣେ ସାହିତ୍ୟସ୍ରଷ୍ଟା, ଯେ ନିଜ ରଚନାବଳୀର କେତେକ ସ୍ଥଳରେ ମାଦକ ଦ୍ରବ୍ୟ ସେବନ ସମ୍ବନ୍ଧୀୟ ଚିତ୍ର ପ୍ରଦାନ କରିଛନ୍ତି ଏବଂ କେତେକ ସ୍ଥଳେ କୁଫଳ ଦର୍ଶାଇଛନ୍ତି । ତାଙ୍କ 'କୁମୁଦ କେଦାର', 'କାଞ୍ଚନବାଳା', 'ପାଣି-ଧୋବଣୀ ଫାର୍ସ' ଆଦିରେ ମଦ ଓ ଗଞ୍ଜେଇ ନିଶାସକ୍ତ ଚରିତ୍ର ବିଷୟର ଉଲ୍ଲେଖ ରହିଛି ।

ଜଇ ପାଣିଙ୍କ ମଦ୍ୟପାନ ଓ ବେଶ୍ୟାଳୟ ଗମନ ବିଷୟରେ ଦୋକାନୀ ମୋହିନୀବାବୁ କହିଛନ୍ତି—"ପୁଣି ଯେଉଁଦିନ ମଦ ଖାଇ ମାତାଲ ହୋଇ ବେଶ୍ୟାଦ୍ୱାରରୁ ପୋଲିସ୍ ଦ୍ୱାରା ଗିରଫ ହୋଇଥିଲ, ସେଦିନ ୫ ଟଙ୍କା ନେଇ ଉଧୁରି ଥିଲ, ମନେ ପଡୁଛି ତ ?" (ପାଣି-ଧୋବଣି ଫାର୍ସ, ଗ୍ରନ୍ଥାବଳୀ, ପୃ : ୪୬୭)

ଆଧୁନିକ ସମାଜରେ ବେଶ୍ୟାପ୍ରୀତି, ନିଶା-ଆସକ୍ତିର ପ୍ରାବଲ୍ୟ ଦର୍ଶାଇ ବାଳକୃଷ୍ଣ ଦୂତ ମୁଖରେ ଫୁଟାଇଛନ୍ତି—"ଟିକେ ଶୁଣି ଯା କଳିକାଳ ରୀତିକିରେ/xx ପେଷା ହେଲାଣିଟି ନିଶା ଯୋଷା ଦୁହିଁକିରେ" (ବସନ୍ତ ମଲ୍ଲିକା, ଗ୍ରନ୍ଥାବଳୀ, ପୃ : ୧୯୧) ସେହିପରି ଶକ୍ଷିତ ଆଧୁନିକ ଯୁବକଙ୍କୁ ନିଶାପ୍ରୀତି କେତେ ତଳକୁ

Digitized by srujanika@gmail.com

ନେଇଯାଉଛି, ତାହା ଦର୍ଶାଇଛନ୍ତି 'ଝଡ଼ୁଂଖୀ ଚମ୍ପାଫୁଲ' ଗୀତିନାଟ୍ୟରେ ଜଣେ ହାଡ଼ି ମୁହଁରେ–"ଭଗବାନଙ୍କ କୃପାରୁ ତାଡ଼ି, ସରାପ, ହୁସ୍କି ଯେପରି ନବ୍ୟସଭ୍ୟ ଜଗତର ବିଶେଷ ଆଦରଣୀୟ ହେଲାଣି, ଯଦି ଏହା କ୍ରମଶଃ ଉନ୍ନତି ଲାଭ କରେ, ଆମ୍ଭେ ଦିନେ ସେ ବାବୁମାନଙ୍କ ଆଖପାଖରେ ବସିବୁଁ, ଏହା ସ୍ୱତଃସିଦ୍ଧ ।" (ପୃ : ୪୪୪)

ବାଳକୃଷ୍ଣଙ୍କ ସମାଜ-ସଂସ୍କାର ମନୋବୃତ୍ତିର ପରିଚୟ ମିଳେ ଯେତେବେଳେ ସେ ସୁଦାମା ମୁଖରେ ତରାଇକୁ ନିଶାଦ୍ରବ୍ୟର ଅପକାରିତା ବିଷୟ ଶୁଣାଇଛନ୍ତି । ସୁଦାମା କହିଛନ୍ତି–"ପାନ ବିଡ଼ି, ଅଫିମ, ଗଞ୍ଜାଇ ଏଥିରେ ଉନ୍ମାଦ ଅଛି, ଶରୀର ହାନି କରିପକାଏ ।" (ସୁଦାମା ଦାରିଦ୍ର୍ୟଭଞ୍ଜନ, ଗ୍ରନ୍ଥାବଳୀ, ପୃ : ୩୧)

ନିଶାସକ୍ତଙ୍କୁ ବାଟକୁ ଆଣିବା ନିମନ୍ତେ ଉପଯୁକ୍ତ ନିଦାନ ପ୍ରୟୋଗ କରିବାକୁ ବାଳକୃଷ୍ଣ 'ଗୁପ୍ତମନ୍ତ୍ର'ରେ ଧୂମକେତୁ ଓ ଉଲ୍କା ନାମରେ ଦୁଇ ସ୍ୱାମୀ-ସ୍ତ୍ରୀ ଚରିତ୍ରର କଥୋପକଥନରେ ପରୋକ୍ଷ ଇଙ୍ଗିତ ଦେଇଛନ୍ତି, ଯାହା ବ୍ୟାସକବି ଫକୀରମୋହନଙ୍କ ପ୍ରସିଦ୍ଧ 'ପେଟେଣ୍ଟ୍ ମେଡିସିନ୍' ମନେ ପକାଇଦିଏ । ସେହି କଥୋପକଥନରୁ ଦୁଇଟି ପଙ୍‌କ୍ତି–

"ଧୂମକେତୁ : ମଦ ଗଞ୍ଜାଇ ଅଫିମ ଖାଇବି,
ଖାଇବି ବଟାଭାଙ୍ଗ

ଉଲ୍କା : ପହଁରା ମୁଠାରେ ଜାଣିଥା
ଖଣ୍ଡିଆ କାଢ଼ି ଦେବି ସବୁ ରଙ୍ଗ ।"

(ଗ୍ରନ୍ଥାବଳୀ, ପୃ : ୪୦୦)

ପରଦାରା ଗମନ ଓ ନିଶାପାନର ଅପକାରିତା ବା ସେଥିପାଇଁ ଉପଯୁକ୍ତ ନିଦାନ ଦର୍ଶାଇ ସମାଜସଂସ୍କାରକାମୀ ବାଳକୃଷ୍ଣ ନୀରବ ରହି ନାହାନ୍ତି, ସେ ଆଉ ପାଦେ ଆଗେଇ ଯାଇ ମଦ୍ୟପ ଓ ବେଶ୍ୟାସକ୍ତ ଜଇ ପାଣିଙ୍କୁ ପ୍ରାୟଶ୍ଚିତ୍ତ କରାଇଛନ୍ତି ଏବଂ ତାଙ୍କୁ ଅନୁତାପାନଳରେ ଦଗ୍‌ଧ କରାଇଛନ୍ତି । ଅନୁତପ୍ତ ପାଣି ଶପଥ କରି କହିଛନ୍ତି–"ଏଇଥର ଶିଖିଲି, ଏଇଥର ଜାଣିଲି, ଏଇଥର ବୁଝିଲି । ମଦ ଖାଇବି ନାହିଁ, ବେଶ୍ୟାରତ ହେବି ନାହିଁ, ଅଭକ୍ଷ ଭକ୍ଷିବି ନାହିଁ... ।" (ପାଣି-ଧୋବଣୀ ଫାର୍ଶ, ଗ୍ରନ୍ଥାବଳୀ, ପୃ : ୪୭୭)

ଏହିପରି ନିଜ ସମାଜ-ସଂସ୍କାର ମନୋଭାବ ବିଭିନ୍ନ ରଚନାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରକାଶ କରି ବାଳକୃଷ୍ଣ ନିଜ ସମାଜ ସଚେତନତାର ପରିଚୟ ଦେଇଛନ୍ତି ।

Digitized by srujanika@gmail.com

ବାଳକୃଷ୍ଣ ସମାଜଜୀବନ ଓ ସମାଜଚିତ୍ର ଅଙ୍କନ କରିବାବେଳେ ଏତେ ସମାଜମନସ୍କ ହୋଇପଡ଼ନ୍ତି ଯେ ସେ ଐତିହାସିକ ଓ ପୌରାଣିକ ନାଟକର ସମାଜ ଓ ଚରିତ୍ରକୁ ତତ୍କାଳୀନ ଓଡ଼ିଆ ସମାଜ ଓ ସାମାଜିକ ଚଳଣି ସହିତ ସାମିଲ କରିଦିଅନ୍ତି । ଦର୍ଶକ ନାଟକ ଉପଭୋଗ କଲାବେଳେ ସେଥିରେ ନିଜ ଚଳଣିକୁ ଆବିଷ୍କାର କରେ, ନିଜ ପରିବାରର ଓ ନିଜ ସମାଜର କଥା ଦେଖି ଆତ୍ମହରା ହୋଇପଡ଼େ; ଭାବବିହ୍ୱଳ ହୋଇ ଦୃଶ୍ୟ ଭେଦରେ କେତେବେଳେ ହସିହସି ଗଡ଼ିଯାଏ ତ କେତେବେଳେ କାନ୍ଦି କାନ୍ଦି ଅଧୀର ହୋଇଯାଏ । ଏହାହିଁ ବାଳକୃଷ୍ଣଙ୍କ ସମାଜ-ସଚେତନ ଭାବର ସାର୍ଥକ ପରିପ୍ରକାଶ ଏବଂ କଲମ ମୁନରେ ନିଜ ସମାଜର ଚିତ୍ର, ଚରିତ୍ର ଓ ସାମାଜିକ ବିଧିବିଧାନ ଫୁଟାଇବାରେ ଚମତ୍କାରିତା ।

ଚିନ୍ତା ଓ ଚେତନାରେ, ଦୃଷ୍ଟି ଓ ଦର୍ଶନରେ ବାଳକୃଷ୍ଣ ଥିଲେ ପ୍ରଗତିବାଦୀ, ଅଧ୍ୟାତ୍ମ-ଚେତନାରେ ସେ ଉତ୍କଳୀୟ ଧର୍ମପରମ୍ପରାରେ ବିଶ୍ୱାସୀ, ରସଚେତନାରେ ସେ ବିଦଗ୍ଧ ରସିକତାରେ ଅବଗାହୀ ଏବଂ ସମାଜଚେତନାରେ ସେ ଚିନ୍ତାପୁଷ୍ଟ ସଂସ୍କାରବାଦରେ ଉଦ୍‌ବୁଦ୍ଧ । ପ୍ରସ୍ତୁତ ପରିଚ୍ଛେଦରେ ତାଙ୍କ ପ୍ରକାଶିତ ରଚନାବଳୀ ଜରିଆରେ ତାଙ୍କୁ ଚିହ୍ନି ଚିହ୍ନାଇବାର ପ୍ରୟାସ କରାଯାଇଛି । ତାଙ୍କ ଅପ୍ରକାଶିତ ରଚନାବଳୀ ପ୍ରକାଶିତ ରୂପ ପାଇପାରିଲେ ତାଙ୍କ ସର୍ବଧର୍ମସମନ୍ୱିତ ଭକ୍ତିଭାବନା, ସରସ ରସଚେତନା ଓ ସଂସ୍କାରଧର୍ମୀ ସମାଜସଚେତନତାର ସମ୍ୟକ୍ ପରିଚୟ ଉପଲବ୍ଧ ହୋଇପାରିବ ।

◆◆◆

Digitized by srujanika@gmail.com

ଓଡ଼ିଆ ଲୋକନାଟ୍ୟଧାରାରେ ଯାତ୍ରା ଓ ବାଳକୃଷ୍ଣ ମହାନ୍ତି

ଆଧୁନିକ କାଳରେ ପ୍ରେକ୍ଷାଳୟରେ ଅଭିନୀତ ନାଟକଗୁଡ଼ିକ ପ୍ରାଚ୍ୟ-ପାଶ୍ଚାତ୍ୟ ନାଟ୍ୟକଳାଦ୍ୱାରା ଏକାନ୍ତ ଭାବେ ପ୍ରଭାବିତ । କିନ୍ତୁ ଏହା ପୂର୍ବରୁ ନାଟକ ଅଭିନୟ ପାଇଁ ପ୍ରେକ୍ଷାଳୟର ଆବଶ୍ୟକତା ନ ଥିଲା । ମନୋରଞ୍ଜନ ପାଇଁ ଅଭିନୀତ ହେଉଥିଲା ଲୀଳା, ସୁଆଙ୍ଗ, ଗୀତାଭିନୟ, ଗୀତିନାଟ୍ୟ ଇତ୍ୟାଦି ଏବଂ ଏଥିସକାଶେ ଆଧୁନିକ ପ୍ରେକ୍ଷାଳୟ ଭଳି ପ୍ରେକ୍ଷାଳୟ ନ ଥିଲା । ସେସବୁ ଅଭିନୀତ ହେଉଥିଲା ମୁକ୍ତାକାଶ ତଳେ, ଖୋଲା ମଞ୍ଚରେ । ଚିତ୍ତବିନୋଦନରେ ସହାୟକ ଏହି ଲୀଳା, ସୁଆଙ୍ଗ, ଗୀତାଭିନୟ, ଗୀତିନାଟ୍ୟ ଆଦି ଲୋକନାଟକର ଅନ୍ତର୍ଭୁକ୍ତ । ଏସବୁ ବ୍ୟତୀତ ରସର କେଳି, ଡାଲଖାଇ, ଢାମୁଡାଳି, କେଳା-କେଳୁଣୀ, ଶବର-ଶବରୁଣୀ, ଚଢ଼େୟା-ଚଢ଼େୟାଣୀ, ଦଣ୍ଡନାଟ, ଚଇତିଘୋଡ଼ା ନାଟ, ଛଉନାଟ, ପାଟୁଆ ନାଚ, ସଖୀନାଟ, ଗୋଟିପୁଅ ନାଚ, ପାଇକ ନାଚ, ରାମଲୀଳା, ଭାରତଲୀଳା, ରାହାସଲୀଳା, ଦାସକାଠିଆ, ଗୋପାଳ ଓଗାଳ ପ୍ରଭୃତି ଲୋକନାଟକ ଓଡ଼ିଶାରେ କାହିଁ କେଉଁ ଯୁଗରୁ ପ୍ରଚଳିତ ।

'ଲୋକ' ଶବ୍ଦର ଅର୍ଥ ଅତି ବ୍ୟାପକ । ଏହାର ଅର୍ଥ ସାଧାରଣ ଜନସମାଜ ହୋଇପାରେ ବା ସମଗ୍ର ଭୁବନ ମଧ୍ୟ ହୋଇପାରେ । ଜନସମାଜ କହିଲେ ପଲ୍ଲୀ ବା ଗ୍ରାମୀଣ ଜନତାକୁ କେବଳ ବୁଝାଏ ନାହିଁ, ନଗରବାସୀ ଜନତାକୁ ମଧ୍ୟ ବୁଝାଏ । ଭାରତୀୟ ସଂସ୍କୃତି ବୈଦିକ ସଂସ୍କୃତି ଓ ଲୋକସଂସ୍କୃତିର ମିଶ୍ରଣରେ ଗଠିତ । ବୈଦିକ ସଂସ୍କୃତି ଲୋକସଂସ୍କୃତିର ଉପରସ୍ତର ଓ ଅଳ୍ପସଂଖ୍ୟକ ବିଦ୍ୱାନଙ୍କ ମଧ୍ୟରେ ସୀମିତ । ମାତ୍ର ଲୋକସଂସ୍କୃତିର ପରିସର ଅତି ବ୍ୟାପକ । ଲୋକସାହିତ୍ୟ ଲୋକସଂସ୍କୃତିର ଅଂଶବିଶେଷ । ଏହା ସମଗ୍ର ମାନବ ସମାଜର ସାହିତ୍ୟ । ଏଥିରେ ଜନସାଧାରଣଙ୍କ ଆଶା, ଆକାଂକ୍ଷା, ରୀତିନୀତି, ଚଳିଚଳନ, ଆଗ୍ରହ ବ୍ୟବହାର, ଆଦର୍ଶ, ପରମ୍ପରା ଇତ୍ୟାଦି ପ୍ରତିବିମ୍ବିତ ହୋଇଥାଏ । ଲୋକନାଟକରେ ଲୋକସାହିତ୍ୟର ଏସବୁ ବିଭାବ ମଧ୍ୟ ବିଦ୍ୟମାନ । ସେହିପରି ଲୋକଗୀତ ଓ ଲୋକନୃତ୍ୟ ମଧ୍ୟ ଯଥାକ୍ରମେ ଜନସାଧାରଣଙ୍କ ଦ୍ୱାରା ଆଦୃତ ଗୀତ ଓ ନୃତ୍ୟକୁ ବୁଝାଏ । ଲୋକନାଟକ ଏହି ଲୋକଗୀତ ଓ ଲୋକନୃତ୍ୟର ଏକ ସୁମଧୁର ସମନ୍ୱୟ, ଯାହା ଲୋକଙ୍କ ନିମିତ୍ତ ଏବଂ ଲୋକଙ୍କ ଗହଣରେ ଅଭିନୀତ ହେବା ପାଇଁ ଉଦ୍ଦିଷ୍ଟ ।

Digitized by srujanika@gmail.com

ଆଦିମ ମାନବ ପ୍ରକୃତି ଉପାସନା କରୁଥିଲା । ଅଦୃଷ୍ଟ ଶକ୍ତିର ସନ୍ତୋଷ ବିଧାନ କରି ସେ ନିଜର ମଙ୍ଗଳ ବାଞ୍ଛା କରୁଥିଲା । ଏଥିପାଇଁ ସେ ଅଦୃଶ୍ୟ ଶକ୍ତିର ଉଦ୍ଦେଶ୍ୟରେ ନାନା ପ୍ରକାର ନୃତ୍ୟଗୀତର ଆୟୋଜନ କରୁଥିଲା । ସମୟକ୍ରମେ ବିଭିନ୍ନ ଅଞ୍ଚଳରେ ନୃତ୍ୟଗୀତକୁ ସଂପୃକ୍ତ କରାଗଲା ବିଭିନ୍ନ ଦେବଦେବୀଙ୍କ ସହିତ । ମୋଟାମୋଟି ଭାବରେ ନୃତ୍ୟଗୀତରୁ ଲୋକନାଟକ ଉଦ୍ଭୂତ ହୋଇଥିବାରୁ ଲୋକନାଟକ ଏପର୍ଯ୍ୟନ୍ତ ଧର୍ମୀୟ ଅନୁଷ୍ଠାନ ସହିତ ସଂପୃକ୍ତ ରହି ଆସିଅଛି ଏବଂ ଏଥିରେ ଏପର୍ଯ୍ୟନ୍ତ ଗୀତ ଓ ନୃତ୍ୟର ପ୍ରାଧାନ୍ୟ ରହି ଆସିଅଛି ।

ଲୋକନୃତ୍ୟ ଓ ଲୋକଗୀତର ସମ୍ମିଶ୍ରଣରେ ସୃଷ୍ଟ ଲୋକନାଟକ ସମୟକ୍ରମେ ନୃତ୍ୟବହୁଳ ବା ଗୀତବହୁଳ ହୋଇ ଦୁଇପ୍ରକାର ରୂପଧାରଣ କରିଛି । ଫଳରେ ଆତ୍ମପ୍ରକାଶ କରିଛି ଛଉନାଚ୍ ଭଳି ନୃତ୍ୟରେ ପରିପୂର୍ଣ୍ଣ କେତେକ ଲୋକନାଟକ ଏବଂ ପାଟୁଆ ନାଚ୍ ଓ କଣ୍ଢେଇ ନାଟ ଭଳି ଗୀତରେ ପରିପୂର୍ଣ୍ଣ କେତେକ ଲୋକନାଟକ ।

କଳାପ୍ରିୟ ଉତ୍କଳୀୟଙ୍କ ସାଂସ୍କୃତିକ ଜୀବନରେ ନୃତ୍ୟ ଓ ଗୀତ ବହୁ ପ୍ରାଚୀନ କାଳରୁ ପ୍ରଚଳିତ । ଏହାର ସମୟ ନିର୍ଣ୍ଣୟ କରିବା ସମ୍ଭବ ନୁହେଁ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ମହାମେଘବାନ ଐର ଖାରବେଳଙ୍କ ଦ୍ୱାରା ଖୋଦିତ ହାତୀଗୁମ୍ଫା ଶିଳାଲେଖରୁ ମିଳେ ଉତ୍କଳୀୟ ନାଟ୍ୟକଳାର ସର୍ବପ୍ରାଚୀନ ନିଦର୍ଶନ । ଖାରବେଳ ନିଜ ପରିଜନମାନଙ୍କ ପାଇଁ ନୃତ୍ୟ, ଗୀତ ଓ ବାଦ୍ୟର ବ୍ୟବସ୍ଥା କରିଥିଲେ ଖଣ୍ଡଗିରି ଓ ଉଦୟଗିରିଠାରେ ବହୁତଳ ବିଶିଷ୍ଟ ପ୍ରେକ୍ଷାଳୟ ରାଣୀଗୁମ୍ଫା ଓ ମଞ୍ଚପୁରୀ ନିର୍ମାଣ କରି । ଗୁରିଶହ ଦର୍ଶକ ବସିବା ପାଇଁ ଏଥିରେ ଆସନର ବ୍ୟବସ୍ଥା ଥିଲା ଏବଂ ଚତୁର୍ଦ୍ଦିଗରେ ସୋପାନୀକୃତ ପୀଠକ ବା ଗ୍ୟାଲେରୀର ବ୍ୟବସ୍ଥା ଥିଲା । ଏଥିରେ ପ୍ରାୟ କୋଡ଼ିଏ ହଜାର ଦର୍ଶକ ଏକତ୍ର ପରିବେଷିତ କାର୍ଯ୍ୟକ୍ରମ ଉପଭୋଗ କରିପାରୁଥିଲେ । ଏଥିରୁ ସ୍ପଷ୍ଟ ହୁଏ ଯେ ଖାରବେଳ ଯେଉଁ ନୃତ୍ୟ, ଗୀତ ଓ ବାଦ୍ୟର ଆୟୋଜନ କଲେ, ତାହା ତାଙ୍କ ପୂର୍ବରୁ ନିଶ୍ଚିତ ଭାବେ ପ୍ରଚଳିତ ଥିଲା । ଅର୍ଥାତ୍ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ପୂର୍ବରୁ ଉତ୍କଳୀୟ ଜନତା ନୃତ୍ୟଗୀତ ବା ଏକ ସ୍ୱତନ୍ତ୍ର ନାଟ୍ୟକଳା ସହିତ ପରିଚିତ ଥିଲେ । ଏହା ଓଡ଼ିଶୀ ଲୋକନାଟ୍ୟ ପରମ୍ପରାର ପ୍ରାଚୀନତା ପ୍ରତିପାଦନ କରେ ।

ଖାରବେଳଙ୍କ ପରବର୍ତ୍ତୀ କାଳରେ ଜୈନ ଓ ବୌଦ୍ଧ ସ୍ଥାପତ୍ୟରୁ ଓଡ଼ିଶୀ ନାଟ୍ୟକଳାର ସନ୍ଧାନ ମିଳେ । ହିନ୍ଦୁମନ୍ଦିର ସ୍ଥାପତ୍ୟରେ ମଧ୍ୟ ନୃତ୍ୟକଳାର ନିଦର୍ଶନ ମିଳେ । ପରବର୍ତ୍ତୀକାଳୀନ ବହୁ ହିନ୍ଦୁମନ୍ଦିର ଗାତ୍ରରେ ଖୋଦିତ ନୃତ୍ୟରତ ନଟ-ନଟୀ ମୂର୍ତ୍ତିର ସନ୍ଧାନ ମିଳେ । ଖ୍ରୀଷ୍ଟୀୟ ଅଷ୍ଟମ-ନବମ ଶତାବ୍ଦୀର ବହୁ ନୃତ୍ୟରତ

Digitized by srujanika@gmail.com

ଶିବ ବା ନଟରାଜ ମୂର୍ତ୍ତି ମଧ୍ୟ ଦୃଷ୍ଟିକୁ ଆସେ । ଲୋକନାଟକ ପରମ୍ପରା ଏହିପରି ଧାର୍ମିକ ବାତାବରଣ ଦ୍ୱାରା ପ୍ରଭାବିତ ହୋଇଥିବା ଏଥିରୁ ଅନୁମିତ ହୁଏ । କ୍ରମଶଃ ଶାକ୍ତ, ଶୈବ, ତନ୍ତ୍ର ପ୍ରଭାବ ଫଳରେ ଦଣ୍ଡନାଟ, ଚଇତିଘୋଡ଼ା ନାଟ, ପାଟୁଆ ଯାତ୍ରା, ଡାଲଖାଇ ଆଦି ବିଭିନ୍ନ ଲୋକନାଟକର ଉଦ୍ଭବ ଘଟେ । ନଟରାଜ ଶିବ ମୂର୍ତ୍ତି କେବଳ ନୁହେଁ, ନଟଶ୍ରେଷ୍ଠ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ମଧ୍ୟ ଖ୍ରୀଷ୍ଟୀୟ ନବମ-ଦଶମ ଶତାବ୍ଦୀର ମନ୍ଦିରମାନଙ୍କରେ ପରିଦୃଷ୍ଟ ହୁଏ । ସଂସ୍କୃତ ନାଟକ ସହିତ ଲୋକନାଟକ ସମତାଳରେ ଆଗେଇ ଚାଲେ । ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ଦ୍ୱାଦଶ ଶତାବ୍ଦୀରେ ପ୍ରଚଳିତ ନାଟ୍ୟକଳାର ପରିଚୟ ଉପଲବ୍ଧ ହୁଏ । ସମକାଳରେ ଶ୍ରୀମନ୍ଦିରରେ ଉତ୍କଳକୋକିଳ କବିଶ୍ରେଷ୍ଠ ଜୟଦେବଙ୍କ ଗୀତଗୋବିନ୍ଦ ଅଭିନୀତ ହେଉଥିବାରୁ ଏହାକୁ ପ୍ରାଚୀନତମ ଯାତ୍ରାନାଟକ ଭାବରେ ଗ୍ରହଣ କରାଯାଏ । ଗଙ୍ଗ ନରପତି ପ୍ରଥମ ନରସିଂହ ଦେବ (୧୨୩୮-୧୨୬୪)ଙ୍କ ଦ୍ୱାରା ତ୍ରୟୋଦଶ ଶତାବ୍ଦୀର ମଧ୍ୟଭାଗରେ ନିର୍ମିତ କୋଣାର୍କ ମନ୍ଦିରରେ ପରିଦୃଷ୍ଟ ନଟନଟୀରୁ ଓଡ଼ିଆ ଲୋକନାଟକର ଉତ୍କର୍ଷ ପ୍ରମାଣିତ ହୁଏ ।

ପଞ୍ଚଦଶ ଶତାବ୍ଦୀର ମହାକବି ସାରଳାଦାସଙ୍କ ରଚନାବଳୀରୁ ନୃତ୍ୟ, ଗୀତ, ବାଦ୍ୟ ଆଦି ସମ୍ବନ୍ଧୀୟ ବହୁ ସୂଚନା ମିଳେ । ତାଙ୍କ ରଚନା 'ଲକ୍ଷ୍ମୀନାରାୟଣୀ ବଚନିକା' ତତ୍କାଳୀନ ଜନସମାଜ ନିମିତ୍ତ ରଚିତ ଏକ ସୁନ୍ଦର ଲୋକନାଟକ, ଯାହା ଓଡ଼ିଆ ଲୋକନାଟ୍ୟ ପରମ୍ପରାରେ ବେଶ୍ ମହତ୍ତ୍ୱପୂର୍ଣ୍ଣ । ଷୋଡ଼ଶ ଶତାବ୍ଦୀର ପଞ୍ଚସଖାଙ୍କ ରଚନାବଳୀରେ ଲୋକନାଟକ ଧାରାଟି ବହୁ ଭାବରେ ପୁଷ୍ଟ । ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ', ଜଗନ୍ନାଥ ଦାସଙ୍କ 'ଭାଗବତ' ଓ ଅଚ୍ୟୁତାନନ୍ଦଙ୍କ 'ହରିବଂଶ'ର ବିଭିନ୍ନ ଆଖ୍ୟାୟିକା ବେଶ୍ ନାଟକୀୟ ଓ ଓଡ଼ିଆ ଲୋକନାଟକର ଅଗ୍ରଗତିରେ ବେଶ୍ ସହାୟକ । ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ', ଜଗନ୍ନାଥ ଦାସଙ୍କ 'ରାସଲୀଳା', ଅଚ୍ୟୁତାନନ୍ଦ ଦାସଙ୍କ 'ଗୋପାଳ ଓଗାଳ' ଆଦି କେତେକ ନାଟ୍ୟଧର୍ମୀ ରଚନା ଓଡ଼ିଆ ଲୋକନାଟ୍ୟ ପରମ୍ପରାକୁ ସୁଦୃଢ଼ କରେ । ଜଗନ୍ନାଥ ଦାସଙ୍କ 'ରାସଲୀଳା' ଓଡ଼ିଆ ଲୀଳା ସାହିତ୍ୟର ଆଦିସୃଷ୍ଟି । ସମକାଳୀନ ରାୟ ରାମାନନ୍ଦଙ୍କ 'ଜଗନ୍ନାଥବଲ୍ଲଭ' ନାଟକ ଶ୍ରୀକ୍ଷେତ୍ରରେ ଅଭିନୀତ ହେଉଥିଲା । ଲୋକନାଟ୍ୟ ଧାରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅଧିକାରୀ 'ଗୋଟିପୁଅ ନାଚ'ର ପ୍ରବର୍ତ୍ତକ ଥିଲେ ପରମ ବୈଷ୍ଣବ ରାୟ ରାମାନନ୍ଦ । ପରବର୍ତ୍ତୀ କାଳରେ ବୈଷ୍ଣବଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଗୀତିନାଟକ ଏକ ମାଧ୍ୟମ ରୂପେ ଗୃହୀତ ହେଲା ।

ଲୋକନାଟକ ଧାର୍ମିକ ଭିତ୍ତି ଉପରେ ପ୍ରତିଷ୍ଠିତ ଏବଂ ଅଲୌକିକ ପୌରାଣିକ ଚରିତ୍ରମାନଙ୍କ ଜୀବନଚରିତର ଅଭିନୟାତ୍ମକ ରୂପଦ୍ୱାରା ବିକଶିତ । ଧାର୍ମିକତାର ପ୍ରାବଲ୍ୟ ଓ ଲୋକଙ୍କ ଆନନ୍ଦବର୍ଦ୍ଧକ ଉପାଦାନର ଅଭାବ ହେତୁ ଲୋକନାଟକ

Digitized by srujanika@gmail.com

କ୍ରମଶଃ ଲୋକଙ୍କଠାରୁ ଦୂରେଇ ଯିବାର ସମ୍ଭାବନା ସୃଷ୍ଟି ହେବାରୁ ଏଥିରେ ମନୋରଞ୍ଜନ କାର୍ଯ୍ୟକ୍ରମମାନ ସାମିଲ କରାଗଲା । ଫଳରେ ସୃଷ୍ଟି ହେଲା ଲୋକନାଟକର ଏକ ନୂତନ ଶୈଳୀ ଓ ଧାରା । ପ୍ରଚୁର ମନୋରଞ୍ଜନର ସାମଗ୍ରୀ ସହିତ ପୌରାଣିକ, ଐତିହାସିକ ଓ ସମକାଳୀନ ସମାଜର ବିବିଧ ଚିତ୍ରସମ୍ବଳିତ ଲୋକନାଟକ ଆତ୍ମପ୍ରକାଶ କଲା । ଏହି ପରିପ୍ରେକ୍ଷୀରେ ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ, ବଳଦେବ, ବନମାଳୀ, ଗୋପାଳକୃଷ୍ଣ ପ୍ରଭୃତିଙ୍କ ସୁମଧୁର ଛାନ୍ଦ, ଚଉତିଶା, ଚଉପଦୀ ଓ ସଙ୍ଗୀତାବଳୀର ରାଗରାଗିଣୀ ଇତ୍ୟାଦି ଲୋକସାହିତ୍ୟକୁ ଜନପ୍ରିୟ କରାଇଲା । ଅଷ୍ଟାଦଶ ଶତାବ୍ଦୀରେ ମଧ୍ୟ ବହୁ ଲୀଳାତ୍ମକ ଯାତ୍ରାର ସୃଷ୍ଟି ହେଲା । ଏହି କାରଣରୁ ସପ୍ତଦଶ-ଅଷ୍ଟାଦଶ ଶତାବ୍ଦୀ ଓଡ଼ିଆ ଲୀଳାଯାତ୍ରାର ସୁବର୍ଣ୍ଣଯୁଗ । ପରେ ପରେ ବୈଶ୍ୟ ସଦାଶିବ, ଅନଙ୍ଗ ନରେନ୍ଦ୍ର, ବିଶ୍ୱନାଥ ଖୁଣ୍ଟିଆ, ଦାଶରଥି ଦାସ, ବିକ୍ରମ ନରେନ୍ଦ୍ର, କେଶବ ହରିଚନ୍ଦନ, ବିପ୍ର ସଦାଶିବ, ଦ୍ୱିଜ ଚୈତନ୍ୟ ପ୍ରଭୃତି ଲୀଳାକାରମାନେ ଓଡ଼ିଆ ଲୀଳାନାଟକର ଏକ ସୁଦୃଢ଼ ଭିତ୍ତି ପ୍ରତିଷ୍ଠା କଲେ, ଯାହାର ପ୍ରଭାବ ଊନବିଂଶ ଶତାବ୍ଦୀର ତୃତୀୟ ଦଶକ ପର୍ଯ୍ୟନ୍ତ ଅନୁଭୂତ ହେଉଥିଲା ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର କଳିଙ୍ଗ ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ ଓଡ଼ିଆ ଲୋକନାଟ୍ୟ ପରମ୍ପରାର ସୂଚନା ପୂର୍ବରୁ ଦିଆଯାଇଛି । ତାହାର ୪ର୍ଥ ଓ ୫ମ ପଙ୍‌କ୍ତିରେ ଏ ସମ୍ବନ୍ଧରେ ଉଲ୍ଲେଖ ଅଛି -

୪ର୍ଥ ପଙ୍‌କ୍ତି - ... ... ତତିୟେ ପୁନବସେ

୫ମ ପଙ୍‌କ୍ତି - ଗଂଧବ ଦେବ ବୁଧୋ ଦପନତ ଗୀତ ବାଦିତ ସଂଦସନାହି ଉସବ ସମାଜ କାରାପନାହି ଚ କୀଡ଼ାପୟତି ନଗରିଂ ।

ଅର୍ଥାତ୍ ପୁଣି ତୃତୀୟ ବର୍ଷରେ ସେ ଗାନ୍ଧର୍ବ ବିଦ୍ୟାପ୍ରବୀଣ ବ୍ୟକ୍ତିଙ୍କ ସାହାଯ୍ୟରେ ଜପ, ନୃତ୍ୟ, ଗୀତ, ବାଦ୍ୟ ସହ ବିବିଧ ସନ୍ଦର୍ଶନର ଆୟୋଜନପୂର୍ବକ ଉତ୍ସବ ଓ ସମାଜମାନ କରାଇଥିଲେ । ତଦ୍ୱାରା କଳିଙ୍ଗ ନଗରୀ କ୍ରୀଡ଼ାରେ ମାତି ଉଠିଲା ପରି ଜଣାପଡୁଥିଲା । (ଓଡ଼ିଆ ଜାତିର ଇତିହାସ, ଡକ୍ଟର ନବୀନ କୁମାର ସାହୁ, ପୃ:୧୭୦ ଓ ପୃ:୧୭୬)

ଏଥିରେ ଯେଉଁ 'ସମାଜ'ର ଉଲ୍ଲେଖ ଅଛି, ତାହା ଓଡ଼ିଶାର ଯାତରା ବା ଯାତ୍ରା ବ୍ୟତୀତ ଅନ୍ୟ କିଛି ହୋଇନପାରେ । କାରଣ ଆଧୁନିକ କାଳରେ ମଧ୍ୟ ଯାତ୍ରାକୁ ସମାଜ ବୋଲି କୁହାଯାଏ ।

'ଯାତ୍ରା' ଶବ୍ଦ ସଂସ୍କୃତ 'ଯା' ଶବ୍ଦରୁ ନିଷ୍ପନ୍ନ, ଯାହାର ଅର୍ଥ ଗମନ, ପ୍ରସ୍ଥାନ ଇତ୍ୟାଦି । ଯାତରା ବା ଯାତ୍ରାର ମୂଳ ଅର୍ଥଟି ପର୍ବ, ପର୍ବାଣି ଓ ଦେବପୂଜା । ବାହ୍ୟତଃ

Digitized by srujanika@gmail.com

ଏଥିରେ ଏକ ବିରାଟ ଆନନ୍ଦ ସଂପୃକ୍ତ ଏବଂ ଆନନ୍ଦ ଉତ୍ସବରେ ନୃତ୍ୟ, ଗୀତ, ଭୋଜି ଓ ବିଭିନ୍ନ ପ୍ରକାର କୁସ୍ତିକସରତ, ନାଟକ ପ୍ରଦର୍ଶନ ଇତ୍ୟାଦି ବହୁବିଧ ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଥାଏ । ପ୍ରାଚୀନ କାଳରେ କିନ୍ତୁ ନାଟକ ଓ ଯାତ୍ରା ମଧ୍ୟରେ ବିଶେଷ ପ୍ରଭେଦ ନ ଥିବାରୁ ପ୍ରାଚୀନ ସାହିତ୍ୟରେ ଯାତ୍ରା ଓ ନାଟକର ପ୍ରୟୋଗ ଏକ ଅର୍ଥରେ ହୋଇଥିବା ଲକ୍ଷ୍ୟ କରାଯାଏ । ଓଡ଼ିଆ ଯାତ୍ରା-ସାହିତ୍ୟର ଧାରାବାହିକ ବିକାଶର ପର୍ଯ୍ୟାଲୋଚନା କଲେ ଦେଖାଯିବ ଯେ ବିଭିନ୍ନ କବି ବା ନାଟ୍ୟକାର ବିଭିନ୍ନ ସମୟରେ ଯେଉଁ ଯାତ୍ରା ରଚନା କରିଛନ୍ତି, ସେଗୁଡ଼ିକୁ ସେମାନେ ବିଭିନ୍ନ ରୂପ ଦେଇଛନ୍ତି । ତେଣୁ ଯୁଗେ ଯୁଗେ ଲୋକଚିତ୍ତାନୁରଞ୍ଜକ ଗୋଟିପୁଅ, ତାମସା, ପ୍ରହସନ, ଦଣ୍ଡନାଟ, ଚଢ଼େୟା-ଚଢ଼େୟାଣୀ ନାଚ, ସୁଆଙ୍ଗ, ଲୀଳା ଇତ୍ୟାଦି ବ୍ୟାପକ ଅର୍ଥରେ 'ଯାତ୍ରା' ନାମରେ ପରିଚିତ ହୋଇଆସିଅଛି । ତେଣୁ ପୂର୍ବରୁ ଆଲୋଚିତ ଲୋକନାଟକ ଏବଂ ଯାତ୍ରା ମଧ୍ୟରେ ବିଶେଷ ପାର୍ଥକ୍ୟ ରହୁନାହିଁ । ସେ ଯାହାହେଉ, ଲୀଳା, ସୁଆଙ୍ଗ, ଗୀତାଭିନୟ, ଗୀତିନାଟ୍ୟ, ଯାତ୍ରା ଇତ୍ୟାଦି ମଧ୍ୟରେ ରୂପଗତ ବୈଷମ୍ୟ ଥିଲେ ମଧ୍ୟ ଭାବଗତ ସାମ୍ୟ ବେଶ୍ ଲକ୍ଷଣୀୟ । ଏ ଦୃଷ୍ଟିରୁ ଏସବୁ ଲୋକନାଟକ ପର୍ଯ୍ୟାୟଭୁକ୍ତ ।

'ଲୀଳା' ଏକ ଜନପ୍ରିୟ ଲୋକନାଟକ ଏବଂ ଯାତ୍ରାର ପ୍ରାଥମିକ ଅବସ୍ଥା । ଭଗବାନଙ୍କ ବିଭିନ୍ନ ଅବତାରରେ ଘଟିଥିବା ଅଲୌକିକ ଘଟଣାବଳୀକୁ ଉପଜୀବ୍ୟ କରି ଯେଉଁ ଅଭିନୟୋପଯୋଗୀ, କର୍ଣ୍ଣପ୍ରୀତିପ୍ରଦ ତଥା ସଙ୍ଗୀତମୟ ରଚନା ଦର୍ଶକମାନଙ୍କୁ ଆମୋଦିତ କରେ, ତାହା ଲୀଳା ନାମରେ ପରିଚିତ । ଏଗୁଡ଼ିକ କେତୋଟି ଛାନ୍ଦ ବା ଗୀତର ସମାହାର । 'ରାମାୟଣ' ଓ 'ମହାଭାରତ'ରୁ ରାମ ଓ କୃଷ୍ଣଙ୍କର ଚିତ୍ତଚମତ୍କାରୀ କାର୍ଯ୍ୟକଳାପକୁ ନେଇ ରଚିତ ବହୁ ଲୀଳା 'ରାମଲୀଳା' ଓ 'କୃଷ୍ଣଲୀଳା' ନାମରେ ଅଭିନୀତ ହୋଇଆସୁଛି । ଷୋଡ଼ଶ ଶତାବ୍ଦୀର 'ଦାଣ୍ଡୀ ରାମାୟଣ' ରଚୟିତା ବଳରାମ ଦାସ ଓ 'ଭାଗବତ' ରଚୟିତା ଜଗନ୍ନାଥ ଦାସ ଓଡ଼ିଶାର ଦୁଇ ଆଦ୍ୟ ଲୀଳାକାର । 'ରାମାୟଣ'ର ବିଭିନ୍ନ ଲୋକପ୍ରିୟ ଉପାଖ୍ୟାନ ଓ 'ଭାଗବତ'ର ରାସଲୀଳା ପ୍ରଭୃତିର ଅବଲମ୍ବନରେ ପରବର୍ତ୍ତୀ କାଳରେ ଓଡ଼ିଆ ଭାଷାରେ ବହୁ ଲୀଳା ରଚିତ ହୋଇଛି । ଏହିପ୍ରକାର ଲୀଳାରେ ପାତ୍ର-ପାତ୍ରୀ ନିଜ ନିଜର ପ୍ରବେଶ ଓ ପ୍ରସ୍ଥାନ ସମ୍ବନ୍ଧୀୟ ସୂଚନା ଦେଉଥିଲେ ।

'ସୁଆଙ୍ଗ' ଓଡ଼ିଆ ଲୋକନାଟକର ଅନ୍ୟ ଏକ ଲୋକପ୍ରିୟ ବିଭାଗ, ଯାହା ଲୀଳାଠାରୁ ସାମାନ୍ୟ ଉନ୍ନତ । ସୁଆଙ୍ଗ ସାଧାରଣତଃ ଲଘୁହାସ୍ୟ ପରିବେଷକ ଅଭିନୟ କଳାକୁ ହିଁ ବୁଝାଇଥାଏ । ସୁଆଙ୍ଗ ଲୋକପ୍ରିୟ କଥାବସ୍ତୁକୁ ଆଧାର କରି ରଚିତ । ବିଭିନ୍ନ ହରଣ, ପରିଣୟ, ବଧ ବିଷୟକ ସୁଆଙ୍ଗଗୁଡ଼ିକ ଲଘୁହାସ୍ୟରେ ପରିପୂର୍ଣ୍ଣ

Digitized by srujanika@gmail.com

ହୋଇ ଦର୍ଶକମାନଙ୍କ ମନୋରଞ୍ଜନରେ ସହାୟକ ହୁଏ । ଏଥିରେ ଗୀତ ସହିତ ନୃତ୍ୟର ପ୍ରଚଳନ ଥିଲା । ଚରିତ୍ର ପଦେ ଗୀତ ଗାଇବା ପରେ ପରେ ପାଳିଆମାନେ ତାକୁ ଦୋହରାଉ ଥିଲେ ଏବଂ ସେ ସମୟତକ ନୃତ୍ୟ କରିବା ପାଇଁ ଚରିତ୍ର ଯଥେଷ୍ଟ ସମୟ ପାଉଥିଲା । ଆନନ୍ଦଦାନ ସହିତ ଏଥିରେ ନିହିତ ଥିଲା ସାମାଜିକ ମଣିଷ ପାଇଁ ନୀତିଶିକ୍ଷା । ଚର୍ଯ୍ୟାଗୀତିରେ ସୁଆଙ୍ଗର ଆଦି ନିଦର୍ଶନ ମିଳୁଥିଲେହେଁ ଏହାର ଲିଖିତ ରୂପ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଦେଖିବାକୁ ମିଳେ ନାହିଁ । ପରବର୍ତ୍ତୀ କାଳରେ ସୁଆଙ୍ଗ ସାହିତ୍ୟର ଅଭିବୃଦ୍ଧିରେ ଯେଉଁମାନେ ସାହାଯ୍ୟ କରିଛନ୍ତି, ସେମାନଙ୍କ ମଧ୍ୟରୁ ଜଗନ୍ନାଥ ପାଣି, ବୈଷ୍ଣବ ପାଣି, ବାଳକୃଷ୍ଣ ମହାନ୍ତି ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ ।

ସୁଆଙ୍ଗ ସୃଷ୍ଟି କାଳରେ ବା କିଞ୍ଚିତ୍ ପରେ 'ଗୀତାଭିନୟ' ଓ 'ଗୀତିନାଟ୍ୟ'ର ସୃଷ୍ଟି । ରଚନାଶୈଳୀ ଦୃଷ୍ଟିରୁ ଗୀତାଭିନୟ ଓ ଗୀତିନାଟ୍ୟର ଯଥେଷ୍ଟ ପାର୍ଥକ୍ୟ ରହିଛି । କେବଳ ପରିବେଷଣ ଶୈଳୀ ହିଁ ଏ ଦ୍ୱୟ ମଧ୍ୟରେ କେତେକ ସମାଞ୍ଜସ୍ୟ ପ୍ରଦର୍ଶନ କରେ । ଗୀତାଭିନୟ ଗୀତ ଓ ଅଭିନୟର ସମନ୍ୱିତ ରୂପ । ଏଥିରେ ଗଦ୍ୟ ନଥାଏ ବା ସାମାନ୍ୟ ଥାଏ । ଏହାର ସଂଳାପ ତେଣୁ ସଙ୍ଗୀତଧର୍ମୀ । ଚରିତ୍ର ବା ଚରିତ୍ରଗଣ ଲୀଳାସମ୍ବଳିତ ଗୀତାଭିନୟ ଆବୃତ୍ତି କରିବା ପରେ ପଢ଼ିଗାୟକ ବା ପାଳିଆ ଗାୟକ ତାହା ଦୋହରାନ୍ତି ଏବଂ ପରେ ପରେ ଚରିତ୍ରଗଣ ଅଭିନୟ ପ୍ରଦର୍ଶନ କରନ୍ତି । ଦ୍ୱାଦଶ ଶତାବ୍ଦୀରେ ଉତ୍କଳକୋକିଳ ଜୟଦେବଙ୍କ ଦ୍ୱାରା ରଚିତ 'ଗୀତଗୋବିନ୍ଦ'କୁ ଉତ୍କଳର ପ୍ରଥମ ଗୀତାଭିନୟ ଭାବରେ ଗ୍ରହଣ କରାଯାଇଥାଏ । ଗୀତାଭିନୟ ଛନ୍ଦାଶ୍ରୟୀ କେତେକ ଗୀତର ଏକ ଗୁଚ୍ଛ । ଜଗନ୍ନାଥ ପାଣି ଓ ଅନ୍ୟ କେତେଜଣଙ୍କ ଗୀତାଭିନୟ ତେଣୁ ଛାନ୍ଦରେ ବିଭକ୍ତ । ଗୋଟିଏ ଛାନ୍ଦର ସ୍ୱର ଓ ତାଳ ଅନ୍ୟ ଛାନ୍ଦଠାରୁ ଭିନ୍ନ । ଏଗୁଡ଼ିକରେ ଅଙ୍କ ଓ ଦୃଶ୍ୟ ପରବର୍ତ୍ତୀ କାଳରେ ଯୋଗ କରାଯାଇ ଗୀତିନାଟ୍ୟ ସୃଷ୍ଟି କରାଯାଇଛି । ଗୀତାଭିନୟର ସଂଳାପ ସଙ୍ଗୀତଧର୍ମୀ ହେଲାବେଳେ ଗୀତିନାଟ୍ୟର ସଂଳାପ ଗଦ୍ୟାତ୍ମକ । ଦର୍ଶକଙ୍କ ରୁଚିର ପରିବର୍ତ୍ତନ ସଙ୍ଗେ ସଙ୍ଗେ ପରିବେଷଣ ପଦ୍ଧତିରେ ପରିବର୍ତ୍ତନର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପଡ଼ିବାରୁ ବହୁ ସ୍ଥଳରେ ସଙ୍ଗୀତ ବଦଳରେ ଗଦ୍ୟସଂଳାପ ଯୋଗ କରାଗଲା । ଫଳରେ ଗୀତାଭିନୟର ସ୍ଥାନ ଅଧିକାର କଲା ଗୀତିନାଟ୍ୟ । ଏହାର ଏକ ଉଦାହରଣ ଦିଆଯାଇପାରେ । ଗଣକବି ବୈଷ୍ଣବ ପାଣି ପ୍ରଥମେ ରଚନା କରିଥିବା ଗୀତାଭିନୟ ମଧ୍ୟରୁ କେତୋଟିକୁ ପରବର୍ତ୍ତୀ କାଳରେ ଗଦ୍ୟବହୁଳ କରି ଗୀତିନାଟ୍ୟରେ ପରିଣତ କରିଥିଲେ । ତାଙ୍କ ରଚିତ 'ହରିଶ୍ଚନ୍ଦ୍ର ଗୀତାଭିନୟ'ରେ ସେ କେତେକ ସ୍ଥଳରେ ପଦ୍ୟ ସ୍ଥାନରେ ଗଦ୍ୟକୁ ସ୍ଥାନ ଦେଇ 'ହରିଶ୍ଚନ୍ଦ୍ର' ଗୀତିନାଟ୍ୟ'

Digitized by srujanika@gmail.com

ନାମରେ ଅଭିନୀତ କରାଇଥିଲେ । ଏଇ କଥା ସେ ନିଜେ ସ୍ୱୀକାର କରିଛନ୍ତି ଏବଂ ନଟମୁଖରେ ଗୀତିନାଟ୍ୟର ଆରମ୍ଭରେ ପ୍ରକାଶ କରିଛନ୍ତ ।

ଲୀଳା, ସୁଆଙ୍ଗ, ଗୀତାଭିନୟ ଓ ଗୀତିନାଟ୍ୟ ଭଳି ଦଣ୍ଡନାଟ, ଛଉନାଟ, ଚଇତିଘୋଡ଼ା ନାଟ, ଡାଲ୍‌ଖାଇ, କରମା, ପୁଷ୍‌ପରବ, ପାଲା, ଦାସକାଠିଆ, ମୋଗଲ ତାମସା, ଚମ୍ପୂ ଆଦି ଲୋକନାଟକମାନ ଯାତ୍ରାର ଅନ୍ତର୍ଭୁକ୍ତ ହେଲେହେଁ ପରବର୍ତ୍ତୀ କାଳରେ କେବଳ ଗୀତାଭିନୟ ଓ ଗୀତିନାଟ୍ୟ ସାଧାରଣତଃ ଯାତ୍ରା ନାମରେ ପରିଚିତ । ଆମ ଦେଶରେ ନାଟ୍ୟପ୍ରୟୋଗ ଅର୍ଥରେ 'ଯାତ୍ରା' ଶବ୍ଦର ବ୍ୟବହାର ହୋଇଛି ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରେ ରଚିତ ଭବଭୂତିଙ୍କ 'ମହାବୀର ଚରିତ' ଓ 'ଉତ୍ତର ରାମଚରିତ'ରେ । ଖ୍ରୀଷ୍ଟୀୟ ୧୫ଶ ଶତାବ୍ଦୀରେ ରଚିତ ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣ'ରେ ନାଟ୍ୟରୂପ ପ୍ରୟୋଗସ୍ଥଳୀ ଅର୍ଥରେ 'ଯାତ୍ରା' ଶବ୍ଦ ପ୍ରଯୁକ୍ତ ହୋଇଛି । 'ଯାତ୍ରା' ମାଧ୍ୟମରେ ପରିବେଷିତ ହେବାପାଇଁ ଜୟଦେବଙ୍କ 'ଗୀତଗୋବିନ୍ଦ' (୧୪ଶ ଶତାବ୍ଦୀ) ରଚିତ ହୋଇଥିବାର ପ୍ରମାଣ ରହିଛି । ସେ ଯୁଗରେ ପ୍ରଚାରମୂଳକ କୌଣସି ଆଧୁନିକ ସାଧନ ନ ଥିବାରୁ ଯାତ୍ରା ଓ ନୃତ୍ୟଗୀତ ମାଧ୍ୟମରେ ଧାର୍ମିକ କୃତ୍ୟମାନ ପ୍ରଚାରିତ ହେଉଥିଲା । ପଞ୍ଚସଖାମଣ୍ଡଳୀର ଅନ୍ୟତମ ସଖା ଅଚ୍ୟୁତାନନ୍ଦ ଓଡ଼ିଶାର ଝଙ୍କଡ଼ସ୍ଥିତ ସାରଳା ପୀଠରୁ ସର୍ବଭାରତୀୟ ସ୍ତରରେ ପ୍ରଥମ କରି 'ରାସ ଯାତରା' ଆରମ୍ଭ କରି ବାରଜଣ ଶିଷ୍ୟଙ୍କ ଦ୍ୱାରା ଏହାକୁ ଭାରତର ସର୍ବତ୍ର ପ୍ରଦର୍ଶନ କରାଇଥିଲେ । ଅଚ୍ୟୁତାନନ୍ଦଙ୍କ 'ବରଣ ଚରିତ' ପୋଥିରେ ଏହାର ଉଲ୍ଲେଖ ଅଛି ବୋଲି ସ୍ୱର୍ଗତ ଧୀରେନ୍ ଦାଶ ମତ ପ୍ରଦାନ କରନ୍ତି । ସେ ପୁନଶ୍ଚ କହନ୍ତି ଯେ, ଏଥିରେ ନାଟ୍ୟ ପ୍ରୟୋଗ ଅର୍ଥରେ 'ଯାତ୍ରା' ଶବ୍ଦ ଏକାଧିକବାର ବ୍ୟବହୃତ ହୋଇଛି । (ଓଡ଼ିଶାର ସାଂସ୍କୃତିକ ଇତିହାସ, ପୃ:୧୪୭)

ପୂର୍ବରୁ ଉଲ୍ଲିଖିତ ଅଷ୍ଟାଦଶ ଶତାବ୍ଦୀର ଲୀଳା ନାଟ୍ୟକାରଙ୍କ ପରେ ମଧ୍ୟ ଓଡ଼ିଆ ଯାତ୍ରାର ବିକାଶଧାରା ଅବ୍ୟାହତ ଥିଲା । ଊନବିଂଶ ଶତାବ୍ଦୀର ବହୁ ଯାତ୍ରାକାରଙ୍କର ଆବିର୍ଭାବ ଘଟିଲା । ଡକ୍ଟର କୁଞ୍ଜବିହାରୀ ଦାଶ ମେଦିନୀପୁରର ଦେପାଲ୍ ଗ୍ରାମର କୃପାସିନ୍ଧୁ ମିଶ୍ରଙ୍କୁ ପ୍ରଥମ ଓଡ଼ିଆ ଯାତ୍ରାକାର ଭାବରେ ଗ୍ରହଣ କରନ୍ତି । (ସାହିତ୍ୟ ଓ ସମାଲୋଚନା, ପୃ:୨୦୦) ତାଙ୍କର ଜନ୍ମ ୧୮୩୨ ଖ୍ରୀଷ୍ଟାବ୍ଦ ଓ ସେ ମାତ୍ର ଷୋଳବର୍ଷ ବୟସରେ ଅର୍ଥାତ୍ ୧୮୪୮ ଖ୍ରୀଷ୍ଟାବ୍ଦରେ ନିଜର ପ୍ରଥମ ଲୀଳାନାଟକ ଲେଖିଥିଲେ । ସେ ଶତାୟୁ ଥିଲେ ଓ ଶତାଧିକ ଯାତ୍ରା ନାଟକର ସ୍ରଷ୍ଟା ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ସେଗୁଡ଼ିକ ମଧ୍ୟରୁ 'ଲଳିତା ହରଣ', 'ସଚଳା ହରଣ', 'ଚନ୍ଦ୍ରାବତୀ ହରଣ', 'ବାଗାମ୍ବର', 'ମନୋହର ଫାସ୍ୟାରା' ପ୍ରଭୃତି କେତୋଟି । ଏଗୁଡ଼ିକ ମେଦିନୀପୁର ଅଞ୍ଚଳରେ ବହୁ ଲୋକପ୍ରିୟ ଥିଲା ଓ ଓଡ଼ିଆ ସଂସ୍କୃତିକୁ

Digitized by srujanika@gmail.com

ଜୀବିତ ରଖିଥିଲା । ପୁରୀ ଜିଲାର ଶଙ୍କର ତାଙ୍କର ଗୁରୁ ଥିବାରୁ ମନେହୁଏ ତାଙ୍କ ପୂର୍ବରୁ ମଧ୍ୟ ଓଡ଼ିଆ ଯାତ୍ରା ରଚିତ ହୋଇ ଅଭିନୀତ ହେଉଥିଲା ।

ଏହି ସମ୍ଭାବନାକୁ ସୁଦୃଢ଼ କରେ **ବଂଶୀବଲ୍ଲଭ ଗୋସ୍ୱାମୀଙ୍କ** 'ମୋଗଲ ତାମସା' । ବଂଶୀବଲ୍ଲଭ ଗୋସ୍ୱାମୀ ଭଦ୍ରକ ନିକଟସ୍ଥ ସଙ୍ଗତ ଗ୍ରାମରେ ସମ୍ଭବତଃ ୧୭୨୮ ଖ୍ରୀଷ୍ଟାବ୍ଦରେ ଜନ୍ମ ଗ୍ରହଣ କରିଥିଲେ । ସେ ରଚନା କରିଥିଲେ ଛଅଟି ତାମସା । ସେସବୁ ମଧ୍ୟରେ 'ମୋଗଲ ତାମସା' ଶ୍ରେଷ୍ଠ । ଏହା ଲୋକନାଟକ କ୍ଷେତ୍ରରେ ଏକ ବଳିଷ୍ଠ ସୃଷ୍ଟି । ହିନ୍ଦୁ-ମୁସଲମାନ ସଂସ୍କୃତିର ସମନ୍ୱୟ ଏଥିରେ ସାଧିତ ହୋଇଅଛି । ଏଥିରେ ପାତ୍ରମୁଖୀ ଭାଷା ପ୍ରଯୁକ୍ତ ହୋଇଥିବାରୁ ପାର୍ଶୀ, ଉର୍ଦ୍ଦୁ ଓ ଓଡ଼ିଆ ଭାଷାର ସଂଳାପ ପରିଦୃଷ୍ଟ ହୁଏ । ପ୍ରହସନ ବା ଫାର୍ସ ଜାତୀୟ ହୋଇଥିବାରୁ ଏହା ବ୍ୟଙ୍ଗାତ୍ମକ ଓ ରସପୂର୍ଣ୍ଣ । ଓଡ଼ିଆ ଯାତ୍ରାନାଟକର ବିକାଶରେ ଏହାର ଭୂମିକା ଅବଶ୍ୟ ସ୍ୱୀକାର୍ଯ୍ୟ ।

ଓଡ଼ିଆ ଯାତ୍ରାର ବିକାଶଧାରାରେ **ରଘୁନାଥ ପରିଛା** ଏକ ସ୍ମରଣୀୟ ନାମ । ସେ ୧୭୯୫ ଖ୍ରୀଷ୍ଟାବ୍ଦରେ ପାରଳାଖେମୁଣ୍ଡିରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚିତ 'ଗୋପୀନାଥ ବଲ୍ଲଭ' ନାଟକ ରାଧାକୃଷ୍ଣ ପ୍ରେମଲୀଳାମୂଳକ । ୧୮୬୮ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲେ ହେଁ ଏହା ବହୁପୂର୍ବରୁ ରଚିତ ହୋଇଥିବା ଅନୁମିତ ହୁଏ । ଏହା ଦକ୍ଷିଣୀ ଯାତ୍ରା ଶୈଳୀରେ ରଚିତ ଏବଂ ଏଥିରେ ଦକ୍ଷିଣୀ, ହିନ୍ଦୁସ୍ଥାନୀ ଓ ବଙ୍ଗଳା ରାଗରାଗିଣୀ ଓ ତାଳରେ ଗଠିତ ଗୀତିମାନ ସନ୍ନିବେଶିତ । କିନ୍ତୁ ଗଦ୍ୟଶୈଳୀ ସଂସ୍କୃତାନୁସାରୀ ହେତୁ ସର୍ବସାଧାରଣଙ୍କ ପକ୍ଷେ ଅବୋଧ୍ୟ । ଅବଶ୍ୟ ପୂର୍ବରୁ ରଚିତ ଓଡ଼ିଆ ଯାତ୍ରାମାନଙ୍କଠାରୁ ଏହା ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଉନ୍ନତ ।

କଲିକତାରେ ଏକ ଫେରିବାଲା ଭାବରେ ଜୀବିକାର୍ଜନ କରୁଥିବା **ଯାଜପୁରର ଗୋପାଳ ଦାସ** (୧୮୧୯-୧୮୫୯) ଦିନେ ବଙ୍ଗଳା ଯାତ୍ରା ଜଗତରେ ଆଲୋଡ଼ନ ସୃଷ୍ଟି କରିଥିଲେ । ସେ କେତୋଟି ଯାତ୍ରାନାଟକ ରଚନା କରି ସେସବୁରେ ଅଭିନୟ କରିଥିଲେ, ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ । ତାଙ୍କ ସଙ୍ଗୀତର ଆବେଦନ ବଙ୍ଗବାସୀଙ୍କୁ ମୁଗ୍ଧ କରିଥିଲା । ସେ ଥିଲେ ଜଣେ ସର୍ବମାନ୍ୟ ଯାତ୍ରାକାର । ତାଙ୍କୁ ସେଠାକାର ଲୋକେ ଶ୍ରଦ୍ଧାରେ କହୁଥିଲେ 'ଗୋପାଲ ଉଡ଼େ' । ବଙ୍ଗଳା ଭାଷାରେ ଯାତ୍ରା ନାଟକ ରଚନା କରୁଥିଲେ ହେଁ ଓଡ଼ିଆ ଯାତ୍ରାର ବିକାଶ କ୍ରମରେ ତାଙ୍କର ନାମ ସ୍ୱତଃ ଉଚ୍ଚାରିତ ହୋଇଥାଏ ।

ତା'ପରେ ଆବିର୍ଭାବ ହୁଏ ଯାତ୍ରା ଜଗତର ଅନ୍ୟତମ ଅଗ୍ରଣୀ ସ୍ରଷ୍ଟା **ଜଗନ୍ନାଥ ପାଣି** (୧୮୩୬-୧୮୯୭)ଙ୍କର ଭଦ୍ରକ ନିକଟସ୍ଥ ନଳାଙ୍ଗ ଗ୍ରାମରେ । ସେ ଅନେକ ଯାତ୍ରା ନାଟକର ସ୍ରଷ୍ଟା । ତାଙ୍କ ରଚନାବଳୀ ସରଳ ଓ ଭାବପୂର୍ଣ୍ଣ ହେତୁ ବହୁ

Digitized by srujanika@gmail.com

ଲୋକପ୍ରିୟତା ଅର୍ଜନ କରିପାରିଥିଲା । 'ଦକ୍ଷଯଜ୍ଞ', 'ଧ୍ରୁବଚରିତ', 'ପ୍ରହ୍ଲାଦ ଚରିତ', 'ସୀତାବନବାସ', 'ପାରିଜାତ ହରଣ', 'ମାନଭଞ୍ଜନ', 'ଲକ୍ଷ୍ମଣ ଶକ୍ତିଭେଦ', 'ସମୁଦ୍ର ମନ୍ଥନ', 'ରୁକ୍ମିଣୀ ପରିଣୟ', 'ଭୂତକେଳି' ପ୍ରଭୃତି ତାଙ୍କ ରଚନା ମଧ୍ୟରୁ କେତୋଟି । ଏସବୁ ଛାନ୍ଦନାଟକ ଓ ଏସବୁରେ ଗଦ୍ୟ ସଂଳାପ ଆଦୌ ନଥିଲା । ମଧ୍ୟଯୁଗୀୟ ରାଗରାଗିଣୀ ଓ ଛନ୍ଦରେ ରଚିତ ହୋଇଥିଲା ଏହାର ସଂଳାପ । ତାଙ୍କ ଛାନ୍ଦନାଟକମାନ ଅଶ୍ଳୀଳ ରୁଚି ଓ ବିଭତ୍ସ ଦୃଶ୍ୟରହିତ । ସେ ଯାତ୍ରାକୁ ଲୋକନାଟକରୁ ଏକ ଅଭିଜାତ ସ୍ତରକୁ ନେଇଥିଲେ ।

ଜଗନ୍ନାଥ ପାଣିଙ୍କ ଅଳ୍ପକାଳ ପରେ ଯେଉଁ ଯାତ୍ରାକାରମାନେ ସଦର୍ପ ପଦପାତରେ ଓଡ଼ିଆ ଯାତ୍ରାଜଗତରେ ଚହଳ ସୃଷ୍ଟି କରନ୍ତି ସେମାନଙ୍କ ମଧ୍ୟରେ ଗୋପାଳ ଦାଶ, ବୈଷ୍ଣବ ପାଣି, ଗୋବିନ୍ଦ ଚନ୍ଦ୍ର ଶୂରଦେଓ, ଲକ୍ଷ୍ମୀକାନ୍ତ ମହାପାତ୍ର, ବାବାଜି ବୈଷ୍ଣବଚରଣ ଦାସ, ମୋହନ ସୁନ୍ଦର ଦେବଗୋସ୍ୱାମୀ, କୃଷ୍ଣ ପ୍ରସାଦ ବସୁ ପ୍ରଭୃତି ବହୁ ଯାତ୍ରାକାର ଅନ୍ତର୍ଭୁକ୍ତ । କିନ୍ତୁ ସମକାଳରେ ଆବିର୍ଭୂତ ଭିକାରୀ ନାୟକ, ମାଗୁଣି ନାୟକ, କହ୍ନେଇ ଦାସ ପ୍ରଭୃତିଙ୍କ ସମେତ ଆଉ କେତେଜଣ ଗୌଣ ଯାତ୍ରାକାର ଯାତ୍ରାଦଳ ଗଢ଼ି ଯେଉଁ ଯାତ୍ରାନାଟକମାନ ପରିବେଷଣ କଲେ ସେସବୁରେ ଅମାର୍ଜିତ ଭାଷା, ଅଶ୍ଳୀଳତା, ଶୃଙ୍ଗାରକାରିତା ଆଦି ସ୍ଥାନ ପାଇଥିଲା । କିଛି ଅଶିକ୍ଷିତ ଗ୍ରାମ୍ୟ ଜନତା ଏହାଦ୍ୱାରା ଆମୋଦିତ ହେଉଥିଲେ ହେଁ ଶିକ୍ଷିତ ଜନସାଧାରଣଙ୍କର ଏହା ରୁଚି ଅନୁକୂଳ ହେଲା ନାହିଁ । ତେଣୁ ସେସବୁ ଯାତ୍ରା ବିରୋଧରେ ପ୍ରଚାର ଆରମ୍ଭ ହୋଇଗଲା । ତତ୍‌କାଳୀନ ପତ୍ରପତ୍ରିକାମାନ ଏହାର କଟୁ ସମାଲୋଚନା କଲେ । ବଙ୍ଗଳାରୁ ଆସି ଓଡ଼ିଶାରେ ଯାତ୍ରା ପ୍ରଦର୍ଶନ କରୁଥିବା ଯାତ୍ରାଦଳର ପ୍ରଶଂସା କରାଗଲା । ଓଡ଼ଶା ମାଟିରେ ବଙ୍ଗଳା ଯାତ୍ରାର ଆଦର ବଢ଼ିଲା । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଯାତ୍ରା-ନାଟକରେ ସଂସ୍କାର ଲୋଡ଼ା ପଡ଼ିଲା । ଊନବିଂଶ ଶତାବ୍ଦୀର ଶେଷ ଦୁଇ ଦଶକ ଓ ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକରେ ଓଡ଼ିଆ ଯାତ୍ରା କ୍ଷେତ୍ରରେ ସଂସ୍କାର ଆନୟନ ନିମନ୍ତେ ଏକ ଆନ୍ଦୋଳନର ସୂତ୍ରପାତ ହେଲା । ଅତୀତର କୁରୁଚିପୂର୍ଣ୍ଣ ଯାତ୍ରାକୁ ବିଦାୟ ଦେଇ ନୂତନ ଆଦର୍ଶରେ ଯାତ୍ରା-ନାଟକ ରଚନା ପାଇଁ ଅଣ୍ଟା ଭିଡ଼ିଲେ ଉପରୋକ୍ତ ସଂସ୍କାରପ୍ରେମୀ ଯାତ୍ରାକାରମାନଙ୍କ ସହିତ ଆଉ କେତେଜଣ ଯାତ୍ରାକାର, ଯେଉଁମାନଙ୍କ କୀର୍ତ୍ତି ଓ କୃତି ନିମ୍ନରେ ଆଲୋଚିତ ।

ପଟ୍ଟାମୁଣ୍ଡାଇ ନିକଟସ୍ଥ ପଳାସିଂହ ଗ୍ରାମର ଗୋପାଳ ଦାଶ (୧୮୭୦-୧୯୩୯) ଜଣେ ଯଶସ୍ୱୀ ଯାତ୍ରାକାର । ତାଙ୍କ ପିତା କହ୍ନେଇ ଦାଶ ଜଣେ ଯାତ୍ରାକାର ଓ ତାଙ୍କର ଏକ ଯାତ୍ରାଦଳ ଥିଲା । ସେହି ଯାତ୍ରାଦଳରେ ଅଭିନୟ କରି ଗୋପାଳ ଦାଶ କ୍ରମେ ସାଧନା ବଳରେ ରଚନା କଲେ ଗୀତାଭିନୟ ପରେ ଗୀତାଭିନୟ ଓ ଶେଷରେ

Digitized by srujanika@gmail.com

ଜଣେ ବିଶିଷ୍ଟ ଯାତ୍ରାକାରର ମାନ୍ୟତା ପ୍ରାପ୍ତ ହେଲେ । 'ବ୍ରଜଲୀଳା' ତାଙ୍କର ପ୍ରଥମ ଗୀତାଭିନୟ । ସେ ଓଡ଼ିଆ ଯାତ୍ରାରେ ସଂସ୍କାର ଆଣି ଏହାର ଆଧୁନିକୀକରଣ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଓଡ଼ିଆ ଯାତ୍ରା ସାହିତ୍ୟର ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ଏହି ଚିରସ୍ମରଣୀୟ ପ୍ରତିଭା 'ବ୍ରଜଲୀଳା' ପରେ ରଚନା କଲେ 'କଂସବଧ', 'ଶ୍ୱେତବସନ୍ତ', 'କାଞ୍ଚିକାବେରୀ', 'କର୍ଣ୍ଣବଧ', 'ଭୀଷ୍ମ ଶରଶଯ୍ୟା', 'ପ୍ରଭାସ ଯଜ୍ଞ', 'ଜୟଦେବ', 'ଧ୍ରୁବ ଚରିତ', 'ମହୀରାବଣ ବଧ', 'ବାଳିବଧ, 'ଅଭିମନ୍ୟୁ ବଧ', 'ରାବଣ ବଧ', 'ସାବିତ୍ରୀ ସତ୍ୟବାନ', 'ଦକ୍ଷଯଜ୍ଞ', 'ଚୈତନ୍ୟ ଲୀଳାମୃତ', 'ବିଲଙ୍କା ରାବଣ ବଧ' ପ୍ରଭୃତି ଶତାଧିକ ଯାତ୍ରା ନାଟକ । ଓଡ଼ିଆ ଯାତ୍ରାର ବିକାଶକ୍ରମରେ ତାଙ୍କ ସାଧନା ଓ ସିଦ୍ଧି ଅବଶ୍ୟ ସ୍ୱୀକାର୍ଯ୍ୟ ।

ମାହାଙ୍ଗା ଥାନାର କୋଠପଦା ଗ୍ରାମର ଗଣକବି **ବୈଷ୍ଣବ ପାଣି** (୧୮୮୨-୧୯୫୬) ଓଡ଼ିଆ ଯାତ୍ରା-ସାହିତ୍ୟରେ ଜଣେ ଯୁଗସ୍ରଷ୍ଟା ନାୟକ, ଯାତ୍ରା ନାଟକର ବିକାଶ ପଥରେ ସଫଳତମ ପ୍ରତିନିଧି । ଶତ ଶତ ନାଟକ ରଚନା କରି ସେ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ସେ ଏକାଧାରରେ ନାଟ୍ୟକାର, କବି, ଅଭିନେତା ଓ ନିର୍ଦ୍ଦେଶକ । ସମାଜ ସଂସ୍କାର ଦିଗଟି ତାଙ୍କ ରଚନାବଳୀରେ ବେଶ୍ ଉଜ୍ଜ୍ୱଳ । ଡକ୍ଟର ମାୟାଧର ମାନସିଂହ ତାଙ୍କ ସଂସ୍କାରବାଦୀ ମନୋଭାବକୁ ଭୂୟସୀ ପ୍ରଶଂସା କରିଛନ୍ତି । ତାଙ୍କ ରଚନାବଳୀ ମଧ୍ୟରେ 'ଅଭିମନ୍ୟୁ ବଧ', 'କୀଚକ ବଧ', 'ମେଘନାଦ ବଧ', 'କର୍ଣ୍ଣବଧ', 'ମହିଷାସୁର ବଧ', 'ଜୟଦ୍ରଥ ବଧ', 'ବକାସୁର ବଧ', 'କଳାପାହାଡ଼', 'ଗୋବିନ୍ଦ ବିଦ୍ୟାଧର', 'ସମୁଦ୍ର ମନ୍ଥନ', 'ସଭାବିନୋଦ', 'ରଙ୍ଗସଭା ସୁଆଙ୍ଗ', 'ପ୍ରଭାସ ମିଳନ', 'କପଟପାଶା', 'ବିଲ୍ୱମଙ୍ଗଳ', 'ଶ୍ୱେତବସନ୍ତ', 'ଯଦୁବଂଶ ଧ୍ୱଂସ', 'କାଞ୍ଚିକାବେରୀ', 'ଭକ୍ତସୁଦାମା', 'ରଘୁ ଅରକ୍ଷିତ' ଇତ୍ୟାଦି ଅନ୍ତର୍ଭୁକ୍ତ । ତାଙ୍କ ରଚନାଗୁଡ଼ିକ ପୌରାଣିକ, ଐତିହାସିକ, କିଂବଦନ୍ତୀକ ଓ କାଳ୍ପନିକ କଥାବସ୍ତୁ ଆଧାରିତ । ଓଡ଼ିଆ ଯାତ୍ରା-ଜଗତକୁ ଓ ଆଧୁନିକ ଗଣଚିତ୍ତକୁ ଅତୁଳନୀୟ ଓ ଚିରନ୍ତନ ଦାନ ପାଇଁ ସେ ଯଥାର୍ଥରେ ଗଣକବି ।

ଓଡ଼ିଶାର ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ (ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମ ଜିଲ୍ଲା ଅନ୍ତର୍ଗତ) ତରଳାଗଡ଼ ରାଜପରିବାରରେ ଭୂମିଷ୍ଠ **ଗୋବିନ୍ଦଚନ୍ଦ୍ର ଶୁରଦେଓ** (୧୮୮୪-୧୯୩୯) ଓଡ଼ିଆ ଯାତ୍ରା-ନାଟକକୁ ନୂତନତାରେ ଭରି ଦେବାକୁ ସଦା ଚେଷ୍ଟିତ ଥିଲେ । 'ରାସଲୀଳା', 'ମାନଭଞ୍ଜନ', 'ସାକ୍ଷୀଗୋପାଳ', 'ନରମେଧ ଯଜ୍ଞ', 'ନରକାସୁର ବଧ', ଉତ୍କଳ ରମଣୀ', 'ପାଠୋଇ ବୋହୂ', 'ଇନ୍ଦ୍ରସଭା', 'ମେବାର ପୁତ୍ର', 'ମୁକୁନ୍ଦଦେବ', 'ହିନ୍ଦୋଳ ବିଜୟ' ଇତ୍ୟାଦି ତାଙ୍କ ରଚନାବଳୀ ମଧ୍ୟରୁ କେତୋଟି । ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ପେଟେଣ୍ଟ୍ ମେଡିସିନ୍' ଗଳ୍ପକୁ ନାଟ୍ୟରୂପ ଦେଇ

Digitized by srujanika@gmail.com

ସେ ଏହାକୁ ଅଭିନୀତ କରାଇଥିଲେ । ଫକୀର ମୋହନ ନିଜେ ଏହା ଦେଖି ତାଙ୍କୁ ପ୍ରଶଂସା କରିଥିଲେ । ପରମ୍ପରାଗତ ଯାତ୍ରାଶୈଳୀରେ ଗଦ୍ୟସଂଳାପ ପ୍ରୟୋଗ, ହିନ୍ଦୁସ୍ଥାନୀ ଓ ଓଡ଼ିଶୀ ସଙ୍ଗୀତ ସଂଯୋଜନା, ଦୃଶ୍ୟ ବିଭାଗୀକରଣ ଓ ଦୃଶ୍ୟପଟର ପ୍ରଚଳନ ଆଦି ସଂସ୍କାର ଆଣି ସେ ଯାତ୍ରା ନାଟକକୁ ଅଧିକ ଲୋକାଭିମୁଖୀ କଲେ । ସେ ଥିଲେ ଏକାଧାରରେ ଗୀତିକାର, ଯାତ୍ରାକାର, ସଂଗୀତଜ୍ଞ, କଣ୍ଠଶିଳ୍ପୀ ଓ ନିର୍ଦ୍ଦେଶକ । ନିଜ ନିର୍ଦ୍ଦେଶିତ ଏକ ନାଟକ ଅଭିନୟ ଶେଷ ହେବାପରେ ସେ ଇହଲୀଳା ସମ୍ବରଣ କରିଥିଲେ । ଓଡ଼ିଆ ଯାତ୍ରା-ନାଟକର ଉନ୍ନତି ପଥରେ ତାଙ୍କର ଅବଦାନ ପ୍ରଶଂସାଯୋଗ୍ୟ ।

ଅବିଭକ୍ତ ବାଲେଶ୍ୱର ଜିଲାର ଭଦ୍ରକ ଅଧିବାସୀ **ଲକ୍ଷ୍ମୀକାନ୍ତ ମହାପାତ୍ର** (୧୮୮୮-୧୯୫୩) ବ୍ୟଙ୍ଗାତ୍ମକ ରଚନା ପାଇଁ କାନ୍ତକବି ଭାବରେ ପରିଚିତ । ସେ ଏକାଧାରରେ କଥାକାର, ଗୀତିକାର, ଗୀତିନାଟ୍ୟକାର ଓ ନାଟ୍ୟଶିଳ୍ପୀ । ସେ ‘ଶରଦରାସ’, ‘କାଳୀୟ ଦଳନ’, ‘ବଂଶୀଶିକ୍ଷା’, ‘ବସନ୍ତବିଳାସ’, ‘ଶ୍ରୀ ଶ୍ରୀ ଗୌରସନ୍ନ୍ୟାସୀ’, ‘ମହାମିଳନ’, ‘ସମସ୍ୟା’, ‘ଫିଲ୍ଲଷ୍ଟାର’, ‘ସୁଇସାଇଡ୍’, ‘ଅଫିମଲୀଳା’, ‘ପରୀକ୍ଷାଫଳ’, ‘ଦି[illegible]ବୀସ ପ୍ରେମିକ’,‘ଲକ୍ଷ୍ମୀ ଗୁଣ୍ଡାଳୁଣୀ’, ‘କର୍ଣ୍ଣ’ ଇତ୍ୟାଦି ବହୁ ନାଟକ ଓ ଯାତ୍ରା-ନାଟକର ସ୍ରଷ୍ଟା । ତାଙ୍କ ରଚନାରେ ଭକ୍ତିଭାବର ଅଖଣ୍ଡ ପ୍ରବାହ ଯେପରି ରହିଛି, ବ୍ୟଙ୍ଗବିଦ୍ରୂପ ମାଧ୍ୟମରେ ସମାଜ-ସଂସ୍କାର ମନୋଭାବ ସେହିପରି ରହିଛି । ନିଜ ନାଟକାଦି ପ୍ରଦର୍ଶନ ପାଇଁ ସେ ‘ଗୋପୀନାଥ ସଙ୍ଗୀତ ସମାଜ’ ଗଢ଼ିଥିଲେ ।

ଅବିଭକ୍ତ ପୁରୀ ଜିଲା ଅନ୍ତର୍ଗତ ରଣପୁର ଗ୍ରାମର ବାବାଜି **ବୈଷ୍ଣବଚରଣ ଦାସ** (୧୮୮୮-୧୯୬୧)ଙ୍କ ପାରିବାରିକ ନାମ ବେଣୁଧର ପଟ୍ଟନାୟକ । ସେ ଜଣେ ଗୀତିନାଟ୍ୟକାର ଭାବରେ ବେଶ୍ ସୁନାମ ଅର୍ଜନ କରିଥିଲେ । ଗୌଡ଼ୀୟ ବୈଷ୍ଣବଧର୍ମାବଲମ୍ବୀ ହେତୁ ତାଙ୍କ ନାଟ୍ୟକୃତିମାନ ସେହି ଧର୍ମଦର୍ଶନଦ୍ୱାରା ପ୍ରଭାବିତ । ‘ମାନଭଞ୍ଜନ’ ତାଙ୍କର ଏକ ବହୁପ୍ରଶଂସିତ ନାଟକ ଏବଂ ତାଙ୍କ ସୃଷ୍ଟିମାନଙ୍କ ମଧ୍ୟରେ ଶ୍ରେଷ୍ଠ । ‘ବାଲ୍ୟଲୀଳା’, ‘ଜନ୍ମଲୀଳା’, ‘ରାସଲୀଳା’, ‘ଦୋଳଲୀଳା’, ‘ବସନ୍ତଲୀଳା’, ‘ବ୍ରଜଲୀଳା’, ‘ଯୁଗଳମାଧୁରୀ’, ‘କିଶୋରଚନ୍ଦ୍ର’, ‘ବିରହମାନ’ ଆଦି ବହୁ ନାଟକର ସେ ବିଦଗ୍ଧ ସ୍ରଷ୍ଟା । ପ୍ରଥମେ ସେ ମୋହନସୁନ୍ଦର ଦେବଗୋସ୍ୱାମୀଙ୍କ ସହିତ ମିଶି ନାଟକ ପ୍ରଦର୍ଶନ କରୁଥିଲେ; କିନ୍ତୁ ପରେ ‘ଶ୍ରୀ ଶ୍ରୀ ରାଧାଗୋବିନ୍ଦ ରାସମଣ୍ଡଳୀ’ ପ୍ରତିଷ୍ଠା କରି ନିଜ ନାଟକମାନ ପ୍ରଦର୍ଶନ କଲେ । ଓଡ଼ିଆ ଗୀତିନାଟ୍ୟ ବିକାଶଧାରାରେ ସେ ଜଣେ ସ୍ମରଣୀୟ ପ୍ରତିଭା ।

ଶ୍ରୀକ୍ଷେତ୍ର ପୁରୀର **ମୋହନସୁନ୍ଦର ଦେବଗୋସ୍ୱାମୀ** (୧୮୯୨-୧୯୪୮) ନିତ୍ୟାନନ୍ଦ ମହାପ୍ରଭୁଙ୍କ ବଂଶଜ । ଓଡ଼ିଆ ଲୋକନାଟ୍ୟ ବିକାଶରେ ତାଙ୍କ ଭୂମିକା

Digitized by srujanika@gmail.com

ବେଶ୍ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ରଚନାବଳୀ ମଧ୍ୟରେ 'ଭକ୍ତର ଭଗବାନ', 'ଏକାଦଶୀ ମାହାତ୍ମ୍ୟ', 'ମାନଭଞ୍ଜନ', 'ମାନଭଞ୍ଜନ ଦେବଲୀଳା', 'କଂସବଧ', 'ମାଧୁର୍ଯ୍ୟ କାଦମ୍ବିନୀ', 'ଶ୍ରୀରାଧା ପ୍ରେମାମୃତ', 'ବିଦଗ୍ଧ ମାଧବ', 'ମୀରା ବାଈ', 'ଆନନ୍ଦ ବୃନ୍ଦାବନ ଚମ୍ପୂ', 'ବାଲ୍ୟଲୀଳା', 'ଗୋଷ୍ଠଚନ୍ଦ୍ରମା', 'ମୋ କାଳିଆ ହାତୀ', 'ଲଳିତ ମାଧବ', 'ଭକ୍ତସୁଦାମା', 'ସୁବଳ ମିଳନ', 'ଗୋବିନ୍ଦ ଲୀଳାମୃତ', 'ମଥୁରା ମଙ୍ଗଳ' ଇତ୍ୟାଦି ରାସ ଓ ଗୀତାଭିନୟ ଅନ୍ତର୍ଭୁକ୍ତ । ଏସବୁ ମଧ୍ୟରେ ତାଙ୍କ 'ମାନଭଞ୍ଜନ' ଅଧିକ ଜନାଦୃତ, ଯାହା ଏକଦା ନାଟ୍ୟଜଗତରେ ଚହଳ ସୃଷ୍ଟି କରିଥିଲା । ନିଜ ରାସଦଳକୁ ନେଇ ସେ ଓଡ଼ିଶା ଓ ଓଡ଼ିଶା ବାହାରେ ନାଟ୍ୟପ୍ରଦର୍ଶନ କରୁଥିଲେ ଓ ବହୁ ସୁଖ୍ୟାତି ଅର୍ଜନ କରିଥିଲେ । ଓଡ଼ିଆ ଗୀତିନାଟ୍ୟର ବିକାଶଧାରାରେ ତାଙ୍କ ଭୂମିକା ବେଶ୍ ଉତ୍ସାହଜନକ ।

ଯାଜପୁରର କୁଆଁସରପୁର ଗ୍ରାମରେ କବିମଞ୍ଜୁଳ **କୃଷ୍ଣପ୍ରସାଦ ବସୁ** (୧୮୯୪-୧୯୬୮)ଙ୍କ ଜନ୍ମ । ଓଡ଼ିଆ ଗଣନାଟ୍ୟ ଆନ୍ଦୋଳନରେ ସେ ଜଣେ ମୁଖ୍ୟ ପୁରୋଧା । ନାଟକ ମାଧ୍ୟମରେ ନବଜାଗରଣ ଓ ସଂସ୍କାର ଆନୟନ ଥିଲା ତାଙ୍କର ମୂଳ ଲକ୍ଷ୍ୟ । ବହୁ ପାଲା ଓ ଯାତ୍ରାନାଟକର ସେ ସୁଯୋଗ୍ୟ ସ୍ରଷ୍ଟା । ସେ ଥିଲେ ଏକାଧାରରେ ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ । ନିଜର 'ବିରଜା ଅପେରା ଦଳ' ସହିତ ସେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବାଦୀଯାତ୍ରା କରିଥିଲେ । ତାଙ୍କ ରଚନାବଳୀ ମଧ୍ୟରେ 'ଶକୁନ୍ତଳା', 'କୃଷ୍ଣଚରିତ', 'କାରାଗାର', 'ଦକ୍ଷଯଜ୍ଞ', 'ଭୂୟାଁପୀଢ଼', 'ବବ୍ରୁବାହନ', 'ହରିଶ୍ଚନ୍ଦ୍ର', 'ଧ୍ରୁବ', 'ଉର୍ବଶୀ', 'ସାବିତ୍ରୀ', 'ଯଯାତି କେଶରୀ', 'ଜନ୍ମାଷ୍ଟମୀ', 'ଛତ୍ରପତି ଶିବାଜୀ' ପ୍ରଭୃତି ବହୁ ଯାତ୍ରାନାଟକ ଅନ୍ତର୍ଭୁକ୍ତ । ତାଙ୍କ ରଚନା ବେଶ୍ ସରଳ, କାବ୍ୟିକ ଓ ଶ୍ରୁତିମଧୁର । ନୂତନ ନାଟ୍ୟକଳାଯୁକ୍ତ ହେତୁ ତାଙ୍କ ନାଟକଗୁଡ଼ିକ ବହୁ ଲୋକପ୍ରିୟ ।

ଆଧୁନିକ ଜଗତସିଂହପୁର ଜିଲାର ରଘୁନାଥପୁର ବ୍ଲକସ୍ଥ ଗୋଠିଣା ଗ୍ରାମରେ ଜନ୍ମିତ **ରାମଚନ୍ଦ୍ର ସ୍ୱାଇଁ** (୧୯୦୪-୭୮) ଓଡ଼ିଆ ଯାତ୍ରା ପରମ୍ପରାରେ ଅନ୍ୟତମ ପ୍ରତିଭା । ସେ 'ଶ୍ରୀ ଶ୍ରୀ ଜୟନାରାୟଣୀ ଅପେରା' ଦଳ ଗଠନ କରି ପ୍ରଥମେ ବୈଷ୍ଣବ ପାଣିଙ୍କ କେତୋଟି ଯାତ୍ରା ମଞ୍ଚସ୍ଥ କରିଥିଲେ । ପରେ ନିଜେ ନାଟକ ରଚନାରେ ମନ ଦେଇ ସୃଷ୍ଟି କଲେ 'ଇନ୍ଦ୍ରପରାଜୟ', 'କଂସବଧ', 'ହରିଶ୍ଚନ୍ଦ୍ର', 'ଶିଶୁଭକ୍ତ ଧ୍ରୁବ', 'ଶିଶୁଭକ୍ତ ପ୍ରହ୍ଲାଦ', 'ତ୍ରିପୁରାସୁର ବଧ', 'ବବ୍ରୁବାହନ', 'ଶାନ୍ତନୁଗଙ୍ଗା', 'ହିନ୍ଦୁ ଗୌରବ', 'ଦାକ୍ଷିଣାତ୍ୟ ରାଜରାଣୀ', 'ଖଣ୍ଡଗିରି', 'ବସନ୍ତମାଳତୀ', 'ବିଜୟମାଧୁରୀ', 'ଅମରମୋହିନୀ', 'ବାଂଶରୀବାଲା', 'ମୋହନ ବୀଣା' ଆଦି ବହୁ ପୌରାଣିକ, ଐତିହାସିକ ଓ ସାମାଜିକ ଯାତ୍ରା ନାଟକ । ଓଡ଼ିଶାର ବିଭିନ୍ନ ସ୍ଥାନରେ ସେସବୁ ପ୍ରଦର୍ଶନ କରି ସେ ବହୁ ପ୍ରଶଂସାର ପାତ୍ର ହୋଇଥିଲେ ।

Digitized by srujanika@gmail.com

ଜଗତସିଂହପୁର ନିକଟସ୍ଥ ଲହଙ୍ଗା ଗ୍ରାମରେ ଭୂମିଷ୍ଠ **ଦୟାନିଧି ସ୍ୱାଇଁ** (୧୯୦୬-୯୩) 'ବାଗ୍‌ଦେବୀ ନାଟ୍ୟସଂଘ' ଗଢ଼ି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ କେତୋଟି ମଞ୍ଚସ୍ଥ କରିଥିଲେ । ପରେ ସେ ନିଜେ 'ତୁଳସୀ ଦାସ', 'ଶବର ଯଜ୍ଞ', 'ଶନିଲକ୍ଷ୍ମୀ କଳି', 'ବାସନ୍ତୀ ପୂଜା', 'ବୀରପୂଜା', 'ରାମରାଜ୍ୟ', 'ବଳିବାମନ ଭିକ୍ଷା', 'ରକ୍ତମୁକୁଟ' ଆଦି ପ୍ରାୟ ୫୦ ଖଣ୍ଡ ଯାତ୍ରାନାଟକ ମଞ୍ଚସ୍ଥ କରିଥିଲେ । ରାଗରାଗିଣୀଯୁକ୍ତ ଓ ସରଳଭାଷା ମିଶ୍ରିତ ତାଙ୍କ ଯାତ୍ରାଗୁଡ଼ିକ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା ।

ଭଦ୍ରକର **ରଘୁନାଥ ପଣ୍ଡା** (୧୯୧୭-୯୨) ଜଣେ ଯାତ୍ରାନାଟ୍ୟକାର ଭାବରେ ପ୍ରସିଦ୍ଧି ଲାଭ କରିଥିଲେ । ପ୍ରଥମେ ସେ ଓଡ଼ିଶା ଥିଏଟର୍ସରେ ଅଭିନୟ କରୁଥିଲେ । ପରେ ନାଟକ ରଚ଼ନାରେ ମନୋନିବେଶ କରି ସୃଷ୍ଟି କଲେ 'ରାମରାଜ୍ୟ', 'ଯୋଗଜନ୍ମା', 'ରାବଣ', 'ରଘୁ ଡକାଏତ', 'ଛତ୍ରପତି ଶିବାଜୀ', 'ମହାସତୀ ସାବିତ୍ରୀ', 'ଶିବତାଣ୍ଡବ', 'ପଞ୍ଜାବ କେଶରୀ', 'ବିଦଗ୍ଧ ବାଦଶାହ', 'ମାଣିକମାଳା' ପ୍ରଭୃତି ବହୁ ଯାତ୍ରା ନାଟକ । ଏତଦ୍‌ବ୍ୟତୀତ ଆଧୁନିକ ନାଟ୍ୟଶୈଳୀ ଅନୁସରଣରେ ସେ କେତେଖଣ୍ଡ ନାଟକ ରଚ଼ନା କରିଥିଲେ । ନାଟକ ରଚ଼ନା କ୍ଷେତ୍ରରେ ତାଙ୍କ ପ୍ରେରଣାର ଉତ୍ସ ଥିଲେ କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ । ଓଡ଼ିଶାର ଯାତ୍ରାନାଟକକୁ ଋଦ୍ଧିମନ୍ତ କରିବାରେ ତାଙ୍କ ଅବଦାନ ଆଦୌ ଗୌଣ ନୁହେଁ ।

ଏମାନଙ୍କ ବ୍ୟତୀତ ଆଉ କେତେଜଣ ଗୌଣ ଯାତ୍ରାକାର ଯାତ୍ରାନାଟକ ରଚ଼ନା କରି ଓଡ଼ିଶାର ପୁରପଲ୍ଲୀରେ ପ୍ରଦର୍ଶନ କରୁଥିଲେ । ରୁଚ଼ିପୂର୍ଣ୍ଣ ହେଉ ବା ରୁଚ଼ିବିରୋଧୀ, ମନୋରଞ୍ଜନଧର୍ମୀ ହେତୁ ଜନସମାଜରେ ସେମାନଙ୍କ ଯାତ୍ରାର ପ୍ରଭାବ ଊଣା ନଥିଲା । ସେମାନଙ୍କ ନାଟକର ମଧ୍ୟ ନିର୍ଦ୍ଦିଷ୍ଟ ଦର୍ଶକଗୋଷ୍ଠୀ ଥିଲେ । ଜଗବନ୍ଧୁ ସିଂହ, ଭିକାରୀ ନାୟକ, ବନ୍ଧୁ ନାୟକ, କାହ୍ନୁଚରଣ ପାଣି, ଭାଗବତ ପଣ୍ଡା, ଉଦୟନାଥ ରାଉତ, ଭାଗିରଥି ମହାପାତ୍ର, ହାଡ଼ିବନ୍ଧୁ ଦାସ, ସନାତନ ପାଳ, ବୈଷ୍ଣବ ରାୟଗୁରୁ, ଧ୍ରୁବ ବାରିକ, ତ୍ରିଲୋଚ଼ନ ରାଜଗୁରୁ, ମାଗୁଣି ଦାସ, ଲକ୍ଷ୍ମୀନାରାୟଣ ଦାସ, ରାଘବ ଚୌଧୁରୀ, ଶେଖ୍ ନଜୀର ମହମ୍ମଦ, ଏସ୍. ଏ. ହମିଦ୍, ମୁନ୍‌ସୀ ହାକିମ ଶେଖ୍ ଅବଦୁଲ୍ଲା, ସୈୟଦ୍ ଉମର ଅଲ୍ଲୀ, ଦୋଳଗୋବିନ୍ଦ ମଙ୍ଗରାଜ, ଲୋକନାଥ, ପଦ୍ମନାଭ, ନରୋତ୍ତମ ଓଝା, ସଦାନନ୍ଦ ଦାସ, ବଳରାମ ମିଶ୍ର, ଦ୍ୱାରିକାନାଥ ମହାପାତ୍ର, ହାଡ଼ିବନ୍ଧୁ ପଣ୍ଡା, ଶ୍ରୀଧର ସାହୁ, ଭଗବାନ ଦାସ, ପରୀକ୍ଷିତ ପଣ୍ଡା, ବାଞ୍ଛାନିଧି ବେଜ, ପଠାଣି ପ୍ରଧାନ, ମାଗୁଣି ବାରିକ ପ୍ରଭୃତି ଯାତ୍ରାପ୍ରେମୀ ଯାତ୍ରାକାରମାନେ ସେମାନଙ୍କ ସାଧ୍ୟମତେ ଓଡ଼ିଆ ଯାତ୍ରାର ଶ୍ରୀବୃଦ୍ଧିରେ ସହାୟତା କରିଛନ୍ତି । ମୁଖ୍ୟ ହୁଅନ୍ତୁ ବା ଗୌଣ, ଓଡ଼ିଆ ଯାତ୍ରା ନାଟକର କ୍ରମବିକାଶରେ ସେମାନଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ । ଓଡ଼ିଆ ଯାତ୍ରା ପରମ୍ପରାରେ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି ଜଣେ ବିଚ଼କ୍ଷଣ ପ୍ରତିଭା । ଓଡ଼ିଶାର

Digitized by srujanika@gmail.com

ପାତ୍ରାଙ୍କୁ ରୁଚିବନ୍ତ, ଶୁଚିବନ୍ତ ଓ ରଙ୍ଗିମନ୍ତ କରିବାରେ ତାଙ୍କ ସାଧନା ଓ ସିଦ୍ଧି ପଟାନ୍ତରବିହୀନ ଓ ଚିରସ୍ମରଣୀୟ ।

ନାଟ୍ୟାଗ୍ରର୍ଯ୍ୟ ବାଳକୃଷ୍ଣ ମହାନ୍ତି (୧୯୦୦-୫୮)ଙ୍କ ଜନ୍ମ ଜଗତସିଂହପୁର ଜିଲ୍ଲାର ପଳାଶୋଳ ଗ୍ରାମରେ । ଯାତ୍ରା ପ୍ରତି ତାଙ୍କର ଆଗ୍ରହ ପିଲାଦିନରୁ । ତାଙ୍କର ଏହି ଆଗ୍ରହ କ୍ରମେ ଏତେ ଅଧିକ ହେଲା ଯେ ପଢ଼ା ଛାଡ଼ି ସେ ନାଟ୍ୟଜଗତରେ ପ୍ରବେଶ କଲେ । ପ୍ରଥମେ ସେ 'ଶ୍ରୀଦୁର୍ଗା ଯାତ୍ରାଦଳ' ଗଠନ କରି ଓ ପରେ ତା'ର ନାମ ସେ 'ଜୟଦୁର୍ଗା ନାଟ୍ୟମଣ୍ଡଳୀ' ରଖି ନିଜ ରଚିତ ଗୀତିନାଟ୍ୟମାନ ନିଜ ନିର୍ଦ୍ଦେଶନାରେ ପ୍ରଦର୍ଶନ କରେ । ଗୋପାଳ ଦାଶ ଓ ବୈଷ୍ଣବ ପାଣିଙ୍କ ଲୋକପ୍ରିୟତା କାଳରେ ତାଙ୍କ ନାଟ୍ୟରଚନା, ନାଟ୍ୟ ନିର୍ଦ୍ଦେଶନା ଓ ନାଟ୍ୟ ପରିବେଷଣ; କିନ୍ତୁ ସେମାନଙ୍କୁ ଅନ୍ଧାନୁସରଣ ଓ ଅନ୍ଧାନୁକରଣ ନ କରି ସେ ନାଟକ ରଚନା ଓ ପରିବେଷଣ କ୍ଷେତ୍ରରେ ସଂସ୍କାର ଆଣିବାକୁ ଚେଷ୍ଟାକରି ସଫଳ ହୋଇଥିଲେ । ପୌରାଣିକ ନାଟକ ପ୍ରାଧାନ୍ୟ ବିସ୍ତାର କରିଥିବା ସମୟରେ ସେ ପ୍ରଥମେ ରଚନା କଲେ ସାମାଜିକ ଓ କାଳ୍ପନିକ ନାଟକ । ତାଙ୍କର ପ୍ରଥମ ରଚନାଟି ହେଉଛି 'ବିଜୟ-ବସନ୍ତ' । ଏଇଟି କାଳ୍ପନିକ କଥାବସ୍ତୁ ଆଧାରିତ ସେକାଳର ପ୍ରଥମ ସାମାଜିକ ନାଟକ । ଏହା ୧୯୨୦-୨୧ ଖ୍ରୀଷ୍ଟାବ୍ଦରେ ରଚିତ ଓ ତାଙ୍କ ନିଜ ଯାତ୍ରାଦଳ ଦ୍ୱାରା ଅଭିନୀତ ।

ତତ୍‌କାଳୀନ ଗୀତାଭିନୟ ଓ ଗୀତିନାଟ୍ୟରେ ଆଦୌ ଗଦ୍ୟ-ସଂଳାପ ନଥିବା ବେଳେ ବା ସାମାନ୍ୟ ଥିବାବେଳେ, ବାଳକୃଷ୍ଣ ତାହାକୁ ଗଦ୍ୟସଂଳାପ ବହୁଳ କଲେ, ଗୀତରେ ଉଚ୍ଚାରିତ ସଂଳାପ ପରେ ତାହାର ଅର୍ଥ ପ୍ରକାଶକ କାବ୍ୟିକ ଗଦ୍ୟ-ସଂଳାପ ଖଞ୍ଜି ଦେବା ଫଳରେ ତାହା ଦର୍ଶକ ପାଇଁ ଅଧିକ ବୋଧଗମ୍ୟ ହେଲା, ମନକୁ ଅଧିକ ଛୁଇଁଲା । ନିଜ କୃତିକୁ ଅଧିକ ସ୍ୱାଦ୍ୟ ଓ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ସେ ସେଥିରେ ଖଞ୍ଜିଦେଲେ ଅତି ଆମୋଦପ୍ରଦ ଡୁଏଟ୍‌ମାନ । ଏ କ୍ଷେତ୍ରରେ ବାଳକୃଷ୍ଣ ଥିଲେ ପଥିକୃତ୍ ସ୍ରଷ୍ଟା ଏବଂ ତାଙ୍କ ପରବର୍ତ୍ତୀ ନାଟ୍ୟକାରମାନେ ତାଙ୍କ ପଦାଙ୍କ ଅନୁସରଣରେ ସେମାନଙ୍କ ନାଟ୍ୟକୃତିମାନଙ୍କରେ ଡୁଏଟ୍‌କୁ ସ୍ଥାନ ଦେଲେ । ଏକ ସାକ୍ଷାତ୍‌କାରରେ ନାଟ୍ୟରଥି ରଘୁନାଥ ପଣ୍ଡା ଏହା ପ୍ରକାଶ କରିଛନ୍ତି । (ଓଡ଼ିଆ ଯାତ୍ରା ଓ ଲୋକନାଟ୍ୟ ପରିକ୍ରମା, ପୃ : ୪୫୩)

ଲୋକକଥା ଓ ଲୋକକାହାଣୀକୁ ନାଟ୍ୟରୂପ ଦେଇ ବାଳକୃଷ୍ଣ ମଧ୍ୟ ସ୍ୱପ୍ରତିଭାର ପରିଚୟ ଦେଲେ । 'ନିର୍ମଳପ୍ରଭା', 'ଚତୁରୀ ଚମ୍ପାଫୁଲ' ଓ 'ମୋହନ ସୁନ୍ଦର' ଆଦି ଗୀତିନାଟ୍ୟ ସେଥିମଧ୍ୟରୁ କେତୋଟି । କବିକର୍ଣ୍ଣ ରଚିତ ଷୋଳପାଲା ମଧ୍ୟରୁ 'ବିଦ୍ୟାଧର ପାଲା' ଭଳି ଏକ ଜନପ୍ରିୟ ପାଲା କଥାବସ୍ତୁର ଛାୟାରେ ସେ

Digitized by srujanika@gmail.com

ରଚନା କଲେ 'କାଞ୍ଚନବାଳା' ଗୀତିନାଟ୍ୟ । ନାଟକରେ ଅଙ୍କ ସୃଷ୍ଟି ଓ ଅଙ୍କକୁ ବିଭିନ୍ନ ଦୃଶ୍ୟରେ ବିଭାଜନ ମଧ୍ୟ ତାଙ୍କର ଏକ ବିଶେଷ କୃତିତ୍ୱ । ଚରିତ୍ର ମୁଖରେ ସେ କଥାକୁହା ଭାଷା ଖଞ୍ଜି ଦେଲେ, ଯାହା ଚରିତ୍ର ଭେଦରେ ଭିନ୍ନ ଭିନ୍ନ । ଗାଉଁଲି ଚରିତ୍ର ମୁଖରେ ପୁରୁଣାକାଳିଆ ଗାଳିମାନ ଫୁଟିଉଠିଥିଲେହେଁ ତାହା କୌଣସିଠାରେ ଅଶ୍ଳୀଳ ହୋଇନାହିଁ ଏବଂ ଶାଳୀନତାକୁ ଅତିକ୍ରମ କରିଯାଇ ନାହିଁ ।

୧୯୨୧ରୁ ୧୯୫୦ ଖ୍ରୀଷ୍ଟାବ୍ଦ - ଏହି ୩୦ ବର୍ଷ ବାଳକୃଷ୍ଣଙ୍କ ସାଧନାର କାଳ । ଏହି ସମୟସୀମା ମଧ୍ୟରେ ସେ ୬୦ରୁ ଉର୍ଦ୍ଧ୍ୱ ଯାତ୍ରାନାଟକ ରଚନା କରିଛନ୍ତି । ଏଥିମଧ୍ୟରୁ ଅର୍ଦ୍ଧାଧିକ ଅପ୍ରକାଶିତ । ତାଙ୍କ ରଚିତ ନାଟକମାନ ସାମାଜିକ, ଐତିହାସିକ, କିଂବଦନ୍ତୀମୂଳକ କଥାବସ୍ତୁ ଆଧାରିତ । ବହୁବିଧ ନାଟକ ରଚନା କରିବାରେ ସେ ସିଦ୍ଧହସ୍ତ । କଥାବସ୍ତୁଟି ଚୟନ କରିବା ପରେ ସେ ନାଟକ ଲେଖିବା ଆରମ୍ଭ କରନ୍ତି ଏବଂ ବିଭିନ୍ନ ଚରିତ୍ର ମାଧ୍ୟମରେ କଥାବସ୍ତୁକୁ ଗତିଶୀଳ କରାନ୍ତି । ସଂଭ୍ରାନ୍ତ ଚରିତ୍ର ଓ ସାଧାରଣ ଚରିତ୍ରକୁ ସେ ଯଥାଯୋଗ୍ୟ ମାନ୍ୟତା ଦେଇ ସେମାନଙ୍କ ମୁଖରେ ପାତ୍ରୋପଯୋଗୀ ସଂଳାପ ଖଞ୍ଜି ଦିଅନ୍ତି । ଏ କ୍ଷେତ୍ରରେ ସେ ବେଶ୍ ସଚେତନ ଓ ପାଠକର ମନସ୍ତତ୍ତ୍ୱ ବୁଝି ଚରିତ୍ର ମୁଖରେ ସଂଳାପ ସଂଯୋଜନ କରିବାରେ ବେଶ୍ ଦକ୍ଷ ।

ତାଙ୍କ ରଚନାଶୈଳୀ ଏକାନ୍ତ ନିଜସ୍ୱ, ବହୁ ସ୍ୱକୀୟତାରେ ମଣ୍ଡିତ । ଅନୁପ୍ରାସ, ଯମକ, ରୂପକ ଆଦି ଅଳଙ୍କାରରେ ବିଭୂଷିତ କରି, ପାତ୍ରମୁଖୀ ଭାଷାର ପ୍ରୟୋଗ କରି, ସାଧାରଣ ଲୋକଙ୍କ ଦ୍ୱାରା ଉଚ୍ଚାରିତ ଶବ୍ଦାବଳୀ ସହିତ ବହୁ ପ୍ରଚଳିତ ଯାବନିକ ଶବ୍ଦାବଳୀ, ଇଂରାଜୀ ଶବ୍ଦାବଳୀ, ବହୁ ଢଗଢମାଳି, ରୂଢ଼ିପଦ ଆଦିର ପ୍ରୟୋଗ କରି ସେ ଭାଷା-ସୌନ୍ଦର୍ଯ୍ୟ ବୃଦ୍ଧି କରିଛନ୍ତି ଏବଂ ଦର୍ଶକଙ୍କ ମନଲାଖି କରିପାରିଛନ୍ତି । ବିଭିନ୍ନ ପ୍ରାକୃତିକ ଦୃଶ୍ୟର ବର୍ଣ୍ଣନାରେ ତାଙ୍କ ନାନ୍ଦନିକ ଦୃଷ୍ଟିବୋଧର ପରିଚୟ ମିଳେ । ତାଙ୍କ ଅସାମାନ୍ୟ ପାଣ୍ଡିତ୍ୟ, କବିତ୍ୱ ଓ ରଚନାଶୈଳୀର ପରିଚୟ ମଧ୍ୟ ତାଙ୍କ ରଚନାର ଛତ୍ରେ ଛତ୍ରେ ପ୍ରତିଫଳିତ । କଥାବସ୍ତୁର ଉପସ୍ଥାପନରେ କେତେକ କ୍ଷେତ୍ରରେ କିଛି କିଛି ଅପ୍ରାସଙ୍ଗିକତା ଦୃଷ୍ଟିକୁ ଆସିଲେହେଁ ସେସବୁ ନାଟକ ଦର୍ଶନରେ ମଜି ଯାଇଥିବା ଦର୍ଶକକୁ ବିଶେଷ ଅସୁବିଧାରେ ପକାଏ ନାହିଁ । ଏତଦ୍‌ବ୍ୟତୀତ ସେସମୟର ଦର୍ଶକମଣ୍ଡଳୀ ମଧ୍ୟ ଏତେ ଦୋଷଦର୍ଶୀ ନ ଥିଲେ ଏବଂ ନାଟକର ଭାବସମୁଦ୍ରରେ ଭାସିଯାଇ ଆମୋଦିତ ହେଉଥିଲେ ।

ବାଳକୃଷ୍ଣଙ୍କ ରସଚେତନାର ପଟାନ୍ତର ନାହିଁ । ଶୃଙ୍ଗାର, ବୀର, ହାସ୍ୟ, ବାତ୍ସଲ୍ୟ, କରୁଣ ଆଦି ରସର ପରିବେଷଣରେ ସେ ନିଜର ଦକ୍ଷତା ଦେଖାଇପାରନ୍ତି । ଦର୍ଶକ ଶୃଙ୍ଗାର ରସର ବର୍ଣ୍ଣନା କାଳରେ ଯେପରି ରୋମାଞ୍ଚିତ ହୁଏ, ବାତ୍ସଲ୍ୟ ଓ

Digitized by srujanika@gmail.com

କରୁଣ ରସର ପରିବେଷଣରେ ସେହିପରି ଦୁଃଖାଭିଭୂତ ହୋଇ ବିଳପି ଉଠେ । ହାସ୍ୟରସ ତାକୁ ଯେମିତି ହସିହସି ଗଡ଼ିଯିବା ପାଇଁ ଖୋରାକ ଯୋଗାଏ, ବୀରରସ ସେମିତି ଦର୍ପିତ ମନ ନେଇ ନାଟକ ଉପଭୋଗ କରିବା ପାଇଁ ପରିବେଶ ସୃଷ୍ଟି କରେ । ଏହାହିଁ ତାଙ୍କ ରସ ପରିବେଷଣର ସାର୍ଥକତା ।

ବାଳକୃଷ୍ଣ ଜଣେ ସାମାଜିକ ମଣିଷ । ସେ ଯେଉଁ ସମାଜରେ ରହୁଥିଲେ, ସେହି ସମାଜର ଚିତ୍ର ଫୁଟାଇଛନ୍ତି ନିଜ ନାଟ୍ୟକୃତିମାନଙ୍କରେ । ତତ୍‌କାଳୀନ ସମାଜର ରୀତିନୀତି, ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ବପର୍ବାଣି, ଲୋକବିଶ୍ୱାସ, ଲୋକରୁଚି, ବ୍ୟବସାୟ, ବାଣିଜ୍ୟ, କଳା, ସ୍ଥାପତ୍ୟ, ଶାସନ ଆଦି ସାମାଜିକ ଜୀବନର ବିଭିନ୍ନ ବିଭାବ ସହିତ ସାମାଜିକ ବୈଷମ୍ୟର ଚିତ୍ର ତାଙ୍କ ରଚନାରେ ଫୁଟି ଉଠିଛି । ସାମାଜିକ ହେଉ ବା କାଳ୍ପନିକ, ପୌରାଣିକ ହେଉ ବା ଐତିହାସିକ, ପ୍ରତିଟି ନାଟ୍ୟକୃତିରେ ସେ ବିଭିନ୍ନ ଚରିତ୍ରକୁ ଓ ସେମାନଙ୍କର ଆଚାର ବ୍ୟବହାରକୁ ତତ୍‌କାଳୀନ ସାମାଜିକ ପାଣିପାଗ, ରୀତିନୀତି, ବିଶ୍ୱାସ-ପରମ୍ପରା ସହିତ ଯୋଡ଼ି ଦେଇଛନ୍ତି । ନାଟକର ଦେବଦେବୀ, ରାଜାରାଣୀ ଓ ପାତ୍ରମନ୍ତ୍ରୀ ପ୍ରଭୃତିଙ୍କୁ ଆମେ ଆମ ଚଳଣିରେ ଆମ ସହିତ ସାମିଲ ହେଲାଭଳି ମନେକରୁ । ସମାଜର ଗୋଟିଏ ବର୍ଗ ସହିତ ଅନ୍ୟ ବର୍ଗର ବିରାଟ ଅସମାନତା, ସେମାନଙ୍କ ବହୁବିଧ ଅନ୍ଧବିଶ୍ୱାସ, କୁସଂସ୍କାର ଇତ୍ୟାଦିକୁ ନାଟକ ଜରିଆରେ ଲୋକଲୋଚନକୁ ଆଣି ସେସବୁ ବିଷୟରେ ଜନସଚେତନତା ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି ନାଟ୍ୟାଚାର୍ଯ୍ୟ । ତାଙ୍କ ନାଟକର କେତେକ ସ୍ଥାନରେ ଜାତୀୟତା ଜାଗରଣମୂଳକ ସୂଚନା ମଧ୍ୟ ରହିଛି । ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ସେ ମଧ୍ୟ ଯତ୍ନବାନ ଥିଲେ । ବାଳକୃଷ୍ଣ ସ୍ୱାଧୀନତା ଆନ୍ଦୋଳନର ଖବର ରଖୁଥିଲେ । ତାଙ୍କ ନାଟ୍ୟାଭିନୟରେ ପରୋକ୍ଷରେ ଦେଶପ୍ରୀତିର ଭାବନା ସ୍ଥାନ ପାଇଛି । କୌଣସି ସଚେତନ ସ୍ରଷ୍ଟା ସମୟର ଆହ୍ୱାନକୁ ଫାଙ୍କିବା ସମ୍ଭବ ନୁହେଁ । 'ବାଣା ପରାଜୟ'ରେ "ଜାଗ ଜାଗ ଜାଗ ହେ ଲାଗ ଲାଗ ଲାଗ ହେ/ସ୍ୱଦେଶ ଗୌରବ ଲାଗି ପ୍ରାଣ କର ତ୍ୟାଗ ହେ" ଏହି ଭାବନାର ଏକ ଉଦାହରଣ ମାତ୍ର ।

କେବଳ ବହୁ ବିଶେଷତ୍ୱପୂର୍ଣ୍ଣ ନାଟକ ରଚନାରେ ବାଳକୃଷ୍ଣ ଦକ୍ଷ ନ ଥିଲେ ମଞ୍ଚ, ଆଲୋକ, ବାଦ୍ୟ, ନୃତ୍ୟ, ବେଶପ୍ରକରଣ ଇତ୍ୟାଦି ଦୃଷ୍ଟିରୁ ନାଟକ ପରିବେଷଣରେ ମଧ୍ୟ ବହୁ ନୂତନତାର ସୂତ୍ରପାତ କରିଥିଲେ । ବାଳକୃଷ୍ଣ ପ୍ରଥମେ ମୁକ୍ତମଞ୍ଚରେ ନାଟ୍ୟାଭିନୟ କରୁଥିଲେ । ତା'ପରେ ତ୍ରିମୁଖୀ ମଞ୍ଚ ଓ ପରେ ସିନ ସିନେରୀ ବ୍ୟବହାର କରି ଏକମୁଖୀ ମଞ୍ଚର ସୂତ୍ରପାତ କଲେ । ଦର୍ଶକଙ୍କ ଦ୍ୱାରା ଏହା ଖୁବ୍ ଆଦୃତ ହେଲା । ଭ୍ରାମ୍ୟମାଣ ଥିଏଟର ଦଳ ଧରି ସେ ବିଭିନ୍ନ ସ୍ଥାନରେ ଏକମୁଖୀ ମଞ୍ଚରେ ନାଟକ ପ୍ରଦର୍ଶନ କଲେ । ମଞ୍ଚରେ ନାଟକ ପରିବେଷଣ କ୍ଷେତ୍ରରେ ତାଙ୍କର

Digitized by srujanika@gmail.com

ଏହି ପରୀକ୍ଷା ବେଶ୍ ସଫଳ ହେଲା । ଏହା ଥିଲା ମଞ୍ଚନାଟକ ଓ ଯାତ୍ରା ନାଟକ ମଧ୍ୟରେ ଗ୍ଲଲିଥିବା ତୀବ୍ର ପ୍ରତିଯୋଗିତାର ଫଳ । ଏହା ୧୯୨୫ ଖ୍ରୀଷ୍ଟାବ୍ଦ ପରବର୍ତ୍ତୀ ଘଟଣା । ନବ୍ୟସଭ୍ୟ ଶିକ୍ଷିତଗୋଷ୍ଠୀ ଗଦ୍ୟସଂଳାପଯୁକ୍ତ ନୂତନ ଧରଣର ନାଟକ ଲେଖି ରଙ୍ଗମଞ୍ଚରେ ପ୍ରଦର୍ଶନ କଲେ ଏବଂ ପରମ୍ପରାପୁଷ୍ଟ ଯାତ୍ରାନାଟକକୁ ସମାଲୋଚନା କଲେ । ବାଳକଷ୍ଣ ଏହାକୁ ଏକ ଆହ୍ୱାନ ରୂପେ ଗ୍ରହଣ କରି ଏହାର ମୁକାବିଲା ସ୍ୱରୂପ ସଙ୍ଗୀତ ସଂଖ୍ୟା କମାଇ ଯାତ୍ରାନାଟକକୁ ଗଦ୍ୟସଂଳାପବହୁଳ କଲେ, ରଙ୍ଗମଞ୍ଚର ପରିକଳ୍ପନା କଲେ । ଏହି ମୁକାବିଲାହିଁ ଦେଶ ସ୍ୱାଧୀନତା ଲାଭ ସମୟକୁ ଯାତ୍ରାନାଟକର ଏକ ସୁଦୃଢ଼ ପରମ୍ପରା ସୃଷ୍ଟି କରିପାରିଥିଲା । ବାଳକୃଷ୍ଣଙ୍କ ନାଟକ ରଚନା ଓ ପରିବେଷଣଗତ ବିଶେଷତ୍ୱ ସମ୍ବନ୍ଧରେ କବି ବିନୋଦଚନ୍ଦ୍ର ନାୟକ କହନ୍ତି - "୧୯୩୨-୧୯୩୩ ବେଳକୁ କବି ବାଳକୃଷ୍ଣ ମହାନ୍ତି କାଳ୍ପନିକ ଗୀତାଭିନୟ ରଚନା କରି ନିଜର ସମ୍ପ୍ରଦାୟ ନେଇ ପଶ୍ଚିମାଞ୍ଚଳ ପରିଭ୍ରମଣ କଲେ । କବି ମହାନ୍ତି କବି ପାଣିଙ୍କ ରଚନାଶୈଳୀ ପରିତ୍ୟାଗ କଲେ । ତାଙ୍କର ସଂଳାପ ପଦ୍ୟ ଓ ଗଦ୍ୟର ସମ୍ମିଶ୍ରଣ ଥିଲା । ଅଭିନୟ ଅତ୍ୟନ୍ତ ସମ୍ବେଦନପୂର୍ଣ୍ଣ, ରୂପଚର୍ଯ୍ୟା ଅତ୍ୟନ୍ତ ନିପୁଣ ଓ ପରିବେଷଣ ଅତି ଉନ୍ନତ ଧରଣର । ନାରୀ ଭୂମିକାରେ ଅବତରଣ କରୁଥିବା ବାମନ ଆଗ୍ର୍ୟ୍ୟଙ୍କ ଅଭିନୟ ସମ୍ମୋହନ ପର୍ଯ୍ୟାୟର ଥିଲା ।

"କବି ମହାନ୍ତି ପାତ୍ରପାତ୍ରୀଙ୍କ ପୋଷାକ ପରିକଳ୍ପନା ନିଜେହିଁ କରୁଥିଲେ । କାଠଖଣ୍ଡା ପରିବର୍ତ୍ତେ ସେତେବେଳେ ନିକେଲ ତଲବାର ଦେଖାଦେଲା । ଗ୍ୟାସ୍ ଲାଇଟ୍ ପରିବର୍ତ୍ତରେ ପେଟ୍ରୋମେକ୍ସ । କବି ମହାନ୍ତିଙ୍କ ରଚିତ 'ପାଣି ଧୋବଣୀ ଫାର୍ସ' କେତେଟା କବି ପାଣିଙ୍କ ନୈତିକ ଭାବମୂର୍ତ୍ତି କ୍ଷୁଣ୍ଣ କରିଥିଲା । କ୍ରମଶଃ ପାଣିଙ୍କ ପଛଭୂମିରେ ଦଣ୍ଡାୟମାନ ହେଲେ କବି ମହାନ୍ତି । ତାଙ୍କର 'ସୁଶୀଳ ମାଳତୀ' ଏକାଦିକ୍ରମେ ଏକ ବର୍ଷ ଧରି ଅଭିନୀତ ହୋଇଥିଲା ।" (କୋଣାର୍କ, ୮୦ତମ ସଂଖ୍ୟା, ଗଣକବି ବୈଷ୍ଣବ ପାଣି ବିଶେଷାଙ୍କ, ୧୯୯୦ରେ ପ୍ରକାଶିତ ବିନୋଦଚନ୍ଦ୍ର ନାୟକଙ୍କ ସମ୍ପାଦକୀୟ, ପୃ:ଗ)

ବାଳକୃଷ୍ଣ ନାଟ୍ୟପରିବେଷଣର ବିଶେଷତ୍ୱ ସମ୍ପର୍କରେ ମତ ଦେଇ ଗୋବିନ୍ଦଚନ୍ଦ୍ର ଉଦ୍‌ଗାତା କହନ୍ତି—"୧୯୩୦ ବେଳକୁ ହେବ ବୋଧହୁଏ, ପ୍ରଥମ କରି ବାଳକୃଷ୍ଣ ମହାନ୍ତିଙ୍କ ଅପେରା ଦଳ ବଲାଙ୍ଗିରରେ ପହଞ୍ଚିଲା । ସେମାନଙ୍କର ମୁକ୍ତମଞ୍ଚ ଗୀତାଭିନୟର ପ୍ରାଣପ୍ରାଚୁର୍ଯ୍ୟ ଆଗରେ ଆମ ବଲାଙ୍ଗିର ନାଚ୍ ପାର୍ଟିର ଅଭିନୟ ଶୋଚନୀୟ ଭାବରେ ମ୍ଳାନ ହୋଇପଡ଼ିଲା । ତାଙ୍କ ବାଜା, ବେଶ, ଅଭିନୟ, ଗୀତ ସବୁ ଭଲ । ବଛା ବଛା ଅଳ୍ପ ବୟସର କେତେକ କଳାକାରଙ୍କୁ ବେଶ ଯେପରି ମାନେ, ତାଙ୍କ କଣ୍ଠର ଲଳିତ

Digitized by srujanika@gmail.com

ସଙ୍ଗୀତ ସେହିପରି ମନକୁ ଘେନେ ।" (ଓଡ଼ିଆ ନାଟକ ସ୍ମରଣିକା, ୧୯୭୭ରେ ପ୍ରକାଶିତ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କ ପ୍ରବନ୍ଧ, ପୃ:୨୩୦-୩୧)

ବାଳକୃଷ୍ଣ ମହାନ୍ତି ପୂର୍ବସୂରିମାନଙ୍କ ଦ୍ୱାରା କେତେକାଂଶରେ ପ୍ରଭାବିତ ହୋଇ ନାଟକମାନ ରଚନା କରିଛନ୍ତି । ଜଗନ୍ନାଥ ପାଣି ଓ ଗୋପାଳ ଦାସଙ୍କ ପ୍ରଭାବ ତାଙ୍କ ଉପରେ ଲକ୍ଷ୍ୟ କରାଯାଏ; ବଙ୍ଗଳା ଯାତ୍ରାର ପ୍ରଭାବ ମଧ୍ୟ ତାଙ୍କ ରଚନାରେ ପରିଦୃଷ୍ଟ ହୁଏ ଅଙ୍କ, ଦୃଶ୍ୟ ବିଭାଜନ ଆଦି କ୍ଷେତ୍ରରେ । ତାଙ୍କ 'ଇରାନର ରାଣୀ' ଓ 'ଗୁପ୍ତମନ୍ତ୍ର' ନାଟକଦ୍ୱୟ ଦୁଇଟି ବଙ୍ଗଳା ନାଟକର ଛାୟାରେ ରଚିତ । ପ୍ରାଚୀନ ଓ ମଧ୍ୟଯୁଗୀୟ କବି ବଳରାମ ଦାସ, ଜଗନ୍ନାଥ ଦାସ, ପୀତାମ୍ବର ଦାସ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ପ୍ରଭୃତିଙ୍କ ଦ୍ୱାରା ସେ ପ୍ରଭାବିତ ବୋଲି ନିଜେ ସ୍ୱୀକାର କରିଛନ୍ତି । ଜଗନ୍ନାଥ ଦାସଙ୍କ 'ଭାଗବତ'ରୁ କେତେକ ଶିକ୍ଷଣୀୟ ବାଣୀକୁ ସେ ନିଜ ରଚନାରେ ଅବିକଳ ଉଦ୍ଧାର କରିଛନ୍ତି । ରାଧାନାଥ ରାୟ, ମଧୁସୂଦନ ରାଓ, ଗଙ୍ଗାଧର ମେହେର ପ୍ରଭୃତି ଆଧୁନିକ ଯୁଗର କବିଙ୍କ ଭାବ ଓ ଭାଷା ତାଙ୍କର କେତୋଟି ରଚନାକୁ ଆଂଶିକ ପ୍ରଭାବିତ କରିଛି । ସମକାଳୀନ କବିଙ୍କ ମଧ୍ୟରେ ବୈଷ୍ଣବ ପାଣିଙ୍କୁ ବାଳକୃଷ୍ଣଙ୍କ ରଚନା ପ୍ରଭାବିତ କରିଛି । ପୂର୍ବରୁ ଲିଖିତ ଓ ଅଭିନୀତ ବାଳକୃଷ୍ଣଙ୍କ କେତେକ ରଚନା ବୈଷ୍ଣବ ପାଣିଙ୍କ ସେହି ସେହି ବିଷୟକ ପରବର୍ତ୍ତୀ ନାଟକଗୁଡ଼ିକ ଉପରେ ପ୍ରଭାବ ବିସ୍ତାର କରିଛି । ଖୋଜିବସିଲେ, ସମକାଳୀନ ଓ ପରବର୍ତ୍ତୀକାଳୀନ ଅନ୍ୟ କେତେଜଣ ଗୀତିନାଟ୍ୟକାରଙ୍କ ରଚନାରେ ବାଳକୃଷ୍ଣଙ୍କ ରଚନାର ପ୍ରତିଫଳନ ଦୃଷ୍ଟିକୁ ଆସିବ ।

ନାଟ୍ୟାଗ୍ରଣୀ ବାଳକୃଷ୍ଣ ମହାନ୍ତି ଥିଲେ ଏକାଧାରରେ ନାଟ୍ୟକାର, ଅଭିନେତା, ନିର୍ଦ୍ଦେଶକ, ଗୀତିକାର, ସଙ୍ଗୀତକାର ଓ ମଞ୍ଚ ପରିଚାଳକ । ତେଣୁ ନାଟ୍ୟରଚନା, ମଞ୍ଚସଜ୍ଜା, ବାଦ୍ୟ ପରିବେଷଣ, ଆଲୋକ ସଂପାତ, ସଙ୍ଗୀତ ପରିବେଷଣ ଇତ୍ୟାଦି କ୍ଷେତ୍ରରେ ତାଙ୍କର ବିଶେଷ ଦକ୍ଷତା ଥିଲା ଓ ଏସବୁକୁ ଦର୍ଶକଙ୍କ ରୁଚି ଅନୁସାରେ ସମୟୋପଯୋଗୀ କରାଇବାରେ ତାଙ୍କ କୃତି ଓ କୃତିତ୍ୱ ସର୍ବଜନସ୍ୱୀକୃତ । ଗୀତିନାଟ୍ୟକୁ ଆଧୁନିକ ନାଟକମୁଖୀ କରାଇବାରେ ବାସ୍ତବିକ ସେ ଜଣେ ସୁଯୋଗ୍ୟ ନାଟ୍ୟକାର ଏବଂ ତାଙ୍କ ରଚନା ଯାତ୍ରା-ନାଟକ ଓ ଆଧୁନିକ ନାଟକର ସଂଯୋଗକାରୀ ସେତୁ ।

◆◆◆

Digitized by srujanika@gmail.com

ଡକ୍ଟର ସୁରେନ୍ଦ୍ର କୁମାର ମହାରଣା (୧୯୪୭) ଓଡ଼ିଆ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଜଣେ ସ୍ୱର୍ଦ୍ଧିତ ବ୍ୟକ୍ତିତ୍ୱ । ଓଡ଼ିଆ ସମାଲୋଚନା ସାହିତ୍ୟକୁ ତାଙ୍କର ଦାନ ଅତୁଳନୀୟ । ଏଯାବତ୍ ତାଙ୍କ ଲେଖନୀ ପ୍ରସୂତ ପଚିଶରୁ ଊର୍ଦ୍ଧ୍ୱ ରଚନାରେ ଓଡ଼ିଆ ବାଣୀଭଣ୍ଡାର ପୁଷ୍ଟ । ଚିନ୍ତନର ମୌଳିକତା, ଭାବର ଗାମ୍ଭୀର୍ଯ୍ୟ ଓ ଭାଷାର ଯଥାର୍ଥ ପ୍ରୟୋଗ ତାଙ୍କ ରଚନାବଳୀର ବିଶେଷତ୍ୱ । ଇଂରାଜୀରେ ଲିଖିତ ଓ ନୂଆଦିଲ୍ଲୀରୁ ପ୍ରକାଶିତ ତାଙ୍କ *Tantric Buddhism* ଗବେଷଣା ନିବନ୍ଧଟି ଦେଶବିଦେଶରେ ବହୁଳ ଭାବେ ଆଦୃତ । ଓଡ଼ିଶାର ଇତିହାସ ଓ ସଂସ୍କୃତି ଗବେଷଣା କ୍ଷେତ୍ରରେ ତଥା ଓଡ଼ିଆ ସାହିତ୍ୟର ତଥ୍ୟାତ୍ମକ ଇତିହାସ ସଂରଚନାରେ ଡକ୍ଟର ମହାରଣାଙ୍କର ସିଦ୍ଧି ଓ ସାଧନାର ସ୍ୱାକ୍ଷର ଉଲ୍ଲେଖଯୋଗ୍ୟ । ପ୍ରସ୍ତୁତ ମନୋଗ୍ରାଫ୍‌ଟି ନାଟ୍ୟକାର ବାଳକୃଷ୍ଣ ମହାନ୍ତିଙ୍କ ବାଣୀଜୀବନ ଓ ଜୀବନବାଣୀର ଏକ ନିରପେକ୍ଷ ଆକଳନ ।

ଓଡ଼ିଶା ସାହିତ୍ୟ ଏକାଡେମୀ

ଓଡ଼ିଶା ସାହିତ୍ୟ ଏକାଡେମୀ

Digitized by srujanika@gmail.com